# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ଶୁକ୍ରବାର, ଅଗଷ୍ଟ ୨/୨୦୨୪ (୧୬ ପୃଷ୍ଠା) | Bhubaneswar, Friday, August 2/2024 | Page 16 | ₹ 7.00 | BERHAMPUR

୫୦ଶ ଭାଗ ୨୪୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 249 | ମୂଲ୍ୟ ₹୭/-




**ସଫ୍ଟୱେର ଇଞ୍ଜିନିୟରରୁ ଅଭିନେତ୍ରୀ**

ଅଭିନେତ୍ରୀ ତାପସୀ ପନ୍ନୁ ଗୁରୁବାର ନିଜ ଜନ୍ମଦିନ ଅବସରରେ ଏକ ସାକ୍ଷାତ୍କାର ଦେଇ ତାଙ୍କ ଜୀବନ ସହ ଜଡ଼ିତ ଅନେକ କାହାଣୀ ପ୍ରକାଶ କରିଛନ୍ତି।

୧୪

୦୨

**ପୂଜାଙ୍କୁ ମିଳିଲାନି ଆଗୁଆ ଜାମିନ**

ଜାଲ୍ ପ୍ରମାଣପତ୍ର ଦାଖଲ ଅଭିଯୋଗରେ ଆଇଏଏସ୍ ଚାକିରି ହରାଇଥିବା ପୂଜା ଖେଡ୍‌କରଙ୍କୁ ଆଗୁଆ ଜାମିନ ଦେବାକୁ ଦିଲ୍ଲୀର ଏକ ଅଦାଲତ ମନା କରିଦେଇଛନ୍ତି।



# ସଂରକ୍ଷଣ ଭିତରେ କୋଟା

## ଏସ୍‌ସି, ଏସ୍‌ଟିଙ୍କ ମଧ୍ୟରେ ଉପବର୍ଗୀକରଣ କରିପାରିବେ ରାଜ୍ୟ

## ସୁପ୍ରିମକୋର୍ଟଙ୍କ ୬:୧ ରାୟ, ଜଷ୍ଟିସ୍ ବେଲା ତ୍ରିବେଦୀଙ୍କ ଭିନ୍ନମତ

ନୂଆଦିଲ୍ଲୀ,୧।୮

ତଫସିଲଭୁକ୍ତ ଜାତି (ଏସ୍‌ସି) ଏବଂ ତଫସିଲଭୁକ୍ତ ଜନଜାତି (ଏସ୍‌ଟି)ଙ୍କ ମଧ୍ୟରେ ଅଧିକ ପଛୁଆ ସମୁଦାୟର ଲୋକଙ୍କୁ ନେଇ ଉପବର୍ଗୀକରଣ କରାଯାଇପାରିବ। ସେମାନଙ୍କୁ ପୃଥକ୍ ଭାବେ ସଂରକ୍ଷଣ ସୁବିଧା ଅନୁମତି ଦିଆଯାଇପାରିବ। ସୁପ୍ରିମକୋର୍ଟ ଗୁରୁବାର ସାମାଜିକ ସମାନତା ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇ ଏହି ଐତିହାସିକ ରାୟ ଦେଇଛନ୍ତି। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ୭ ଜଣିଆ ସାମ୍ବିଧାନିକ ପୀଠର ୬ ବିଚାରପତି ଉପରୋକ୍ତ ରାୟ



ଦେଇଥିବାବେଳେ ଜଷ୍ଟିସ୍ ବେଲା ତ୍ରିବେଦୀ ଏହାର ବିପରୀତ ଭିନ୍ନ ମତ ପୋଷଣ କରିଛନ୍ତି।

ରାଜ୍ୟଗୁଡ଼ିକ ଏସ୍‌ସି/ଏସ୍‌ଟିଙ୍କ ମଧ୍ୟରେ (ସାମାଜିକ ବିଜାତୀୟ ଶ୍ରେଣୀ ସୃଷ୍ଟି କରୁଥିବା) ଉପଜାତିଗୁଡ଼ିକର ବର୍ଗୀକରଣ କରିପାରିବେ। ସାମାଜିକ ଓ ଆର୍ଥିକ ଦୃଷ୍ଟିରୁ ଅଧିକ ପଛୁଆ ଥିବା ଲୋକେ ଏହାଦ୍ୱାରା ସଂରକ୍ଷଣ ସୁବିଧା ପାଇପାରିବେ ବୋଲି ସିଜେଆଇ ଚନ୍ଦ୍ରଚୂଡ଼, ଜଷ୍ଟିସ୍ ମନୋଜ ମିଶ୍ରା, ବି.ଆର୍. ଗଭାଇ, ବିକ୍ରମ ନାଥ, ପଙ୍କଜ ମିତ୍ତଲ, ସତୀଶ ଚନ୍ଦ୍ର ଶର୍ମା ୫୬୫ ପୃଷ୍ଠା ସମ୍ବଳିତ ରାୟ ଦେଇଛନ୍ତି। ଏଥିସହ ୨୦୦୪ରେ ଇଭି ଚିନ୍ନାଇଆହ ବନାମ ଆନ୍ଧ୍ରପ୍ରଦେଶ ମାମଲାରେ ☞ପୃଷ୍ଠା–୪

“ ସଂରକ୍ଷଣ ଭିତରେ ସଂରକ୍ଷଣ ସୁବିଧା ପ୍ରଦାନ ସମାନତା ବିରୋଧୀ ନୁହେଁ। ଏସ୍‌ସି/ଏସ୍‌ଟିମାନଙ୍କୁ ସଂରକ୍ଷଣ ସୁବିଧା ଦିଆଯାଇଥିଲେ ସୁଦ୍ଧା ଏହି ବର୍ଗର ଲୋକେ ଲଗାତର ଭାବେ ଭେଦଭାବର ଶିକାର ହୋଇଆସୁଥିବାରୁ ବିକାଶର ଶିଡ଼ି ଚଢ଼ିପାରୁ ନାହାନ୍ତି। ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୧୪ରେ ପ୍ରଦତ୍ତ ସମାନତାର ସିଦ୍ଧାନ୍ତକୁ ଉପବର୍ଗୀକରଣ ଉଲ୍ଲଂଘନ କରୁନାହିଁ।

–ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼

“ ଏସ୍‌ସି/ଏସ୍‌ଟି ତାଲିକାରେ ରାଜନୈତିକ ହସ୍ତକ୍ଷେପକୁ ଏଡ଼ାଇବା ପାଇଁ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୩୪୧ ପ୍ରଣୟନ କରାଯାଇଥିଲା। ଏହି ଧାରା ଅନୁସାରେ ଉକ୍ତ ତାଲିକା ପ୍ରସ୍ତୁତି ଅଧିକାର କେବଳ ରାଷ୍ଟ୍ରପତିଙ୍କର ରହିଛି। ପାର୍ଲାମେଣ୍ଟରେ ଆଇନ ପ୍ରଣୟନ ପରେ ରାଷ୍ଟ୍ରପତି ଏଥିରେ ଅଦଳବଦଳ କରିପାରିବେ। ରାଜ୍ୟ ଦ୍ୱାରା ଏସ୍‌ସି/ଏସ୍‌ଟିଙ୍କ ଉପବର୍ଗୀକରଣ ସାମ୍ବିଧାନିକ ନିୟମର ପରିପନ୍ଥୀ ଏବଂ ରାଷ୍ଟ୍ରପତିଙ୍କ କ୍ଷମତାରେ ହସ୍ତକ୍ଷେପ।

–ଜଷ୍ଟିସ୍ ବେଲା ତ୍ରିବେଦୀ

# ନୂଆ ସଂସଦ ଭବନରୁ ପାଣି ଗଳୁଛି



ନୂଆଦିଲ୍ଲୀରେ ୨୮ ମେ ୨୦୨୩ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଉଦ୍‌ଘାଟିତ ନୂଆ ସଂସଦ ଭବନର ଲବି ଛାତରୁ ବର୍ଷା ପାଣି ଗଳୁଥିବାର ଦୃଶ୍ୟ।

# ସ୍ତ୍ରୀ ହତ୍ୟାକାରୀଙ୍କୁ ଫାଶୀଦଣ୍ଡ

## ୩୩ ଥର ଛୁରି ଭୁସି ଥିଲେ

ଭୁବନେଶ୍ୱର,୧।୮ (ସତ୍ୟଜିତ୍ ରାଉତ)

ଝିଅ ଜନ୍ମ ହେବାରୁ ପ୍ରସବର ୪ଦିନ ପରେ ଅନ୍ତୁଡ଼ିଶାଳରେ ଥିବା ସ୍ତ୍ରୀଙ୍କୁ ୩୩ଥର ଛୁରିଭୁସି ଅତି ନୃଶଂସ ଭାବେ ହତ୍ୟା କରିବା ସହ ୬ବର୍ଷର ବଡ଼ ଝିଅକୁ ଗଳାକାଟି ହତ୍ୟା ଉଦ୍ୟମ ଘଟଣାରେ ଅଭିଯୁକ୍ତ ସ୍ୱାମୀଙ୍କୁ ଫାଶୀଦଣ୍ଡ ହୋଇଛି। ଭୁବନେଶ୍ୱର ଭରତପୁର ଥାନା ଅନ୍ତର୍ଗତ ଘାଟିକିଆ ଗାଁରେ ୨୦୨୨ ଜୁନ ୯ରେ ଘଟିଥିବା ଏହି ଲୋମହର୍ଷଣକାରୀ ଘଟଣାରେ ଭୁବନେଶ୍ୱର ଦ୍ୱିତୀୟ ଅତିରିକ୍ତ ଜିଲା ଓ ଦୌରାଜଜ୍ ବନ୍ଦନା କର ଗୁରୁବାର ରାୟ ପ୍ରକାଶ କରି ଅଭିଯୁକ୍ତ ସଞ୍ଜିତ ଦାସ ଓରଫ ବାଙ୍କୁ (୪୫)ଙ୍କ ବିରୋଧରେ ଏହି ଦଣ୍ଡାଦେଶ ଶୁଣାଇଛନ୍ତି। ଝିଅ ଓ ସ୍ତ୍ରୀଙ୍କ ସୁରକ୍ଷାକାରୀ ହୋଇ ମଧ୍ୟ ନିଜେ ହତ୍ୟାକାଣ୍ଡ ଘଟାଇବାରୁ କୋର୍ଟ ଏହାକୁ ବିରଳରୁ ଅତି ବିରଳ ଘଟଣା ଦର୍ଶାଇ ଦୃଷ୍ଟାନ୍ତମୂଳକ ରାୟ ପ୍ରକାଶ କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ଜମିଦାର ସ୍ୱର୍ଗତ ଜୀବନ ବଲ୍ଲଭ ଦାସଙ୍କ ମଝିଆ ପୁଅ ହେଲେ ସଞ୍ଜିତ। ଗାଁ ଝିଅ ସରସ୍ୱତୀଙ୍କୁ ସେ ପ୍ରେମ ବିବାହ କରିଥିଲେ। ଘରର ଉପର ମହଲାରେ ବଡ଼ଭାଇ, ତଳ ମହଲାରେ ସାନ ଓ ମଝିରେ ସଞ୍ଜିତ ପରିବାର ସହ ରହୁଥିଲେ। ମା’ କନକଲତା ସାନପୁଅଙ୍କ ପାଖରେ ରହୁଥିଲେ। ପ୍ରଥମ ଝିଅ ଜନ୍ମ ହେବା ପରଠାରୁ ସଞ୍ଜିତ ଖୁସି ନ ଥଲେ। ☞ପୃଷ୍ଠା–୪

**ପ୍ୟାରିସ ଅଲିମ୍ପିକ୍ସ**

# ଶୁଟିଂରେ କୁସାଲେଙ୍କୁ ବ୍ରୋଞ୍ଜ

ଚାଟାରକ୍ସ (ଫ୍ରାନ୍ସ), ୧।୮



ପ୍ୟାରିସ ଅଲିମ୍ପିକ୍ସର ଶୁଟିଂ ରେଞ୍ଜ୍‌ରେ ଭାରତ ପାଇଁ ତୃତୀୟ ପଦକ ଜିତିଛନ୍ତି ଭାରତର ସ୍ୱପ୍ନିଲ କୁସାଲେ। ଗୁରୁବାର ଅନୁଷ୍ଠିତ ୫୦ ମିଟର ରାଇଫଲ ୩ ପୋଜିଶନ୍ସ ଇଭେଣ୍ଟରେ ସେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ପ୍ରଥମ ଭାରତୀୟ ଭାବେ ସେ ଏହି ଇଭେଣ୍ଟରେ ଅଲିମ୍ପିକ୍ସ ପଦକ ଜିତିବାର ଗୌରବ ଲାଭ କରିଛନ୍ତି।

(ସମ୍ପୂର୍ଣ୍ଣ ରିପୋର୍ଟ ଖେଳ ପୃଷ୍ଠାରେ)







**Government of Odisha**
**Higher Education Department**

**Remaining Timeline for e-Admission into P.G. Courses under SAMS in the State Public Universities and Colleges for the Academic Session: 2024-25**

No. N-65: The remaining timeline for e-Admission into P.G. Courses for the Session 2024-25 in the State Public Universities and Colleges participating in project 'Student Academic Management System (SAMS)' is given below. Any changes in the dateline will be published in the Newspapers as well as in the website **www.samsodisha.gov.in**. The Common Prospectus (CP) for the said course is available in the website. Kindly refer the CP for the below mentioned activites.

| Sl # | Activities | Timeline |
|---|---|---|
| 1 | Publication of subject-wise and State-wide merit list | 05 Aug 2024 (04.00 P.M.) |
| 2 | Choice filling by the eligible applicants | 06 Aug 2024 (11.00 A.M.) to 12 Aug 2024 (11.45 P.M.) |
| 3 | Publication of Provisional Allotment of Seats (For First Round Selection) | 20 Aug 2024 (04.00 P.M.) |
| 4 | Selection of Slide-up/Freeze/Float Option and Online payment of admission fees by Students through SAMS [Student's Account] portal | 20 Aug 2024 (06.00 P.M.) to 24 Aug 2024 (03.00 P.M.) |
| 5 | Reporting of applicant at allotted institutions for taking admission (for First Round Selection) | 21 Aug 2024 (10.00 A.M.) to 24 Aug 2024 (05.00 P.M.) |
| 6 | Data updation of admitted Students in the e-space (for First Round Admission) by the respective Institutions | 21 Aug 2024 (10.00 A.M.) to 24 Aug 2024 (07.00 P.M.) |
| 7 | Publication of Provisional Allotment of Seats (for Second Round Selection) | 31 Aug 2024 (04.00 P.M.) |
| 8 | Selection of Slide-up/Freeze/Float Option and Online payment of admission fees by Students through SAMS [Student's Account] portal | 31 Aug 2024 (06.00 P.M.) to 04 Sept. 2024 (03.00 P.M.) |
| 9 | Reporting of applicant at allotted institutions for taking admission (for Second Round Selection) | 02 Sept. 2024 (10.00 A.M.) to 04 Sept. 2024 (05.00 P.M.) |
| 10 | Data updation of admitted Students in the e-space (for Second Round Admission) by the respective Institutions | 02 Sept. 2024 (10.00 A.M.) to 04 Sept. 2024 (07.00 P.M.) |
| 11 | Publication of Provisional Allotment of Seats (for Third/Final Round Selection) | 10 Sept. 2024 (04.00 P.M.) |
| 12 | Selection of Freeze Option and Online payment of admission fees by Students through SAMS [Student's Account] portal | 10 Sept. 2024 (06.00 P.M.) to 13 Sept. 2024 (03.00 P.M.) |
| 13 | Reporting of applicant at allotted institutions for taking admission (for Third/Final Round Selection) | 11 Sept. 2024 (10.00 A.M.) to 13 Sept. 2024 (05.00 P.M.) |
| 14 | Data updation of admitted students in the e-space (for Third/Final Round Admission) by the respective Institutions | 11 Sept. 2024 (10.00 A.M.) to 13 Sept. 2024 (07.00 P.M.) |
| 15 | Reporting of applicants through [Student's Login) in online mode (Applicants have to select their remaining higher preference HEIs by ticking the checkbox provided next to each HEI where they want to participate in the waiting list round) | 18 Sept. 2024 (11.00 A.M.) to 20 Sept. 2024 (11.45 P.M.) |
| 16 | Publication of merit wise list among the reported waitlisted applicants at HEIs e-space | 24 Sept. 2024 (02.00 P.M.) |
| 17 | Publication of selected and waitlisted applicant's list by the HEIs at their Notice Board/Website and the HEIs will also communicate to the applicants via phone call/SMS/whatsapp/e-mail etc. | 25 Sept. 2024 (02.00 P.M.) |
| 18 | Reporting of waitlisted applicants to take admission in one of the selected HEIs, where the total/differential admission fees will be deposited directly at the HEIs in online mode (Net Banking/Bank Challan/NEFT/UPI etc.) | 26 Sept. 2024 (10.00 A.M.) to 28 Sept. 2024 (05.00 P.M.) |
| 19 | Admission Updation of the selected waitlisted student's data by the HEIs in their e-Space | 26 Sept. 2024 (10.00 A.M.) to 28 Sept. 2024 (07.00 P.M.) |
| 20 | Commencement of 1st Year Classes (P.G. Courses) | 18 Sept. 2024 (Wednesday) |

For more details please contact:
e-Admission Helpline (Toll Free) Number 155335/1800-345-6770

Sd./- Deputy Director, PTC Section
OIPR-11001/11/0017/2425


# ବାହାରେ ପେପର ଲିକ୍, ଭିତରେ ପାଣି ଲିକ୍

ନୂଆଦିଲ୍ଲୀ,୧।୮

ନୂଆ ସଂସଦ ଭବନର ଲବି ଛାତରୁ ପାଣି ଗଳୁଥିବାର ଭିଡିଓ ସୋସିଆଲ ମିଡିଆରେ ପ୍ରକାଶ ପାଇବା ପରେ ଗୁରୁବାର ବିରୋଧୀ ନେତାମାନେ କେନ୍ଦ୍ର ସରକାରଙ୍କୁ କଟାକ୍ଷ କରିଛନ୍ତି। ଛାତରୁ ପାଣି ଗଳୁଥିବାବେଳେ ତଳେ ଏକ ବାଲ୍‌ଟି ରଖାଯାଇଥିବାର ଭିଡିଓକୁ କଂଗ୍ରେସ ଏମ୍‌ପି ମନିକମ୍ ଟାଗୋର ଏକ୍ସ’ରେ ପୋଷ୍ଟ କରିଛନ୍ତି। ଲୋକସଭାରେ ଏହି ପ୍ରସଙ୍ଗରେ ଆଲୋଚନା ପାଇଁ ମୁଲତବୀ ପ୍ରସ୍ତାବ ଆଣିବାକୁ ସେ ନୋଟିସ୍ ଦେଇଛନ୍ତି। ବାହାରେ ପେପର ଲିକ୍, ଭିତରେ ପାଣି ଲିକ୍। ମାତ୍ର ଗୋଟିଏ ବର୍ଷ ପୂରଣ କରିଥିବା ପାର୍ଲାମେଣ୍ଟ ଭବନର ଅବସ୍ଥା ଏହାର ଜରୁରୀ ଜଳବାୟୁ ପ୍ରତିରୋଧ ସାମର୍ଥ୍ୟର ପ୍ରମାଣ ଦେଉଛି ବୋଲି ଟାଗୋର ତାଚ୍ଛଲ୍ୟ କରିଛନ୍ତି। ଏହାର ସମାଧାନ ପାଇଁ ସବୁ ଦଳର ଏମ୍‌ପିମାନଙ୍କୁ ନେଇ ସ୍ୱତନ୍ତ୍ର କମିଟି ଗଢ଼ାଯାଉ। ଉକ୍ତ କମିଟି ବିଲ୍ଡିଂକୁ ଅନୁଧ୍ୟାନ କରି ଲିକ୍‌ର କାରଣ ଉପରେ ଗୁରୁତ୍ୱ ଦେବା ସହ ବିଲ୍ଡିଂର ଡିଜାଇନ, ସେଥିରେ ବ୍ୟବହୃତ ସାମଗ୍ରୀର ମୂଲ୍ୟାୟନ କରି ଉପଯୁକ୍ତ ମରାମତି ପାଇଁ ସୁପାରିସ କରିବାକୁ ବିରୁଧୁନଗର ଏମ୍‌ପି କହିଛନ୍ତି। ଏହି ପ୍ରସଙ୍ଗରେ ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ କହିଛନ୍ତି, ନୂଆ ତୁଳନାରେ ପୁରୁଣା ସଂସଦ ଭବନ ଭଲ ଥିଲା। ବହୁ କୋଟି ଟଙ୍କା ବ୍ୟୟରେ ନିର୍ମିତ ନୂଆ ବିଲ୍ଡିଂରୁ ଗଳୁଥିବା ପାଣି ବନ୍ଦ ହେବା ପର୍ଯ୍ୟନ୍ତ ପୁରୁଣା ପାର୍ଲାମେଣ୍ଟ ବିଲ୍ଡିଂକୁ ନ ଯିବା କାହିଁକି ବୋଲି ସେ ଏକ୍ସରେ ପ୍ରଶ୍ନ କରିବା ସହ ପାଣି ଗଳୁଥିବା ଭିଡିଓକୁ ଶେୟାର କରିଛନ୍ତି। ଭାଜପା ସରକାର ଉନ୍ନତ ଡିଜାଇନରେ କରୁଥିବା ପ୍ରତ୍ୟେକ ନୂଆ ଛାତରୁ ପାଣି ଗଳୁଛି କି ବୋଲି ଲୋକେ ପ୍ରଶ୍ନ କରୁଥିବା ଅଖିଳେଶ କହିଛନ୍ତି। ନୂଆ ପାର୍ଲାମେଣ୍ଟର ଲବିରୁ ପାଣି ଗଳିବା ନରେନ୍ଦ୍ର ମୋଦିଙ୍କ ବୃହତ୍ ଅହଂକାରର ପ୍ରତିରୂପ ବୋଲି ଟିଏମ୍‌ସି ଏମ୍‌ପି ମହୁଆ ମୋଇତ୍ର କହିଛନ୍ତି।

**ଆଜିର ସମ୍ପାଦକୀୟ**

ହାରିସ୍‌ଙ୍କ ପାଇଁ ସୁଯୋଗ


**KIIT-DU AWARDED PRESTIGIOUS UN ECOSOC SPECIAL CONSULTATIVE STATUS**

KIIT www.kiit.ac.in



KIIT Deemed to be University has been granted the distinguished **Special Consultative Status by the United Nations Economic and Social Council (UN ECOSOC), recognizing the University's substantial contributions to the Sustainable Development Goals (SDGs).**

**The status was conferred during the UN ECOSOC management segment meeting held on July 23, 2024, at the United Nations Headquarters in New York.**

This recognition underscores KIIT's unwavering commitment to the United Nations' Agenda 2030 and the SDGs. Attaining Special Consultative Status marks a significant milestone, positioning KIIT among a select group of universities globally that have earned this esteemed distinction.

Partnership with UN VOLUNTEERS

KIIT has entered into **partnership with UN Volunteers (UNV), opening a remarkable opportunity for its students to engage with various UN agencies to serve as 'National University UN Volunteers'.**

This initiative is a **first of its kind by any private university in South Asia.** KIIT is the **only university in South Asia to get UNV status for engaging students for internship.**

KIIT is the only Professional/Technical university in India to achieve UN ECOSOC Special Consultative Status.

In India, both KIIT and Kalinga Institute of Social Sciences (KISS) in Odisha are proud to get this prestigious award.

KISS has already been awarded with UN ECOSOC Special Consultative Status in 2015 and has been continuing with this status till date.

**23 Olympians in 20 Years**

KIIT has produced **23 Olympians** and **2 Paralympian** in 20 years representing India at 2016 Rio Olympics, 2020 Tokyo Olympics, & 2024 Paris Olympics.

KIIT holds the **unique distinction of sending the highest number (15) of athletes to the Paris Olympics 2024** among any universities in India.

Collaboration with **American Council of Young Political Leaders (ACYPL)**

**The American Council of Young Political Leaders (ACYPL), a global leader in fostering international understanding and diplomacy, has announced its historic collaboration** with the Kalinga Institute of Social Sciences (KISS) and KIIT.

With the steadfast support of the U.S. Department of State and a score of other partners, over 8,900 leaders in the U.S. and in 129 countries and territories around the world have travelled on its life-changing exchange programs.

**Collaboration with ACYPL provides a very prestigious opportunity for KIIT students to engage with political diplomats, who will visit KIIT & KISS from across world, and enter into internship programme.**

Rankings: **Times Higher Education**

KIIT-DU has consistently secured impressive positions in various national and global university rankings. Its position in the recent rankings published by the prestigious Times Higher Education reflects its global excellence.

Young University Rankings 2024
World Rank: 168 India Rank: 10

Impacts Rankings 2024
SDG#10-Reduced Inequalities
World Rank: 6 India Rank: 1

KIIT is only 27 years old as an institute (1997 – 2024) and 21 years old as a university.

KIIT (Deemed to be University) has only one permanent campus in Bhubaneswar, Odisha. It has no other campus / off campus anywhere else in the country and globe.

## ଏନ୍‌ଇଇଟି ପ୍ରଶ୍ନପତ୍ର ଲିକ୍ ମାମଲାରେ ସିବିଆଇର ଚାର୍ଜଶିଟ୍ ଦାଖଲ

ନୂଆଦିଲ୍ଲୀ,୧।୮

ଏନ୍‌ଇଇଟି-ୟୁଜି ପ୍ରଶ୍ନପତ୍ର ଲିକ୍ ମାମଲାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଗୁରୁବାର ପ୍ରଥମ ଚାର୍ଜଶିଟ୍ ଦାଖଲ କରିଛି। ଏଥିରେ ୧୩ ଜଣଙ୍କୁ ଅଭିଯୁକ୍ତ ଦର୍ଶାଯାଇଛି। ସେମାନେ ପ୍ରଶ୍ନପତ୍ର ପ୍ରଘଟ ସହ ଅନ୍ୟାନ୍ୟ ଅନିୟମିତତାରେ ସମ୍ପୃକ୍ତ ଥିଲେ ବୋଲି ଚାର୍ଜଶିଟ୍‌ରେ ଦର୍ଶାଯାଇଛି। ଅଭିଯୁକ୍ତମାନେ ହେଲେ ନୀତୀଶ କୁମାର, ଅମିତ୍ ଆନନ୍ଦ, ସିକନ୍ଦର ଯାଦବେନ୍ଦୁ, ଆଶୁତୋଷ କୁମାର-୧, ରୋଶନ କୁମାର, ମନୀଷ ପ୍ରକାଶ, ଆଶୁତୋଷ କୁମାର-୨, ଅଖିଳେଶ କୁମାର, ଅଭଦେଶ କୁମାର, ଅନୁରାଗ ଯାଦବ, ଅଭିଷେକ କୁମାର, ଶିବନନ୍ଦନ କୁମାର ଏବଂ ଆୟୁଷ ରାଜ। ସେମାନଙ୍କ ବିରୋଧରେ ପ୍ରମାଣ ଯୋଗାଡ଼ ପାଇଁ ତଦନ୍ତକାରୀ ସଂସ୍ଥା ଅତ୍ୟାଧୁନିକ ଫୋରେନ୍‌ସିକ୍ ଟେକ୍‌ନିକ୍, କୃତ୍ରିମ ବୁଦ୍ଧିମତ୍ତା ପ୍ରଯୁକ୍ତି, ସିସିଟିଭି ଫୁଟେଜ୍, ଟାୱାର ଲୋକେଶନ ଆନାଲିସିସ୍ ଆଦିର ବ୍ୟବହାର କରିଥିଲା। ସିବିଆଇ ମୋଟ ୫୮ଟି ସ୍ଥାନରେ ଚଢ଼ାଉ କରିବା ସହ ୪୦ ଜଣଙ୍କୁ ଗିରଫ କରିଛି। ବିହାରରେ ପ୍ରଶ୍ନପତ୍ର ଲିକ୍ ହୋଇଥିବା ନେଇ ଏତଲା ଦାଏର ହୋଇଥିବାବେଳେ ଗୁଜରାଟ, ରାଜସ୍ଥାନ ଓ ମହାରାଷ୍ଟ୍ରରେ ପରୀକ୍ଷାର୍ଥୀଙ୍କ ସ୍ଥାନରେ ଅନ୍ୟମାନେ ପରୀକ୍ଷା ଦେବା ଏବଂ ଅସାଧୁ ଉପାୟ ଅବଲମ୍ବନ ନେଇ ଏତଲା ଦାଏର ହୋଇଥିଲା। ସୂଚନାଯୋଗ୍ୟ, ଚଳିତବର୍ଷ ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ପାଇଁ ଗତ ମେ’ ୫ରେ ଦେଶବ୍ୟାପୀ ୪,୭୫୦ ପରୀକ୍ଷା କେନ୍ଦ୍ରରେ ଏନ୍‌ଇଇଟି-ୟୁଜି ପରୀକ୍ଷା ହୋଇଥିଲା, ଯେଉଁଥିରେ ୨୩ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିଲେ।

# ୭ ରାଜ୍ୟରେ ବର୍ଷା ବିପ୍ଳାତ
## ୩୫ ମୃତ, ବହୁ ନିଖୋଜ

ନୂଆଦିଲ୍ଲୀ,୧।୮

ଦେଶର ୭ ରାଜ୍ୟରେ ବୁଧବାର ସନ୍ଧ୍ୟାରୁ ପ୍ରବଳ ବର୍ଷା ଲାଗିରହିଥିବାବେଳେ ୩୫ ଜଣଙ୍କ ମୃତ୍ୟୁ ଘଟିଲାଣି। ଗୋଟିଏ ଦିନର ବର୍ଷାରେ ଦିଲ୍ଲୀ-ଏନ୍‌ସିଆର୍ ଜଳାର୍ଣ୍ଣବ ହୋଇଥିବାବେଳେ ଉତ୍ତରାଖଣ୍ଡ ଏବଂ ହିମାଚଳପ୍ରଦେଶରେ ବାଦଲଫଟା ବର୍ଷା ଅନ୍ୟୂନ ୧୭ ଜୀବନ ନେଇଛି। ଏହି ୨ ରାଜ୍ୟରେ ଅନେକ ନିଖୋଜ ହୋଇଯାଇଛନ୍ତି। କେବଳ ଉତ୍ତରାଖଣ୍ଡରେ ବର୍ଷା ବିପ୍ଳାତରେ ୧୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ହିମାଚଳପ୍ରଦେଶରେ ୫, ଦିଲ୍ଲୀରେ ୫, ଉତ୍ତରପ୍ରଦେଶର ଗ୍ରେଟର ନୋଏଡ଼ାରେ ୨, ହରିୟାଣାର ଗୁରୁଗ୍ରାମରେ ୩, ରାଜସ୍ଥାନର ଜୟପୁରରେ ୩ ଏବଂ ବିହାରରେ ୫ ଜଣ ପ୍ରାଣ ହରାଇଛନ୍ତି।

ଉତ୍ତରାଖଣ୍ଡରେ ବାଦଲଫଟା ବର୍ଷା ଓ ଭୂସ୍ଖଳନ ଯୋଗୁ ଗୋଟିଏ ପରିବାରର ୩ ସଦସ୍ୟଙ୍କ ସମେତ ୧୨ ଜଣଙ୍କ ଜୀବନ ଯାଇଛି। ବିଭିନ୍ନ ରୁଟ୍‌ରେ ଅଟକି ରହିଥିବା ୩୨୦ ଜଣଙ୍କୁ ରେସ୍କ୍ୟୁ ଟିମ୍ ଉଦ୍ଧାର କରିଛି। କେଦାର ଉପତ୍ୟକାରେ ହାଇ ଆଲର୍ଟ ଜାରି ହେବା ସହ ପରବର୍ତ୍ତୀ ବିଜ୍ଞପ୍ତି ପର୍ଯ୍ୟନ୍ତ କେଦାରନାଥ ଯାତ୍ରାକୁ ସ୍ଥଗିତ ରଖାଯାଇଛି। ବର୍ଷାରେ କେଦାରନାଥକୁ ରହିଥିବା ପାଦଚଲା ରାସ୍ତା ସମ୍ପୂର୍ଣ୍ଣ ଧୋଇଯାଇଛି। ଉକ୍ତ ରୁଟ୍‌ରେ ଅଟକି



ହିମାଚଳ ପ୍ରଦେଶର କୁଲୁସ୍ଥିତ ମନାଲି-ଚଣ୍ଡିଗଡ଼ ରାଜପଥ ବାଦଲଫଟା ବର୍ଷାରେ କ୍ଷତିଗ୍ରସ୍ତ ହୋଇଛି।

ରହିଥିବା ତୀର୍ଥଯାତ୍ରୀମାନଙ୍କୁ ଉଦ୍ଧାର ପାଇଁ ଉଦ୍ୟମ ଜାରି ରହିଥିବାବେଳେ ଏଥିପାଇଁ ହେଲିକପ୍ଟର ନିୟୋଜିତ କରାଯାଇଛି। ଲେନ୍‌ଚୋଲିରେ ଏନ୍‌ଡିଆର୍‌ଏଫ୍ ଏବଂ ଏସ୍‌ଡିଆର୍‌ଏଫ୍ କର୍ମଚାରୀମାନେ ଉଦ୍ଧାର କାର୍ଯ୍ୟ ଚଳାଇଛନ୍ତି। ବର୍ଷା ଓ ଭୂସ୍ଖଳନରେ ଲେନ୍‌ଚୋଲି ସମେତ ଗୌରୀକୁଣ୍ଡ ଏବଂ ସୋନପ୍ରୟାଗ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମୀ ଆକାଶମାର୍ଗରୁ ସର୍ଭେ କରିବା ସହ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟର ସମୀକ୍ଷା କରିଛନ୍ତି।

ସେହିପରି ହିମାଚଳପ୍ରଦେଶର ଶିମ୍‌ଲା, ମଣ୍ଡି ଏବଂ କୁଲ୍ଲୁ ଜିଲାରେ ବାଦଲଫଟା ବର୍ଷାରେ ୫ ଜଣଙ୍କ ମୃତ୍ୟୁ ଘଟିବା ସହ ୫୩ରୁ ଊର୍ଦ୍ଧ୍ୱ ନିଖୋଜ ହୋଇଯାଇଛନ୍ତି। ବର୍ଷା ଯୋଗୁ ବହୁ ଘର, ସ୍କୁଲ ଓ ହସ୍ପିଟାଲ କ୍ଷତିଗ୍ରସ୍ତ ହୋଇଛି। ଉଦ୍ଧାର କାର୍ଯ୍ୟ ଜାରି ରହିଥିବାବେଳେ ସମସ୍ତ ସ୍କୁଲ୍ କଲେଜକୁ ବନ୍ଦ କରିଦିଆଯାଇଛି। ମାନାଲିକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ମନିକରନ-ଭୁଣ୍ଟର ରୋଡ୍‌ରେ ପରିବା ମାର୍କେଟ ଥିବା ଏକ ବିଲ୍ଡିଂ ଭୁଶୁଡ଼ି ପଡ଼ିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ହିମାଚଳ ପ୍ରଦେଶ ସ୍ଥିତି ଅନୁଧ୍ୟାନ କରିବା ସହ ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି।

ବର୍ଷା ଯୋଗୁ ଦିଲ୍ଲୀ ଜାତୀୟ ରାଜଧାନୀ ଅଞ୍ଚଳ(ଏନ୍‌ସିଆର୍) ଜଳାର୍ଣ୍ଣବ ହୋଇଥିବାବେଳେ ନୋଏଡ଼ା, ଗୁରୁଗ୍ରାମ, ଫରିଦାବାଦ ଏବଂ ଗାଜିଆବାଦକୁ ଯାଇଥିବା ରାସ୍ତାରେ ଗାଡ଼ି ଚଳାଚଳ ପ୍ରଭାବିତ ହୋଇଛି। ବିହାରରେ ବୁଧବାର ସନ୍ଧ୍ୟାରୁ ବର୍ଷା ଲାଗିରହିଥିବାବେଳେ ବଜ୍ରପାତରେ ୫ ଜଣଙ୍କ ମୃତ୍ୟୁ ଘଟିଛି। ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ମୃତକଙ୍କ ପାଇଁ ଦୁଃଖ ପ୍ରକାଶ କରିବା ସହ ସେମାନଙ୍କ ପରିବାରକୁ ୪ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି।

ଜମ୍ମୁ-କଶ୍ମୀରର କିସ୍ତୱାର ଅନ୍ତର୍ଗତ ଡାଚନ ଅଞ୍ଚଳରେ ପ୍ରବଳ ବର୍ଷା ଯୋଗୁ ବନ୍ୟା ଆସି ବହୁ ବ୍ରିଜ୍ ଓ କୋଠା କ୍ଷୟକ୍ଷତି ହୋଇଛି। ରାଜୌରୀ ଜିଲାରେ ନଦୀଗୁଡ଼ିକରେ ବନ୍ୟା ଆସିଛି। ରାଜସ୍ଥାନର ଜୟପୁରରେ ଗୁରୁବାର ସକାଳେ ପ୍ରବଳ ବର୍ଷାରେ ଗୋଟିଏ ଘରର ବେସ୍‌ମେଣ୍ଟରେ ପାଣି ପଶିଯିବାରୁ ପରିବାରର ୩ ଜଣଙ୍କ ମୃତ୍ୟୁ ଘଟିଛି। ପମ୍ପ ଯୋଗେ ପାଣି ନିଷ୍କାସନ କରାଯିବା ପରେ ମୃତଦେହ ବାହାର କରାଯାଇଥିଲା। ଜୁଲାଇରେ ସ୍ୱାଭାବିକଠାରୁ ୯ ପ୍ରତିଶତ ଅଧିକ ବର୍ଷା ହୋଇଥିବାବେଳେ ଦେଶର କେନ୍ଦ୍ରୀୟ ଅଞ୍ଚଳରେ ୩୩ ପ୍ରତିଶତ ଅଧିକ ବୃଷ୍ଟିପାତ ହୋଇଥିବା ପାଣିପାଗ ବିଭାଗ କହିଛି।

## ବିପର୍ଯ୍ୟୟ ପରିଚାଳନା ଆଇନରେ ସଂଶୋଧନ ପ୍ରସ୍ତାବ

ନୂଆଦିଲ୍ଲୀ,୧।୮

ରାଜ୍ୟ ଓ ଜାତୀୟସ୍ତରର ବିପର୍ଯ୍ୟୟ ପରିଚାଳନା ଅଧିକାରୀମାନଙ୍କ ପ୍ରଭାବଶାଳୀ କାର୍ଯ୍ୟକୁ ସଶକ୍ତ କରିବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ଗୁରୁବାର ଲୋକ ସଭାରେ ବିପର୍ଯ୍ୟୟ ପରିଚାଳନା (ସଂଶୋଧନ) ବିଲ୍, ୨୦୨୪ ଉପସ୍ଥାପନ କରିଛନ୍ତି। ଏହି ସଂଶୋଧନ ଫଳରେ ସେମାନଙ୍କ କାର୍ଯ୍ୟରେ ଆହୁରି ସ୍ୱଚ୍ଛତା ଏବଂ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ କାର୍ଯ୍ୟରତ ପକ୍ଷମାନଙ୍କ ମଧ୍ୟରେ ସମନ୍ୱୟ ରହିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ଆଇନ ପ୍ରଣୟନ ହେବା ପୂର୍ବରୁ ରହିଥିବା ନ୍ୟାଶନାଲ କ୍ରାଇସିସ୍ ମ୍ୟାନେଜମେଣ୍ଟ କମିଟି ଏବଂ ହାଇ ଲେଭଲ କମିଟି ଭଳି ନିର୍ଦ୍ଦିଷ୍ଟ ସଙ୍ଗଠନଗୁଡ଼ିକୁ ମଧ୍ୟ ଏହାଦ୍ୱାରା ବୈଧାନିକ ମାନ୍ୟତା ମିଳିପାରିବ ବୋଲି ବିଲ୍ ଆଗତ ବେଳେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାଏ ଗୃହରେ ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ କଂଗ୍ରେସ ସଦସ୍ୟ ମନୀଷ ତିୱାରୀ ଉକ୍ତ ବିଲ୍‌କୁ ବିରୋଧ କରି କହିଛନ୍ତି, ସମ୍ବିଧାନର ଲିଷ୍ଟ ନମ୍ବର ୧ କିମ୍ବା ୨ରେ ନୂଆକରି ଉଲ୍ଲେଖ କରାଯାଇଥିବା କୌଣସି ବିଷୟ କେନ୍ଦ୍ର ଓ ରାଜ୍ୟର ବିଷୟ ନୁହେଁ। ତେଣୁ ସରକାର ଯୁଗ୍ମ ତାଲିକାରେ ସଂଶୋଧନ ଆଣି ଏହି ପ୍ରସଙ୍ଗରେ ଉପଯୁକ୍ତ ଏଣ୍ଟ୍ରି କରାଇବା ଉଚିତ। ସେହିପରି ଉକ୍ତ ଆଇନର ବ୍ୟବସ୍ଥାପିକା କ୍ଷମତାକୁ ମଧ୍ୟ ଉପଯୁକ୍ତ ଭାବେ ପରିଭାଷିତ କରାଯିବା ଆବଶ୍ୟକ। କେନ୍ଦ୍ରର କ୍ଷମତା ଉପରେ ନିୟମ ଗଢ଼ିବା ରାଜ୍ୟଗୁଡ଼ିକର କ୍ଷମତାରେ ହସ୍ତକ୍ଷେପ।

## ଏନ୍‌ସେଫାଲାଇଟିସ୍: ୨ ମାସରେ ୫୯ ଶିଶୁ ମୃତ

ନୂଆଦିଲ୍ଲୀ, ୧।୮

ଦେଶରେ ଜୁନ୍ ଓ ଜୁଲାଇ ମାସରେ ଆକ୍ୟୁଟ୍ ଏନ୍‌ସେଫାଲାଇଟିସ୍ ସିଣ୍ଡ୍ରୋମ୍(ଏଇଏସ୍) ଅଥବା ମସ୍ତିଷ୍କ ଜ୍ୱରରେ ୧୫ ବର୍ଷରୁ କମ୍ ବୟସର ୧୪୮ ଜଣ ଶିଶୁ ଆକ୍ରାନ୍ତ ହୋଇଛନ୍ତି। ସେଥିମଧ୍ୟରୁ ୫୯ ଜଣ ଶିଶୁଙ୍କର ମୃତ୍ୟୁ ଘଟିଥିବା ଗୁରୁବାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସୂଚନା ଦେଇଛି। ଉକ୍ତ ୨ ମାସରେ ଗୁଜରାଟର ସର୍ବାଧିକ ୧୪୦, ମଧ୍ୟପ୍ରଦେଶର ୪, ରାଜସ୍ଥାନର ୩ ଏବଂ ମହାରାଷ୍ଟ୍ରର ଜଣେ ଶିଶୁ ଏଇଏସ୍ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ସେହିପରି ଜୁଲାଇ ୩୧ ସୁଦ୍ଧା ଚାନ୍ଦିପୁରା(ସିଏଚ୍‌ପିଭି) ଭାଇରସ୍‌ର ୫୧ ମାମଲା ସାମ୍ନାକୁ ଆସିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି। ସ୍ୱାସ୍ଥ୍ୟ ସେବା ମହାନିର୍ଦ୍ଦେଶକ(ଡିଜିଏଚ୍‌ଏସ୍), ଜାତୀୟ ରୋଗ ନିୟନ୍ତ୍ରଣ କେନ୍ଦ୍ର(ଏନ୍‌ସିଡିସି)ର ନିର୍ଦ୍ଦେଶକ ଓ ଇଣ୍ଡିଆନ କାଉନ୍‌ସିଲ ଅଫ୍ ମେଡିକାଲ ରିସର୍ଚ୍ଚ(ଆଇସିଏମ୍‌ଆର୍) ମହାନିର୍ଦ୍ଦେଶକ ଗୁରୁବାର ଗୁଜରାଟ, ମଧ୍ୟପ୍ରଦେଶ, ରାଜସ୍ଥାନ ଓ ମହାରାଷ୍ଟ୍ରର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସହ ମିଳିତ ଭାବେ ଉଭୟ ଏଇଏସ୍ ଓ ଚାନ୍ଦିପୁରା(ସିଏଚ୍‌ପିଭି) ଭାଇରସ୍‌ର ସ୍ଥିତି ସମୀକ୍ଷା କରିଛନ୍ତି।

# ୱାୟନାଡ୍‌ରେ ରାହୁଲ, ପ୍ରିୟଙ୍କା



ଭୂସ୍ଖଳନ ମୃତ୍ୟୁ ୨୯୧, ଏବେବି ୨୦୦ ନିଖୋଜ

ଥିରୁଭାନନ୍ତପୁରମ/ୱାୟନାଡ୍,୧।୮


କେରଳର ୱାୟନାଡ୍‌ରେ ମଙ୍ଗଳବାର ଘଟିଥିବା ପ୍ରଳୟଙ୍କରୀ ଭୂସ୍ଖଳନରେ ମୃତ୍ୟୁସଂଖ୍ୟା ୨୯୧ରେ ପହଞ୍ଚିଥିବାବେଳେ ଏବେ ମଧ୍ୟ ପାଖାପାଖି ୨୦୦ ଲୋକ ନିଖୋଜ ଅଛନ୍ତି। ସେନା ଯବାନ ଓ ଏନ୍‌ଡିଆର୍‌ଏଫ୍ ଟିମ୍ ସହ ରାଜ୍ୟର ଜରୁରୀ ସେବା ବିଭାଗ ପକ୍ଷରୁ ଉଦ୍ଧାର ଓ ରିଲିଫ କାର୍ଯ୍ୟ ଜାରି ରହିଛି। ଉଦ୍ଧାରକାରୀମାନେ ଲୋକମାନଙ୍କ ନିରାପଦ ଉଦ୍ଧାର ପାଇଁ ଦଉଡ଼ି ସହାୟତାରେ ମାନବ ସେତୁ ପ୍ରସ୍ତୁତ କରିଛନ୍ତି।

ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଓ ତାଙ୍କ ଭଉଣୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଗୁରୁବାର ୱାୟନାଡ୍‌ର ଭୂସ୍ଖଳନ କ୍ଷତିଗ୍ରସ୍ତ ଅଞ୍ଚଳ ଦେଖିବା ପରେ ଗଭୀର ମର୍ମାହତ ହୋଇଛନ୍ତି। ରାହୁଲ ଏହି ଭୂକମ୍ପକୁ ଜାତୀୟ ବିପର୍ଯ୍ୟୟ ବୋଲି କହିବା ସହ ତୁରନ୍ତ ବିସ୍ତୃତ କାର୍ଯ୍ୟଯୋଜନା ପ୍ରସ୍ତୁତ କରିବାକୁ ଦାବି କରିଛନ୍ତି। ଭୂସ୍ଖଳନରେ ଏତେ ସଂଖ୍ୟାରେ ଲୋକଙ୍କ ଜୀବନ ଯିବା ଉଭୟ କେରଳ ଏବଂ ପୂରା ଦେଶ ପାଇଁ ଅତ୍ୟନ୍ତ ଦୁଃଖଦ ଘଟଣା। ଏଭଳି ସ୍ଥିତିରେ ନିଜର ପରିଜନ ଓ ଘରଦ୍ୱାର ହରାଇଥିବା ଲୋକଙ୍କୁ ସାନ୍ତ୍ୱନା ଦେବା ଅତ୍ୟନ୍ତ କଷ୍ଟଦାୟକ ବୋଲି ରାହୁଲ କହିଛନ୍ତି। ସେ ଓ ପ୍ରିୟଙ୍କା ୱାୟନାଡ୍‌ର ଚୁରାଲମାଲା ଯିବା ସହ ମେପାଡିର ଗୋଟିଏ ହସ୍ପିଟାଲ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ୨ଟି ରିଲିଫ୍ କ୍ୟାମ୍ପ ବୁଲି ଦେଖିଥିଲେ। ସେଠାର ଲୋକମାନଙ୍କ ଯନ୍ତ୍ରଣା ଅକଳ୍ପନୀୟ ବୋଲି ପ୍ରିୟଙ୍କା କହିଛନ୍ତି। କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ ଗୁରୁବାର ୱାୟନାଡ୍‌ରେ ସର୍ବଦଳୀୟ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ଭୂସ୍ଖଳନ ଅଞ୍ଚଳରେ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା। ଉଦ୍ଧାର କାର୍ଯ୍ୟର ତଦାରଖ ପାଇଁ ୱାୟନାଡ୍‌ରେ ଡେରା ପକାଇଥିବା ମନ୍ତ୍ରୀ, ସ୍ଥାନୀୟ ବିଧାୟକ ଓ ରାଜନେତାମାନେ ବୈଠକରେ ସାମିଲ ହୋଇଥିଲେ। ଭୂସ୍ଖଳନର ଭୟବହତା କେତେ ଥିଲା, ତାହା ଏପର୍ଯ୍ୟନ୍ତ ଜଣାପଡ଼ି ନାହିଁ। କାରଣ ଭୂସ୍ଖଳନରେ ପ୍ରଥମେ ଯେଉଁ ଜନବସତି କ୍ଷତିଗ୍ରସ୍ତ ହୋଇଥିଲା, ସେଠାରେ ଉଦ୍ଧାରକାରୀ ଟିମ୍‌ଗୁଡ଼ିକ ଏପର୍ଯ୍ୟନ୍ତ ପହଞ୍ଚି ନ ଥିବା ରାଜ୍ୟପାଳ ଅରିଫ୍ ମହମ୍ମଦ ଖାନ୍ କହିଛନ୍ତି।

## ସାଟେଲାଇଟ୍ ଫଟୋରେ ଭୂସ୍ଖଳନର ଭୟାବହ ଚିତ୍ର

ନୂଆଦିଲ୍ଲୀ,୧।୮

ଭାରତୀୟ ସାଟେଲାଇଟ୍‌ର ହାଇରିଜଲ୍ୟୁଶନ ଫଟୋରୁ ୱାୟନାଡ୍ ଭୂସ୍ଖଳନର ବ୍ୟାପକ ଧ୍ୱଂସଲୀଳା ସାମ୍ନାକୁ ଆସିଛି। ପ୍ରାୟ ୮୬,୦୦୦ ବର୍ଗମିଟର ଜମି ଧସିଯାଇଥିବାବେଳେ ଇରୁବାଇଫୁଝା ନଦୀର ଉଭୟ ପାର୍ଶ୍ୱରେ ୮ କିଲୋମିଟର ପର୍ଯ୍ୟନ୍ତ ମାଟି, ପଥର ଓ ଭଗ୍ନାବଶେଷ ମାଡ଼ିଯାଇଥିବା ଭୂସ୍ଖଳନର ପୂର୍ବ ଓ ପରବର୍ତ୍ତୀ ସାଟେଲାଇଟ୍ ଇମେଜରୁ ଜଣାପଡ଼ିଛି। ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ରିପୋର୍ଟରେ ଉକ୍ତ ସ୍ଥାନର ପୁରୁଣା ଓ ବର୍ତ୍ତମାନର ଭୂସ୍ଖଳନର ପ୍ରମାଣ ଦିଆଯାଇ ଏହାର ଭୟାବହତା ଦର୍ଶାଯାଇଛି। ଇସ୍ରୋର ହାଇଦ୍ରାବାଦସ୍ଥିତ ନ୍ୟାଶନାଲ ରିମୋଟ୍ ସେନ୍ସିଂ ସେଣ୍ଟର ମୁତୟନ କରିଥିବା ହାଇରିଜଲ୍ୟୁଶନ କାର୍ଟୋସାଟ୍-୩ ଅପ୍ଟିକାଲ ସାଟେଲାଇଟ୍ ଏବଂ ରିସାଟ୍ ସାଟେଲାଇଟ୍ ବାଦଲ ମଧ୍ୟଦେଇ ୱାୟନାଡ୍ ଭୂକମ୍ପ ଅଞ୍ଚଳକୁ ଦେଖିବାରେ ସମର୍ଥ ହୋଇଛି। ସମୁଦ୍ର ପତ୍ତନଠାରୁ ୧,୫୫୦ ମିଟର ଉଚ୍ଚରେ ଭୂସ୍ଖଳନର ଉତ୍ପତ୍ତି ସ୍ଥଳ ଥିଲା ବୋଲି ଇସ୍ରୋ କହିଛି। ୱାୟନାଡ୍‌ର ଉକ୍ତ ଅଞ୍ଚଳରେ ପୂର୍ବରୁ ଭୂସ୍ଖଳନ ହୋଇଥିବା ସାଟେଲାଇଟ୍ ଚିତ୍ରରୁ ପ୍ରମାଣିତ ହୋଇଛି। ୨୦୨୩ରେ ଇସ୍ରୋ ପ୍ରସ୍ତୁତ କରିଥିବା ‘ଲ୍ୟାଣ୍ଡସ୍ଲାଇଡ୍ ଆଟଲାସ୍ ଅଫ୍ ଇଣ୍ଡିଆ’ରେ ୱାୟନାଡ୍ ଅଞ୍ଚଳରେ ଭୂସ୍ଖଳନ ଭୟ ରହିଥିବା ଉଲ୍ଲେଖ କରାଯାଇଥିଲା।




## କେଜ୍‌ରିୱାଲଙ୍କ ବାସଭବନରେ ଗୁଣ୍ଡା କ’ଣ କରୁଥିଲେ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧।୮

ରାଜ୍ୟ ସଭା ସଦସ୍ୟ ସ୍ୱାତି ମାଲିୱାଲଙ୍କୁ ଆକ୍ରମଣ ମାମଲାରେ ଅଭିଯୁକ୍ତ ବିଭବ କୁମାରଙ୍କ ପକ୍ଷରୁ ଦାଖଲ କରାଯାଇଥିବା ଜାମିନ ଆବେଦନର ଶୁଣାଣି କରି ଗୁରୁବାର ସୁପ୍ରିମକୋର୍ଟ ଦିଲ୍ଲୀ ପୋଲିସକୁ ଜବାବ ତଲବ କରିଛନ୍ତି। ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ଦୀପଙ୍କର ଦତ୍ତା ଓ ଜଷ୍ଟିସ୍ ଉଜ୍ଜଲ୍ ଭୂୟାନ୍‌ଙ୍କୁ ନେଇ ଗଠିତ ଖଣ୍ଡପୀଠ ବିଭବଙ୍କୁ ଭର୍ତ୍ସନା କରି ପ୍ରଶ୍ନ କରିଛନ୍ତି, କ’ଣ ଏପରି ଗୁଣ୍ଡା ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟରେ କାର୍ଯ୍ୟ କରିବା ଉଚିତ। ସ୍ୱାତୀଙ୍କ ପ୍ରତି ବିଭବଙ୍କ ମାରପିଟ ଘଟଣା ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ଗୁଣ୍ଡା ପଶିଆସିଥିବା ପରି ମନେହେଉଛି। ଜଣେ ଯୁବ ମହିଳାଙ୍କ ଉପରକୁ ହାତ ଉଠାଇବା ସତ୍ତ୍ୱେ ମଧ୍ୟ ବିଭବ କିପରି ଲଜ୍ଜିତ ହେଉନାହାନ୍ତି ବୋଲି ସର୍ବୋଚ୍ଚ ଅଦାଲତ ତାଙ୍କ ଓକିଲ ଅଭିଷେକ ମନୁ ସିଙ୍ଘଭିଙ୍କୁ ପ୍ରଶ୍ନ କରିଛନ୍ତି। ବିଭିନ୍ନ ଘଟଣାକୁ କେନ୍ଦ୍ର କରି ପ୍ରତ୍ୟେକ ଦିନ ସୁପ୍ରିମକୋର୍ଟ ବହୁ ହତ୍ୟାକାରୀ, ଡକାୟତ ଏବଂ ଲୁଟେରାମାନଙ୍କୁ ଜାମିନ ପ୍ରଦାନ କରିଥାନ୍ତି। ତେବେ ଏହି ମାମଲା ସେଗୁଡ଼ିକଠାରୁ ଭିନ୍ନ। ଦିଲ୍ଲୀ ହାଇକୋର୍ଟଙ୍କ ପକ୍ଷରୁ ରେକର୍ଡ ହୋଇଥିବା ଏହି ଘଟଣାର ବିବରଣୀ ବିବ୍ରତ କରୁଛି ବୋଲି ଶୁଣାଣି ସମୟରେ ସର୍ବୋଚ୍ଚ ଅଦାଲତ କହିଛନ୍ତି।

## ପୂଜାଙ୍କୁ ମିଳିଲାନି ଆଗୁଆ ଜାମିନ

ନୂଆଦିଲ୍ଲୀ,୧।୮

ଜାଲ୍ ଓବିସି ଏବଂ ଭିନ୍ନକ୍ଷମ ପ୍ରମାଣପତ୍ର ଦାଖଲ କରି ଆଇଏଏସ୍ ଚାକିରି ପାଇବା ଅଭିଯୋଗରେ ବିଦା ହୋଇଥିବା ପୂର୍ବତନ ଟ୍ରେନି ଅଫିସର ପୂଜା ଖେଡ୍‌କରଙ୍କୁ ଆଗୁଆ ଜାମିନ ଦେବାକୁ ଦିଲ୍ଲୀର ଏକ ଅଦାଲତ ଗୁରୁବାର ମନା କରିଦେଇଛନ୍ତି। ଅତିରିକ୍ତ ସେସନ୍ସ ଜଜ୍ ଦେବେନ୍ଦ୍ର କୁମାର ଜଙ୍ଗଲିଆ



କହିଛନ୍ତି, ପୂଜାଙ୍କୁ କେନ୍ଦ୍ର ଲୋକ ସେବା ଆୟୋଗ (ୟୁପିଏସ୍‌ସି) ଭିତରୁ କିଏ ସାହାଯ୍ୟ କରିଥିଲେ, ଦିଲ୍ଲୀ ପୋଲିସ ତା’ର ମଧ୍ୟ ତଦନ୍ତ କରିବା ଜରୁରୀ।

ବିଚାରପତି ବୁଧବାର ପୂଜାଙ୍କ ଅଗ୍ରିମ ଜାମିନ ଆବେଦନର ଶୁଣାଣି ଶେଷକରି ରାୟ ସଂରକ୍ଷିତ ରଖିଥିଲେ। ପୂଜା ବ୍ୟବସ୍ଥାକୁ ଠକିଥିବା ଦର୍ଶାଇ ଶୁଣାଣି ବେଳେ ୟୁପିଏସ୍‌ସି ଆବେଦନକୁ ବିରୋଧ କରିଥିଲା।

## ଇସ୍ରାଏଲ୍ ଆକ୍ରମଣ ପାଇଁ ଖାମେନେଇଙ୍କ ନିର୍ଦ୍ଦେଶ



ତେହରାନ୍,୧।୮

ହମାସ୍ ନେତା ଇସ୍‌ମାଇଲ୍ ହାନିୟେଙ୍କୁ ତେହରାନ୍‌ରେ ହତ୍ୟାର ପ୍ରତିଶୋଧ ସ୍ୱରୂପ ଇସ୍ରାଏଲ୍ ଉପରେ ଆକ୍ରମଣ ପାଇଁ ଇରାନର ସୁପ୍ରିମ ଲିଡର ଆୟାତୋଲ୍ଲା ଅଲିଖାମେନେଇ ନିର୍ଦ୍ଦେଶ ଦେଇଛନ୍ତି। ବୁଧବାର ଇରାନର ସର୍ବୋଚ୍ଚ ଜାତୀୟ ସୁରକ୍ଷା ପରିଷଦର ଜରୁରୀ ବୈଠକରେ ଖାମେନେଇ ଏହି ନିର୍ଦ୍ଦେଶ ଦେଇଥିବା ଏକ ଅନ୍ତର୍ଜାତୀୟ ଗଣମାଧ୍ୟମରେ ପ୍ରକାଶ ପାଇଛି। ବୁଧବାର ସକାଳେ ଇରାନ୍ ରାଜଧାନୀ ତେହରାନ୍‌ରେ ହମାସ୍ ସୁପ୍ରିମ ଲିଡର ଇସ୍‌ମାଇଲ୍ ହାନିୟେଙ୍କୁ ହତ୍ୟା କରାଯାଇଥିଲାବେଳେ ଏହାର ପ୍ରତିଶୋଧ ନିଆଯିବ ବୋଲି ଇରାନ୍ ଧମକ ଦେଇଥିଲା।

### ହମାସ୍ ସାମରିକ ମୁଖ୍ୟ ଡେଇଫ୍ ନିହତ



**ଜେରୁଜେଲମ୍,୧।୮ :** ଗାଜା ଷ୍ଟ୍ରିପ୍‌ର ଦକ୍ଷିଣ ଭାଗରେ ଜୁଲାଇ ୧୩ରେ ହୋଇଥିବା ଏୟାର ଷ୍ଟ୍ରାଇକ୍‌ରେ ହମାସ୍‌ର ସାମରିକ ମୁଖ୍ୟ ମହମ୍ମଦ ଡେଇଫ୍ ନିହତ ହୋଇଥିବା ଇସ୍ରାଏଲ୍ ସେନା ଗୁରୁବାର ସ୍ପଷ୍ଟ କରିଛି। ତେହରାନ୍‌ରେ ପାଲେଷ୍ଟାଇନ୍ ଆନ୍ଦୋଳନର ମୁଖ୍ୟ ଇସ୍‌ମାଇଲ ହାନିୟେ ନିହତ ହୋଇଥିବା ବୁଧବାର ହମାସ୍ ଏବଂ ଇରାନ କହିବା ପରେ ଇସ୍ରାଏଲ୍ ଉପରୋକ୍ତ ଘୋଷଣା କରିଛି। ଗାଜାର ଓସାମା ବିନ୍ ଲାଡେନ୍ ଭାବେ ପରିଚିତ ମହମ୍ମଦ ଡେଇଫ୍ ଇସ୍ରାଏଲ୍ ସେନା ଆକ୍ରମଣରେ ନିହତ ହୋଇଛନ୍ତି। ହମାସକୁ ଧ୍ୱଂସ କରିବା ପ୍ରକ୍ରିୟାରେ ଏହା ଏକ ବଡ଼ ମାଇଲଖୁଣ୍ଟ ବୋଲି ଇସ୍ରାଏଲ୍ ପ୍ରତିରକ୍ଷା ମନ୍ତ୍ରୀ ୟୋଏଭ ଗାଲାଣ୍ଟ କହିଛନ୍ତି। ଗୋଇନ୍ଦା ସୂଚନା ପାଇବା ପରେ ଇସ୍ରାଏଲ୍ ଯୁଦ୍ଧବିମାନ ଜୁଲାଇ ୧୩ରେ ଖାନ୍ ୟୁନିସ୍‌ରେ ବୋମାମାଡ଼ କରିଥିଲା।

## ହିନ୍ଦୁଙ୍କ ୧୮ ଆବେଦନର ଶୁଣାଣି ହେବ

ପ୍ରୟାଗରାଜ,୧।୮

**ମଥୁରା ମନ୍ଦିର-ମସ୍‌ଜିଦ ବିବାଦ**

- ■ ହାଇକୋର୍ଟରେ ମୁସଲିମ୍ ପକ୍ଷ ନିରାଶ
- ■ ୧୨ରେ ପରବର୍ତ୍ତୀ ଶୁଣାଣି



ଉତ୍ତର ପ୍ରଦେଶର ମଥୁରାସ୍ଥିତ କୃଷ୍ଣ ଜନ୍ମଭୂମି-ଶାହି ଇଦ୍‌ଘା ବିବାଦ ସମ୍ପର୍କିତ ୧୮ ମାମଲାର ଶୁଣାଣି କରିବାକୁ ଗୁରୁବାର ଆଲ୍ଲାହାବାଦ ହାଇକୋର୍ଟ ରାଜି ହୋଇଛନ୍ତି। ଏଥିସହ ଏହି ଆବେଦନଗୁଡ଼ିକର ଶୁଣାଣିଯୋଗ୍ୟତାକୁ ଚ୍ୟାଲେଞ୍ଜ କରିଥିବା ମସ୍‌ଜିଦ କମିଟିର ପିଟିଶନକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଜଷ୍ଟିସ୍ ମୟଙ୍କ କୁମାର ଜୈନ ଗତ ଜୁନ୍ ୬ରେ ଏହି ରାୟ ସଂରକ୍ଷିତ ରଖିଥିଲେ। ଆସନ୍ତା ୧୨ ତାରିଖରେ ଏହାର ପରବର୍ତ୍ତୀ ଶୁଣାଣି ହେବ।

କୃଷ୍ଣ ଜନ୍ମଭୂମି ସହ ସଂଲଗ୍ନ ଶାହି ଇଦ୍‌ଘା ମସ୍‌ଜିଦକୁ ହଟାଇବା ପାଇଁ ହିନ୍ଦୁ ପକ୍ଷ ହାଇକୋର୍ଟରେ ଆବେଦନ କରିଥିଲେ। ଭଗବାନ କୃଷ୍ଣ ଯେଉଁ ସ୍ଥାନରେ ଜନ୍ମ ହୋଇଥିଲେ, ସେଠାରେ ନିର୍ମିତ କତ୍ରା କେଶବ ମନ୍ଦିର (୧୩.୭ ଏକର ପରିମିତ କମ୍ପ୍ଲେକ୍ସ)ର କିଛି ଅଂଶକୁ ଭାଙ୍ଗି ଔରଙ୍ଗଜେବ ଅମଳରେ ମସ୍‌ଜିଦ ନିର୍ମାଣ କରାଯାଇଥିବା ହିନ୍ଦୁ ପକ୍ଷ ଯୁକ୍ତି ବାଢ଼ିଥିଲେ।

କିନ୍ତୁ ମସ୍‌ଜିଦ ପରିଚାଳନା କମିଟି ଏବଂ ୟୁପି ସୁନ୍ନି ସେଣ୍ଟ୍ରାଲ ୱାକ୍‌ଫ ବୋର୍ଡର ଯୁକ୍ତି ହେଲା ଉପାସନା ସ୍ଥଳ (ସ୍ୱତନ୍ତ୍ର ନିୟମ) ଆଇନ, ୧୯୯୧ ଅନୁସାରେ ଦେଶ ସ୍ୱାଧୀନ ହେବା ପରଠୁ ଉପାସନା ସ୍ଥଳଗୁଡ଼ିକରେ ସ୍ଥିତାବସ୍ଥା ବଜାୟ ରହିବା ଉଚିତ। ଏଥିରେ ପରିବର୍ତ୍ତନ କରାଯାଇପାରିବ ନାହିଁ ବୋଲି ମୁସଲିମ୍ ପକ୍ଷଙ୍କ ଓକିଲ ତସ୍‌ଲିମା ଅଜିଜ୍ ଅହମଦି ଯୁକ୍ତି ବାଢ଼ିଥିଲେ। ହାଇକୋର୍ଟ ରାୟ ଆସିବା ପରେ ହିନ୍ଦୁ ପକ୍ଷ ଓକିଲ ବିଷ୍ଣୁ ଜୈନ ଖବରଦାତାମାନଙ୍କୁ କହିଛନ୍ତି, ମୁସଲିମ୍ ପକ୍ଷ ହିନ୍ଦୁଙ୍କ ଆବେଦନର ଶୁଣାଣିଯୋଗ୍ୟତାକୁ କରିଥିବା ଚ୍ୟାଲେଞ୍ଜକୁ ଉଚ୍ଚ ଅଦାଲତ ଖାରଜ କରିଦେଇଛନ୍ତି। ତେଣୁ ହାଇକୋର୍ଟରେ ହିନ୍ଦୁ ପକ୍ଷଙ୍କ ସମସ୍ତ ପିଟିଶନର ଶୁଣାଣି ହେବ। ମସ୍‌ଜିଦରେ ସର୍ଭେ କରାଯିବା ଉପରେ ଆଲ୍ଲାହାବାଦ ହାଇକୋର୍ଟଙ୍କ ସ୍ଥଗିତାଦେଶ ହଟାଇବା ପାଇଁ ହିନ୍ଦୁ ପକ୍ଷ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବେ। ହାଇକୋର୍ଟଙ୍କ ସଦ୍ୟ ରାୟ ସମ୍ପର୍କରେ ସୁପ୍ରିମକୋର୍ଟରେ ଏକ କେଭିଏଟ୍ ଦାଖଲ କରାଯିବ।

# ମହାନଦୀରେ ୫୦ କି.ମି. ଭାସିଆସି ଉଦ୍ଧାର ହେଲେ ଛତିଶଗଡ଼ ମହିଳା

### ୨ ଗୋଡ଼ ଶିକୁଳିରେ ବନ୍ଧାହୋଇଥିଲା

ଝାରସୁଗୁଡ଼ା,୧।୮(ସଞ୍ଜୟ ମାଲି)

ଛତିଶଗଡ ପୁସର ଥାନା ଅଞ୍ଚଳର ପୁରଥ ଗ୍ରାମର ଜଣେ ମହିଳା ମହାନଦୀରେ ପ୍ରାୟ ୫୦ କି.ମି. ଭାସି ଆସି ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକସ୍ଥିତ ପଲସଦା ଗ୍ରାମ ମସ୍ୟଜୀବୀଙ୍କ ଦ୍ୱାରା ଗୁରୁବାର ଉଦ୍ଧାର ହୋଇଛନ୍ତି। ତେବେ ତାଙ୍କ ଦୁଇ ଗୋଡ଼ ଶିକୁଳିରେ ବନ୍ଧା ଥିବାବେଳେ ସେ ଜୀବନ୍ତ ଉଦ୍ଧାର ହେବା ଅନେକଙ୍କୁ ଚକିତ କରିଛି।

ସୂଚନା ଅନୁସାରେ ଗୁରୁବାର ସକାଳେ ପଲସଦା ଗ୍ରାମର ମସ୍ୟଜୀବୀ ଦାନି ସେଠ, ରମେଶ ସେଠ, ଜିତେନ୍ଦ୍ର ମେହେର, ସୁରଦାସ ମେହେର ମାଛ ମାରିବାକୁ ମହାନଦୀ ଗଭୀର ଜଳକୁ ଯାଇଥିଲେ। ଜଣେ ମହିଳା ମହାନଦୀ ଜଳରେ ଛତିଶଗଡ଼ ପଟୁ ଭାସି ଆସୁଥିବା ସେମାନେ ଦେଖିବାକୁ ପାଇଥିଲେ। ମସ୍ୟଜୀବୀମାନେ ସଙ୍ଗେ ସଙ୍ଗେ ମହିଳାଙ୍କୁ ପାଣିରୁ ଉଦ୍ଧାର କରି ନଈକୂଳକୁ ଆଣିଥିଲେ ଏବଂ ଦେଖିଥିଲେ ଯେ ମହିଳା ଜଣକ ଜୀବନ୍ତ ଅଛନ୍ତି ଓ ସେ କଥାବାର୍ତ୍ତା କରିପାରୁଛନ୍ତି। ମହିଳାଙ୍କୁ ପଚାରିବାରୁ ସେ ଠିକ୍ ଅଛନ୍ତି ଓ ସେ ଛତିଶଗଡ଼ ଅଞ୍ଚଳର ତାଙ୍କ ନାମ ସରୋଜିନୀ ରଣବୀର ବୋଲି କହିଥିଲେ। ମହିଳାଙ୍କ ଦୁଇ ଗୋଡ଼ ଶିକୁଳିରେ ବନ୍ଧା ହୋଇଥିବା ମସ୍ୟଜୀବୀମାନେ ଦେଖିବାକୁ ପାଇଥିଲେ। ମହିଳା ଜଣକ ମସ୍ୟଜୀବୀମାନଙ୍କୁ କିଛି ଖାଇବାକୁ ମାଗିଥିଲେ। ମସ୍ୟଜୀବୀମାନେ ମହିଳାଙ୍କୁ କିଛି ଖାଇବାକୁ ଦେଇ ସ୍ଥାନୀୟ ଗ୍ରାମବାସୀଙ୍କ ସହାୟତାରେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମହିଳାଙ୍କୁ ଉଦ୍ଧାର କରି ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ପାଇଁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ପୋଲିସ ଓ ସ୍ଥାନୀୟ ମସ୍ୟଜୀବୀ ବିଶ୍ୱାସ କରି ପାରୁ ନ ଥିଲେ ଯେ ଜଣେ ମହିଳା ତାଙ୍କର ଦୁଇ ଗୋଡ଼ ଶିକୁଳିରେ ବନ୍ଧା ହୋଇଛି ଏବଂ ସେ ୫୦ କିଲୋମିଟର କିପରି ଜୀବନ୍ତ ଭାସି ଆସିଲେ। କିପରି ଭାବେ କେଉଁ ପରିସ୍ଥିତିରେ ସେ ମହାନଦୀ ପାଣିରେ ଭାସି ଆସିଲେ ତାହା ତଦନ୍ତ ପରେ ଜଣାପଡ଼ିବ। ସ୍ଥାନୀୟ ପୋଲିସ ଛତିଶଗଡ ପୁସର ଥାନା ପୋଲିସକୁ ଯୋଗାଯୋଗ କରି ତାଙ୍କ ପରିବାର ଲୋକଙ୍କୁ ସୂଚନା ଦେଇଥିଲା। ପୋଲିସ ଏହାର ତଦନ୍ତ ଜାରି ରଖିଛି। ଖବର ଲେଖା ହେବା ପର୍ଯ୍ୟନ୍ତ ମହିଳାଙ୍କ ପରିବାର ଲୋକଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରି ନାହିଁ।

ସୂଚନାଯୋଗ୍ୟ ଯେ, ୨୦୨୦ରେ ଏଭଳି ଏକ ଘଟଣା ଘଟିଥିଲା। ସୋନିଯାଦବ ନାମ୍ନୀ ଜଣେ ଯୁବତୀ ଛତିଶଗଡିରୁ ମହାନଦୀରେ ପ୍ରାୟ ୬୦ କି.ମି. ଭାସି ଆସିବା ପରେ ସୀମାବର୍ତ୍ତୀ କୁସୁମେଲଠାରୁ ଉଦ୍ଧାର ହୋଇଥିଲେ। ସୋନିଙ୍କୁ ଝିଅ ଭାବେ ତତ୍କାଳୀନ ବ୍ରଜରାଜନଗର ବିଧାୟକ କିଶୋର ମହାନ୍ତି ଗ୍ରହଣ କରିଥିଲେ। ପରେ ସେ ତାଙ୍କର ବିବାହ କରାଇ କନ୍ୟାଦାନ କରିଥିଲେ।



ମହାନଦୀରୁ ମସ୍ୟଜୀବୀଙ୍କ ଦ୍ୱାରା ଉଦ୍ଧାର ହୋଇଥିବା ଛତିଶଗଡ଼ର ମହିଳା।

# ବର୍ଷା ଚାଲିବ: ଆଜି ୫ ଜିଲାକୁ ଅରେଞ୍ଜ ୱାର୍ନିଂ

ଭୁବନେଶ୍ୱର, ୧।୮
(ଅନୁରାଧା ମହାରଣା)

ଝାଡ଼ଖଣ୍ଡ, ଛତିଶଗଡ଼ ଉପରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣବଳୟ ଗାଙ୍ଗେୟ ପଶ୍ଚିମବଙ୍ଗର ସ୍ଥଳଭାଗ ଉପରେ ସକ୍ରିୟ ରହିଛି। ଏହା ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ମେଘୁଆ ପାଗ ସାଙ୍ଗକୁ ବର୍ଷା ଜାରି ରହିଛି। ଏହି ସ୍ଥିତି ୩ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ। ଶୁକ୍ରବାର ସୁନ୍ଦରଗଡ଼, ଅନୁଗୋଳ, ଦେବଗଡ଼,କେନ୍ଦୁଝର ଓ ମୟୂରଭଞ୍ଜ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷାର ସମ୍ଭାବନା ରହିଛି। ଏନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯିବା ସହ ସମ୍ପୃକ୍ତ ୫ ଜିଲା ପାଇଁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ସେହିପରି ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼, ବଲାଙ୍ଗୀର, ନୂଆପଡ଼ା, ସୋନପୁର, ବୌଦ୍ଧ, କନ୍ଧମାଳ, ନୟାଗଡ଼, ଖୋର୍ଦ୍ଧା, କଟକ, ଢେଙ୍କାନାଳ, ଯାଜପୁର, କେନ୍ଦ୍ରାପଡ଼ା, ଭଦ୍ରକ, ଜଗତ୍‌ସିଂହପୁର, ବାଲେଶ୍ୱରରେ ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଶନିବାର ୬ ଜିଲାରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି। ଏହି ଜିଲାଗୁଡ଼ିକ ମଧ୍ୟରେ ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼, ସୁନ୍ଦରଗଡ଼, ଦେବଗଡ଼ ଏବଂ କେନ୍ଦୁଝର ଆଦି ରହିଛି।

# ୩ରୁ କୁଇଜ୍ ମହାକୁମ୍ଭ 'ମେଟଲ ମିଟ୍'

ଭୁବନେଶ୍ୱର,୧।୮
(ଅସମାପିକା ସାହୁ)

ଦୈନିକ ଇଂଲିଶ୍ ଖବରକାଗଜ 'ଓଡ଼ିଶା ପୋଷ୍ଟ' ପକ୍ଷରୁ ପ୍ରତିବର୍ଷ ଆୟୋଜିତ ହେଉଥିବା କୁଇଜର ମହାକୁମ୍ଭ 'ମେଟଲ ମିଟ୍' ଚଳିତବର୍ଷ ତା'ର ଷଷ୍ଠ ସଂସ୍କରଣ ଆୟୋଜନ କରିବ। ଆସନ୍ତା ୩ ତାରିଖରୁ ଏହା ଆରମ୍ଭ ହେବ। ଭୁବନେଶ୍ୱରସ୍ଥିତ କ୍ରିଷ୍ଟାଲ କ୍ରାଉନ ହୋଟେଲରେ ହେବାକୁ ଥିବା ଏହି ରାଜ୍ୟସ୍ତରୀୟ କୁଇଜ୍ ପ୍ରତିଯୋଗିତା ଦୁଇଦିନ ଧରି ଅନୁଷ୍ଠିତ ହେବ। ପ୍ରଥମ ଦିନ ପ୍ରିଲିମ୍ ହେବାକୁ ଥିବାବେଳେ ଦ୍ୱିତୀୟ ଦିନ ଗ୍ରାଣ୍ଡ ଫିନାଲେ ଅନୁଷ୍ଠିତ ହେବ। କ୍ୱିଜିଙ୍ଗ ପ୍ରତି ଛାତ୍ରୀଛାତ୍ରଙ୍କ ଆଗ୍ରହ ବୃଦ୍ଧି କରିବା ସହିତ ରାଜ୍ୟରେ କ୍ୱିଜିଙ୍ଗକୁ ପୁନର୍ଜୀବିତ କରିବା ଉଦ୍ଦେଶ୍ୟରେ ୨୦୧୬ରେ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ତା'ର ଲକ୍ଷ୍ୟ ହାସଲ କରିପାରିଛି। ୨୦୧୬ ପ୍ରଥମ ସଂସ୍କରଣରେ ମାତ୍ର ୧୮ଟି ଶିକ୍ଷାନୁଷ୍ଠାନ ଭାଗ ନେଇଥିବାବେଳେ ଏବେ ତାହା ୮୦ ଉପରେ ପହଞ୍ଚିଛି। ଏହି ଉଚ୍ଚମାନର କ୍ୱିଜିଙ୍ଗ ପ୍ରତି ଛାତ୍ରୀଛାତ୍ରଙ୍କ ଆଗ୍ରହ ବଢ଼ିଥିବାବେଳେ ପ୍ରତିବର୍ଷ ଅଂଶଗ୍ରହଣ କରିବା ପାଇଁ ଉତ୍ସାହର ସହିତ ଅପେକ୍ଷା କରିଥାନ୍ତି। ଚଳିତବର୍ଷ ସାରା ରାଜ୍ୟରୁ ମୋଟ ୮୨ଟି ଶିକ୍ଷାନୁଷ୍ଠାନରୁ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଛନ୍ତି। ଜୁନିୟର ଗ୍ରୁପରେ ୪୨ଟି ଟିମ୍ ଥିବାବେଳେ ସିନିୟର ଗ୍ରୁପରେ ୪୦ଟି ଟିମ୍ ରହିଛନ୍ତି। ଜୁନିୟର ଗ୍ରୁପରେ ଭୁବନେଶ୍ୱର, କଟକ, ପୁରୀ, ରାଉରକେଲା, ବୁର୍ଲା, ବାଲେଶ୍ୱର, ଭଦ୍ରକ ଓ ଢେଙ୍କାନାଳର ଶିକ୍ଷାନୁଷ୍ଠାନରୁ ଛାତ୍ରୀଛାତ୍ର ଭାଗ ନେଇଥିବାବେଳେ ସିନିୟର ଗ୍ରୁପରେ ଭୁବନେଶ୍ୱର, କଟକ, ପୁରୀ, କୋରାପୁଟ, ବାଲେଶ୍ୱର, ବ୍ରହ୍ମପୁର, ରାଉରକେଲା ଏବଂ ବୁର୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଛାତ୍ରୀଛାତ୍ର ଭାଗ ନେଇଛନ୍ତି। ଏଥର ବି 'ମେଟଲ ମିଟ୍'ରେ ଛାତ୍ରୀଛାତ୍ରମାନେ କୁଇଜ୍ ମାଷ୍ଟର ଅଜୟ ପୁନିଆଙ୍କ ଉଚ୍ଚସ୍ତରୀୟ ପ୍ରଶ୍ନବାଣର ସମ୍ମୁଖୀନ ହେବେ।




> ତୃତୀୟ ଥର ପାଇଁ ଏହି କାର୍ଯ୍ୟକ୍ରମରେ ଯୋଗଦେବି। ୨୦୧୯ ପରେ କୋଭିଡ୍ ପାଇଁ ଏହି କାର୍ଯ୍ୟକ୍ରମ ବନ୍ଦ ହୋଇଯାଇଥିଲା। ଏହାପରେ ୨୦୨୩ରେ ପୁଣିଥରେ ଯେବେ ଏହି ପ୍ରତିଯୋଗିତା ଆୟୋଜନ ହୋଇଥିଲା। ଭାବିଥିଲୁ କୋଭିଡ୍ ପାଇଁ ଏତେ ପିଲା ଅଂଶଗ୍ରହଣ କରିବେନି। ମାତ୍ର ଛାତ୍ରୀଛାତ୍ର ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। କୁଇଜିଂ ପ୍ରତି ପିଲାଙ୍କ ଆଗ୍ରହ ବଢ଼ିଥିବା ପରିଲକ୍ଷିତ ହୋଇଥିଲା। ଏଥର ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରଙ୍କୁ ପରାମର୍ଶ ହେଉଛି, ପ୍ରଶ୍ନ ଦେଖି ଭୟଭୀତ ହୋଇଯାଆନ୍ତୁ ନାହିଁ। ପ୍ରଶ୍ନ ଭିତରେ ଉତ୍ତର ଥାଏ। ପ୍ରଶ୍ନ ଠିକ୍ ଭାବରେ ଶୁଣିଲେ ଉତ୍ତର ପାଇଯିବେ।



-ଅଜୟ ପୁନିଆ, କୁଇଜ୍ ମାଷ୍ଟର

# ଭିଜିଲାନ୍ସ ଜାଲରେ ଗୋଲାମୁଣ୍ଡା ବିଡିଓ

ଭବାନୀପାଟଣା,୧।୮
(ଉତ୍ତମ କୁମାର ଦାଶ)

ଭିଜିଲାନ୍ସ ଜାଲରେ ଧରାପଡିଛନ୍ତି କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବିଡ଼ିଓ ଅକ୍ଷୟମିତା କାର୍ତ୍ତିକ। ଗୁରୁବାର ଅପରାହ୍ନରେ ସରକାରୀ ଗାଡିରେ ୪.୯୨ଲକ୍ଷ ଟଙ୍କା ନେଇ ଭବାନୀପାଟଣାରୁ ଗୋଲାମୁଣ୍ଡା ଯାଉଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ଜୁନାଗଡ଼ ବ୍ଲକ ଜାରିଙ୍ଗ ଛକ ନିକଟରେ ଭିଜିଲାନ୍ସ ବିଭାଗ ତାଙ୍କୁ ମାଡି ବସିଥିଲା। ଏହି ସମୟରେ ଭିଜିଲାନ୍ସ ଟିମ୍ ତାଙ୍କ ସରକାରୀ ଗାଡିରୁ ନଗଦ ଟଙ୍କା ଜବତ କରିଥିଲା। ବିଡିଓ ଅକ୍ଷୟମିତା ଏହି ଟଙ୍କାର ଠିକ୍ ଉତ୍ତର ଦେଇପାରି ନ ଥିଲେ। ଫଳରେ ଭିଜିଲାନ୍ସ ବିଭାଗ ତାଙ୍କୁ ଭବାନୀପାଟଣା କାର୍ଯ୍ୟାଳୟରେ ଅଟକ ରଖି ପଚରାଉଚୁରା କରୁଛି। ଅନ୍ୟପଟେ ସେ ଲକ୍ଷାଧିକ ଟଙ୍କା କେଉଁଠୁ ବା କାହାଠାରୁ ଆଣିଲେ ସେ ନେଇ ଭିଜିଲାନ୍ସ ବିଭାଗ ତଦନ୍ତ ଆରମ୍ଭ କରିଛି। ଏକ ସମୟରେ କୋରାପୁଟରେ ଥିବା ତାଙ୍କ ପୈତୃକ ବାସଭବନ, ରାୟଗଡାରେ ଥିବା ସ୍ୱାମୀଙ୍କ ଘର, ଗୋଲାମୁଣ୍ଡା ବ୍ଲକ କାର୍ଯ୍ୟାଳୟ ଓ ସରକାରୀ ବାସଭବନ ସମେତ ଭୁବନେଶ୍ୱରରେ ଥିବା ନିଜସ୍ୱ କୋଠାରେ ଚଢାଉ ଜାରି ରହିଥିବା ନେଇ ଭିଜିଲାନ୍ସ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହି ଚଢାଉରେ କୋରାପୁଟ ଓ ଭବାନୀପାଟଣା ଭିଜିଲାନ୍ସ ଟିମ୍ ସାମିଲ ଅଛନ୍ତି।



ବିଡିଓ ଅକ୍ଷୟମିତା କାର୍ତ୍ତିକ

# ଅସ୍ଥାବର ସମ୍ପତ୍ତିର ବଜାର ମୂଲ୍ୟ ପୁନଃ ନିର୍ଦ୍ଧାରଣ ହେବ

### ଗଠନ ହେଲା ୫ ଜଣିଆ ବିଭାଗୀୟ କମିଟି

ଭୁବନେଶ୍ୱର,୧।୮(ଅନିଲ ଦାସ)

ଅସ୍ଥାବର ସମ୍ପତ୍ତିର ବଜାର ମୂଲ୍ୟ ପୁନଃ ନିର୍ଦ୍ଧାରଣ କରିବେ ରାଜ୍ୟ ସରକାର। ଏ ନେଇ ଏକ ଉଚ୍ଚସ୍ତରୀୟ କମିଟିର ନିଷ୍ପତ୍ତି ଅନୁଯାୟୀ ଏକ ୫ ଜଣିଆ କମିଟି ଗଠନ କରାଯାଇଛି। ଏ ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଗୁରୁବାର ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ରାଜସ୍ୱ ବିଭାଗର ଅତିରିକ୍ତ ସଚିବ ଶଶଧର ନାୟକ କମିଟିର ଅଧ୍ୟକ୍ଷ ଭାବେ ନିଯୁକ୍ତ ହୋଇଥିବା ବେଳେ ଅତିରିକ୍ତ ସଚିବ ଦିଗନ୍ତ ରାଉତରାୟ ମେମ୍ବର କନଭେନର, ଇନ୍ସପେକ୍ଟେର ଜେନେରାଲ ଅଫ୍ ରେଜିଷ୍ଟ୍ରେଶନ ସୁବ୍ରତ ଶତପଥୀ, କଟକ ଜିଲା ସବ୍‌ରେଜିଷ୍ଟ୍ରାର ଗୋପବନ୍ଧୁ ପରିଡ଼ା, ଦକ୍ଷିଣାଞ୍ଚଳ ଡେପୁଟି ଆଇଜିଆର୍ ଶ୍ରୀକାନ୍ତ କୁମାର ବେହୁରା ଏବଂ ଉତ୍ତରାଞ୍ଚଳ ଡେପୁଟି ଆଇଜିଆର୍ ଦେବ ରଞ୍ଜନ ମହାନ୍ତି କମିଟିର ସଦସ୍ୟ ରହିଛନ୍ତି। ଏହି କମିଟି ପରୀକ୍ଷା ନିରୀକ୍ଷା କରିବା ସହ ବିଭିନ୍ନ ସଙ୍ଗଠନ ସହ ଆଲୋଚନା କରି ଅସ୍ଥାବର ସମ୍ପତ୍ତିର ମୂଲ୍ୟ ନିର୍ଦ୍ଧାରଣ ପାଇଁ ବିଭାଗକୁ ରିପୋର୍ଟ ପ୍ରଦାନ କରିବେ।

OrissaPOST PRESENTS
METTLE MEET 2024
A Quiz Extravaganza

JUNIOR GROUP
- Apeejay School
- Aryavart Academy, Puri
- Balanga Higher Secondary School
- Bhubaneswar Model Public School
- Blessed Sacrament High School, Puri
- Buxi Jagabandhu English Medium School
- Cambridge School
- Carmel School
- DAV Public School, Burla
- DAV Public School, Unit 8
- DAV Public School, CDA
- DAV Public School, Kalinga Nagar
- DAV Public School, Pokhariput
- DAV SCB Medical Public School, Cuttack
- DAV School, Rajabagicha
- DAV Public School, Rourkela
- Delhi Public School, Dhenkanal
- Delhi Public School, Kalinga
- Delhi Public School, Rourkela
- Doon International School
- Fakir Mohan Junior College, Balasore
- Future Bhubaneswar School
- KIIT International School
- Kendriya Vidyalaya No 3
- Kendriya Vidyalaya No 5
- Loyola School
- Montfort School, Dhenkanal
- Mothers Public School
- ODM Global School
- ODM Public School
- Ravenshaw Higher Secondary School
- SAI International School
- Sainik School, Bhubaneswar
- Stewart School, Bhubaneswar
- Stewart School, Cuttack
- St Joseph's School, Bhubaneswar
- St Xavier's Senior Secondary School, Cuttack
- St Xavier's School, Dhenkanal
- Sunshine Mission School, Bhadrak
- TSG Gurukul School
- Venkateswar English Medium School
- Vikash Residential School

SENIOR GROUP
- All India Institute of Medical Sciences, Bhubaneswar
- Balanga Degree College, Puri
- Biju Patnaik Institute of Information Technology & Management Studies, Bhubaneswar
- BJB Autonomous College
- Central University of Odisha (Koraput)
- College of Agriculture, OUAT
- College of Basic Sciences & Humanities
- Centurion University
- CV Raman Global University
- DAV School of Business Management
- Fakir Mohan Medical College & Hospital, Balasore
- Hi Tech Dental College
- Hi Tech Hospital & Medical College
- IGIT, Sarang
- Indian Institutes of Science Education & Research
- Institute of Hotel Management & Catering Technology
- IIT, Bhubaneswar
- IMS & Sum Hospital
- Institute of Dental Sciences
- Shree Jagannath Medical College & Hospital, Puri
- KIIT University
- MITS School of Biotechnology
- National Law University of Odisha
- NISER, Bhubaneswar
- NIST, Berhampur
- NIT, Rourkela
- Odisha University of Agriculture & Technology
- Odisha University of Technology & Research
- Piloo Modi College of Architecture (Cuttack)
- Rama Devi Women's University(A)
- Rama Devi Women's University(B)
- Ravenshaw University
- SCB Medical College & Hospital
- Silicon University
- Sri Sri University
- Stewart Science College, Cuttack
- VIMSAR, Burla
- Veer Surendra Sai University of Technology
- United School of Business Management
- Utkal University
- Xavier Institute of Management, Bhubaneswar

WATCH LIVE ON
orissapostlive | mettlemeet
orissapostlive | mettlemeet

SPONSORS
RUCHI FOODLINE 50 YEARS BORN IN ODISHA, PRIDE OF INDIA
ODISHA INDIA'S BEST KEPT SECRET
IndianOil The Energy of India
AM/NS INDIA
नालको NALCO
MCL MAHANADI COALFIELDS LIMITED
JINDAL STEEL & POWER
Paradeep Phosphates Limited
SRI JAGANNATH PROMOTERS & BUILDERS
FALCON REAL ESTATE
imfa
JSL JINDAL STAINLESS
Favo Absolutely Fabulous
vedanta transforming for good
CARCINOVA CANCER HOSPITAL

PARTNERS
VAJIRAO IAS ACADEMY
Canara Bank
Ajanta ADVERTISERS Leading Out-Of-Home Media Owners
WEFE Internet
Samajbadi Society
ଧରିତ୍ରୀ DHARITRI
PANDA TRAVEL MART
omfed

# ଆଜି କ’ଣ କେଉଁଠି

## ଭୁବନେଶ୍ୱର

- ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ୧ ନଂ. ୱାର୍ଡ, ଫୁଟବଲ ପଡ଼ିଆ, ସମୟ: ସକାଳ ୮ଟା। ଭରତପୁର ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ସକାଳ ୯ଟା।, ୱାର୍ଡ ନଂ. ୫୦, ଦୁର୍ଗାପୂଜା ମଣ୍ଡପ ନିକଟ, ସମୟ: ପୂର୍ବାହ୍ନ ୧୦ଟା। ୱାର୍ଡ ନଂ. ୬୩, ଜାଗମରା ଜୋନ୍ ଅଫିସ ଗ୍ରାଉଣ୍ଡ ପାଖ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରସୁଲଗଡ଼ ବାଲିଆପଟାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ସକାଳ ୯ଟା।
- ଜୟଦେବ ବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ସକାଳ ୯ଟା ୩୦।
- ନୀଳାଦ୍ରି ବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଜ୍ଞାନ ମେଳା, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଉତ୍କଳ ମେଲର ୩୫ତମ ପ୍ରତିଷ୍ଠା ଦିବସ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଆଓସମ୍ ବୋବାଜ୍‌ର ଉଦ୍‌ଘାଟନ, ସ୍ଥାନ: ଉତ୍କଳ କନିକା ଗ୍ୟାଲେରିଆ, ୩ୟ ମହଲା, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଆଉଟରିଚ୍ ପକ୍ଷରୁ ଆଲୋଚନା ଚକ୍ର, ସ୍ଥାନ: ସୂଚନା ଭବନ, ସମୟ: ମଧ୍ୟାହ୍ନ ୧୨ଟା।
- ସଙ୍ଗୀତ ସାଧକ ପରିଷଦ ପକ୍ଷରୁ ଶାସ୍ତ୍ରୀୟ ସଙ୍ଗୀତ ସମାରୋହ ଓ ଶିଳ୍ପୀ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୩୦।
- ଏନ୍‌ଆଇଏଫ୍‌ଡି ଗ୍ଲୋବାଲ ଭୁବନେଶ୍ୱର ପକ୍ଷରୁ ‘ନଭ୍ୟତା ୨୦୨୪’, ସମୟ: ସନ୍ଧ୍ୟା ୬ଟା ୩୦।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଏବଂ ଓଡ଼ିଶା ନାଟ୍ୟ ସଂଘର ମିଳିତ ଆନୁକୂଲ୍ୟରେ ମଞ୍ଚସ୍ଥ ହେବ ନାଟକ ‘ନିଶାବ’, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା ୧୫।

## ଖୋର୍ଦ୍ଧା

- ଶିଳ୍ପ, ଦକ୍ଷତା ବିକାଶ ମନ୍ତ୍ରୀଙ୍କ ଶିଳ୍ପ ଅଭିବୃଦ୍ଧି ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଖୋର୍ଦ୍ଧା, ସମୟ: ଅପରାହ୍ନ ୪ଟା।

## ବାଲେଶ୍ୱର

- ପୂର୍ବତନ ବିଧାୟକ ସ୍ୱର୍ଗତ ଅରୁଣ ଦେଙ୍କ ତୃତୀୟ ବାର୍ଷିକୀ ଶ୍ରାଦ୍ଧଦିବସ ଓ ସ୍ମୃତିସଭା, ସ୍ଥାନ: ଝୋଟ କାରଖାନା ଶ୍ରମିକ ସଂଘ କାର୍ଯ୍ୟାଳୟ, ରୂପସା, ବାଲେଶ୍ୱର, ସମୟ: ସକାଳ ୭ଟା।
- ଅରୁଣ ଦେଙ୍କ ତୃତୀୟ ବାର୍ଷିକୀ ଅବସରରେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ବିଦ୍ୟୁତ୍‌ମାର୍ଗ ନିକଟସ୍ଥ ଅରୁଣ ଦେ ଛକ, ବାଲେଶ୍ୱର, ସମୟ: ସକାଳ ୯ଟା ୩୦।
- ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ସିଦ୍ଧି କଲ୍ୟାଣ ମଣ୍ଡପ–୨, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ୧୪ତମ ଜଉ କଣ୍ଢେଇ ବାହାଘର ଉତ୍ସବ ୨୦୨୪ର ଉଦ୍‌ଘାଟନ, ମଙ୍ଗଳପାକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଖ୍ରୀଷ୍ଟିୟାନ ହାଇସ୍କୁଲ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ

- ଟୋଲ୍‌ପ୍ଲାଜା କର୍ମଚାରୀଙ୍କ ଧାରଣା, ସ୍ଥାନ: ଭଣ୍ଡାରିପୋଖରୀ ଟୋଲ୍‌ଗେଟ୍, ସମୟ: ସକାଳ ୭ଟା।
- ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ, ସ୍ଥାନ: ଭଦ୍ରକ ଟାଉନ ହଲ୍ ଛକଠାରୁ ନୂଆବଜାର, ସମୟ: ସକାଳ ୯ଟା।
- ଆଇନ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଲିଗାଲ ଲିଟେରାର୍ସ କ୍ଲବ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦୁଝର

- ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା, ସ୍ଥାନ: ହାଟଡ଼ିହୀ, ସମୟ: ପୂର୍ବାହ୍ନ ୧୧ ଟା।
- ପ୍ରବେଶ ଉତ୍ସବ, ସ୍ଥାନ: ସଦର ବ୍ଲକ୍ ଶୁଆକାଟି କଲେଜ, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୧ ଟା।
- ସତସଙ୍ଗ ଏବଂ ଭଜନ କାର୍ଯ୍ୟକ୍ରମ, ସ୍ଥାନ: ଡଅଁର, ହାଟଡ଼ିହୀ, ସମୟ: ସନ୍ଧ୍ୟା ୬ ଟା।
- ରାଧାକୃଷ୍ଣଙ୍କ ମନ୍ଦିରରେ ଭଜନ କୀର୍ତ୍ତନ ସମାରୋହ, ସ୍ଥାନ: ମରଚାଇପଦା, ହାଟଡ଼ିହୀ, ସମୟ: ସନ୍ଧ୍ୟା ୭ଟା।

## ମୟୂରଭଞ୍ଜ

- ବାଙ୍ଗିରିପୋଷି ବିଧାୟିକାଙ୍କ ସମୀକ୍ଷା ବୈଠକ, ସ୍ଥାନ: ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ,ବାଙ୍ଗିରିପୋଷି,ସମୟ: ପୂର୍ବାହ୍ନ ୧୦ଟା।
- ଉପେନ୍ଦ୍ରନାଥ ମହାବିଦ୍ୟାଳୟର ୪୮ତମ ସ୍ୱନକ୍ଷତ୍ର ଦିବସ ପାଳନ, ସ୍ଥାନ: ମହାବିଦ୍ୟାଳୟ ପରିସର, ନଳଗଜା, ମୋରଡ଼ା,ରାସଗୋବିନ୍ଦପୁର, ସମୟ:ପୂର୍ବାହ୍ନ ୧୧ଟା।
- ମା’ ମଙ୍ଗଳା ମୌସୁମୀ ମେଳା ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ଉଦଳା ହାଇସ୍କୁଲ ଛକ, ଅତୁଲ ବାବୁଙ୍କ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।
- ଉପମୁଖ୍ୟମନ୍ତ୍ରୀ, ଯୋଗାଣମନ୍ତ୍ରୀ ଏବଂ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ମୟୂରଭଞ୍ଜ ଗସ୍ତ, ସ୍ଥାନ: ସର୍କିଟ ହାଉସ୍, ବାରିପଦା, ସମୟ: ରାତି ୯ଟା।

## ଗଞ୍ଜାମ

- ଜ୍ଞାନ ବିଜ୍ଞାନ ମେଳା, ସ୍ଥାନ: ବୁଗୁଡା ସରସ୍ୱତୀ ଶିଶୁ ମନ୍ଦିର,ସମୟ: ପୂର୍ବାହ୍ନ ୧୦ଟା ୩୦।
- ପଞ୍ଚାୟତ ସମିତି ବୈଠକ,ସ୍ଥାନ: ଦିଗପହଣ୍ଡି ବ୍ଲକ ସମ୍ମିଳନୀ କକ୍ଷ,ସମୟ: ପୂର୍ବାହ୍ନ ୧୧ଟା।
- ଦିବ୍ୟ ପାଦୁକା ଯାତ୍ରା, ସ୍ଥାନ: ଭଞ୍ଜନଗର ବ୍ଲକ ଦୋମୁହାଣୀ, ସମୟ: ପୂର୍ବାହ୍ନ ୧୧ ଟା।
- ବିଧାୟକଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ: ଖେମୁଣ୍ଡି ଓକିଲ ସଂଘ କାର୍ଯ୍ୟାଳୟ, ଦିଗପହଣ୍ଡି, ସମୟ:ଅପରାହ୍ନ ୧ ଟା୩୦।

## ରାୟଗଡ଼ା

- ୱାର୍ଡ ସଦସ୍ୟଙ୍କ ପୁନଃ ନବୀକରଣ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ବ୍ଲକ ସମ୍ମିଳନୀ କକ୍ଷ, କୋଲନରା, ସମୟ: ପୂର୍ବାହ୍ନ ୧୦ ଟା।
- ଅଙ୍ଗନୱାଡ଼ି କର୍ମୀ ଚୟନ ନିମନ୍ତେ ସାର୍ଟିଫିକେଟ ଯାଞ୍ଚ କାର୍ଯ୍ୟକ୍ରମ, ସ୍ଥାନ: ଆଇସିଡିଏସ୍ କାର୍ଯ୍ୟାଳୟ, ଗୁଡ଼ାରି, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଡିଜିଟାଲ ଫସଲ ସର୍ବେକ୍ଷଣ, ସ୍ଥାନ: ବ୍ଲକ ଅଫିସ କାର୍ଯ୍ୟାଳୟ, ଗୁଡ଼ାରି, ସମୟ: ଅପରାହ୍ନ ୩ଟା।

## ନବରଙ୍ଗପୁର

- ଡେଙ୍ଗୁ, ମ୍ୟାଲେରିଆ, ଭେକ୍ଟୋର ବର୍ନ ରୋଗ ନିୟନ୍ତ୍ରଣ ନେଇ ପରିଚାଳନା କମିଟି ବୈଠକ, ସ୍ଥାନ: ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟ ବୈଠକ ଗୃହ, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- ଭାଜପାର ଖବରଦାତା ସମ୍ମିଳନୀ, ସ୍ଥାନ: ସ୍ୱତନ୍ତ୍ର ସର୍କିଟ ହାଉସ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା ସମୀକ୍ଷା, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ ଟା।

## ମାଲକାନଗିରି

- କୌଶଳ ରଥ ଅଭିଯାନ, ସ୍ଥାନ: ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ, ବାଲିମେଳା, ସମୟ: ସକାଳ ୯ଟା ।
- ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକ, ସ୍ଥାନ: ଡିଆରଡିଏ କନ୍‌ଫରେନ୍ସ ହଲ, ମାଲକାନଗିରି, ସମୟ: ଅପରାହ୍ନ ୩ଟା।

## ସମ୍ବଲପୁର

- ଡାକ୍ତର ସନାତନ ସ୍ମାରକୀ ଫୁଟବଲ ମ୍ୟାଚ– ରୟାଲ କ୍ଲବ ବନାମ ପେନସନପଡା ଏମସିସି, ସ୍ଥାନ: ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୧ଟା ୪୫।
- ଡାକ୍ତର ସନାତନ ସ୍ମାରକୀ ଫୁଟବଲ ମ୍ୟାଚ–ହିନ୍ଦ କ୍ଲବ ବନାମ ସ୍ପୋର୍ଟିଂ ୟୁନିୟନ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୩ଟା୩୦।

## ବଲାଙ୍ଗୀର

- ସନ୍ତରଣ ପ୍ରଶିକ୍ଷଣ ଶିବିର, ସ୍ଥାନ: ଆରଏନ୍ ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୬ଟା ୩୦ ମିନିଟ।
- ଚତୁରଙ୍ଗ ସମ୍ପାଦନା ମଣ୍ଡଳୀ ସଦସ୍ୟଙ୍କ ବୈଠକ ସ୍ଥାନ: ଜିଲା ସଂସ୍କୃତି ଭବନ, ବଲାଙ୍ଗୀର ,ସମୟ: ସନ୍ଧ୍ୟା ୬ଟା।

## ସୁବର୍ଣ୍ଣପୁର

- ଜଗନ୍ନାଥ ମନ୍ଦିରରେ ସ୍ୱତନ୍ତ୍ର ସନ୍ଧ୍ୟା ଆଳତୀ, ସ୍ଥାନ: ବହଳପଦର ଜଗନ୍ନାଥ ମନ୍ଦିର,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ଭାଗବତ ପାଠ, ସ୍ଥାନ: ଲୁତୁରପଙ୍କ, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା୩୦।

## ବରଗଡ଼

- ଶିବ ପୁରାଣ ପାରାୟଣ, ସ୍ଥାନ: ଜଗନ୍ନାଥ ମନ୍ଦିର, ଗାଇସିଲେଟ, ସମୟ: ସକାଳ ୯ଟା।
- କବି ରାଜାରାମ ମେହେର ଜୟନ୍ତୀ ପାଳନ, ସ୍ଥାନ: କଲ୍ୟାଣ ମଣ୍ଡପ, ଲାଉମୁଣ୍ଡା, ବିଜେପୁର, ସମୟ: ଅପରାହ୍ନ ୩ଟା ।

## ରାଉରକେଲା

- ବିର୍ସାମୁଣ୍ଡା ହାଇସ୍କୁଲ ପକ୍ଷରୁ ବୃକ୍ଷରୋପଣ, ସ୍ଥାନ : ମିଟକୁନ୍ଦରୀ, ସମୟ: ସକାଳ ୮ଟା।
- ବିଶ୍ୱସ୍ତନ୍ୟପାନ ଦିବସ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର– –୨ଖରିଆବାହାଲ ବସ୍ତି, ସମୟ: ସକାଳ ୯ଟା।
- ଡେଙ୍ଗୁ ସଚେତନତା ଶିବିର ପାଳନ,ସ୍ଥାନ: କୁଷ୍ଠକଲୋନୀ, ମାଲଗୋଦାମ, ସମୟ: ପୂର୍ବାହ୍ନ ୧୧ଟା।
- ସମ୍ବଲପୁର ଦିନ୍ ଉତ୍ସବ ଉଦ୍‌ଯାପନ,ସ୍ଥାନ: ରାଉରକେଲା କ୍ଲବ, ସମୟ: ସନ୍ଧ୍ୟା ୬ଟା ୩୦।

## ଦେବଗଡ଼

- ଜିଲାସ୍ତରୀୟ ହାକାଥନ କାର୍ଯ୍ୟକ୍ରମ, ସ୍ଥାନ: ଯୁକ୍ତ ୨ ମହିଳା ମାଧ୍ୟମିକ ବିଦ୍ୟାଳୟ, ଦେବଗଡ, ସମୟ: ପୂର୍ବାହ୍ନ ୧୧ଟା
- ସ୍ୱାଧୀନତା ଦିବସ ଉପଲକ୍ଷେ ପ୍ରାଥମିକସ୍ତର ଓଡ଼ିଆ ବକ୍ତୃତା ପ୍ରତିଯୋଗିତା, ସ୍ଥାନ: ବାଳକ ପ୍ରାଥମିକ ବିଦ୍ୟାଳୟ, ଦେବଗଡ, ସମୟ: ପୂର୍ବାହ୍ନ ୧୧ଟା।
- ମଧ୍ୟ ଇଂରାଜୀସ୍ତରୀୟ ଓଡ଼ିଆ ବକ୍ତୃତା ପ୍ରତିଯୋଗିତା, ସ୍ଥାନ: ବାଳକ ପ୍ରାଥମିକ ବିଦ୍ୟାଳୟ, ଦେବଗଡ, ସମୟ: ପୂର୍ବାହ୍ନ ୧୧ଟା।
- ଉଚ୍ଚ ବିଦ୍ୟାଳୟସ୍ତରୀୟ ଓଡ଼ିଆ ବକ୍ତୃତା ପ୍ରତିଯୋଗିତା, ସ୍ଥାନ: ମନ୍ଦାକିନୀ ବାଳିକା ଉନ୍ନିତ ପ୍ରାଥମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ମହାବିଦ୍ୟାଳୟସ୍ତରୀୟ ଓଡ଼ିଆ ବକ୍ତୃତା ପ୍ରତିଯୋଗିତା, ସ୍ଥାନ: ମନ୍ଦାକିନୀ ବାଳିକା ଉନ୍ନିତ ପ୍ରାଥମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ମା’ କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି

- ଚଳିତ ଖରିଫ ଚାଷ ଉପରେ ପ୍ରସ୍ତୁତି ବୈଠକ, ସ୍ଥାନ: ନୂଆଗୁଡ଼ା ରାଧାକୃଷ୍ଣ ମନ୍ଦିର, ଜୁନାଗଡ଼ ବ୍ଲକ, ସମୟ: ଅପରାହ୍ନ ୪ଟା।

## ନୂଆପଡ଼ା

- ଓଡ଼ିଶା ପୋଲିସ ହାବିଲଦାର, କନଷ୍ଟେବଲ ଶାଖା ସଂଘ ନିର୍ବାଚନ, ସ୍ଥାନ: ନୂଆପଡ଼ା ଜିଲାର ବିଭିନ୍ନ ଥାନା, ସମୟ: ସକାଳ ୭ଟା।
- ବିଶ୍ୱ ଆଦିବାସୀ ଦିବସ ପାଳନ ପ୍ରସ୍ତୁତି ବୈଠକ, ସ୍ଥାନ: ଆଦିବାସୀ କଲ୍ୟାଣ ସଂଘ ଭବନ ଟାନୱାଟ ନୂଆପଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।

## ବୌଦ୍ଧ

- ଘଣ୍ଟାପଡା ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଘଣ୍ଟାପଡା ଡିଗ୍ରୀ ମହାବିଦ୍ୟାଳୟ ପରିସର, କଣ୍ଟାମାଳ, ସମୟ :ପୂର୍ବାହ୍ନ ୧୦ଟା।

## ଝାରସୁଗୁଡ଼ା

- ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା, ସ୍ଥାନ: ସହରସ୍ଥିତ ପୁରୁଣା ବସଷ୍ଟାଣ୍ଡ ସନ୍ତୋଷୀ ମନ୍ଦିର, ସମୟ: ସକାଳ ୭ଟା।
- ମୁସଲମାନ ସମ୍ପ୍ରଦାୟର ସାମୂହିକ ନମାଜ ପାଠ, ସ୍ଥାନ: ସହରସ୍ଥିତ ହଟଲିପଡ଼ା, ମଙ୍ଗଳବଜାର, ମିଲ୍ଲତ କଲୋନୀ ମସଜିଦ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ବୈଠକ, ସ୍ଥାନ: ଜିଲାପାଳଙ୍କ ଖଣିଜ ଫାଣ୍ଠି କାର୍ଯ୍ୟାଳୟ, ସମୟ: ଅପରାହ୍ନ ୫ଟା।

## ଜଗତ୍‌ସିଂହପୁର

- ବଣିକସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ପୋର୍ଟ ବଣିକ ସଂଘ, ବଡ଼ପଡ଼ିଆ ପାରାଦୀପ, ସମୟ: ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା

- ମା’ ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ବେଲତଳ, ପଟ୍ଟାମୁଣ୍ଡାଇ, ସମୟ: ପୂର୍ବାହ୍ନ ୧୦ଟା।
- ଶିକ୍ଷାନୁଷ୍ଠାନ କର୍ମଚାରୀଙ୍କ ବିଦାୟକାଳୀନ ସଭା, ସ୍ଥାନ: ବଜ୍ରମହାକାଳୀ ସାନମାଣତିଆ ଉଚ୍ଚ ବିଦ୍ୟାଳୟ, ଜରିଆବାଡ, ପଟ୍ଟାମୁଣ୍ଡାଇ, ସମୟ: ଅପରାହ୍ନ ୨ଟା।
- ମା’ ମଙ୍ଗଳା କମିଟି ପକ୍ଷରୁ ନାମଯଜ୍ଞ, ସ୍ଥାନ: କଳାବୁଦା, ଗରଦପୁର, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼

- ଟବାକୋ ଉପରେ ସଚେତନତା ସମ୍ବନ୍ଧୀୟ ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲା ଜଜ କୋର୍ଟରେ ସମ୍ମିଳନୀ କକ୍ଷ, ସମୟ: ସକାଳ ୯ଟା ୩୦।
- ନୟାଗଡ଼ରେ ମେଡିକାଲ କଲେଜ ଓ ନୟାଗଡ ସ୍ୱୟଂ ଶାସିତ ମହାବିଦ୍ୟାଳୟକୁ ବିଶ୍ୱ ବିଦ୍ୟାଳୟ ମାନ୍ୟତା ଦାବିରେ ଗଣଧାରଣା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଅଟୋ ଚାଳକଙ୍କ ବିକ୍ଷୋଭ, ସ୍ଥାନ: ଦଶପଲ୍ଲା ରେଳ ଷ୍ଟେଶନ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା ୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି କର୍ମପ୍ରବାହରେ ପ୍ରତିକୂଳ ବାତାବରଣ ସୃଷ୍ଟି ଆଶଙ୍କା ରହିଛି। ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବା ପାଇଁ ନିଜର ତ୍ୟାଗପୂତ ମନୋଭାବରୁ ପ୍ରଶଂସା ପାଇବେ। ଅଫିସରେ ଜଣେ ବନ୍ଧୁଙ୍କ ଉପସ୍ଥିତକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ। ନିଜ ପରିବେଶରେ ସହମତିରେ କାର୍ଯ୍ୟକଲେ ସଫଳତା ପାଇପାରନ୍ତି।

**ବୃଷ** ନିଜ କାମ ହାସଲ ପରିପ୍ରେକ୍ଷୀରେ ସମ୍ପର୍କୀୟ ସୁହାଇଲା ଭଳି କଥା କହିବେ। ମାତ୍ର ପାରିବାରିକ ଅଶାନ୍ତି ହେତୁ ମନରେ ଭାବନାର ଜୁଆର କେନ୍ଦ୍ରୀଭୂତ ହୋଇପାରେ। ଫାଇଲପତ୍ର ସମ୍ବନ୍ଧୀୟ ଅଟକି ରହିଥିବା କାମର ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ବ୍ୟବସାୟ, ପରିବହନ, ପ୍ରଶାସନ, ରାଜନୈତିକ କାର୍ଯ୍ୟ ଭଲରେ ଚାଲିବ।

**ମିଥୁନ** ଆପଣଙ୍କର ରୁକ୍ଷ ବାକ୍ୟାଳାପ ବନ୍ଧୁଙ୍କୁ ଆପଣେଇ ନେବାରେ ପ୍ରତିବନ୍ଧକ ସାଜିପାରେ। ମାତ୍ର ବୃହସ୍ପତିଙ୍କ ପ୍ରଭାବରୁ ବିଭିନ୍ନ ଯୋଜନା କ୍ଷେତ୍ରରେ ଅନୁକୂଳ ବାତାବରଣ ସୃଷ୍ଟି ହେବ। ରାଜନୀତି କ୍ଷେତ୍ରରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। କର୍ମକ୍ଷେତ୍ରରେ ପ୍ରତିବନ୍ଧକକୁ ଦୂରେଇବାରେ ଜଣେ ହିତାକାଂକ୍ଷୀ ସାହାଯ୍ୟ କରିପାରନ୍ତି।

**କର୍କଟ** ଆଜିର ଗ୍ରହପ୍ରଭାବରୁ ଯାତ୍ରା କରିବା, ବ୍ୟବସାୟ ଓ ଭୋଗବିଳାସ ଉପକରଣ ପାଇଁ ମନ ବଳାଇ ପାରନ୍ତି। ଅପେକ୍ଷା କରିବାକୁ କହିଥିବା ବନ୍ଧୁଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନରେ ନ ପାଇ ବ୍ୟସ୍ତ ହେବେ। ପରିବାରରେ ପୂର୍ବ ସମସ୍ୟା ସମାଧାନ ଦିଗରେ ପଡ଼ୋଶୀ ସାହାଯ୍ୟ କରିପାରନ୍ତି। ପ୍ରତିକୂଳ ପରିସ୍ଥିତି ଯୋଗୁ ଯୋଜନାଗୁଡ଼ିକ ଠିକ୍‌ଭାବେ ସମ୍ପୂର୍ଣ୍ଣ ହେବ ନାହିଁ।

**ସିଂହ** କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିବେ। ସାହିତ୍ୟ, ସାମ୍ବାଦିକତା, କ୍ରୀଡ଼ା, ଚଳଚ୍ଚିତ୍ର ତଥା ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। ଯେ କୌଣସି ପରିସ୍ଥିତିରେ ମଧ୍ୟ ଭାଙ୍ଗି ପଡ଼ନ୍ତୁ ନାହିଁ ସମୟାନ୍ତରେ ସଫଳତା ଅବଶ୍ୟ ମିଳିବ। ଦୀର୍ଘଦିନରୁ ଲାଗି ରହିଥିବା ଶତ୍ରୁତା, ଅଶାନ୍ତି ଓ ଋଣଭାର ହ୍ରାସ ପାଇବ।

**କନ୍ୟା** ଆଜି ଅର୍ଥ, ସମ୍ମାନ, ସାମାଜିକ ପ୍ରତିଷ୍ଠା ଲାଭ କରିବାର ସୌଭାଗ୍ୟ ପ୍ରାପ୍ତ ହେବେ। କାର୍ଯ୍ୟବ୍ୟସ୍ତତା କାରଣରୁ କୌଣସି ନିର୍ଦ୍ଦିଷ୍ଟ ସ୍ଥାନରେ ବେଶି ସମୟ ସ୍ଥିର ରହିପାରିବେ ନାହିଁ। ବନ୍ଧୁଙ୍କ ପ୍ରାୟୋଜିତ ଗୁଜବ ମନକୁ ଚହଲାଇ ଦେଇପାରେ। ଆନୁଷ୍ଠାନିକ କିମ୍ବା ସାମାଜିକ ସ୍ତରରେ ମଙ୍ଗଳଜନକ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି।

**ତୁଳା** ଆଜି ଯେଉଁ କାମରେ ହାତଦେବେ ସଫଳତା ନିଶ୍ଚିତ ପାଇବେ। କର୍ମକ୍ଷେତ୍ରରେ ସମସ୍ୟା ଲାଗିରହିବା ହେତୁ ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ। ଶିଳ୍ପ, ବ୍ୟବସାୟ, ପରିବହନ ଓ ଆଇନ ଅଦାଲତ କ୍ଷେତ୍ରରୁ ଆଶାନୁଯାୟୀ ସୁଫଳ ପାଇବେ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ ଏବଂ ଅଭିଳଷିତ ଦ୍ରବ୍ୟ ହାସଲ କରିପାରିବେ।

**ବିଛା** ସାମୟିକ ସମସ୍ୟା ଆସିଲେ ମଧ୍ୟ ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କଲେ ଉପକୃତ ହେବେ। ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେଇ କାମ ହାସଲ କରିବେ। ପାଖ ପଡ଼ୋଶୀମାନଙ୍କ ନିମନ୍ତ୍ରଣ କ୍ରମେ ମନୋରଞ୍ଜନରେ ଆଗ୍ରହୀ ହେବେ। ଅଫିସିଆଲି କାମ ସକାଶେ ଅପରାହ୍ନରେ ଟେନ୍‌ସନ ବଢ଼ିପାରେ।

**ଧନୁ** କର୍ମକ୍ଷେତ୍ରରେ ଆନୁଷଙ୍ଗିକ ସାହାଯ୍ୟ ସହଯୋଗ ଲାଭ କରିବା ସହିତ ଦୀର୍ଘ ସମୟର ବ୍ୟସ୍ତତା ଦୂର ହେବ। ବିଗତ ଦିନର ଘଟଣାର ପ୍ରଭାବକୁ କେନ୍ଦ୍ରକରି ଯେଉଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବନାହିଁ। ପ୍ରବାସରେ ଠିକଣା ଜାଗାରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହେବେ। ବନ୍ଧୁଙ୍କ ସହ ନୂଆ ସ୍ଥାନ ଭ୍ରମଣ ସୁଯୋଗ ଜୁଟିବ।

**ମକର** ସମ୍ପର୍କୀୟଙ୍କୁ ସାହାଯ୍ୟ ସହ ଭଲ ପାଇବାକୁ କେନ୍ଦ୍ର କରି ପାରିବାରିକ ସମସ୍ୟା ଦେଖାଦେବ। ଅଫିସିଆଲି ଟେନ୍ସନ ଲାଗି ରହିବାରୁ ରକ୍ତଚାପ ବଢ଼ିପାରେ। ଧାର କରଜ କରି କାମ ତୁଲାଇ ନେବେ କିନ୍ତୁ ସମ୍ପର୍କୀୟମାନେ ପାଖ ମାଡ଼ିବେ ନାହିଁ। ନିଜର ଦାୟିତ୍ୱହୀନ କାରଣରୁ ଅପମାନିତ କିମ୍ବା ମନସ୍ତାପ କରିବାକୁ ପଡ଼ିବ।

**କୁମ୍ଭ** ଆଜି ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ଆଶାନୁଯାୟୀ ସୁଫଳ ପାଇବେ। ପ୍ରତିଶ୍ରୁତି ପାଳନ କରୁ ନ ଥିବା ବନ୍ଧୁଙ୍କ ଦ୍ୱାରା କାମଟି କୌଶଳରେ କରାଇ ନେବେ। ପରିବାରରେ ଛୋଟ କଥାକୁ ଧରିବସିଲେ ଅନର୍ଥ ହୋଇପାରେ। ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରହନ୍ତୁ ନଚେତ୍ ଅଦଳବଦଳ ହୋଇଯିବାର ଆଶଙ୍କା ରହିଛି।

**ମୀନ** କର୍ମକ୍ଷେତ୍ର ଓ ପାରିବାରିକ ଜୀବନରୁ ପ୍ରତିବନ୍ଧକ କ୍ରମଶଃ ଦୂରେଇ ଯିବ। ଆଜି ଘରକୁ ଫେରିବା ରାସ୍ତାରେ ବନ୍ଧୁଙ୍କୁ ଭେଟି ଆଗାମୀ କାଲିର ଯୋଜନା ପ୍ରସ୍ତୁତ କରିପାରନ୍ତି। ବାକି ପଡ଼ିଥିବା ଅର୍ଥ ଆଦାୟ କରିବାରେ ବନ୍ଧୁମାନଙ୍କ ଅବଦାନ ଅବିସ୍ମରଣୀୟ ରହିବ। ବ୍ୟବସାୟରୁ ସଂଗୃହୀତ ଅର୍ଥ ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ବ୍ୟୟିତ ହୋଇପାରେ।

ଆଜି ଅଗଷ୍ଟ ୨ ତାରିଖ, ଶ୍ରାବଣ କୃଷ୍ଣ ତ୍ରୟୋଦଶୀ ଯୁକ୍ତ ଚତୁର୍ଦ୍ଦଶୀ ଶୁକ୍ରବାର, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା। ରାଶିନକ୍ଷତ୍ର–ଦିବା ଘ.୧୧.୦୦ମି. ପରେ ପୁନର୍ବସୁ/ମିଥୁନ, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୨୬ମି. ଗତେ ଘ.୦୬.୧୮ମି. ମଧ୍ୟେ, ଘ.୦୭.୦୯ମି. ଗତେ ଘ.୦୮.୩୯ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦.୧୬ମି. ଗତେ ଘ.୧୧.୫୨ମି. ମଧ୍ୟେ ରାହୁ କାଳ।

# ଡେରାସ ସି–ଫୁଡ୍ ପାର୍କ ପରିଦର୍ଶନ କଲେ ଶିଳ୍ପମନ୍ତ୍ରୀ

- ୧୫ ହଜାର ଯୁବତୀଯୁବକଙ୍କ ଲାଗି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ
- ନିର୍ମାଣ ହେବ କର୍ମଜୀବୀ ଛାତ୍ରାବାସ

ଭୁବନେଶ୍ୱର,୧।୮(ଅନିଲ ଦାସ)

ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଡେରାସ ସ୍ଥିତ ସି–ଫୁଡ୍ ପାର୍କ ଶିଳ୍ପାଞ୍ଚଳ ଗସ୍ତକରି ଗୁରୁବାର ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିଛନ୍ତି । ଏହି ଅବସରରେ ମନ୍ତ୍ରୀ ଶିଳ୍ପାଞ୍ଚଳର ବିଭିନ୍ନ ଉଦ୍ୟୋଗ ବୁଲି ଦେଖିବା ସହ ଅଂଶୀଦାରମାନଙ୍କ ସହିତ ଆଲୋଚନା କରିଛନ୍ତି । ସେମାନଙ୍କର ବିଭିନ୍ନ ଦାବି ଉପରେ ବିଚାରବିମର୍ଶ କରି ପଦକ୍ଷେପ ଗ୍ରହଣ କରିବାକୁ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଶିଳ୍ପୋଦ୍ୟୋଗ ପରିଦର୍ଶନ ପରେ ଏଠାରେ ଆୟୋଜିତ ଏକ ବୈଠକରେ ଯୋଗଦେଇ ମନ୍ତ୍ରୀ କହିଛନ୍ତି, ଇଡ୍‌କୋ ଦ୍ୱାରା ଅଧିକୃତ ୧୫୧ ଏକର ଜମିରୁ ୮୮ ଏକର ଜମିକୁ ଶିଳ୍ପ ପ୍ରତିଷ୍ଠା ପାଇଁ ଦିଆଯାଇଛି । ଉକ୍ତ ଶିଳ୍ପାଞ୍ଚଳରେ ୧୭ଟି ସଂସ୍ଥା ସେମାନଙ୍କ ଉଦ୍ୟୋଗ ଖୋଲିବା ପାଇଁ ବ୍ୟବସ୍ଥା କରାଯାଇଛି । ଏଥି ମଧ୍ୟରୁ ୩ଟି ସଂସ୍ଥା କାର୍ଯ୍ୟରତ ଥିବାବେଳେ ଆଉ ୪ଟି ସଂସ୍ଥା ସେମାନଙ୍କ ନିର୍ମାଣ କାର୍ଯ୍ୟ ଜାରି ରଖିଛନ୍ତି। ଏଥିସହ ଆଉ ୧୦ଟି ସଂସ୍ଥା ନିଜ ନିଜର ଉଦ୍ୟୋଗ ଖୋଲିବା ପାଇଁ ଜମି ନେଇଛନ୍ତି । ସେମାନଙ୍କୁ ପ୍ରୋତ୍ସାହିତ କରାଯିବା ସହ କିଭଳି ଖୁବ୍‌ଶୀଘ୍ର ସେମାନେ ଉଦ୍ୟୋଗ ପ୍ରତିଷ୍ଠା କରିବେ ସେ ଦିଗରେ ପଦକ୍ଷେପ ନେବାକୁ ମନ୍ତ୍ରୀ କହିଛନ୍ତି । ଏହାଦ୍ୱାରା ପ୍ରାୟ ୧୦ ହଜାର ମହିଳାଙ୍କ ସମେତ ୧୫ ହଜାର ଯୁବତୀଯୁବକ ରୋଜଗାର କ୍ଷମ ହୋଇପାରିବେ। ଏତଦ୍‌ବ୍ୟତୀତ ଏହି ଶିଳ୍ପକ୍ଷେତ୍ରରେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କ ରହିବା ପାଇଁ ହଷ୍ଟେଲ ବ୍ୟବସ୍ଥା କରାଯିବ । ଏ ସଂକ୍ରାନ୍ତରେ ରାଜ୍ୟ ସରକାର ବିଭିନ୍ନ ସଂସ୍ଥା ସହ ବିଚାରବିମର୍ଶ ଜାରି ରଖିଛନ୍ତି । ରାଜ୍ୟରେ ଶିଳ୍ପାୟନକୁ ଗୁରୁତ୍ୱ ଦେବା ସହ ବିଭିନ୍ନ ଜିଲାରେ ଏହିଭଳି ଆଉ ୧୧ଟି ଫୁଡ୍ ପାର୍କ ପ୍ରତିଷ୍ଠା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ଏଥି ନିମନ୍ତେ ସ୍ଥଳ ବିଶେଷରେ ଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେବା ସହ ଉଦ୍ୟୋଗ ପ୍ରତିଷ୍ଠା କ୍ଷେତ୍ରରେ ମନ୍ତ୍ରୀ ସ୍ଥାନୀୟ ଲୋକଙ୍କ ସହଯୋଗ ଲୋଡ଼ିଥିଲେ। ଏହା ପୂର୍ବରୁ ମନ୍ତ୍ରୀ ୩ ଗୋଟି ଇଣ୍ଡଷ୍ଟ୍ରିଆଲ୍ ୟୁନିଟ୍ ବୁଲି ଦେଖିଥିଲେ । ମନ୍ତ୍ରୀଙ୍କ ଏହି ଗସ୍ତ ଅବସରରେ ଇଡ୍‌କୋ ପରିଚାଳନା ନିର୍ଦ୍ଦେଶକ ଭୂପିନ୍ଦର ସିଂ ପୁନିଆ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ଦଳାଇ, ସିଜିଏମ୍ ବିଜୟ ଚନ୍ଦ୍ର ତ୍ରିପାଠୀ, ଭୁବନେଶ୍ୱର ଅତିରିକ୍ତ ଜିଲାପାଳ ରୁଦ୍ରନାରାୟଣ ମହାନ୍ତି, ଉପଜିଲାପାଳ ନୀତୀଶ ତ୍ରିପାଠୀ, ଇଡ୍‌କୋ ଜିଲା ପ୍ରଶାସନର ବରିଷ୍ଠ ଅଧିକାରୀ, ସ୍ଥାନୀୟ ବାସିନ୍ଦା ପ୍ରମୁଖ ଉପସ୍ଥିତ ଥିଲେ ।



## ପ୍ରଥମ ପୃଷ୍ଠାରୁ...

### ସଂରକ୍ଷଣ ଭିତରେ...

ସୁପ୍ରିମକୋର୍ଟଙ୍କ ୫ ଜଣିଆ ଖଣ୍ଡପୀଠ ଦେଇଥିବା ରାୟକୁ ୬ ବିଚାରପତି ଖାରଜ କରିଦେଇଛନ୍ତି। ସିଜେଆଇ ନିଜ ୧୪୦ ପୃଷ୍ଠାର ରାୟରେ କହିଛନ୍ତି, ସମ୍ବିଧାନର ଅନୁଚ୍ଛେଦ ୧୫(ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ ଓ ଜନ୍ମସ୍ଥାନ ଆଧାରରେ କୌଣସି ନାଗରିକଙ୍କ ବିରୋଧରେ ପକ୍ଷପାତୀ ନ ହେବା) ଏବଂ ୧୬ (ସରକାରୀ ନିଯୁକ୍ତିରେ ସମାନ ସୁଯୋଗ) ଅନୁସାରେ ରାଷ୍ଟ୍ର ନିଜ କ୍ଷମତା ପ୍ରୟୋଗ କରିପାରିବ। ତଦନୁସାରେ ସାମାଜିକ ପଛୁଆପଣର ବିଭିନ୍ନ ମାତ୍ରାକୁ ଚିହ୍ନଟ ଏବଂ ସଂରକ୍ଷଣ ଭଳି ସ୍ୱତନ୍ତ୍ର ସୁବିଧା ପ୍ରଦାନ କରିବା ପାଇଁ ରାଷ୍ଟ୍ର ସ୍ୱାଧୀନ। ଐତିହାସିକ ଓ ପୁରୁଣାକାଳିଆ ପ୍ରମାଣ ଦର୍ଶାଇଥାଏ ଯେ, ଏସ୍‌ସିମାନେ ହେଲେ ସାମାଜିକ ବିଜାତୀୟ ଶ୍ରେଣୀ। ତେଣୁ ପୃଥକୀକରଣର ଯୁକ୍ତିଯୁକ୍ତ ସିଦ୍ଧାନ୍ତ ଥିଲେ ଅନୁଚ୍ଛେଦ ୧୫(୪) ଓ ୧୬(୪) ବଳରେ ରାଜ୍ୟ ସରକାରଗୁଡ଼ିକ ଏହାର ପୁନଃ ବର୍ଗୀକରଣ କରିପାରିବେ ବୋଲି ସିଜେଆଇ ଦେଇଥିବା ରାୟ ସହ ଅନ୍ୟ ୫ ବିଚାରପତି ସହମତି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ଜଷ୍ଟିସ୍ ବେଲା ତ୍ରିବେଦୀ ୮୫ ପୃଷ୍ଠାର ରାୟରେ କହିଛନ୍ତି, ଏସ୍‌ସି ତାଲିକାରେ କୌଣସି ଜାତିକୁ ସାମିଲ କରିବା ବା ତହିଁରୁ ହଟାଇବା କ୍ଷମତା କେବଳ ପାର୍ଲାମେଣ୍ଟର ରହିଛି। ରାଜ୍ୟଗୁଡ଼ିକ ଏଥିରେ କୌଣସି ପରିବର୍ତ୍ତନ କରିପାରିବେ ନାହିଁ। ଏସ୍‌ସି ବର୍ଗର ଲୋକେ ବିଜାତୀୟ ଶ୍ରେଣୀର, ଯାହାଙ୍କୁ ନେଇ ଆହୁରି ଉପବର୍ଗୀକରଣ କରାଯାଇପାରିବ ନାହିଁ। ସଂରକ୍ଷଣ ପ୍ରଦାନ କିମ୍ବା ଏକ ନିର୍ଦ୍ଦିଷ୍ଟ ଜାତି/ଜାତିଗୁଡ଼ିକୁ ପ୍ରାଥମିକତା ଭିତ୍ତିରେ ସ୍ୱତନ୍ତ୍ର ସୁବିଧା ଦେବା ନେଇ ଆଇନ ପ୍ରଣୟନ କ୍ଷମତା ରାଜ୍ୟଗୁଡ଼ିକର ନାହିଁ। ତେଣୁ ଅନୁଚ୍ଛେଦ ୩୪୧ ଅଧୀନରେ ଜାରି ବିଜ୍ଞପ୍ତି ଅନୁସାରେ ରାଜ୍ୟଗୁଡ଼ିକ ଜାତି, ବର୍ଣ୍ଣ ବା ଆଦିବାସୀମାନଙ୍କ ବିଭାଜନ କରି ତାହାର ଉପବର୍ଗୀକରଣ କରିପାରିବେ ନାହିଁ ବୋଲି ଜଷ୍ଟିସ୍ ତ୍ରିବେଦୀ କହିଛନ୍ତି। ସଂଖ୍ୟାଗରିଷ୍ଠ ରାୟରେ ସିଜେଆଇ ଆହୁରି କହିଛନ୍ତି, ଉପବର୍ଗୀକରଣ ଅନୁମତି ପ୍ରଦାନବେଳେ ରାଜ୍ୟ କୌଣସି ଉପବର୍ଗଙ୍କ ପାଇଁ ୧୦୦% ସଂରକ୍ଷଣ ନିର୍ଦ୍ଧାରଣ କରିପାରିବ ନାହିଁ। କୌଣସି ନିର୍ଦ୍ଦିଷ୍ଟ ଜାତିକୁ ଅଧିକ ସଂରକ୍ଷଣ ସୁବିଧା ଦେବା ନେଇ ଏସ୍‌ସିଙ୍କ ଉପବର୍ଗୀକରଣ ନିଷ୍ପତ୍ତିର ନ୍ୟାୟିକ ସମୀକ୍ଷା କରାଯାଇପାରିବ। ରାଜ୍ୟଗୁଡ଼ିକ ଅନୁଚ୍ଛେଦ ୧୬(୪) ଅନୁସାରେ ଉପବର୍ଗୀକରଣ ନେଇ ନିଜ କ୍ଷମତାର ବୈଧ ପ୍ରୟୋଗ କରିବା ନିମନ୍ତେ ଏ ସମ୍ପର୍କିତ ପର୍ଯ୍ୟାପ୍ତ ତଥ୍ୟ ସଂଗ୍ରହ କରିବା ଆବଶ୍ୟକ। ଯଦି କୌଣସି ବର୍ଗର ଲୋକଙ୍କୁ ନିଯୁକ୍ତି କ୍ଷେତ୍ରରେ ଉପଯୁକ୍ତ ପ୍ରତିନିଧିତ୍ୱ ମିଳିନାହିଁ, ତେବେ ସେନେଇ ଆବଶ୍ୟକ ଗଣନା ମଧ୍ୟ କରାଯିବା ଦରକାର। ସଂରକ୍ଷଣ ଉପରେ ଦିଆଯାଇଥିବା ମଣ୍ଡଳ ରାୟର ଅବତାରଣା କରି ସିଜେଆଇ କହିଛନ୍ତି, ସୁପ୍ରିମକୋର୍ଟ ଉପବର୍ଗୀକରଣର ପ୍ରୟୋଗକୁ କେବଳ ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି)ଙ୍କ କ୍ଷେତ୍ରରେ ସୀମିତ କରିନାହାନ୍ତି। ଅନୁଚ୍ଛେଦ ୩୪୧(୧) ବଳରେ ରାଷ୍ଟ୍ରପତି କୌଣସି ଜାତି ବା ବର୍ଣ୍ଣର ଲୋକଙ୍କୁ ଏକ ରାଜ୍ୟ କିମ୍ବା କେନ୍ଦ୍ରଶାସିତ ଅଞ୍ଚଳର ଏସ୍‌ସି ତାଲିକାରେ ଅନ୍ତର୍ଭୁକ୍ତ କରିବା ନେଇ ବିଜ୍ଞପ୍ତି ଜାରି କ୍ଷମତା ରାଷ୍ଟ୍ରପତିଙ୍କର ରହିଛି। ଏସ୍‌ସିଙ୍କ ଭିତରେ ଉପବର୍ଗୀକରଣ ଅନୁଚ୍ଛେଦ ୩୪୨(୧)କୁ ଉଲ୍ଲଂଘନ କରୁନାହିଁ। କାରଣ ଜାତିଗୁଡ଼ିକ ଆପେ ଆପେ ଏସ୍‌ସି ତାଲିକାରେ ଯୋଡ଼ି ହୋଇ ନ ଥାଏ ଅଥବା ବାଦ୍ ପଡ଼ି ନ ଥାଏ। ଏସ୍‌ସି ବର୍ଗ ପାଇଁ ସଂରକ୍ଷିତ ସମସ୍ତ ଆସନ ସୁବିଧା ଗୋଟିଏ ନିର୍ଦ୍ଦିଷ୍ଟ ଜାତି କିମ୍ବା ଗୋଷ୍ଠୀକୁ ଦିଆଗଲେ ତାହା ଆଇନର ଉଲ୍ଲଂଘନ ବିବେଚନା କରାଯିବ ବୋଲି ସଂଖ୍ୟାଗରିଷ୍ଠ ରାୟରେ କୁହାଯାଇଛି। ପ୍ରକାଶ ଯେ, ଚିନ୍ନାଇଆହ ରାୟର ସମୀକ୍ଷା ପାଇଁ ସୁପ୍ରିମକୋର୍ଟରେ ଆବେଦନ ହୋଇଥିଲା। ଫେବୃଆରୀ ୮ରେ ଶୀର୍ଷ ଅଦାଲତ ଏହାର ଶୁଣାଣି ଶେଷକରି ରାୟ ସଂରକ୍ଷିତ ରଖିଥିଲେ।


### ସ୍ତ୍ରୀ ହତ୍ୟାକାରୀ ...


ସଞ୍ଜିତ ଦାସ

ବିପୁଳ ସମ୍ପତ୍ତି ଥିବାରୁ ସଞ୍ଜିତ କୌଣସି ରୋଜଗାର କରୁ ନ ଥିଲେ। ମଦ ଓ ବ୍ରାଉନସୁଗାର ଖାଇ ସମ୍ପତ୍ତି ନଷ୍ଟ କରୁଥିଲେ। ସଞ୍ଜିତଙ୍କ ଏଭଳି ଆଚରଣ ଦେଖି ଭାଇମାନେ ତାଙ୍କୁ ଅଲଗା କରିଦେଇଥିଲେ। ଏଥିପାଇଁ ସରସ୍ୱତୀ ଏକ ଘରୋଇ ହସ୍ପିଟାଲରେ ନର୍ସ ଭାବେ କାମ କରି ପରିବାର ଗୁଜୁରାଣ ମେଣ୍ଟାଉଥିଲେ। ସେ ରୋଜଗାର କରୁଥିବା ଟଙ୍କାକୁ ମଧ୍ୟ ସଞ୍ଜିତ ନେଇଯାଇ ନିଶା ଖାଇ ଖର୍ଚ୍ଚ କରିଦେଉଥିଲେ। ଏହାକୁ ନେଇ ବିଭିନ୍ନ ସମୟରେ ଦମ୍ପତିଙ୍କ ମଧ୍ୟରେ ଝଗଡ଼ା ହେଉଥିଲା। ହତ୍ୟାକାଣ୍ଡର ୪ଦିନ ପୂର୍ବରୁ ସରସ୍ୱତୀଙ୍କ ଆଉ ଏକ କନ୍ୟା ସନ୍ତାନ ଜନ୍ମ ହୋଇଥିଲା। ଦ୍ୱିତୀୟ ଝିଅ ଜନ୍ମ ହେବାରୁ ସଞ୍ଜିତ ଅଧିକ ରାଗିଯାଇଥିଲେ। ଜୁନ ୮ ବୁଧବାର ରାତିରେ ଦମ୍ପତିଙ୍କ ମଧ୍ୟରେ ପ୍ରବଳ ଝଗଡ଼ା ହୋଇଥିଲା। ଜୁନ ୯ ସକାଳେ ମଧ୍ୟ ଝଗଡ଼ା ଉଗ୍ରରୂପ ନେଇଥିଲା। ପୂର୍ବାହ୍ନ ପ୍ରାୟ ୧୧ଟା ବେଳେ ଅନ୍ତୁଡ଼ିଶାଳରେ ଥିବା ସରସ୍ୱତୀଙ୍କୁ ସଞ୍ଜିତ ବାରମ୍ବାର ଛୁରି ଭୁସି ହତ୍ୟା କରିଥିଲେ। ଏଥିସହ ୬ବର୍ଷୀୟା ଝିଅର ମଧ୍ୟ ଗଳା କାଟିଦେଇଥିଲେ। ଏହି ସମୟରେ ସରସ୍ୱତୀଙ୍କ କୋଳରେ ଥିବା ନବଜାତ ଶିଶୁଟି ବର୍ତ୍ତି ଯାଇଥିଲା। ଏହି ହତ୍ୟାକାଣ୍ଡ ଜଣାପଡ଼ିବା ପରେ ସ୍ଥାନୀୟ ଅଞ୍ଚଳ ସ୍ତବ୍ଧ ହୋଇଯାଇଥିଲା। ସେପଟେ ନିକଟସ୍ଥ ମଦଦୋକାନ ନିକଟରୁ ପୋଲିସ ସଞ୍ଜିତଙ୍କୁ ଗିରଫ କରିଥିଲା। ଏନେଇ ସରସ୍ୱତୀଙ୍କ ଭାଇ ଶଶିକାନ୍ତଙ୍କ ଏତଲାକୁ ଆଧାର କରି ଭରତପୁର ଥାନା ପକ୍ଷରୁ ଆଇପିସି ଦଫା ୩୦୨, ୩୦୭, ୩୨୪, ୩୨୬ରେ ଏକ ମାମଲା (ନଂ.୨୩୭/୨୦୨୨) ରୁଜୁ କରାଯାଇଥିଲା। ସେପଟେ ଆକ୍ରମଣରେ ଗୁରୁତର ହୋଇଥିବା ଝିଅ ଚିକିତ୍ସାର ୨ ମାସ ପରେ ସୁସ୍ଥ ହୋଇଥିଲେ। ଏହି ମାମଲାରେ ବିଚାରପତି ୧୫ଜଣଙ୍କ ସାକ୍ଷ୍ୟ, ୫୭ ଦସ୍ତାବିଜ୍‌କୁ ଆଧାର କରି ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସହକାରୀ ପବ୍ଲିକ୍ ପ୍ରସିକ୍ୟୁଟର୍ ସଲିଳ କୁମାର ପ୍ରଧାନ ମାମଲା ପରିଚାଳନା କରୁଥିଲେ।

**ବିଭାଗ ସମ୍ପର୍କିତ ବିଧାନସଭା ଷ୍ଟାଣ୍ଡିଂ କମିଟି ଗଠିତ: ସନାତନ ବିଜୁଳି ଅଧ୍ୟକ୍ଷ**

ଭୁବନେଶ୍ୱର(ଅନିଲଦାସ): ବାଚସ୍ପତି ସୁରମା ପାଢ଼ୀଙ୍କ ନିର୍ଦ୍ଦେଶ କ୍ରମେ ୧୨ ଜଣିଆ ବିଭାଗ ସମ୍ପର୍କିତ ଷ୍ଟାଣ୍ଡିଂ ବିଧାନସଭା କମିଟି ଗଠନ ହୋଇଛି। ଏ ନେଇ ଗୁରୁବାର ବିଧାନସଭା ସଚିବାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଭାଜପା ବଡସାହି ବିଧାୟକ ସନାତନ ବିଜୁଳି ଏହି କମିଟିର ଅଧ୍ୟକ୍ଷ ଥିବାବେଳେ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ଅଧିରାଜ ପାଣିଗ୍ରାହୀ, ଯୋଗେଶ କୁମାର ସିଂ, ପଦ୍ମଚରଣ ହାଇବ୍ରୁ, ଅରବିନ୍ଦ ମହାପାତ୍ର, ଅମର କୁମାର ନାୟକ, ପ୍ରତାପ ଚନ୍ଦ୍ର ନାୟକ, ମନୋରଞ୍ଜନ ଦ୍ୟାନସାମନ୍ତରା, ଦୁଷ୍ମନ୍ତ କୁମାର ସ୍ୱାଇଁ, ନୀଳମଣି ବିଶୋଇ ଏବଂ ପବିତ୍ର ସାଉଁଟା ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି।




# ପଶ୍ଚିମବଙ୍ଗରୁ ନୁହେଁ, ଉତ୍ତରପ୍ରଦେଶରୁ ଆଳୁ ଅଣାଯିବ: ମନ୍ତ୍ରୀ

ଭୁବନେଶ୍ୱର, ୧।୮ (ସୁନିତ୍ ମିଶ୍ର)

## ଟିଏମ୍‌ସି ଗୁଣ୍ଡାମାନେ ହଇରାଣ କରୁଥିବା ଅଭିଯୋଗ

ରାଜ୍ୟରେ ଆଳୁ ସଙ୍କଟର ସମାଧାନ ପାଇଁ ରାଜ୍ୟ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏଣିକି ପଶ୍ଚିମବଙ୍ଗରୁ ଆଳୁ ଆମଦାନୀ ଧୀରେ ଧୀରେ କମାଯିବ ଏବଂ ଉତ୍ତରପ୍ରଦେଶରୁ ଓଡ଼ିଶାକୁ ଆଳୁ ଆଣାଯିବା ବ୍ୟବସ୍ଥା କରାଯିବ। ଏ ସଂକ୍ରାନ୍ତରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ଗୁରୁବାର ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ବୀର ବିକ୍ରମ ଯାଦବ, ବିଭାଗୀୟ ବରିଷ୍ଠ ଅଧିକାରୀ, ଓଡ଼ିଶା ବ୍ୟବସାୟୀ ସଂଘର ସାଧାରଣ ସମ୍ପାଦକ ସୁଧାକର ପଣ୍ଡା ଏବଂ ବିଭିନ୍ନ ସଂଘର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

ଏହି ଅବସରରେ ମନ୍ତ୍ରୀ ପାତ୍ର କହିଛନ୍ତି, ପଶ୍ଚିମବଙ୍ଗରୁ ଆଳୁ ଆସିବା ବେଳେ ଟିଏମ୍‌ସି ଗୁଣ୍ଡା ହଇରାଣ କରୁଛନ୍ତି। ସୀମାରେ ଗାଡ଼ି ଅଟକାଇ ଜୋର୍ ଜବରଦସ୍ତ ଟଙ୍କା ଆଦାୟ କରୁଛନ୍ତି। ଆଳୁକୁ ନେଇ ପଶ୍ଚିମବଙ୍ଗ ସରକାର ବିଭିନ୍ନ ସମୟରେ ସମସ୍ୟା ସୃଷ୍ଟିକରିବା ସହ ମନମୁଖି କାର୍ଯ୍ୟ ପ୍ରତିବାଦରେ ଏଣିକି ଉତ୍ତରପ୍ରଦେଶରୁ ରାଜ୍ୟକୁ ଆଳୁ ଆଣିବାର ନିଷ୍ପତ୍ତି ନିଆଯାଇଛି। ଗୁରୁବାର ଉତ୍ତରପ୍ରଦେଶରୁ କିଛି ଟ୍ରକ୍ ଭର୍ତ୍ତି ଆଳୁ ଆସି ରାଜ୍ୟରେ ପହଞ୍ଚିଛି। ଆଗାମୀ ଦିନରେ ଅଧିକ ସଂଖ୍ୟକ ଗାଡ଼ି ଆସିବ। ଏହାଦ୍ୱାରା ଧୀରେ ଧୀରେ ପଶ୍ଚିମବଙ୍ଗ ଉପରେ ଆଳୁକୁ ନେଇ ନିର୍ଭରଶୀଳତା ହ୍ରାସ ପାଇବ। ଏଥିଲାଗି ଉତ୍ତରପ୍ରଦେଶ ସରକାର ସମସ୍ତ ସହଯୋଗ ଯୋଗାଇଦେବେ ବୋଲି ମନ୍ତ୍ରୀ କହିଛନ୍ତି। ରାଜ୍ୟର ଏକ ପ୍ରତିନିଧି ମଣ୍ଡଳୀ ଖୁବ୍‌ଶୀଘ୍ର ଉତ୍ତରପ୍ରଦେଶ ଗସ୍ତ କରିବ। ମନ୍ତ୍ରୀ ଆହୁରି କହିଛନ୍ତି, ଓଡ଼ିଶାର ଅସ୍ମିତା ରକ୍ଷା ସହ ପଡ଼ୋଶୀ ରାଜ୍ୟ ଉପରେ ଆଳୁ ନିର୍ଭରଶୀଳତା ହ୍ରାସ ପାଇଁ ଏହି ନିଷ୍ପତ୍ତି ନିଆଯାଇଛି। ରାଜ୍ୟରେ ଆଳୁ ସହ ଅନ୍ୟାନ୍ୟ ସାମଗ୍ରୀ ଉତ୍ପାଦନ ନିମନ୍ତେ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ଓଡ଼ିଶା ବ୍ୟବସାୟୀ ଏବଂ ବିଭିନ୍ନ ସଂଘର ଅନୁରୋଧକୁ ରକ୍ଷାକରି ଉତ୍ତରପ୍ରଦେଶରୁ ଆଳୁ ଆଣିବା ପାଇଁ ସରକାର ପଦକ୍ଷେପ ନେଇଥିବା ମନ୍ତ୍ରୀ କହିଛନ୍ତି।

ସୂଚନାଯୋଗ୍ୟ, ଗତ ସପ୍ତାହରେ ଆଳୁ ଦର ରାଜ୍ୟରେ ପ୍ରାୟ ୬୦ ଟଙ୍କା ପର୍ଯ୍ୟନ୍ତ ପହଞ୍ଚିଯାଇଥିଲା। ବର୍ତ୍ତମାନ ମଧ୍ୟ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଆଳୁ ୪୦ ଟଙ୍କାରେ ବିକ୍ରି ହେଉଛି। ମନ୍ତ୍ରୀଙ୍କ ଚେତାବନୀ ସତ୍ତ୍ୱେ ୭ ଦିନ ପରେ ମଧ ବଜାରରେ ଆଳୁ ଏଯାଏ ୩୨ ଟଙ୍କାରେ ପହଞ୍ଚିପାରିନାହିଁ। ତେବେ ଦର ବୃଦ୍ଧିପାଇବା ପରେ ପଶ୍ଚିମବଙ୍ଗରୁ ଆଳୁ ଆସିବାରେ ସମସ୍ୟା କଥା ସାମ୍ନାକୁ ଆସିଥିଲା। ପଶ୍ଚିମବଙ୍ଗ ଏବଂ ଓଡ଼ିଶା ସୀମାରେ ଶହ ଶହ ଆଳୁ ଟ୍ରକ୍ ଅଟକି ରହିଥିଲା। ଟ୍ରକ୍ ଡ୍ରାଇଭରମାନଙ୍କୁ ପଚାରିବାରୁ ପଶ୍ଚିମବଙ୍ଗ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ଟ୍ରକ୍‌ଗୁଡ଼ିକ ଓଡ଼ିଶା ଛଡ଼ାଯାଉ ନ ଥିବା ଜଣାପଡ଼ିଥିଲା। ପରବର୍ତ୍ତୀ ସମୟରେ ପଶ୍ଚିମବଙ୍ଗ ସରକାରଙ୍କ ସହ ଆଲୋଚନା ପରେ ଆଳୁ ଟ୍ରକ୍ ଓଡ଼ିଶା ଆସିଥିଲା। ସେହି ସମୟରେ ମଧ ରାଜ୍ୟ ସରକାରଙ୍କ ବିଭାଗୀୟ ମନ୍ତ୍ରୀ ଆଗକୁ ଆଳୁ ଉତ୍ତରପ୍ରଦେଶରୁ ଅଣାଯିବ ବୋଲି ସୂଚନା ଦେଇଥିଲେ। ଉତ୍ତରପ୍ରଦେଶରେ ଭାଜପା ନେତୃତ୍ୱାଧୀନ ଯୋଗୀ ଆଦିତ୍ୟନାଥଙ୍କ ସରକାର ଥିବାରୁ ସେଠାରୁ ଆଳୁ ଆଣିବାକୁ ଓଡ଼ିଶା ନେତୃତ୍ୱାଧୀନ ଭାଜପା ସରକାର ଚିନ୍ତା କରୁଥିବା ଆଲୋଚନା ହେଉଛି।

# ୧୪ ଅଭିଯୁକ୍ତଙ୍କୁ ଆଜୀବନ ଜେଲ

ପାରଳାଖେମୁଣ୍ଡି, ୧।୮ (ଗିରିଧାରୀ ପରିଛା)

## ହୋଲିରେ ପଥରରେ ଛେଚି ହତ୍ୟା ମାମଲା

୨୦୦୯ ମସିହା ରଙ୍ଗର ପର୍ବ ହୋଲିରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣଙ୍କ ଘରେ ପଶି ପଥରରେ ଛେଚି ହତ୍ୟା ମାମଲାରେ ୧୪ଜଣଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଛି। ଗଜପତି ଜିଲା ପାରଳାଖେମୁଣ୍ଡି ଅତିରିକ୍ତ ଜିଲା ଦୌରାଜଜ ପ୍ରଦୀପ କୁମାର ସାମଲ ଏହି ରାୟ ପ୍ରକାଶ କରିବା ସହ ୧୦ ହଜାର ଟଙ୍କା ଲେଖାଏ ଜରିମାନା ଆଦେଶ ଦେଇଛନ୍ତି। ଦୋଷୀସାବ୍ୟସ୍ତ ହୋଇଥିବା ଅଭିଯୁକ୍ତମାନେ ହେଲେ ସକଳମୁଖୀ ବଲ୍ଲଭ (୮୪), କୁରାଲୁ ବୁଡୁ (୫୬), ନାଗବଂଶ ନାଗାର୍ଜୁନ (୨୮), ପାଡାଲା ପ୍ରସାଦ (୪୭), ବଡ଼ ଜିଲିପି (୪୨), ରାମସ୍ୱାମୀ ନାଗବଂଶ (୩୬), ଲିଆରୀ ସୁରେଶ (୪୨), ରାମକୃଷ୍ଣ ନାଗବଂଶ (୩୪), ସକଳମୁଖୀ ମାଧବ (୨୬), ନାଗବଂଶ ସୀମାଦ୍ରି (୬୨), ହରିକୃଷ୍ଣ ନାଗବଂଶ (୫୦), ପଦ୍ମନ ନାଗବଂଶ (୪୧), ରାଧାକାନ୍ତ ନାଗବଂଶ (୪୩), ଗୁରାଲୁ ଗୋପାଲ (୬୨)। ଏହି ହତ୍ୟା ମାମଲାରେ ୧୬ ଅଭିଯୁକ୍ତଙ୍କ ମଧ୍ୟରୁ ଇତିମଧ୍ୟରେ ୨ଜଣଙ୍କ ମୃତ୍ୟୁ ଘଟିସାରିଛି।

ମାମଲାରୁ ଜଣାଯାଇଛି, ୨୦୦୯ ମାର୍ଚ୍ଚ ୧୨ ହୋଲି ଦିନ। ପାରଳାଖେମୁଣ୍ଡି ନିକଟସ୍ଥ ଘାଷିସାହିରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଅଭିଯୁକ୍ତମାନେ ଗ୍ରାମର ନାଗବଂଶ ଭାସ୍କର ଓ ଜଙ୍ଗମ ହରିନାଥ ପ୍ରଥମେ ଅଞ୍ଜିଳି ନାଗବଂଶଙ୍କ ଘର କବାଟ ଭାଙ୍ଗି ଘରେ ଶୋଇଥିବା ଚିନ୍ନାବାବୁ ନାଗବଂଶ, ବାବି ଗୁରାଲୁ, ଓ ଶିବା ନାଗବଂଶଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଚିନ୍ନାବାବୁଙ୍କ ଛାତି ଉପରେ ପଥର ଛେଚି ଦେଇଥିଲେ। ପରେ ସେହି ସାହିର ମଧୁ ନାଗବଂଶଙ୍କ ଘରେ ପଶି ତାଙ୍କୁ ମରଣାନ୍ତକ ଆକ୍ରମଣ କରିବା ସହ ତାଙ୍କ ସ୍ତ୍ରୀଙ୍କୁ ମାଡ଼ ମାରିଥିଲେ। ମଧୁଙ୍କୁ ପଥରରେ ଛେଚି ତାଙ୍କୁ ଆଣି ନିକଟସ୍ଥ ଏକ ନାଳରେ ଫିଙ୍ଗି ଦେଇଥିଲେ। ତା' ପରେ ପାନ୍ନଡା ଶ୍ରୀନୁଙ୍କ ଘର କବାଟ ଭାଙ୍ଗିବା ପାଇଁ ଉଦ୍ୟମ କରୁଥିବା ବେଳେ ପୋଲିସ ପହଞ୍ଚିଯିବାରୁ ତାଙ୍କ ଜୀବନ ରକ୍ଷା ପାଇଯାଇଥିଲା। ଗୁରୁତରମାନଙ୍କୁ ଉଦ୍ଧାର କରି ପୋଲିସ ହସ୍ପିଟାଲରେ ଭର୍ତ୍ତି କରିଥିଲା। ଚିକିତ୍ସାଧୀନ ଅବସ୍ଥାରେ ୬ ଦିନ ପରେ ଶିବା ନାଗବଂଶଙ୍କ ମୃତ୍ୟୁ ଘଟିଥିଲା। ଏନେଇ ପାନ୍ନଡ଼ା ଶ୍ରୀନୁ ପାରଳାଖେମୁଣ୍ଡି ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ପୋଲିସ ପ୍ରଥମେ ହତ୍ୟା ଉଦ୍ୟମ ଓ ପରେ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ୧୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ମାମଲା ବିଚାରାଧୀନ ଥିବାବେଳେ ଦୁଇ ଅଭିଯୁକ୍ତ ନାଗବଂଶ ଭାସ୍କର ଓ ଜଙ୍ଗମ ହରିନାଥଙ୍କ ମୃତ୍ୟୁ ଘଟିଥିଲା। ୧୫ ବର୍ଷ ପରେ ଗୁରୁବାର ଏହି ମାମଲାର ରାୟ ପ୍ରକାଶ ପାଇଛି। ସମସ୍ତ ସାକ୍ଷୀଙ୍କ ବୟାନ ଓ ତଥ୍ୟ ଆଧାରରେ ପାରଳାଖେମୁଣ୍ଡି ଅତିରିକ୍ତ ଜିଲା ଦୌରାଜଜ ଉପରୋକ୍ତ ୧୪ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି। ପବ୍ଲିକ ପ୍ରସିକ୍ୟୁଟର ବୃନ୍ଦାବନ ନାୟକ ମାମଲାର ପରିଚାଳନା କରିଥିଲେ।

# ନିର୍ବାଚନୀ ଟିଏ, ଡିଏ ପାଇନାହାନ୍ତି ଶିକ୍ଷକ

ଭୁବନେଶ୍ୱର, ୧।୮ (ଅନୁରାଧା ମହାରଣା)

ସାଧାରଣ ନିର୍ବାଚନ-୨୦୨୪ରେ ରାଜ୍ୟର ଶିକ୍ଷୟିତ୍ରୀଶିକ୍ଷକ ନିୟୋଜିତ ହୋଇଥିଲେ। ଇତିମଧ୍ୟରେ ନିର୍ବାଚନ ସରିବାର ୪ ମାସ ବିତିଥିଲେ ମଧ୍ୟ ସମ୍ପୃକ୍ତ ଶିକ୍ଷୟିତ୍ରୀଶିକ୍ଷକମାନେ ଏବାବଦ ଟିଏଡିଏ ପାଇନାହାନ୍ତି ବୋଲି ଓଡିଶା ମାଧ୍ୟମିକ ଶିକ୍ଷକ ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ସଂଘ ପକ୍ଷରୁ କୁହାଯାଇଛି ଯେ, ମତଦାନ ଡ୍ୟୁଟି ପୂର୍ବରୁ ୨ରୁ ୩ ଦିନ ନିର୍ବାଚନ ପ୍ରଶିକ୍ଷଣ ଦିଆଯାଇଥିଲା। ଏଥିପାଇଁ ପ୍ରବଳ ଗ୍ରୀଷ୍ମପ୍ରବାହ ଭିତରେ ସେମାନେ ନିଜ ବିଦ୍ୟାଳୟଠାରୁ ସ୍ଥିରୀକୃତ ସ୍ଥାନକୁ ଯାଇ ପ୍ରଶିକ୍ଷଣ ନେଇଥିଲେ। ଅର୍ଥ ବିଭାଗ ଏବଂ ଗୃହ(ନିର୍ବାଚନ) ବିଭାଗର ଚିଠି ଅନୁଯାୟୀ, ନିର୍ବାଚନ ସରିବା ପରେ ତୁରନ୍ତ ଡ୍ୟୁଟି କରିଥିବା କର୍ମଚାରୀମାନଙ୍କୁ ନିର୍ଦ୍ଧାରିତ ଟିଏ/ଡିଏ ପ୍ରଦାନ କରିବାକୁ ନିର୍ଦ୍ଦେଶ ରହିଥିଲା। ଓଡିଶା ସରକାରଙ୍କ ଅଧୀନରେ ଥିବା ପ୍ରାୟସବୁ ବିଭାଗର କର୍ମଚାରୀମାନେ ଏହି ପାଉଣା ପଇସାରି ଥିବାବେଳେ ଗଣଶିକ୍ଷା ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା କେତେଜଣ ଶିକ୍ଷୟିତ୍ରୀଶିକ୍ଷକ ଏଥିରୁ ବଞ୍ଚିତ ହୋଇଛନ୍ତି। ସେମାନେ ବାରମ୍ବାର ଜିଲାଶିକ୍ଷା ଅଧିକାରୀ କାର୍ଯ୍ୟାଳୟରେ ଯୋଗାଯୋଗ କରି ମଧ କିଛି ସୁଫଳ ପାଇପାରି ନାହାନ୍ତି। ତେଣୁ ନିର୍ବାଚନ ଡ୍ୟୁଟି କରିଥିବା ସମସ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ଯଥାଶୀଘ୍ର ସେମାନଙ୍କ ପାଉଣା ପ୍ରଦାନ କରିବା ପାଇଁ ସଂଘର ନେତା ପ୍ରଦୀପ୍ତ କୁମାର ପ୍ରଧାନ, ଅମରେନ୍ଦ୍ର ସ୍ୱାଇଁ, ବିଶ୍ୱଜିତ ବିଶ୍ୱାଳ, ପଞ୍ଚାନନ ଜେନା, ଚନ୍ଦ୍ରକାନ୍ତ ପଣ୍ଡା, ନିରୋଦ ରଥ, ଗିରିଜା ଶଙ୍କର କୁଣ୍ଡ, ପ୍ରବୀର ମୋହନ ପଣ୍ଡା ପ୍ରମୁଖ ସରକାରଙ୍କ ଉଦ୍ଦେଶ୍ୟରେ ଦାବି ରଖିଛନ୍ତି।




# ୨ ବର୍ଷ ହେବ ଏନ୍‌ଏଫ୍‌ଏସ୍‌ଏ ହିତାଧିକାରୀଙ୍କୁ ମିଳୁନି ଗହମ

ଭୁବନେଶ୍ୱର, ୧।୮ (ଅନିଲ ଦାସ)

ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା (ଏନ୍‌ଏଫ୍‌ଏସ୍‌ଏ)ରେ ହିତାଧିକାରୀଙ୍କୁ ଗହମ ମିଳୁନାହିଁ। ୨୦୨୨ ଜୁନ୍‌ରୁ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଯୋଗାଇ ଦିଆଯାଉଥିବା ଖାଦ୍ୟଶସ୍ୟରୁ ଗହମ ବାଦ୍ ଦିଆଯାଇଛି। ରାଜ୍ୟରେ ଖାଉଟିମାନଙ୍କ ପାଇଁ ବାର୍ଷିକ ୫.୭୨୪ ଲକ୍ଷ ମେଟ୍ରିକ ଟନ୍ ଗହମ ଆବଶ୍ୟକ ରହିଛି। ୨୦୨୧-୨୨ରେ ରାଜ୍ୟ ପାଇଁ ୫.୫୬ ଲକ୍ଷ ମେଟ୍ରିକ ଟନ୍ ଗହମ ଆବଶ୍ୟକ ଥିବା ବେଳେ ସାଧାରଣ ବଣ୍ଟନ ବ୍ୟବସ୍ଥାରେ କେନ୍ଦ୍ର ସରକାର ୨.୯୭ ଲକ୍ଷ ମେଟ୍ରିକ ଟନ୍ ଏବଂ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ୨.୩୨ ଲକ୍ଷ ଟନ୍ ଯୋଗାଇଛନ୍ତି। ସେହିପରି ୨୦୨୨-୨୩ରେ ୫.୬୪ ଲକ୍ଷ ମେଟ୍ରିକ ଟନ୍ ଗହମର ଆବଶ୍ୟକ ଥିବାବେଳେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ୦.୪୯ ଏବଂ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ୧.୯୩ ଲକ୍ଷ ମେଟ୍ରିକ ଟନ୍ ଗହମ ଯୋଗାଇଛନ୍ତି। ତେବେ ୨୦୨୨ ଜୁନ୍ ଠାରୁ ଆଉ ରାଜ୍ୟକୁ ଗହମ ମିଳୁନାହିଁ। ମଧୁମେୟ ପୀଡ଼ିତ ହିତାଧିକାରୀ ଗହମ ଉପରେ ନିର୍ଭର କରୁଥିଲେ ମଧ ସେମାନେ ଚାଉଳ ନେବାକୁ ବାଧ ହେଉଛନ୍ତି। ରାଜ୍ୟରେ ଅଧିକ ଧାନ ଉତ୍ପାଦନ ହେଉଥିବାରୁ ହିତାଧିକାରୀମାନଙ୍କୁ ଗହମ ବଦଳରେ ଚାଉଳ ଦେବାକୁ ତତ୍କାଳୀନ ବିଜେଡି ସରକାର କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଥିଲେ। ଏହାଛଡ଼ା ନିର୍ଦ୍ଧାରିତ ସମୟରେ ଭାରତୀୟ ଖାଦ୍ୟ ନିଗମ ଗହମ ଯୋଗାଇ ପାରୁ ନ ଥିବାରୁ ବଣ୍ଟନରେ ଅନେକ ସମୟରେ ସମସ୍ୟା ଦେଖାଦେଇଥିଲା। ଏଥିପାଇଁ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଗହମ ଯୋଗାଣ ବନ୍ଦ ରହିଛି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଆବଶ୍ୟକ ହେଲେ ରାଜ୍ୟ ସରକାର ଗହମ ଯୋଗାଇ ଦେବାକୁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିବେ ବୋଲି ସେ କହିଛନ୍ତି।

ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳର ଅଧିକାଂଶ ହିତାଧିକାରୀ ଗହମ ଉପରେ ନିର୍ଭର କରୁଛନ୍ତି। ଭୁବନେଶ୍ୱର ଏନ୍‌ଏଫ୍‌ଏସ୍‌ଏ ହିତାଧିକାରୀ ନମିତା ବିଶୋଇ କହିଛନ୍ତି, ଚାଉଳ ମିଳୁଥିଲେ ମଧ ଦୋକାନରୁ ଅଟା କିଣି ଖାଇବାକୁ ପଡୁଛି। ମଧୁମେୟ ରୋଗ ଥିବାରୁ ରୁଟି ଖାଇବାକୁ ପଡୁଛି। ବଜାରରୁ ୪୫ ଟଙ୍କା କିଲୋ ଦରରେ ଅଟା କିଣିବାକୁ ପଡୁଛି। ପଇସା ନ ଥିଲେ ଅଟା କିଣିବା ବନ୍ଦ ହୁଏ। କମ୍ ଦରରେ ଗହମ ମିଳୁଥିଲା। ଗତ ଦୁଇବର୍ଷ ହେବ ଆଉ ମିଳୁ ନାହିଁ। ସରକାର ଯାହାର ଗହମ ଦରକାର ତାଙ୍କୁ ଯୋଗାଇ ଦେଲେ ଭଲ ହୁଅନ୍ତା ବୋଲି ସେ କହିଛନ୍ତି।

# ସ୍ୱତନ୍ତ୍ର ସ୍ତନ୍ୟପାନରେ ଓଡ଼ିଶା ଜାତୀୟ ସ୍ତରଠାରୁ ଆଗରେ

ଭୁବନେଶ୍ୱର, ୧।୮ (ବନ୍ଦନା ସେଠୀ)

## ମା' କ୍ଷୀର ଶିଶୁ ପାଇଁ ପୋଷଣର ପ୍ରଥମ ଉତ୍ସ


ଓଡ଼ିଶାରେ ଜନ୍ମର ପ୍ରଥମ ଘଣ୍ଟା ମଧ୍ୟରେ ୬୮.୫% ଶିଶୁ ସ୍ତନ୍ୟପାନ କରନ୍ତି, ଯାହା ଜାତୀୟ ହାର ୪୧.୮%ଠାରୁ ଅଧିକ। ସେହିଭଳି ପ୍ରଥମ ୬ମାସରେ ନବଜାତ ଶିଶୁକୁ ସ୍ୱତନ୍ତ୍ର ସ୍ତନ୍ୟପାନ କରାଇବାରେ ମଧ ଓଡ଼ିଶା ଜାତୀୟ ହାରଠାରୁ ଆଗରେ ରହିଛି। ଓଡ଼ିଶାରେ ଏହି ହାର ୭୨.୯% ଥିବାବେଳେ ଜାତୀୟ ହାର ୬୩.୭% ରହିଛି। ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ ଅବସରରେ ଗୁରୁବାର ରାଜ୍ୟ ପରିବାର କଲ୍ୟାଣ ନିର୍ଦ୍ଦେଶାଳୟ ଓ ୟୁନିସେଫ୍ ପକ୍ଷରୁ ନ୍ୟାଶନାଲ ଫ୍ୟାମିଲି ହେଲ୍‌ଥ ସର୍ଭେ-୫ ରିପୋର୍ଟକୁ ଆଧାର କରି ଏହି ସୂଚନା ଦିଆଯାଇଛି।

ପ୍ରତିବର୍ଷ ଅଗଷ୍ଟ ୧ରୁ ୭ ପର୍ଯ୍ୟନ୍ତ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ କରାଯାଉଛି। ଏହି ବିଶ୍ୱସ୍ତରୀୟ ଅଭିଯାନ ମାଧ୍ୟମରେ ସ୍ୱତନ୍ତ୍ର ସ୍ତନ୍ୟପାନର ଉପକାରିତା ବିଷୟରେ ସଚେତନତା ବଢ଼ାଇବା ସହିତ ଯେ କୌଣସି ସ୍ଥାନରେ ଓ ଯେ କୌଣସି ସମୟରେ ସ୍ତନ୍ୟପାନ କରାଇବା ପାଇଁ ମା'ଙ୍କ ଅଧିକାରକୁ ପ୍ରୋତ୍ସାହନ, ସୁରକ୍ଷା ଏବଂ ସମର୍ଥନ ଦିଆଯାଉଛି। ଚଳିତ ବର୍ଷ ଅଭିଯାନର ବିଷୟବସ୍ତୁ ରହିଛି 'ପ୍ରତିବନ୍ଧକକୁ ଦୂର କରିବା: ସମସ୍ତେ ସ୍ତନ୍ୟପାନକୁ ପ୍ରୋତ୍ସାହନ ଦେବା'। ଏହି ପରିପ୍ରେକ୍ଷୀରେ ନିର୍ଦ୍ଦେଶାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଗଣମାଧ୍ୟମ କର୍ମଶାଳାରେ ପରିବାର କଲ୍ୟାଣ ନିର୍ଦ୍ଦେଶିକା ଡା. ସଞ୍ଜୁକ୍ତା ସାହୁ କହିଲେ, ମା' କ୍ଷୀର ଶିଶୁପାଇଁ ପୋଷଣର ପ୍ରଥମ ଉତ୍ସ। ମା'କ୍ଷୀରରେ ସୁରକ୍ଷାମୂଳକ ରୋଗ ପ୍ରତିରୋଧକ ଶକ୍ତି ଥିବାରୁ ଏହା ଶିଶୁଙ୍କୁ ରୋଗରୁ ରକ୍ଷା କରିବାରେ ସହାୟକ ହୋଇଥାଏ। ସ୍ତନ୍ୟପାନ ମା' ଓ ଶିଶୁ ଉଭୟଙ୍କ ପାଇଁ ଲାଭଦାୟକ ଏବଂ ତାହା ସେମାନଙ୍କ ଆଜୀବନ ସ୍ୱାସ୍ଥ୍ୟ ବିକାଶକୁ ପ୍ରୋତ୍ସାହିତ କରିଥାଏ। ଜନ୍ମର ପ୍ରଥମ ଘଣ୍ଟା ମଧ୍ୟରେ ନବଜାତକଙ୍କୁ ସ୍ତନ୍ୟପାନ ଏବଂ ଜନ୍ମର ପ୍ରଥମ ୬ମାସ ପର୍ଯ୍ୟନ୍ତ କେବଳ ସ୍ତନ୍ୟପାନ କରାଯିବା ଉଚିତ। ଏହି ସମୟ ମଧ୍ୟରେ ଅନ୍ୟ କୌଣସି ଖାଦ୍ୟ କିମ୍ବା ତରଳ ପଦାର୍ଥ ଯୋଗାଇ ଦିଆଯିବା ଉଚିତ ନୁହେଁ। ସରକାର ୧୨ଟି ବେବି ଫ୍ରେଣ୍ଡ୍‌ଲି ହସ୍ପିଟାଲ ଇନିସିଏଟିଭ୍(ବିଏଫ୍‌ଏଚ୍‌ଆଇ) ପ୍ରମାଣିତ ଡାକ୍ତରଖାନା, ୨ଟି ଡାକ୍ତରଖାନାରେ ସମ୍ପୂର୍ଣ୍ଣ ସ୍ତନ୍ୟପାନ ବ୍ୟବସ୍ଥାପନ କେନ୍ଦ୍ର, ୧୮ଟି ସ୍ଥାନରେ ସ୍ତନ୍ୟପାନ ପରିଚାଳନା ୟୁନିଟ୍ ଏବଂ କଙ୍ଗାରୁ ମଦର୍ସ କେୟାର ମାଧ୍ୟମରେ ମା'ଶିଶୁଙ୍କ ଶାରୀରିକ ସ୍ପର୍ଶକୁ ପ୍ରୋତ୍ସାହନ କରି ସ୍ତନ୍ୟପାନକୁ ସମର୍ଥନ ଦେଉଛନ୍ତି। ଏଥିସହ ଜିଲା ମୁଖ୍ୟ ଡାକ୍ତରଖାନାରେ ୩୧ଟି ଶିଶୁ ଏବଂ କିଶୋର ପୋଷଣ (ଆଇୱାଇସିଏଫ୍) ପରାମର୍ଶ କେନ୍ଦ୍ର ସ୍ଥାପନ କରାଯାଇଛି। 'ମା' କାର୍ଯ୍ୟକ୍ରମରେ ରାଜ୍ୟର ସମସ୍ତ ଆଇୱାଇସିଏଫ୍ ଅଞ୍ଚଳରେ ମେଡିକାଲ ଅଫିସର, ଷ୍ଟାଫ୍ ନର୍ସ, ଏଏନ୍‌ଏମ୍, ଆଶା ଏବଂ ଅଙ୍ଗନୱାଡି କେନ୍ଦ୍ରକୁ ତାଲିମ ଦିଆଯାଇଛି ବୋଲି ଡା. ସାହୁ ମତ ଦେଇଛନ୍ତି।

ୟୁନିସେଫ୍ ଓଡ଼ିଶାର ପୋଷଣ ବିଶେଷଜ୍ଞ ସୌରଭ ଭଟ୍ଟାଚାର୍ଯ୍ୟ କହିଲେ, ଗଠନମୂଳକ ପ୍ରତିବନ୍ଧକ ଏବଂ ଫର୍ମୁଲା ମାର୍କେଟିଂ ଦ୍ୱାରା ଅନେକ ମହିଳା ସ୍ତନ୍ୟପାନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହାର ସମାଧାନରେ ବ୍ୟାପକ ନୀତି, ସ୍ୱାସ୍ଥ୍ୟସେବାରେ ଉନ୍ନତି ଏବଂ ସମ୍ପ୍ରଦାୟର ପଦକ୍ଷେପଗୁଡ଼ିକ ନିଆଯିବାର ଆବଶ୍ୟକତା ରହିଛି। ଶିଶୁ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଡ. ଆଦିତ୍ୟ ମହାପାତ୍ର, ପୋଷଣ ଯୁଗ୍ମନିର୍ଦ୍ଦେଶକ ଡ. ସ୍ମୃତିଜିତ ପଟ୍ଟନାୟକ ଯୋଗଦେଇ ଉଭୟ ମା' ଓ ଶିଶୁଙ୍କ ପାଇଁ ସ୍ତନ୍ୟପାନର ବହୁମୁଖୀ ଉପକାରିତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଅତିଥିମାନେ ଏକ ପୁସ୍ତିକା ଉନ୍ମୋଚନ କରିଥିଲେ।




ଗଣମାଧ୍ୟମ କର୍ମଶାଳାରେ ପରିବାର କଲ୍ୟାଣ ନିର୍ଦ୍ଦେଶିକା ଡା. ସଞ୍ଜୁକ୍ତା ସାହୁ ଓ ଅନ୍ୟ ଅତିଥିମାନେ ପୁସ୍ତିକା ଉନ୍ମୋଚନ କରୁଛନ୍ତି।



# ହାରିସ୍‌ଙ୍କ ପାଇଁ ସୁଯୋଗ



ଚାର୍ଲ୍ସ ଏ. କୁପଚାନ

କମଳା ହାରିସ୍ ଆମେରିକାର ରାଷ୍ଟ୍ରପତି ନିର୍ବାଚନରେ ଜିତିପାରିବେ। ହଁ, କିନ୍ତୁ ଡୋନାଲ୍ଡ ଟ୍ରମ୍ପ ଜଣେ ଶକ୍ତିଶାଳୀ ପ୍ରାର୍ଥୀ। ଜୁଲାଇ ୧୩ରେ ଟ୍ରମ୍ପଙ୍କୁ ହତ୍ୟା କରିବାକୁ ହୋଇଥିବା ଉଦ୍ୟମ ଉପରେ ତାଙ୍କ ପ୍ରତିରୋଧୀ ପ୍ରତିକ୍ରିୟା ନିର୍ବାଚନ ପ୍ରଚାରକୁ ଶକ୍ତିଶାଳୀ କରିଦେଲା। କିନ୍ତୁ ରାଷ୍ଟ୍ରପତି ଜୋ ବାଇଡେନ ଓହରିଯିବା ପରେ ହାରିସ୍ ଡେମୋକ୍ରାଟ ପ୍ରାର୍ଥୀ ଭାବେ ଉଭା ହୋଇ ବିଜୟ ସମ୍ଭାବନା ସୃଷ୍ଟି କରିଛନ୍ତି। ସିକାଗୋରେ ଆସନ୍ତା ମାସରେ ହେବାକୁ ଥିବା ପାର୍ଟି ସମ୍ମିଳନୀରେ ନାମାଙ୍କନ ପାଇବା ପାଇଁ ଆବଶ୍ୟକତାଠାରୁ ଅଧିକ ପ୍ରତିନିଧିଙ୍କ ସମର୍ଥନ ସେ ଦିନ କେଇଟାରେ ହାସଲ କରିନେଲେ। ବିନା ଦ୍ୱିଧାରେ ବି ବାଇଡେନଙ୍କ ପ୍ରଚାର ଡାଞ୍ଚା ନୂତନ ପ୍ରାର୍ଥୀଙ୍କୁ ସମର୍ଥନ କରିଗଲା। ୪୮ ଘଣ୍ଟା ମଧ୍ୟରେ ହାରିସ୍ ୧୦୦ ମିଲିୟନ ଡଲାର ସଂଗ୍ରହ କଲେ ଏବଂ ଏହା ପ୍ରଭାବୀ ପଦକ୍ଷେପ ସାବ୍ୟସ୍ତ ହେଲା। ବିପୁଳ ସଂଖ୍ୟାର ୭୦% ଡେମୋକ୍ରାଟ ହାରିସ୍‌ଙ୍କ ସମର୍ଥନରେ ବାହାରିଲେ। ସର୍ଭେରୁ ଜଣାପଡ଼େ ଯେ, ପ୍ରଚାରରେ ବାଇଡେନଙ୍କଠାରୁ ଟ୍ରମ୍ପ୍ ଯେଉଁ ଲିଡ୍ ନେଇଥିଲେ ସେହି ଅନ୍ତରକୁ ଖୁବ୍ ଶୀଘ୍ର ହାରିସ୍ ଦୂର କରିପାରିଛନ୍ତି।

ହାରିସ୍‌ଙ୍କ ସପକ୍ଷରେ ଏଭଳି ସମର୍ଥନ ବୃଦ୍ଧି ଡେମୋକ୍ରାଟଙ୍କ ସହଯୋଗ ମନୋଭାବରୁ ସୃଷ୍ଟି ହୋଇଛି ଏବଂ ସେମାନଙ୍କ ପାଇଁ ବର୍ତ୍ତମାନ ଲଢ଼େଇ କରିବାର ସୁଯୋଗ ଆଣିଛି। କିନ୍ତୁ ଏହି ସମର୍ଥନ ତାଙ୍କ ଆକର୍ଷଣ, ରେକର୍ଡ ଏବଂ ଯୋଗ୍ୟତା ସମ୍ପର୍କରେ ବ୍ୟାପକ ଉତ୍ସାହକୁ ମଧ୍ୟ ପ୍ରତିଫଳିତ କରିଛି। ହାରିସ୍‌ଙ୍କ ପିତା ଜାମାଇକାର ଏବଂ ମାତା ଜଣେ ଭାରତୀୟ। ତାଙ୍କ ସ୍ୱାମୀ ଜଣେ ଇହୁଦୀ। ହାରିସ୍‌ଙ୍କର ଏଭଳି ଏକ ବହୁ ସାଂସ୍କୃତିକ ପରିଚୟ ତାଙ୍କ ନିର୍ବାଚନ ସଭା ପ୍ରତି ଯୁବବର୍ଗ, ପ୍ରଗତିଶୀଳ ଭୋଟର ଏବଂ ଅଣ ଶ୍ୱେତାଙ୍ଗଙ୍କ ମଧ୍ୟରେ ଉତ୍ସାହ ବଢ଼ାଇବାରେ ସାହାଯ୍ୟ କରିବ, ଯେଉଁମାନଙ୍କ ପାଖରେ ପହଞ୍ଚିବାକୁ ବାଇଡେନ ସଂଘର୍ଷ କରିଥିଲେ। ଏହି ଗୋଷ୍ଠୀର ପ୍ରାଥମିକତାରେ ଥିବା ସମସ୍ୟା ଯଥା ଜାତିଗତ ଏବଂ ଲିଙ୍ଗଗତ ସମାନତା, ପ୍ରଜନନ ଅଧିକାର, ଇମିଗ୍ରେଶନ ଏବଂ ଜଳବାୟୁ ପରିବର୍ତ୍ତନ ଉପରେ ହାରିସ୍ ଗଭୀର ଭାବେ ଜଡ଼ିତ। ଗାଜା ଯୁଦ୍ଧ ଉପରେ ହାରିସ୍‌ଙ୍କ ଆଭିମୁଖ୍ୟ ମଧ୍ୟ ପ୍ରଗତିଶୀଳଙ୍କୁ ଆକର୍ଷିତ କରିଛି। ମାର୍ଚ୍ଚରେ ସେ ତୁରନ୍ତ ଅସ୍ତ୍ରବିରତି ପାଇଁ କହିଥିଲେ ଏବଂ ଗତ ଗୁରୁବାର ଦିନ ବେଞ୍ଜାମିନ ନେତନ୍ୟାହୁଙ୍କୁ କହିଥିଲେ ଯେ, ସେ ପାଲେଷ୍ଟାଇନର ଦୁଃଖକୁ ନେଇ ଚୁପ ରହିବେ ନାହିଁ।

ହାରିସ୍‌ଙ୍କୁ ଜଣେ ଚରମ ବାମପନ୍ଥୀ ବ୍ୟକ୍ତି ବୋଲି ଟ୍ରମ୍ପ ନାମିତ କରିଛନ୍ତି, କିନ୍ତୁ ସେ ପ୍ରକୃତରେ ଜଣେ ଯର୍ଥାଥବାଦୀ ନରମପନ୍ଥୀ। ୨୦୨୦ ରାଷ୍ଟ୍ରପତିଙ୍କ ନାମାଙ୍କନ ପାଇଁ ହାରିସ୍ ବିଶେଷକରି ଜଳବାୟୁ ପ୍ରସଙ୍ଗରେ ପ୍ରଗତିଶୀଳ ଶିବିର ପ୍ରତି ଢଳିଥିଲେ। କିନ୍ତୁ ତାଙ୍କ ରାଜନୈତିକ କ୍ୟାରିୟରରେ ସେ ସାଧାରଣତଃ ନିଜ ଦଳର ନରମପନ୍ଥୀ ବିଚାରଧାରା ସହିତ ରହିଆସିଛନ୍ତି। କାଲିଫର୍ନିଆର ଜଣେ ଓକିଲ ଭାବେ



ଅପରାଧ ଉପରେ ଅତ୍ୟଧିକ କଠୋର ହୋଇଥିବାରୁ ସେ ବାମପନ୍ଥୀଙ୍କ ସମାଲୋଚନାର ସମ୍ମୁଖୀନ ହୋଇଥିଲେ। ଜଣେ ଆମେରିକୀୟ ସିନେଟର ତଥା ବର୍ତ୍ତମାନ ଉପରାଷ୍ଟ୍ରପତି ଭାବରେ ବାଇଡେନଙ୍କ ଦ୍ୱାରା ପରିଚାଳିତ ଉଦାରବାଦୀ ନୀତି ଅନୁଯାୟୀ ଅଧିକାଂଶ ପ୍ରସଙ୍ଗରେ ତାଙ୍କର ଦୃଷ୍ଟିକୋଣ ଅଧିକ ସମାନ ରହିଆସିଛି। ଅର୍ଥନୈତିକ କ୍ଷେତ୍ରରେ ସେହି ନୀତିଗୁଡ଼ିକ ମହାମାରୀ ପରବର୍ତ୍ତୀ ପୁନରୁଦ୍ଧାରରେ ସହାୟକ ହୋଇଛି।

ଟ୍ରମ୍ପଙ୍କ କହିବାନୁସାରେ ହାରିସ୍ ଉପରାଷ୍ଟ୍ରପତି ଭାବେ କାର୍ଯ୍ୟ କରୁଥିବାବେଳେ ଦକ୍ଷିଣ ସୀମାରେ ପ୍ରବାସୀଙ୍କ ଅତ୍ୟଧିକ ଅନୁପ୍ରବେଶ ହୋଇଛି ଓ ଏଥିପାଇଁ ସେ ଦାୟୀ। ନିଃସନ୍ଦେହ ଯେ ବାଇଡେନଙ୍କ ପ୍ରଶାସନ ବେଆଇନ ଇମିଗ୍ରେଶନ ହ୍ରାସ କରିବାକୁ ସଂଘର୍ଷ କରିଛି। ବାସ୍ତବରେ ଦୁର୍ନୀତିର ମୁକାବିଲା କରିବା ସହ କେନ୍ଦ୍ରୀୟ ଆମେରିକାର ତଥାକଥିତ ନର୍ଦନ ଟ୍ରାଙ୍ଗେଲ- ଏଲ୍ ସାଲ୍‌ଭାଡୋର, ଗୁଆଟେମାଲା ଏବଂ ହୋଣ୍ଡୁରାସରେ ଅର୍ଥନୈତିକ ସୁଯୋଗକୁ ସୁଦୃଢ଼ .କରି ପ୍ରବାସୀଙ୍କ ଆଗମନ ମୂଳ କାରଣଗୁଡ଼ିକ ସମାଧାନ କରିବା ପାଇଁ ପ୍ରଶାସନର ପଦକ୍ଷେପର ନେତୃତ୍ୱ ନେବାରେ ହାରିସ୍‌ଙ୍କର ମୁଖ୍ୟ ଭୂମିକା ଥିଲା। ମଝିରେ ମଝିରେ ହ୍ୟାରିସ୍ ମଧ୍ୟ କଡ଼ା ବାର୍ତ୍ତା ଦେଇ ଆସୁଛନ୍ତି। ୨୦୨୧ରେ ସେ ଗୁଆଟେମାଲାର ଲୋକଙ୍କୁ ଚେତାବନୀ ଦେଇ କହିଥିଲେ, "ଆସ ନାହିଁ, ଯଦି ତୁମେ ଆମ ସୀମାକୁ ଆସିବ, ତେବେ ତୁମକୁ ଫେରାଇଦିଆଯିବ।"

ଟ୍ରମ୍ପଙ୍କ ପ୍ରେରଣାରେ ରିପବ୍ଲିକାନମାନେ ଜୁନ୍‌ରେ ଏକ ଉଚ୍ଚାଭିଳାଷୀ, ଦ୍ୱିପାକ୍ଷିକ ଇମିଗ୍ରେଶନ ସଂସ୍କାର ବିଲ୍ ଖାରଜ କରିଦେବା ପରେ ବାଇଡେନ ବେଆଇନ ସୀମା ପାର ଉପରେ ରୋକ ଲଗାଇବା ପାଇଁ ଏକ ସରକାରୀ ନିର୍ଦ୍ଦେଶ ଜାରି କରିଥିଲେ। ମେକ୍ସିକୋ କର୍ତ୍ତୃପକ୍ଷଙ୍କ ସହାୟତା କ୍ରମେ ମେକ୍ସିକୋରେ ଆଶ୍ରୟ ଖୋଜୁଥିବା ଲୋକଙ୍କୁ ଆମେରିକାର ବୈଧାନିକ ପ୍ରବେଶ ପଥରେ ଠିକ୍ ସମୟରେ ଉପସ୍ଥିତ ହେବାକୁ ଅନୁମତି ଦେଉଥିବା ଏକ ଆପ୍ ଆରମ୍ଭ କରିବା ହିଁ ବେଆଇନ ପ୍ରବେଶକୁ ରୋକିବାରେ ସାହାଯ୍ୟ କରିଛି। ଏହି ନୀତିଗୁଡ଼ିକ ଅନଧିକୃତ ସୀମା ପାରକୁ ୨୦୨୧ରେ ଟ୍ରମ୍ପଙ୍କ ପ୍ରଥମ ରାଷ୍ଟ୍ରପତିତ୍ୱ କାର୍ଯ୍ୟକାଳ ଶେଷ ସମୟ ତୁଳନାରେ ବହୁତ କମାଇ ପାରିଛି। ସୁଇଂ ଷ୍ଟେଟ୍ (ଉଭୟ ଦଳ ଭୋଟରଙ୍କ ସମର୍ଥନ ସମାନ ସ୍ଥିତିରେ ଥିବା ରାଜ୍ୟଗୁଡ଼ିକ) ଯଥା ଆରିଜୋନା, ଜର୍ଜିଆ, ନେଭାଡା, ମିଚିଗାନ, ପେନସିଲଭାନିଆ ଏବଂ ୱିସ୍‌କୋନସିନରେ ଥିବା ନରମପନ୍ଥୀଙ୍କ ମଧ୍ୟରେ ହାରିସ୍‌ଙ୍କ ଆକର୍ଷଣୀୟ ନରମପନ୍ଥୀବାଦ ଆବେଦନକୁ ବ୍ୟାପକ କରାଯିବା ଉଚିତ। ଏହା ହିଁ ନଭେମ୍ବରରେ ଫଳାଫଳ ନିର୍ଣ୍ଣୟ କରିବ। ଧୀର ତଥା ନରମପନ୍ଥୀ ରିପବ୍ଲିକାନମାନଙ୍କଠାରୁ ସମର୍ଥନ ପାଇବାରେ ଟ୍ରମ୍ପ ପୂର୍ବରୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ ଏବଂ ସେ ତାଙ୍କ ରନିଂ ମେଟ ବା ଉପ ରାଷ୍ଟ୍ରପତି ପ୍ରାର୍ଥୀ ଭାବେ ଆମେରିକା ସିନେଟର ଜେଡି ଭାନ୍ସଙ୍କୁ ଚୟନ କରି ଏହାକୁ ଆହୁରି ଜଟିଳ କରିଦେଲେ। ଭାନ୍ସ କଲେଜରୁ ଡିଗ୍ରୀ ହାସଲ କରିଛନ୍ତି ଓ ୪୦%ରୁ ସାମାନ୍ୟ ଅଧିକ ଭୋଟରଙ୍କ ପ୍ରତିନିଧିତ୍ୱ କରନ୍ତି। କିନ୍ତୁ ଟ୍ରମ୍ପ ଏହି ସୀମିତ ଆଧାରକୁ ନେଇ ଜିତି ପାରିବେ ନାହିଁ। ଜଣେ ଓହିଓର ନେତାଙ୍କୁ ଚୟନ କରିବା ଦ୍ୱାରା ଟ୍ରମ୍ପଙ୍କ ବିଜୟ ସମ୍ଭାବନା ମଜଭୁତ ହୋଇପାରିବ ନାହିଁ।

ହାରିସ୍ ରାଜନୈତିକ କେନ୍ଦ୍ରରେ ନିଜକୁ ସ୍ଥାନିତ କରି ଉଭୟ ପାର୍ଟିର ନରମପନ୍ଥୀମାନେ ଥିବା ସୁଇଂ ଷ୍ଟେଟରେ ଜିତିବା ପାଇଁ ତାଙ୍କ ପାଖରେ ଏକ ଗୁରୁତ୍ୱପୂର୍ଣ୍ଣ ସୁଯୋଗ ରହିଛି। ଏଥିପାଇଁ ସେ ଜଣେ ପ୍ରମୁଖ ସୁଇଂ ଷ୍ଟେଟ ରାଜନେତାଙ୍କୁ ତାଙ୍କ ଉପ ରାଷ୍ଟ୍ରପତି ପ୍ରାର୍ଥୀ ଭାବରେ ବାଛିପାରିବେ। ତେବେ ହାରିସ ସହରତଳୀ ଅଞ୍ଚଳର ନରମପନ୍ଥୀ ମହିଳା ଭୋଟରଙ୍କ ମଧ୍ୟରେ ସଫଳତା ପାଇବାକୁ ସକ୍ଷମ ହେବା ଦରକାର, ଯେଉଁମାନଙ୍କ ମଧ୍ୟରୁ ଅନେକେ ଗର୍ଭପାତ ଅଧିକାର ଏବଂ ଭ୍ରଷ୍ଟ ଅତୀତ, ଅଶିଷ୍ଟ ବାକ୍ୟ ଏବଂ ଦୀର୍ଘକାଳୀନ ଅଇନଗତ ସମସ୍ୟାକୁ ନେଇ ରିପବ୍ଲିକାନଙ୍କ ପ୍ରତି ଅତିଷ୍ଠ ଅଛନ୍ତି। ବିଜୟ ପାଇଁ ଆବଶ୍ୟକ ଅଭିଜ୍ଞତା ହ୍ୟାରିସ୍‌ଙ୍କ ପାଖରେ ଅଛି। ଜଣେ ଓକିଲ ଭାବରେ ତାଙ୍କର ଏହି ପୃଷ୍ଠଭୂମି ତାଙ୍କୁ ଭଲ ଭାବରେ ସାହାଯ୍ୟ କରିବ। ବିଲ୍ କ୍ଲିଣ୍ଟନ, ଜର୍ଜ ଡବ୍ଲ୍ୟୁ ବୁଶ, ବାରାକ ଓବାମା ଏବଂ ଡୋନାଲ୍ଡ ଟ୍ରମ୍ପଙ୍କ ସମେତ ଅଧିକାଂଶ ରାଷ୍ଟ୍ରପତି ଆମେରିକାର ବୈଦେଶିକ ନୀତିରେ କୌଣସି ଗୁରୁତ୍ୱପୂର୍ଣ୍ଣ ଅଭିଜ୍ଞତା ନ ଥାଇ କ୍ଷମତା ଅଧିକାରୀ ହୋଇଥିବାବେଳେ ହାରିସ ପ୍ରାୟ ଚାରି ବର୍ଷ ଆମେରିକାର ସବୁଠୁ ଅଭିଜ୍ଞ ନେତା ବାଇଡେନଙ୍କ ନେତୃତ୍ୱରେ ରହି ବହୁ ଅଭିଜ୍ଞତା ହାସଲ କରିଛନ୍ତି। ହାରିସ ୧୦୦ ରୁ ଅଧିକ ବିଶ୍ୱ ନେତାଙ୍କୁ ଭେଟିଛନ୍ତି ଏବଂ ପୃଥିବୀର ପ୍ରାୟ କୋଣ ଅନୁକୋଣକୁ ଯାତ୍ରା କରିଛନ୍ତି। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ସୁରକ୍ଷା ଏବଂ ମହାକାଶରେ ଉଭୟ ବାଣିଜ୍ୟିକ ଏବଂ ଜାତୀୟ- ସୁରକ୍ଷା କାର୍ଯ୍ୟକଳାପ ପ୍ରତି ଆମେରିକାର ରଣନୀତି ସମେତ ଆସୁଥିବା ଆହ୍ୱାନର ସମାଧାନ କରିବା ନେତୃତ୍ୱରେ ସେ ରହିଛନ୍ତି। ଉପରାଷ୍ଟ୍ରପତି ଭାବରେ କାର୍ଯ୍ୟକରି ସେ ନୀତିନିର୍ଦ୍ଧାରଣ ପ୍ରକ୍ରିୟାରେ ଦକ୍ଷତାର ସହ କାମ କରିବାର ସୁଯୋଗ ପାଇଛନ୍ତି।

ବର୍ତ୍ତମାନ ହାରିସ ଆକର୍ଷଣର କେନ୍ଦ୍ରରେ ରହିଛନ୍ତି ଓ ନିଜକୁ ଅନେକ ଆମେରିକୀୟଙ୍କ ନିକଟରେ ତାଙ୍କ ପରିଚୟକୁ ପୁନଃ ଉପସ୍ଥାପିତ କରୁଛନ୍ତି। ତାଙ୍କର ସମ୍ପ୍ରତି ସାର୍ବଜନୀନ ଉପସ୍ଥିତିରୁ ଅଧିକ ଅନୁଭବ ହେଉଛି ଯେ, ତାଙ୍କୁ ଭୋଟରଙ୍କ ସହ ସମ୍ପର୍କ ସ୍ଥାପନ କରିବାକୁ ପଡ଼ିବ। ହାରିସ ଏବଂ ଟ୍ରମ୍ପ ସମାନ ସ୍ତରରେ ଅଛନ୍ତି ଏବଂ ଭବିଷ୍ୟତ କ'ଣ ହେବ ତାହା ଅଧିକ ଆକଳନ କରାଯାଇପାରିବ ନାହିଁ। ଜୁଲାଇ ୨୪ରେ ବାଇଡେନ ତାଙ୍କ ଓଭାଲ ଅଫିସ ସମ୍ବୋଧନରେ କହିଛନ୍ତି ଯେ, ଆମେ ଆମ ଗଣତନ୍ତ୍ରକୁ ଆପଣଙ୍କ ହାତରେ ରଖିଛୁ କି ନାହିଁ, ସେହି ଲକ୍ଷ୍ୟ ହାସଲ କରିବା ପାଇଁ ହାରିସ ହେଉଛନ୍ତି ଉପଯୁକ୍ତ ସମୟରେ ଠିକ୍ ବ୍ୟକ୍ତି।

**ପ୍ରଫେସର, ଇଣ୍ଟରନ୍ୟାଶନାଲ ଆଫେୟାର୍ସ,**
**ଜର୍ଜଟାଉନ ୟୁନିଭର୍ସିଟି**

# ଶୀତଳଭଣ୍ଡାର ନିର୍ମାଣ ହେଉ



ସୌଭାଗ୍ୟ ରଞ୍ଜନ ମହାନ୍ତି

ସାଧାରଣତଃ ବର୍ଷାଦିନ ଆସିଲେ ଆମ ରାଜ୍ୟ ତଥା ଦେଶରେ ପନିପରିବା ସମେତ ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀର ଦର ବଢ଼ିଥାଏ। ଗତ ଜୁନ୍ ମାସରେ ପରିବା ମୂଲ୍ୟ ଅହେତୁକ ଭାବେ ବଢ଼ିବାରୁ ଦେଶରେ ପାଇକାରୀ ମୁଦ୍ରାସ୍ଫୀତି ୩.୩୬ ପ୍ରତିଶତକୁ ବୃଦ୍ଧି ପାଇଛି; ଯାହାକି ଗତ ୧୬ ମାସ ମଧ୍ୟରେ ସର୍ବାଧିକ। କହିବା ବାହୁଲ୍ୟ ଗତ ମେ' ମାସରେ ପନିପରିବାର ପାଇକାରୀ ମୁଦ୍ରାସ୍ଫୀତି ୨.୬୧ ପ୍ରତିଶତ ଥିଲା। କେବଳ ପନିପରିବା ନୁହେଁ, ଖାଦ୍ୟପଦାର୍ଥରେ ମୁଦ୍ରାସ୍ଫୀତି ୯.୮୨ ପ୍ରତିଶତ ଥିବାବେଳେ ଜୁନ୍‌ରେ ୧୦.୮୭ ପ୍ରତିଶତକୁ ବୃଦ୍ଧି ପାଇଥିଲା। ସେହିପରି ପରିବା ମୁଦ୍ରାସ୍ଫୀତି ମେ'ରେ ୩୨.୪୨ ପ୍ରତିଶତ ଥିବାବେଳେ ଜୁନ୍‌ରେ ତାହା ୩୮.୭୬ ପ୍ରତିଶତ ଥିଲା। ଗତ ବର୍ଷ ତୁଳନାରେ ଚଳିତ ବର୍ଷ ଆଳୁ ଓ ପିଆଜର ମୂଲ୍ୟ ଯଥାକ୍ରମେ ୫୬% ଏବଂ ୬୭% ବୃଦ୍ଧି ପାଇଛି। ଟମାଟୋ ମୂଲ୍ୟ ମଧ୍ୟ ଅମୂଳ ମୂଳ। ଗତବର୍ଷ ଏହି ସମୟରେ ଟମାଟୋର ଦର ଯାହା ଥିଲା, ଏବେ କମ୍ ରହିଥିବା ସତ୍ତ୍ୱେ ଖାଉଟିଙ୍କ ପାଇଁ ଦୁର୍ମୂଲ୍ୟ ପାଲଟିଥିବା କହିଲେ ହୁଏତ ଅତିରଞ୍ଜିତ ହୋଇ ନ ପାରେ। ଏପରି ଅବସ୍ଥା ହୋଇଛି ଯେ, ୫୦୦ଟଙ୍କାରେ ପରିବାରରେ ବ୍ୟାଗ୍ ପୂରୁନାହିଁ। କହିବା ବାହୁଲ୍ୟ, ଆମ ରାଜ୍ୟରେ ଚାହିଦାଠାରୁ ଅଧିକ ପିଆଜ ଉତ୍ପାଦନ ହେଉଥିଲେ ମଧ୍ୟ ଖାଉଟି ଏବେ ବହୁ ମୂଲ୍ୟରେ ପିଆଜ କିଣିବାକୁ ବାଧ୍ୟ ହେଉଛି। ଏହାର ମୁଖ୍ୟ କାରଣ ହେଉଛି ଶୀତଳ ଭଣ୍ଡାର ଏବଂ ବଜାରରେ ଅଭାବ।

ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଏବଂ ଜାତୀୟ ନମୁନା ସର୍ବେକ୍ଷଣ (ଏନ୍‌ଏସ୍‌ଏସ୍) ତଥ୍ୟ ଅନୁଯାୟୀ ବାର୍ଷିକ ପ୍ରାୟ ୩.୫୫ ଲକ୍ଷ ମେଟ୍ରିକ ଟନ୍ ପିଆଜ ରାଜ୍ୟରେ ଆବଶ୍ୟକ ଥିବାବେଳେ ୨୦୨୨-୨୩ ବର୍ଷରେ ୩.୬୮ ମେଟ୍ରିକ ଟନ ପିଆଜ ଉତ୍ପାଦିତ ହୋଇଥିଲା। କେବଳ ୨୦୨୨-୨୩ ନୁହେଁ, ୨୦୧୬-୧୭ରେ ବାର୍ଷିକ ୩.୭୮ ଲକ୍ଷ ମେଟ୍ରିକ ଟନ ପିଆଜ ଉତ୍ପାଦିତ ହୋଇଥିବାବେଳେ ୨୦୧୭-୧୮ରେ ୩.୭୯, ୨୦୧୮-୧୯ରେ ୩.୭୩, ୨୦୧୯-୨୦ରେ ୩.୬୫, ୨୦୨୧-୨୨ରେ ୩.୫୦ ଲକ୍ଷ ଟନ ପିଆଜ ଉତ୍ପାଦନ ହୋଇଥିବା ସରକାରୀ ରେକର୍ଡ କହେ। ଏହା ନିଃସନ୍ଦେହ ଯେ, ରାଜ୍ୟରେ ଚାହିଦା ତୁଳନାରେ ପିଆଜ ଉତ୍ପାଦନ ବଢ଼ି ଚାଲିଛି। କିନ୍ତୁ ଆମକୁ ବର୍ଷ ସାରା ଅନ୍ୟ ରାଜ୍ୟର ପିଆଜ ଉପରେ ନିର୍ଭର କରିବାକୁ ପଡୁଛି ଏବଂ ଚଢ଼ାଦର ଦେଇ ଖାଉଟି କିଣିବାକୁ ବାଧ୍ୟ ହେଉଛନ୍ତି। ଏହାର କାରଣ ହେଉଛି ସାଇତି ରଖିବା ପାଇଁ ରାଜ୍ୟରେ ଶୀତଳ ଭଣ୍ଡାର ନାହିଁ। ଉତ୍ପାଦନ ସମୟରେ ଆବଶ୍ୟକ ବଜାର ବ୍ୟବସ୍ଥା ଏବଂ ଶୀତଳଭଣ୍ଡାର ଅଭାବରୁ ପଚିଶଢି ଯିବା ଆଶଙ୍କାରେ ଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ହୋଇ ଶାଗମାଛ ଦରରେ ବିକ୍ରି କରିବାକୁ ବାଧ୍ୟ ହେଉଛି।

ଉଲ୍ଲେଖଯୋଗ୍ୟ ଯେ, ୭୦ ଦଶନ୍ଧିର ଆରମ୍ଭରେ ରାଜ୍ୟରେ ବିଭିନ୍ନ ବ୍ଲକ୍‌ରେ ଶୀତଳ ଭଣ୍ଡାର ସ୍ଥାପନ କରାଯାଇଥିଲା। ସରକାରୀ ତଥ୍ୟ ଅନୁଯାୟୀ ରାଜ୍ୟରେ ମୋଟ ୧୮୧ ଶୀତଳ ଭଣ୍ଡାର ଥିବାବେଳେ ଏଥିମଧ୍ୟରୁ ଏବେ କେବଳ ୩୬ଟି କାର୍ଯ୍ୟକ୍ଷମ ରହିଛି। ୭୯ଟି ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିଥିବା ସମୟରେ ଅବଶିଷ୍ଟ ଶୀତଳ ଭଣ୍ଡାରଗୁଡିକ କାର୍ଯ୍ୟ କରିବା ଅବସ୍ଥାରେ ନ ଥିବା କୁହାଯାଏ। ସରକାରୀ ଉଦାସୀନତା ଓ ବୈଷୟିକ ଜ୍ଞାନକୌଶଳର ଅଭାବ ଏଥିପାଇଁ ଦାୟୀ ବୋଲି କହିଲେ ହୁଏତ ଭୁଲ୍ ହୋଇ ନ ପାରେ। କେବଳ ଏତିକି ନୁହେଁ, ରାଜ୍ୟର ୩୦ଟି ଜିଲା ମଧ୍ୟରୁ ୧୩ଟିରେ ଆଦୌ ଶୀତଳ ଭଣ୍ଡାର ନାହିଁ। ରାଜ୍ୟରେ ଆଳୁ ଉତ୍ପାଦନ ବୃଦ୍ଧି ଲାଗି ୨୦୧୫ରେ ରାଜ୍ୟ ସରକାର ଆଳୁ ମିଶନ ପ୍ରତିଷ୍ଠା କରିଥିଲେ। ଆଳୁ ମିଶନ ସମ୍ପୂର୍ଣ୍ଣ ଫେଲ୍ ହୋଇଛି। ରାଜ୍ୟ ପାଇଁ ବାର୍ଷିକ ୧୩.୨୫ ଲକ୍ଷ ମେଟ୍ରିକ ଟନ ଆଳୁ ଆବଶ୍ୟକ ଥିବାବେଳେ ସରକାରୀ ତଥ୍ୟ ଅନୁଯାୟୀ ୨୦୨୨-୨୩ରେ ମାତ୍ର ୩.୨୫ ଲକ୍ଷ ମେଟ୍ରିକ ଟନ ଉତ୍ପାଦନ ହୋଇଛି। ଆଳୁ ପାଇଁ ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ଓଡ଼ିଶା ବାଧ୍ୟ ହେଉଛି। ଏହା ନିଃସନ୍ଦେହ ଯେ, ଶୀଳତ ଭଣ୍ଡାର ଅଭାବରୁ ଏହା ହେଉଛି। ସୁଖର କଥା ବର୍ତ୍ତମାନର ରାଜ୍ୟ ସରକାର ପରିବା ମଣ୍ଡି ସବୁ ଜିଲାରେ ଖୋଲିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ତେବେ କେବଳ ପରିବା ମଣ୍ଡି ନୁହେଁ , ଶୀତଳ ଭଣ୍ଡାର କାର୍ଯ୍ୟକ୍ଷମ ସହ ପରିବା ଉତ୍ପାଦନ ବୃଦ୍ଧି ଉପରେ ଅଗ୍ରାଧିକାର ଦେବା ଜରୁରୀ।

**ଶିଶୁପାଳଗଡ଼, ଭୁବନେଶ୍ୱର**

## ଏଇ ଭାରତରେ

ବାଳିକାମାନଙ୍କୁ ସଶକ୍ତ କରି ସାମାଜିକ ସମସ୍ୟା ଦୂରକରିବା ପାଇଁ ଜଣେ ଆଇଏଏସ୍ ଅଧିକାରୀଙ୍କ ପ୍ରୟାସ ପ୍ରଶଂସନୀୟ। ମହାରାଷ୍ଟ୍ର ନନ୍ଦେଡ ଜିଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ମିନାଲ କରନୱାଲ 'ବାଳିକା ପଞ୍ଚାୟତ' ଅଭିଯାନ ଆରମ୍ଭ କରି ବାଳିକାମାନଙ୍କୁ ପଞ୍ଚାୟତ ସ୍ତରରେ ସକ୍ରିୟ କରିପାରୁଛନ୍ତି, ଯେଉଁଥିରେ ସେମାନେ ସ୍ଥାନୀୟ ସମସ୍ୟା ଚହ୍ନଟ କରି ତାହାକୁ ସମାଧାନ କରିବାରେ ସକ୍ଷମ ହେଉଛନ୍ତି। ଏହି ଯୁବତୀମାନେ ପଞ୍ଚାୟତ ସ୍ତରରେ ମଦ ବ୍ୟବସାୟକୁ ବିରୋଧ କରିବା ସହ ବାଲ୍ୟ ବିବାହ ଏବଂ ଅନ୍ୟ ସମସ୍ୟାଗୁଡ଼ିକୁ ଦୂର କରିବାରେ ଲାଗିଛନ୍ତି। ସେମାନେ ପଦଯାତ୍ରା କରିବା ସହ ବିଭିନ୍ନ ସ୍ଲୋଗାନ ଦେଇ ପଞ୍ଚାୟତ ଭ୍ରମଣ କରିବା ସହ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି ଓ ଏହାର ନେତୃତ୍ୱରେ ରହିଛନ୍ତି ୨୦୧୯ ବ୍ୟାଚର ଆଇଏଏସ ଅଧିକାରୀ ମିନାଲ। ମହାରାଷ୍ଟ୍ର ପଞ୍ଚାୟତିରାଜ ମନ୍ତ୍ରଣାଳୟ ଦ୍ୱାରା ଆଇଆଇଏମ ଅହମଦାବାଦରେ ଆୟୋଜିତ ପ୍ରଶିକ୍ଷଣ ଶିବିରରେ ସେ ବାଳିକା ପଞ୍ଚାୟତ ସମ୍ପର୍କରେ ଶୁଣିଥିଲେ। ପରେ ସେ ଏହାକୁ ନନ୍ଦେଡ ଜିଲାର ପ୍ରାୟ ୬୦ ପଞ୍ଚାୟତରେ କାର୍ଯ୍ୟକାରୀ କରି ସଫଳତା ପାଇପାରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୨ ଅଗଷ୍ଟ ୧୯୭୫**

- ଢେଙ୍କାନାଳ, ସମ୍ବଲପୁର ଓ ଫୁଲବାଣୀ ଜିଲାରେ ଟେଲିଭିଜନ ଶିକ୍ଷାଦାନ କାର୍ଯ୍ୟକ୍ରମ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ଦ୍ୱାରା ଉଦ୍‌ଘାଟିତ।
- ଏସିଆ ଓ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ନିମନ୍ତେ ଅର୍ଥନୈତିକ ଓ ସାମାଜିକ କମିଶନର ୮ଟି ସଭ୍ୟରାଷ୍ଟ୍ର ମଧ୍ୟରେ ଏକ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ।
- ତାଇପେ ଅନ୍ତର୍ଗତ ସଙ୍ଗସାନ ଆନ୍ତର୍ଜାତିକ ବିମାନବନ୍ଦରଠାରେ ଏକ ଗୁରୁତର ବିମାନ ଦୁର୍ଘଟଣା ଘଟି ଅନ୍ୟୂନ ୩୦ ଜଣ ଯାତ୍ରୀ ନିହତ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | | 3 | 8 | | | | | 6 |
| | | | | | 6 | 8 | | |
| 5 | 8 | | | | 4 | | | 3 |
| | | 4 | 5 | | | 7 | | |
| | | | | 3 | | | 1 | 2 |
| 9 | | 2 | | | | | | |
| | | | | 8 | | | | 5 |
| 8 | | | | | 9 | | 3 | |
| | | | 1 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏଉରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 2 | 5 | 7 | 1 | 9 | 6 | 3 | 4 |
| 3 | 9 | 6 | 2 | 8 | 4 | 5 | 7 | 1 |
| 7 | 1 | 4 | 6 | 5 | 3 | 9 | 8 | 2 |
| 6 | 7 | 1 | 3 | 9 | 8 | 4 | 2 | 5 |
| 2 | 4 | 8 | 5 | 6 | 1 | 3 | 9 | 7 |
| 5 | 3 | 9 | 4 | 2 | 7 | 1 | 6 | 8 |
| 9 | 6 | 2 | 8 | 4 | 5 | 7 | 1 | 3 |
| 1 | 5 | 7 | 9 | 3 | 2 | 8 | 4 | 6 |
| 4 | 8 | 3 | 1 | 7 | 6 | 2 | 5 | 9 |

ଗତକାଲିର ଉତ୍ତର

# କାରଣ-ନିରାକରଣ ପ୍ରଶ୍ନ



ଡ. ସୁବାସ ଚନ୍ଦ୍ର ପାତ୍ର

ସୁସଂହତ ସମାଜବୋଧ ନ ଥିବା କିଛି ମଣିଷ ପାଇଁ ଏହି କାରଣ-ନିରାକରଣ ପ୍ରଶ୍ନଟି ଗୋଟିଏ ଗୋଲକଧନ୍ଦା ଭଳି ପ୍ରତୀୟମାନ ହୁଏ। ଅଥଚ ଏହି ପ୍ରଶ୍ନ ପ୍ରତି ମଣିଷର ଆଭିମୁଖ୍ୟରୁ ଜଣାପଡ଼େ ସେ କେତେ ସ୍ୱାର୍ଥପର, ସୁବିଧାବାଦୀ, ଆତ୍ମକେନ୍ଦ୍ରିକ ଓ କେତେ ପଳାତକ। ଆମେ ଶୁଣୁ କେତେ ସ୍ୱଚ୍ଛନ୍ଦରେ ଲୋକେ କହି ଯାଆନ୍ତି, 'ଏହା ମୋ ସମୟର କଥା ନୁହେଁ; ମୁଁ ଏ ପାଇଁ ଦାୟୀ ନୁହେଁ, ମୋ କାର୍ଯ୍ୟକାଳ ଆଗରୁ ଏ ଘଟଣା ଇତ୍ୟାଦି।'

ଉଚ୍ଚତା ନେଇ ମଣିଷର ଚିନ୍ତନ। ଗାନ୍ଧିଜୀଙ୍କୁ 'ଏହା ମୋ କାମ ନୁହେଁ ବା ଏହା ମୋ ସମୟର ଘଟଣା ନୁହେଁ' ଭଳି କଥା ବହୁତ କଷ୍ଟ ଦେଉଥିଲା। ସେଥିପାଇଁ ସେ ଯେତେବେଳେ କହୁଥିଲେ, 'ମୁଁ ପୃଥିବୀର ସବୁ ଦୀନ ଦୁଃଖୀ ମଣିଷଙ୍କ ଆଖିରୁ ଲୁହ ପୋଛି ଦେବାକୁ ଚାହେଁ' ଏବଂ ଯେତେବେଳେ ପ୍ରଶ୍ନ ହେଲା, 'ଆପଣ ତ ଏହି ଲକ୍ଷ ଲକ୍ଷ ଲୋକଙ୍କ ଅଶ୍ରୁପାତର କାରଣ ନୁହନ୍ତି?' ଗାନ୍ଧୀ ଉତ୍ତର ଦେଇଥିଲେ, 'କାରଣ ନ ହେଲେ ବି ନିରାକରଣ ବି ତ ନୁହେଁ। ଅର୍ଥାତ୍ ମୁଁ ସେ ମଣିଷ ବା ମଣିଷମାନଙ୍କର ନ କାନ୍ଦିବା ପାଇଁ କ'ଣ କରିଛି?'

କାହାରି ଦୁଃଖଲାଘବ ପାଇଁ ବସ୍ତୁତଃ କାରଣ ନ ଥାଇ, ଆତ୍ମ-ଦାୟିତ୍ୱ ନ ଥାଇ ସଂଶ୍ଳିଷ୍ଟ ହୋଇ ପଡ଼ିବା ମନୋଭାବରୁ ନାଗରିକତ୍ୱ ଆରମ୍ଭ। କିଛିଦିନ ତଳେ ମୋ ଘରକୁ ଆସିଥିବା ପାଣିମିସ୍ତ୍ରିଟିଏ ପାଣିବୁହା କଳ ବିକୁଥିବା ବ୍ୟବସାୟୀଙ୍କୁ ପ୍ରଶଂସା କରି କହିଲା, 'ବାବୁ, ମୁଁ ତାଙ୍କ ଯୋଗୁ ବଞ୍ଚିଛି।' ପାଣିବୁହା ମେଶିନ ବିକୁଥିବା ଯୁବ ବ୍ୟବସାୟୀ ଜଣକ ମୋର ଛାତ୍ର ହୋଇଥିବାରୁ ମୁଁ ମିସ୍ତ୍ରିର ମନ୍ତବ୍ୟର ସତ୍ୟାସତ୍ୟ ବିଷୟରେ ପଚାରିଲାରୁ ସେ କହିଲା, "ସେ ହୁଏତ ଅତିରଞ୍ଜିତ କରୁଥିବ। ସତକଥା ହେଲା, ମିସ୍ତ୍ରିଜଣକ ସଚ୍ଚୋଟ, କିନ୍ତୁ ଗରିବ। ମୁଁ ଚାହୁଁନି ସେ ପ୍ରକାର ଲୋକ ଅଭାବଗ୍ରସ୍ତ ହେଉ। ଦୁର୍ଦ୍ଦିନ ଦେଇ ଗତି କରୁ। ତେଣୁ ମୁଁ ଏଠୁ ସେଠୁ କିଛି କାମ ସାଉଁଟି ଆଣି ତାକୁ ଦିଏ, ଯେମିତି ସେ ଭଲରେ ଚଳିଯିବ।"

ପ୍ରକୃତରେ କାରଣ ନ ହୋଇ ନିରାକରଣ ପାଇଁ ଝାସଦେବା ଖାଲି ଉତ୍ତମ ନାଗରିକତ୍ୱର ସୂଚନା ନୁହେଁ, ଏହା ମଧ୍ୟ ସମାଜସେବାର ପ୍ରଥମ ଲକ୍ଷଣ। ତେବେ ସବୁକିଛି ସୁରୁଖୁରୁରେ ଚାଲେ ନାହିଁ, ଯାହା ବାରମ୍ବାର ଘଟୁଥିଲା ପଣ୍ଡାବାବୁ ପୋଷ୍ଟ ମାଷ୍ଟରଙ୍କ ଜୀବନରେ। ପଣ୍ଡାବାବୁ ଜଣେ ନିଷ୍ପାପର, ସାଧୁଶ୍ରେଣୀର ମଣିଷ। ନିଜର ନାଗରିକତ୍ୱ ପ୍ରତିପାଦନ କରିବାକୁ ସଦା ଆଗ୍ରହୀ ସେ। ସେଇଥି ପାଇଁ ପୁଅବୋହୂଙ୍କଠୁ ବହୁତ କଥା ଶୁଣନ୍ତି। ତଥାପି ଜୀବନରେ ସେ ନିଜ ଟ୍ରାକ୍ କେବେ ପରିବର୍ତ୍ତନ କରିନାହାନ୍ତି। ପଣ୍ଡାବାବୁ ଯାଇଥିଲେ ଗ୍ରାମାଞ୍ଚଳ ବନ୍ଧୁ ଘରକୁ। ଫେରିବା ଦିନ ରାଜପଥର ଏକ ଛକରେ ବସ ଅଟକିଲା। ଅଧିକାଂଶ ପୁରୁଷ ଲୋକ ବସରୁ ଓହ୍ଲାଇ ପଡ଼ିଲେ। ଯେ ଯାହା ବାଗରେ ନିଜ ନିଜ ପିନ୍ଧାଲୁଗାର ଉତ୍ତମ ପରିଚାଳନା କରି କୃତ୍ରିମ ହ୍ରଦମାନ ସୃଷ୍ଟି କଲେ! ଏ ଅଭାବନୀୟ ଦୃଶ୍ୟ ବସର ଝରକା ପାଖରୁ ଦେଖୁଥିଲେ ପଣ୍ଡାବାବୁ ଓ କିଛି ମହିଳା ସହଯାତ୍ରୀ। ତୁରନ୍ତ ଓହ୍ଲେଇପଡ଼ି ସେ ଚିତ୍କାର କଲେ ; "ପ୍ରକୃତିର ତାଡ଼ନାର ଉତ୍ତର ପାଇଁ ଆପଣମାନେ ଆଉ ଟିକେ ଦୂରକୁ ଯାଇ ପାରିଲେନି? ବସର ଝରକା ପାଖରେ ବସିଥିବା ମା', ଭଉଣୀମାନେ କି ଦୃଶ୍ୟ ଦେଖୁଛନ୍ତି?" ଅସାମାଜିକଙ୍କୁ ଉତ୍ତର କାହିଁ? ଜଣେ ଦୁଇଜଣ ଝପଟି ଆସି ତାଙ୍କୁ ପଚାରିଲେ, 'ଏତେ ବଡ଼ ବଡ଼ କଥା କହୁଛ, ତୁମେ କିଏ?' ପଣ୍ଡାବାବୁ କହିଥିଲେ, 'ମୁଁ ଜଣେ ନାଗରିକ।'



ଶାରୀରିକ ହେଉ ଅବା ମାନସିକ କାହାରି କଷ୍ଟ ନିବାରଣରୁ ସଭ୍ୟତା ଆରମ୍ଭ। ପ୍ରଖ୍ୟାତ ନୃତତ୍ତ୍ୱବିତ୍ ମାର୍ଗାରେଟ ମିଡ୍ ଏ ପ୍ରସଙ୍ଗରେ ତାଙ୍କ ଛାତ୍ରୀଛାତ୍ରଙ୍କୁ ଏକ ଅଭିନବ ତତ୍ତ୍ୱ ପ୍ରଦାନ କରିଥିଲେ। 'ଆମ ସଂସ୍କୃତି ଭିତରେ ସଭ୍ୟତା କେବେ ଆତ୍ମପ୍ରକାଶ କଲା?' ପ୍ରଶ୍ନର ଉତ୍ତରରେ ମିଡ୍ କହିଥିଲେ, ମଣିଷର ଭଙ୍ଗା ଜଙ୍ଘ ହାଡ଼ର ଯତ୍ନ ଆଉଜଣେ ମଣିଷ ଯେବେଠୁ ନେଲା, ସେବେଠୁ ସଭ୍ୟତା ଆରମ୍ଭ। କଥାଟିକୁ ସେ ବୁଝାଇ କହିଥିଲେ ଯେ ସ୍ତନ୍ୟପାୟୀ ପ୍ରାଣୀମାନଙ୍କ ଥରେ ଜଙ୍ଘହାଡ଼ ଭାଙ୍ଗିଲେ ସେମାନେ ସମଗ୍ର ଜୀବନ ପାଇଁ ଅକାମୀ ହୋଇଯାନ୍ତି। ଅଚିରେ ମୃତ୍ୟୁଲାଭ କରି, ଅନ୍ୟର ଖାଦ୍ୟ ମଧ୍ୟ ପାଲଟି ଯାଆନ୍ତି। ମଣିଷ ପାଇଁ ମଧ୍ୟ ସେଇ ଏକା କଥା। ଯେଉଁଦିନଠୁ ପଟି ବାନ୍ଧିଦେବା ଭଳି ଅନ୍ୟର ଯତ୍ନରେ ଜଙ୍ଘହାଡ଼ ଭାଙ୍ଗିଥିଲେ ହେଁ, ମଣିଷ ବିକଳାଙ୍ଗ ହେଉପଛେ ବଞ୍ଚିଛି, ଅନ୍ୟ କାହାରି ସେବା ଶୁଶ୍ରୂଷା, ଯତ୍ନ, ସାଧାରଣଜ୍ଞାନ ସୁଲଭ ଚିକିତ୍ସା ଦ୍ୱାରା, ସେହି ଦିନଠୁ ସଭ୍ୟତାର ସୂତ୍ରପାତ। ପରିଚିତ ହେଉ ଅବା ଅପରିଚିତ, କାହାରି କଷ୍ଟର ନିରାକରଣ ବା ରୋଗ ନିବାରଣ ପାଇଁ ହେଉଥିବା ମାନବିକ ଉଦ୍ୟମରୁ ସଭ୍ୟତାର ସୂର୍ଯ୍ୟୋଦୟ।

କାରଣ ନ ହୋଇ ନିରାକରଣକୁ ପାଥେୟ କରି ବଞ୍ଚିଥିବା ମଣିଷମାନେ କଳ୍ପିତ କର୍ମର ବ୍ୟାପକତା ନେଇ ବ୍ୟସ୍ତ ହୁଅନ୍ତି ନାହିଁ। ଗାନ୍ଧୀ ପରି ମଦର ଟେରେସା, ସାମାନ୍ୟ ଭିନ୍ନତା ପ୍ରକାଶ କରି କହିଥିଲେ, 'ମୁଁ ପୃଥିବୀର ସବୁ ଦରିଦ୍ରତମ ବ୍ୟକ୍ତିଙ୍କ ସେବା କରିବାକୁ ଚାହେଁ।' ଯେତେବେଳେ ତାଙ୍କୁ କୁହାଗଲା ସେମାନଙ୍କ ସଂଖ୍ୟା ଅସୁମାରୀ, ମଦର୍ କହିଥିଲେ, 'ମୁଁ ସେବାର ପରିମାଣ ନେଇ ଚିନ୍ତିତ ନୁହେଁ, ମୋ ପାଇଁ ସେବା ଗୁରୁତ୍ୱପୂର୍ଣ୍ଣ। ମୁଁ ଜାଣେ ମୋ ସେବା ସମୁଦ୍ରକୁ ବୁନ୍ଦାଏ ପାଣି, ତଥାପି ସେହି ବୁନ୍ଦାଏ ପାଣିର ଅନୁପସ୍ଥିତି ସମୁଦ୍ରକୁ ସେହି ପରିମାଣରେ ତ ଦରିଦ୍ର କରିବ!!'

ନିଜ ଆଖପାଖ ପରିବେଶରେ ଘଟୁଥିବା ଘଟଣାର ପ୍ରତ୍ୟକ୍ଷ ଉତ୍ତରଦାୟିତ୍ୱ ନିଜ ମୁଣ୍ଡ ଉପରେ ନ ଥାଇ ମଧ୍ୟ କିଛି ଗୋଟାଏ ଚମକପ୍ରଦ କାମ କରି ସବୁଦିନ ପାଇଁ ଅମର ହୋଇଯାଇଥିବା ବ୍ୟକ୍ତି ଜଣକ ହେଲେ ପ୍ରଖ୍ୟାତ ଇଂରାଜୀ କବି ସାର୍ ଫିଲିପ୍ ସିଡ୍‌ନୀ। କବି ହେଲେ ବି ସିଡ୍‌ନୀ କିଛିଦିନ ସେନାରେ ସୈନିକ ହିସାବରେ କାମ କରୁଥିଲେ। ଯୁଦ୍ଧକ୍ଷେତ୍ରର ଦୁଇଟି ଘଟଣା ତାଙ୍କୁ ଅମର କରି ତୋଳିଛି। ସାଥୀ ସୈନିକଟି ବିନା ଉରୁଆଚ୍ଛାଦନରେ (ଥାଇ ଗାର୍ଡ) ଯୁଦ୍ଧ କରୁଥିବାରୁ ସେ ନିଜେ ପିନ୍ଧିଥିବା ଉରୁ ଆବରଣ ଫିଙ୍ଗି ଦେଇଥିଲେ, ଯାହା ତାଙ୍କ ପାଇଁ ବିପଦ ଡାକି ଆଣିଲା। କାରଣ, ପରବର୍ତ୍ତୀ ସମୟରେ ସେହି ଖୋଲା ଜଙ୍ଘରେ ଗୁଳିବିଦ୍ଧ ହୋଇ, ଭୟଙ୍କର ସଂକ୍ରମଣର ଶିକାର ହୋଇ ସେ ମୃତ୍ୟୁବରଣ କଲେ। ତେବେ ନିଜ ଗୁଳିବିଦ୍ଧ, ରକ୍ତାକ୍ତ ଶରୀରକୁ ଘୋଷାରି ଘୋଷାରି ଶିବିରକୁ ଯାଉଥିବାବେଳେ ସେ ବହୁତ ତୃଷାର୍ତ୍ତ ଅନୁଭବ କରୁଥିଲେ। ଦିଆଯାଇଥିବା ପାଣି ବୋତଲରୁ ପାଣି ପିଇବାକୁ ଉଦ୍ୟତ ହେଉଥିଲାବେଳେ ସେ ଆଉ ଜଣେ ଆହତ ସାଥୀ ସୈନିକର ତୃଷାର୍ତ୍ତ ଓଠର ବ୍ୟାକୁଳତା ଅନୁଭବ କରି ବଢ଼େଇ ଦେଇଥିଲେ ତାଙ୍କ ବୋତଲ ଏବଂ କହିଥିଲେ -ତୁମ ଆବଶ୍ୟକତା ମୋଠୁ ବହୁତ ବେଶି (ୟୋର ନିଡ ଇଜ୍ ଗ୍ରେଟର ଦ୍ୟାନ୍ ମାଇନ୍)।

ନିଜ ଆଖପାଖରେ ଘଟୁଥିବା ଘଟଣା ସହ ପ୍ରତ୍ୟକ୍ଷ ସଂଶ୍ଳିଷ୍ଟହୀନତା ଯୋଗୁଁ 'ମୁଁ ଏଥିପାଇଁ ଦାୟୀ ନୁହେଁ' ଭାବିବା ପରିବର୍ତ୍ତେ ନିକଟ ସମାଜ ଅବା ବୃହତ୍ତର ବିଶ୍ୱ ସମାଜରେ ମନକୁ ଆନ୍ଦୋଳିତ କଲାଭଳି ଘଟୁଥିବା ଘଟଣା ପାଇଁ 'ମୁଁ ମଧ୍ୟ ଦାୟୀ' ବୋଲି ଆମେ ଯଦି ଭାବି ପାରନ୍ତୁ, ତା'ହେଲେ ଆମେ ନିଜ ପାଇଁ, ପରସ୍ପର ପାଇଁ ଜୀବନାଦର୍ଶର ଏକ ନୂତନ ସଂଜ୍ଞା ନିରୂପଣ କରିପାରିଥାନ୍ତୁ।

**ପୂର୍ବତନ ଅଧ୍ୟକ୍ଷ, ଜେଲ ରୋଡ୍, ବାଲେଶ୍ୱର**
**ମୋ: ୯୪୩୭୩ ୭୬୨୧୯**

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ରଚାରମୁଖୀ ନ ହେବା ଆବଶ୍ୟକ

ମହାଶୟ,

ଉତ୍ତରପ୍ରଦେଶ ହାଥରସରେ ଆୟୋଜିତ ଏକ ଧାର୍ମିକ ସଭାରେ ଦଳାଚକଟା ଯୋଗୁ ୧୦୭ ଜଣଙ୍କର ମୃତ୍ୟୁ ହୋଇଥିଲା। ଦେଖିବାକୁ ଗଲେ ଦରିଦ୍ର, ନିରାଶ୍ରୟ ଓ ଭୋକିଲା ମଣିଷମାନେ ଭଣ୍ଡ ମାତା, ବାବା ଏବଂ ତଥାକଥିତ ଧର୍ମପୁରୁଷଙ୍କଠାରୁ ସାନ୍ତ୍ୱନା ଟିକେ ପାଇବା ପାଇଁ ପ୍ରବଚନର ଶରଣାପନ୍ନ ହୁଅନ୍ତି। ବର୍ତ୍ତମାନ ସମୟରେ ଏ କଥା ବହୁଳ ଭାବରେ ଦେଖାଯାଏ। ଏମାନଙ୍କ କଥା ପ୍ରବଚନ ଏମିତି ହୋଇଯାଏ ଯେ, ଲୋକମାନଙ୍କ ଭିତରେ ସେମାନେ ବଡ଼ ଧାର୍ମିକ ବ୍ୟକ୍ତି ଭାବେ ଗଣତି ହୁଅନ୍ତି। ଧାର୍ମିକ ବେଶପୋଷାକ ବା ପରିବେଶରେ ଥାଇ ଠକିଚାଲିଥାନ୍ତି। ଏମାନେ ପ୍ରଚାରମୁଖୀ ନ ହୋଇ ଆଚରଣମୁଖୀ ହେବା ଆବଶ୍ୟକ। ଧର୍ମ ଆଦୌ ଦେଖେଇ ହେବା ପାଇଁ ନୁହେଁ। ତେଣୁ ଛଳନା ନ କରି ବାସ୍ତବ ଧର୍ମ ଅର୍ଜନ ପାଇଁ ଚେଷ୍ଟା କରିବା ଦରକାର।

-ଦେବତିକ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଏହି ବାଟେ ଚଳିଯାଏଁ ନିତି ମନ ଉଦାସେ
ନିରେଖଇଁ ନିତି ଏହି ପରିଚିତ ଆବାସେ
ବାତାୟନ ପାଶେ ପାଶେ ଆଖି ବୁଲେ ତୃଷିତ
ଦେଖିବାକୁ ଲାଜେ ଭୟେ କେଉଁ ରୂପ ଅବା ସେ!
-(ପଥର ପ୍ରେମିକ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଗ୍ରାମ୍ୟ ଉନ୍ନୟନ ବିଭାଗର ସମସ୍ତ କାର୍ଯ୍ୟ ଓଡ଼ିଆ ଭାଷାରେ ଚାଲିବ

ଭୁବନେଶ୍ୱର, ୧।୮ (ସୁନିତ୍ ମିଶ୍ର)

ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗର ସମସ୍ତ ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାର ହେବ। ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହଙ୍କ ଦ୍ୱାରା ଏ ସଂକ୍ରାନ୍ତୀୟ ଏକ ବିଭାଗୀୟ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏହା ଆଧାରରେ ଗ୍ରାମ୍ୟ ଉନ୍ନୟନ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀ କାର୍ଯ୍ୟାଳୟର ନଥିପତ୍ର ଏବଂ ସମସ୍ତ ପତ୍ରାଳାପ ଓଡ଼ିଆ ଭାଷାରେ କରିବେ। ସମସ୍ତ ବୈଠକର ବିବରଣୀ ଓଡ଼ିଆରେ ଜାରି କରାଯିବ। ସମସ୍ତ ସଂକଳ୍ପପତ୍ର, ନିର୍ଦ୍ଦେଶନାମା ଏବଂ ଅନ୍ୟ ସମସ୍ତ ବିଭାଗୀୟ ପତ୍ରାଳାପ ମଧ୍ୟ ଓଡ଼ିଆ ଭାଷାରେ ହେବ ବୋଲି ନିର୍ଦ୍ଦେଶ ଦିଆଯାଇଛି। ଏହା ସହ କ୍ୟାବିନେଟ୍ ପାଇଁ ସମସ୍ତ ସ୍ମାରକପତ୍ର ଉଭୟ ଓଡ଼ିଆ ଏବଂ ଇଂରାଜୀରେ ପ୍ରକାଶ କରାଯିବ। ଏହି ସମସ୍ତ କାର୍ଯ୍ୟରେ ପ୍ରାଥମିକତା ଭିତ୍ତିରେ ଓଡ଼ିଆ ଭାଷା ବ୍ୟବହାର କରିବା ପାଇଁ ପ୍ରମୁଖ ଶାସନ ସଚିବ ବିଭାଗର ସମସ୍ତ ଅଧିକାରୀ, କ୍ଷେତ୍ର ଅଧିକାରୀ, ସର୍ବୋଚ୍ଚ ଯନ୍ତ୍ରୀ-୧, ସର୍ବୋଚ୍ଚ ଯନ୍ତ୍ରୀ-୨, ମୁଖ୍ୟଯନ୍ତ୍ରୀ, ଅଧୀକ୍ଷଣ ଯନ୍ତ୍ରୀମାନଙ୍କ କାର୍ଯ୍ୟାଳୟ ଓ ଅନ୍ୟ ସମସ୍ତ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଦୁବାଇ ବଜାରରେ ବଲାଙ୍ଗୀର ପରିବା



ଦୁବାଇ ରପ୍ତାନି ପାଇଁ ବଲାଙ୍ଗୀର କୃଷି ବିଭାଗ ପକ୍ଷରୁ ପରିବା ପଠାଯାଉଛି।

ଭୁବନେଶ୍ୱର, ୧।୮ (ଶର୍ମିଷ୍ଠା ପାଣିଗ୍ରାହୀ)

ଦୁବାଇ ବଜାରରେ ପହଞ୍ଚିଲା ଓଡ଼ିଶାର ବଲାଙ୍ଗୀରରେ ଉତ୍ପାଦିତ ପନିପରିବା। କୃଷି ଏବଂ କୃଷକ ସଶକ୍ତୀକରଣ ବିଭାଗ ରାଜ୍ୟରେ କ୍ଲଷ୍ଟର ମୋଡ୍‌ରେ ପନିପରିବା ଚାଷକୁ ପ୍ରୋତ୍ସାହିତ କରୁଥିବାବେଳେ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ଅଧୀନରେ ଟେକ୍ନିକାଲ ସପୋର୍ଟ ୟୁନିଟ୍ ଭାବେ କାର୍ଯ୍ୟ କରୁଥିବା ପାଲେଡିୟମ, ଆପେଡା, ଓର୍‌ମାସ ଏବଂ ନାବାର୍ଡ ସହଯୋଗରେ ଓଡ଼ିଶାର କୃଷକଙ୍କ ଦ୍ୱାରା ଉତ୍ପାଦିତ ପନିପରିବା ଓ ଅନ୍ୟାନ୍ୟ ଫସଲ ବିଶ୍ୱ ବଜାରକୁ ରପ୍ତାନି କରାଯାଉଛି। ବଲାଙ୍ଗୀର ଜିଲାର ଟିଟିଲାଗଡ଼ ଏବଂ ଲୋଇସିଂଘା ବ୍ଲକର ତିନୋଟି ଏଫ୍‌ପିଓ ଯଥା-ଜାଡେନ ଫାର୍ମର ପ୍ରଡ୍ୟୁସର କମ୍ପାନୀ, କୃଷକ ଉନ୍ନୟନ ସଙ୍ଗଠନ ଫାର୍ମର ପ୍ରଡ୍ୟୁସର କମ୍ପାନୀ ଏବଂ ଙ୍ଗଡେର ଫାର୍ମର ପ୍ରଡ୍ୟୁସର କମ୍ପାନୀ ୮୦୦ କେଜି ଉଚ୍ଚ ଗୁଣବତ୍ତାଯୁକ୍ତ ସତେଜ ପନିପରିବା ରପ୍ତାନି କରିଛନ୍ତି। ଏ ନେଇ ବଲାଙ୍ଗୀର ଉଦ୍ୟାନ କୃଷି ବିଭାଗର ଉପ ନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ଭଞ୍ଜ କହିଛନ୍ତି, ବଲାଙ୍ଗୀର ଜିଲା ପାଇଁ ଏହା ଏକ ଗୌରବର କଥା। ଆମ ଜିଲାରୁ ପ୍ରଥମଥର ପାଇଁ ଦୁବାଇକୁ ପନିପରିବା ରପ୍ତାନି କରାଯାଇଛି। ଆଶା କରୁଛୁ ଏହି ରପ୍ତାନି ଆଗକୁ ମଧ୍ୟ ଜାରି ରହିବ ଓ ଏହି ଜିଲାର ଚାଷୀମାନେ ଫଳ ଓ ପନିପରିବା ଆଦି ଉତ୍ପାଦନର ଉପଯୁକ୍ତ ମୂଲ୍ୟ ପାଇପାରିବେ। ସେହିପରି ନାବାର୍ଡ ପକ୍ଷରୁ ପରୀକ୍ଷାମୂଳକ ଭାବେ ଉତ୍ତର ଓଡ଼ିଶାର ତିନୋଟି ଜିଲା ଯଥା ମୟୂରଭଞ୍ଜ, କେନ୍ଦୁଝର ଓ ବାଲେଶ୍ୱରକୁ ଓକ୍ରା, କଦଳୀ, ଲଙ୍କା ବିନ୍ସ ଆଦି ପନିପରିବା ଚାଷ ଓ ରପ୍ତାନି ପାଇଁ ଚୟନ କରାଯାଇଥିବା ସୂଚନା ଦିଆଯାଇଛି।

# ରାସ୍ତାରେ ଗୋଠଛଡ଼ା ଦନ୍ତାର ଉତ୍ପାତ

## ୫ ଘଣ୍ଟା ଗାଡ଼ି ଚଳାଚଳ ଠପ୍


ବେଗା-କରଡ଼ାବଣୀ ରାସ୍ତାରେ ଦନ୍ତା ହାତୀଟି ଛିଡା ହୋଇରହିଛି।

ଢେଙ୍କାନାଳ, ୧।୮ (ରତନ ନାୟାର)

ଢେଙ୍କାନାଳ ଜିଲା ଷଡ଼ଙ୍ଗୀ ରେଞ୍ଜ୍ ବେଗା-କରଡ଼ାବଣୀ ରାସ୍ତାରେ ଗୁରୁବାର ଏକ ଗୋଠଛଡ଼ା ଦନ୍ତା ହାତୀ ଉତ୍ପାତ କରିବାରୁ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଗାଡ଼ି ଚଳାଚଳ ଠପ୍ ହୋଇଯାଇଥିଲା। ଅପେକ୍ଷା କରିଥିବା ଯାତ୍ରୀମାନେ ଆତଙ୍କିତ ହୋଇପଡ଼ିଥିଲେ। ହାତୀଟିକୁ ଘଉଡ଼ାଇବା ପାଇଁ ବନ କର୍ମଚାରୀ ଓ ହାତୀ ସ୍କ୍ୱାଡ୍ ସଦସ୍ୟମାନଙ୍କୁ ନାକେଦମ ହେବାକୁ ପଡ଼ିଥିଲା। ସାଇରନ ବଜାଇବା ସହ ବହୁ ଉଦ୍ୟମ ପରେ ଶେଷରେ ଅପରାହ୍ନ ୪ଟାରେ ହାତୀଟି ରାସ୍ତା ଉପରୁ ହଟି ପାର୍ଶ୍ୱ ଜଙ୍ଗଲ ମଧ୍ୟକୁ ଚାଲିଯାଇଥିଲା। ଏହାପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।

ପ୍ରକାଶ ଯେ, ଉକ୍ତ ଗୋଠଛଡ଼ା ଦନ୍ତା ହାତୀ କିଛିଦିନ ହେବ ବେଗା, ଲାଉଲଇ, ଖଙ୍କିରା, ଲେଥକା ଓ ରତନପୁର ପଞ୍ଚାୟତରେ ଉପଦ୍ରବ ଚଳାଇଛି। ଫଳରେ ଅଞ୍ଚଳବାସୀ ଭୟର ବାତାବରଣ ଭିତରେ ରହିବା ସହ ସନ୍ଧ୍ୟା ହେଲେ ରାସ୍ତା ଶୁନଶାନ ହୋଇପଡୁଛି। ହାତୀଟି ଗୋଟିଏ ଗାଇ ଓ ବାଛୁରୀକୁ ଆକ୍ରମଣ କରି ମାରି ଦେଇଛି। ଗୋଠଛଡ଼ା ହାତୀର ଉପଦ୍ରବକୁ ନେଇ ଅଞ୍ଚଳବାସୀ ବନବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ଘଉଡ଼ାଇବାରେ ବନବିଭାଗ ବିଫଳ ହୋଇଛି। ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର କହିଛନ୍ତି, କିଛିଦିନ ତଳେ କଟକ ଜିଲା ପଟରୁ ଏକ ହାତୀପଲ ଏହି ରେଞ୍ଜକୁ ଆସିଥିଲେ। ସେହି ପଲରୁ ଗୋଟିଏ ଦନ୍ତାହାତୀ ଅଲଗା ହୋଇ ଉକ୍ତ ଅଞ୍ଚଳରେ ବୁଲୁଥିଲା। ଗୁରୁବାର ହାତୀଟି ରାସ୍ତା ଅବରୋଧ କରିଥିବା ଘଟଣା ସମ୍ପର୍କରେ କେହି ଅବଗତ କରାଇନାହାନ୍ତି। ଉକ୍ତ ଅଞ୍ଚଳଗୁଡିକରେ ବନବିଭାଗ ପକ୍ଷରୁ ପାଟ୍ରୋଲିଂ ଜାରି ରହିଛି।

# ମଧ୍ୟାହ୍ନଭୋଜନରେ ଜୋକ



ବାସୁଦେବପୁର, ୧।୮ (ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକା ଅଧୀନ ଦିବାକର ମିଶ୍ର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ମଧ୍ୟାହ୍ନ ଭୋଜନ ଖାଦ୍ୟରୁ ଜୋକ ବାହାରିଛି। ଏହାକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିବା ବେଳେ ଅଭିଭାବକ ଓ ଗ୍ରାମବାସୀ ବିଦ୍ୟାଳୟରେ ପହଞ୍ଚି ହୋହଲ୍ଲା କରିଥିଲେ।

ସୂଚନା ଅନୁଯାୟୀ, ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନ ଭୋଜନ ଦିଆଯାଉଥିବା ବେଳେ ଛାତ୍ରୀ ସ୍ୱାଗତିକା ମଲିକଙ୍କ ଖାଦ୍ୟରୁ ଏକ ମଲା ଜୋକ ବାହାରିଥିଲା। ସେ ଏ ସମ୍ପର୍କରେ ଅନ୍ୟ ଛାତ୍ରୀଛାତ୍ରଙ୍କୁ ଜଣାଇବା ସହ ମଲା ଜୋକ ଥିବା ଖାଦ୍ୟକୁ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଓ ଅନ୍ୟ ଶିକ୍ଷକମାନଙ୍କୁ ଦେଖାଇଥିଲେ। ଏହି ଘଟଣା ଜଣାପଡ଼ିବା ପରେ ଅନ୍ୟ ଛାତ୍ରୀଛାତ୍ର ଆଉ ମଧ୍ୟାହ୍ନ ଭୋଜନ ଖାଇ ନ ଥିଲେ। ଏ ବାବଦରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପର୍ଶୁରାମ ସାହୁଙ୍କୁ ପଚାରିବାରୁ ମଧ୍ୟାହ୍ନଭୋଜନରୁ ଜୋକ ବାହାରିବା କଥାକୁ ସ୍ୱୀକାର କରିବା ସହ ଏନେଇ ସେ ସ୍କୁଲ କମିଟି ସଭାପତି ଓ ସିଆର୍‌ସିସିଙ୍କୁ ଅବଗତ କରିଥିବା କହିଛନ୍ତି। ମଧ୍ୟାହ୍ନ ଭୋଜନ ଯୋଗାଉଥିବା ସଂସ୍ଥାର ଏପରି ଦାୟିତ୍ୱହୀନ ରୋଷେଇ ପ୍ରକ୍ରିୟାକୁ ନେଇ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିବା ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

# ‘ପଥର କାରିଗରଙ୍କୁ କଞ୍ଚାମାଲ ଯୋଗାଇ ଦିଆଯିବ’

## ଇସ୍ପାତ ଓ ଖଣି ମନ୍ତ୍ରୀଙ୍କୁ ସାକ୍ଷାତକଲେ ପଦ୍ମବିଭୂଷଣ ସୁଦର୍ଶନ ସାହୁ


ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କୁ ସାକ୍ଷାତ କରୁଛନ୍ତି।

ଭୁବନେଶ୍ୱର, ୧।୮ (ଶର୍ମିଷ୍ଠା ପାଣିଗ୍ରାହୀ)

ରାଜ୍ୟର ପଥର କାରିଗରଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି କଞ୍ଚାମାଲ ଯୋଗାଇଦେବା ଲାଗି ସରକାରଙ୍କ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯିବ। ପଥର ଶିଳ୍ପୀଙ୍କ ପାଇଁ ‘ଓଡ଼ିଶା ଆର୍ଟିସାନ୍ ଗ୍ରେଡ୍ ଷ୍ଟୋନ୍ ପଲିସି-୨୦୨୧’ ଆଧାରରେ ବିଭିନ୍ନ ସୁବିଧା ଯୋଗାଇଦେବାକୁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନା ପ୍ରକାଶ କରିଛନ୍ତି। ଗୁରୁବାର ଭାସ୍କର୍ଯ୍ୟ ଶିଳ୍ପୀ ପଦ୍ମବିଭୂଷଣ ସୁଦର୍ଶନ ସାହୁ ମନ୍ତ୍ରୀ ଜେନାଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ରାଜ୍ୟର ଶିଳ୍ପୀ ଓ କାରିଗରଙ୍କୁ ଉପଯୁକ୍ତ ସହଯୋଗ କରିବା ନିମନ୍ତେ ଅନୁରୋଧ କରିଛନ୍ତି। ଏହି ସମୟରେ ମନ୍ତ୍ରୀ ଜେନା କହିଛନ୍ତି, ପଥର ଖୋଦେଇ କାରିଗରଙ୍କଠାରୁ ବାର୍ଷିକ ଆବଶ୍ୟକତାର ତଥ୍ୟ ସଂଗ୍ରହ କରାଯିବ। ଏହି କାର୍ଯ୍ୟରେ ନିୟୋଜିତ ଜିଲାୱାରି କାରିଗରଙ୍କ ସଂଖ୍ୟା ସମ୍ପୃକ୍ତ ଜିଲାର ଜିଲାପାଳଙ୍କୁ ପ୍ରଦାନ କରାଯିବ। କାରିଗରି ପଥର ଥିବା ସ୍ଥାନଗୁଡ଼ିକ ଚିହ୍ନଟ କରାଯିବ ଏବଂ ଓର୍‌ସାକ୍ ଜରିଆରେ ସେହି ସ୍ଥାନଗୁଡ଼ିକର ଜିଓ ରେଫରେନ୍ସ ମ୍ୟାପ୍ ପ୍ରସ୍ତୁତ କରାଯିବ। ପଥର ଶିଳ୍ପୀ ଓ କାରିଗରଙ୍କ କଞ୍ଚାମାଲଜନିତ ସମସ୍ୟା ଦୂର ହେବ ବୋଲି ମନ୍ତ୍ରୀ ଜେନା ପ୍ରକାଶ କରିଛନ୍ତି। ପଦ୍ମବିଭୂଷଣ ସାହୁ ଆଲୋଚନା ସମୟରେ ରାଜ୍ୟ ଶିଳ୍ପୀ ମହାସଂଘ ବାବଦରେ ସୂଚନା ଦେବା ସହିତ ପଥର କାରିଗରଙ୍କ ସମସ୍ୟା ନେଇ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ।


## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE: SUNDARGARH

AT/PO-SANKARA, SUNDARGARH-770020, E-mail address:serw_sundargarh@yahoo.com
No. Tender Online-RWCCESNG-06 of 2024-25, Letter No.1739/ Dtd.31.07.2024

### e-Procurement Notice

No.O-158:1.Type of the Work: Building (OMBADC & DMF) 2.Class of Contractor: As specified in the column-6 of the Annexure. 3. Time of Completion: As specified in the Column-5 of the Annexure. 4. Detail Projects: As per Annexure attached. 5. Estimated Cost: As specified in the column-4 of the Annexure. 6. Other details:

| Procurement Officer | Bid Identification No. | Availability of tender Online for bidding | | Last Date & Time of seek-ing Tender Clarification | Date & Time of opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | RWC-CESNG-06 of 2024-25 | 08.08.2024 11.00 AM | 28.08.2024 5.00 PM | 27.08.2024 5.00 PM | 29.08.2024 11.00 AM | Will be intimated separately |

Further details can be seen from the website: www.tendersodisha.gov.in.

Sd./- Chief Engineer (Design & Quality Control)

OIPR-25133/11/0011/2425 Chief Construction Engineer (I/C), Rural Works Circle, Sundargarh

## e-Procurement Cell
### Office of the Executive Engineer, Building Construction Department, Building Division, Seraikella,

e-Procurement Notice
(Short Notice)

Tender Ref. No.-BCD/EE/5/Building Div. Seraikella/2024-25-Date: 01.08.2024

| क्र० | कार्य का नाम | प्राक्कलित राशि | कार्य पूर्ण करने की अवधि |
|---|---|---|---|
| 1 | PROPOSED SETTING UP OF INTERGRATED PUBLIC HEALTH LABORATORY AT SADAR HOSPITAL AT SARAIKELA. | Rs. 1,11,98,054.00 | 06 Months |
| i | वेबसाईट पर निविदा प्रकाशन की तिथि | 03-08-2024 | |
| ii | बिड प्राप्ति के लिए अन्तिम तिथि/समय | 14-08-2024 को अपराह्न 3:00 बजे | |
| iv | निविदा खोलने की तिथि/समय | 16-08-2024 को अपराह्न 3:00 बजे | |
| v | निविदा प्रकाशित करने वाले कार्यालय का नाम एवं पता | Office of the Executive Engineer, Building Construction Department, Building Division, Seraikella | |
| vi | प्रोक्योरमेंट पदाधिकारी का सम्पर्क संख्या | 7781817070 | |
| vii | ई-प्रोक्योरमेंट सेल का हेल्पलाईन संख्या | 6205305074 | |

• इस निविदा से संबंधित किसी भी प्रकार की सूचना/बदलाव/संशोधन का अवलोकन http://jharkhandtenders.gov.in पर किया जा सकता है।

Note : New Updated UCAN Registration is mandatory for all Bidders.

Nodal Officer, e-Procurement Cell, Office of the Executive Engineer, Building Construction Department,Building Division, Seraikella

PR 331429 Building(24-25)D



## ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି

ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୨୦୨୪-୧୩ ଓ ୧୪ ତାରିଖ: ୦୧।୦୮।୨୦୨୪।

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ, ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଦକ୍ଷିଣ ପୂର୍ବ ରେଳପଥ, ଖଡ଼୍‌ଗପୁର ଟ୍ରେନ୍ ଯୋଗେ ପାର୍ସଲଗୁଡ଼ିକର ପରିବହନ ପାଇଁ ୦୨ (ଦୁଇ) ବର୍ଷ ଅବଧି ଲାଗି ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ଗୁଡ଼ିକର ଲିଜିଂ ନିମନ୍ତେ ଇ-ନିଲାମ ଆହ୍ୱାନ କରୁଛନ୍ତି, ଯାହା ନିମ୍ନଲିଖିତ କାର୍ଯ୍ୟ ପାଇଁ https://www.ireps.gov.in/websiteରେ ଅଧିସୂଚିତ ହୋଇଛି: କ୍ର.ସଂ., ବର୍ଗ, କାଟାଲଗ୍ ନଂ., ନିଲାମ ତାରିଖ, ନିଲାମ ଆରମ୍ଭ ସମୟ, ନିଲାମ ସମାପ୍ତି ସମୟ ନିମ୍ନ ଅନୁଯାୟୀ ଅଟେ: (୧) ପାର୍ସଲ, ଲିଜ୍-କେଜିପି-୨୦୨୪-୧୩, ୦୯।୦୮।୨୦୨୪, ୧୧.୦୦ ଘଟିକା, ୧୨.୫୦ ଘଟିକା, (୨) ପାର୍ସଲ, ଲିଜ୍-କେଜିପି-୨୦୨୪-୧୪, ୧୬।୦୮।୨୦୨୪, ୧୧.୩୦ ଘଟିକା, ୧୪.୪୦ ଘଟିକା। ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନ ଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ବିବରଣୀ ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ। ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

(PR-441) ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର/ଆଦ୍ରା

ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ



## Govt. of Jharkhand
## OFFICE OF THE EXECUTIVE ENGINEER

Field Survey Division, Advance Planning, Road Construction Department, Nirupan Bhawan, 4th floor, 56-Set Chowk, Doranda, Ranchi-834002
e-mail--- eercdapfsdran-jhr@nic.in

e-Procurement Very Short Notice
2nd Call

e-Tender Reference No .-RCD/FSD /AP/ RAN/11/24-25 Dated 31.07.2024

| | | |
|---|---|---|
| 1- | Name of Work | Consultancy services for prep aration of Detailed project report for construction of road - Lalganj more to Parwal, Bharno main road via Katingkela, Danekera, Rugutoli in Lapung Block including replacement of culverts and bridges, proposal of new culverts and bridges, complete Land Acq uisition Proposal including ownership details , Resettlement and Rehabilitation Proposal and Forest Diversion Proposal including clearance of all stages etc as required all complete as per latest guidelines, at Ranchi in the state of Jharkhand. . from Co nsultants empanelled in Category-I with the Road Construction Department, Government of Jharkhand vide letter no - 3063(S) W.E dated 22-08-2022 are allowed to bid. |
| 2- | Tentative Length | 10.00 km |
| 3- | Work completion time | 45 Days |
| 4- | Cost of Tender Document & Earnest Money Deposit (EMD) | Cost of Tender Document - Rs 5,000/- (Rupees Five Thousand) (Non-Refundable) through online mode only. EMD :- Rs- 20,000/- (Rupees Twenty Thousant) through online mode only. As per the Departmental Letter no.-4652(S) dated 06.10.2023, cost of tender document and Earnest Money Deposit will be received in online mode only through e-procurement portal (https://jharkhandtenders.gov.in ) by Internet banking/ NEFT/ RTGS facility as per Standard Operating Procedure (SOP) issued by Information Technology & e-Governance Department, Government of Jharkhand vide letter no- 120 dated 03.10.2023. |
| 5- | Date and Time of Publishing of Tender on official website | 02.08.2024, 05.00 PM |
| 6- | Last date and Time of submission of Tender (With Tender Fee and EMD) | 12.08.2024, 12.30 PM |
| 7- | Date and Timing of Bid opening | 13.08.2024, 12.30 PM |
| 8- | Tender Inviting Authority | Executive Engineer, Field Survey Division, Advance Planning, RCD, Ranchi, N irupan Bhavan, 56 set Chowk, Doranda, Ranchi - 834002, Mobile No - 9431591027 |
| 9- | Mode of Bid Submission | e-Tendering (http://jharkhandtenders.gov.in) |
| 10- | PR No | 330156 Road (24-25). D |

For further information please go through the website http://jharkhandtenders.gov.in

Executive Engineer, Field Survey Division,A.P, Road Construction Department,Ranchi

PR 331485 Road(24-25)D


# ବର୍ଷାରେ ଭୁଶୁଡ଼ିଲା କାନ୍ଥ, ପରିବାରର ୪ ଗୁରୁତର

ଡୁଙ୍ଗୁରିପାଲି, ୧।୮ (ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ୍ କପାଶିରା ପଞ୍ଚାୟତ ଅନ୍ତର୍ଗତ ଡାହୁକବୁଡ଼ ଗ୍ରାମରେ ବୁଧବାର ରାତିରେ ଲଗାଣ ବର୍ଷାରେ ଘର କାନ୍ଥ ଭୁଶୁଡ଼ିପଡିବାରୁ ପରିବାରର ୪ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ସୁଶୀଲ ପଧାନ, ତାଙ୍କ ସ୍ତ୍ରୀ ବାସୁରୀ ପଧାନ, ଝିଅ ରୀତିକା ପଧାନ ଓ ଜଣେ ଛୋଟ ଶିଶୁ। ରାତିରେ ଖାଇ ସେମାନେ ଶୋଇଥିବାବେଳେ ଘରର ୪ କାନ୍ଥ ହଠାତ୍ ଭୁଶୁଡ଼ି ପଡିଥିଲା। ପଡ଼ୋଶୀମାନେ ସେମାନଙ୍କୁ ଉଦ୍ଧାରକରି ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଖବର ପାଇ ସୋନପୁର ଏଡିଏମ୍ ରାଜେନ୍ଦ୍ର ମାଝି, ସୋନପୁର ଉପଜିଲାପାଳ ସୁରଜ ପଟ୍ଟନାୟକ, ରାମପୁର ତହସିଲଦାର ବିମଳ ପାତ୍ର, ଡୁଙ୍ଗୁରିପାଲି ବିଡିଓ ବିପିନ ବିହାରୀ ଦୀପ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଏହି ସମୟରେ ବ୍ଲକ୍ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ, ଜିଲା ପରିଷଦ ଅଧ୍ୟକ୍ଷାଙ୍କ ପ୍ରତିନିଧି ରଞ୍ଜନ ଠେଲା ଓ ରାଜସ୍ୱ ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ। ସୂଚନା ଅନୁସାରେ ସୁଶୀଲ ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟାଦେଶ ପାଇ ଗୃହ ନିର୍ମାଣ କରୁଥିବାବେଳେ ସପରିବାର ପୁରୁଣା ଘରେ ଅସ୍ଥାୟୀ ଭାବେ ରହୁଥିଲେ। ଅତି ପୁରୁଣା ହୋଇଥିବାରୁ ଲଗାଣ ବର୍ଷାରେ ଘର ଭାଙ୍ଗିଯାଇଥିବା ସୁଶୀଲ କହିଛନ୍ତି। କ୍ଷତିଗ୍ରସ୍ତ ପରିବାରକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୩୦ ହଜାର ଟଙ୍କା ଓ ଏକ ପଲିଥିନ ପ୍ରଦାନ କରାଯାଇଛି।

# ରାଜ୍ୟସ୍ତରୀୟ ରଚନା ପ୍ରତିଯୋଗିତାରେ ଓଏଭି ଛାତ୍ରୀ ପ୍ରଥମ

ଭୁବନେଶ୍ୱର, ୧।୮ (ଅନୁରାଧା ମହାରଣା)

ରାଜ୍ୟସ୍ତରୀୟ ରଚନା ପ୍ରତିଯୋଗିତାରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ରୀ ତପସ୍ୱିନୀ ବେହେରା ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ବିଷୟବସ୍ତୁ ଥିଲା ‘ହରେକୃଷ୍ଣ ମହତାବଙ୍କ ଓଡ଼ିଆ ସାହିତ୍ୟ ଓ ଭାଷା ପ୍ରତି ଅବଦାନ’। ତେବେ ପ୍ରଥମ ହୋଇଥିବା ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକ୍‌ସ୍ଥିତ ପତ୍ରାପାଲି ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀ ତପସ୍ୱିନୀ ଭବିଷ୍ୟତରେ ପ୍ରଶାସନିକ ସେବାରେ ଯୋଗଦେବାକୁ ଇଚ୍ଛା ରଖିଛନ୍ତି। ପୂର୍ବରୁ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ସ୍ଥାପନା ଦିବସରେ ଜିଲାସ୍ତରୀୟ ରଚନା ପ୍ରତିଯୋଗିତାରେ ମଧ୍ୟ ସେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ।


## OFFICE OF THE SORO MUNICIPALITY, SORO, BALASORE

No. : 1979 Date : 30.07.2024

### “e” Procurement Notice

BID Identification No. SOROM_01_2024-25

No.C-314 : Bid Documents consisting of Work, Estimated Cost, Cost of Tender Paper, EMD, time of completion, class of contractors and the set of terms and conditions of contract and other necessary documents can be seen in Government website i.e. www.tendersodisha.gov.in

| | | | |
|---|---|---|---|
| 1 | Name of the Work | : | Construction of Civil work as mentioned in DTCN |
| 2 | No. of works | : | 01 no. |
| 3 | Estimated Cost | : | As per Work List |
| 4 | Period of Completion | : | 180 days |
| 5 | date & Time of availability of Bid documents in the Portal | : | 01.08.24 at 10.00 A.M. to 20.08.24 up to 5.00 P.M. |
| 6 | last date & time for receipt of bids in the portal | : | 20.08.24 up to 05:00 P.M. |
| 7 | technical Bid received online shall be opened on | : | 21.08.24 at 10:00 A.M. |
| 8 | Financial Bid received online shall be opened on | : | 22.08.24 at 10:00 A.M. |
| 9 | Name and address of the officer inviting Bid | : | Executive Officer, Soro Municipality |

Further details can be seen from the procurement portal i.e. www.tendersodisha.gov.in

Sd./- Executive Officer, Soro Municipality

OIPR-13166/11/0002/2425



FORM No. 13

## BEFORE THE DEBTS RECOVERY TRIBUNAL, CUTTACK, ORISSA

C-71, SECTOR-7, CDA, CUTTACK, ODISHA
ORIGINAL APPLICATION NO:- 98 OF 2024

State Bank of India, SARB, Bhubaneswar ...Applicant
Versus
M/s. Nabapallav Agencies & Others ...Defendants

To,
D-1- M/s. Nabapallav Agencies, Plot No.: 1673/5358, Flat No.: 106, First Floor, Subhashree Residency, KIIT, Patia, Bhubaneswar, Khurda, Odisha-751024
D-2- Javed Akhtar, S/o.: Mohammad Jamil, Flat No.: 106, 1st Floor, Subhashree Residency, KIIT, Patia, Bhubaneswar, Khurda, Odisha-751024

SUMMONS BY PAPER PUBLICATION
FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED

Take notice that the applicant has instituted an O.A. No. 98/2024 In the court of the Debts of Recovery Tribunal, Cuttack for recovery of Rs.52,59,904/- Only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorized agent, in support of their defense to show cause within 30 days from the date of publication or on 25/09/2024 at 10.30 a.m. as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand and seal of this Tribunal on this 30th day of July 2024.

Sd/- (Nikhila Ranjan Pati)
REGISTRAR
Debts Recovery Tribunal, Cuttack



## ୟୁକୋ ବ୍ୟାଙ୍କ

ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ୍, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩

## ଦଖଲ ନୋଟିସ୍
ସ୍ଥାବର ସମ୍ପତ୍ତି ନିମନ୍ତେ

(ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ ୟୁକୋ ବ୍ୟାଙ୍କ, ସିଆର୍‌ପିଏଫ୍ ହେଡ୍‌କ୍ୱାର୍ଟର ଶାଖାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ନଂ. ୫୪) ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ ଦଖଲ ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର ପାଇଁ ୟୁକୋ ବ୍ୟାଙ୍କ, ସିଆର୍‌ପିଏଫ୍ ହେଡ୍‌କ୍ୱାର୍ଟର ଶାଖା ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଦେୟ ପାଇଁ ଉତ୍ତରଦାୟୀ ରହିବେ।

| ସିଆର୍‌ପିଏଫ୍ ହେଡ୍‌କ୍ୱାର୍ଟର ଶାଖା / ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|
| ଋଣଗ୍ରହୀତା: ଶ୍ରୀ ରାଜକୁମାର, ପିତା: ବ୍ରଜ ବିହାରୀ ରାୟ / ଗ୍ୟାରେଣ୍ଟିଦାତା: ଶ୍ରୀମତୀ ମହେଶ୍ୱତା ମୁଖାର୍ଜୀ, ଉଭୟଙ୍କ ଠିକଣା- ସା: ପ୍ଲଟ୍ ନଂ.: ୪୩/୧୬୭, ଗାୟତ୍ରୀ ବିହାର, ବରମୁଣ୍ଡା, ଭୁବନେଶ୍ୱର, ପିନ୍ - ୭୫୧୦୦୩, ଓଡ଼ିଶା | ତା. ୧୫.୦୪.୨୦୨୪ରିଖ ସୁଦ୍ଧା ଟ.୪୦,୦୫,୪୦୧.୬୮ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୦୩.୦୫.୨୦୨୪ / ୨୪.୦୭.୨୦୨୪ | ୧) ଶ୍ରୀମତୀ ମହେଶ୍ୱତା ମୁଖାର୍ଜୀଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୮୭, ପ୍ଲଟ୍ ନଂ.: ୪୧୮, ଜମିର ପଞ୍ଜିକୃତ କ୍ଷେତ୍ର: ଏକର ୦.୦୬୨୫ ଡିସିମିଲି, ମୌଜା: ସାମପୁର, ପ୍ରକାର: ବାଜେଫସଲ, ଥାନା: |

ଖଣ୍ଡଗିରି, ଏସ୍‌ଆର୍‌ଓ: ଖଣ୍ଡଗିରି, ଜିଲ୍ଲା: ଖୋର୍ଦ୍ଧା, ଏହାର ଚାରିପାର୍ଶ୍ୱରେ ପୂର୍ବ: ସରକାରୀ ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ.: ୪୧୨, ଉତ୍ତର: ପ୍ଲଟ୍ ନଂ.: ୪୧୬, ଦକ୍ଷିଣ: ପ୍ଲଟ୍ ନଂ.: ୪୧୨, ୪୨୦, ୨) ଶ୍ରୀମତୀ ମହେଶ୍ୱତା ମୁଖାର୍ଜୀଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୨୩୩/୨୧୬, ପ୍ଲଟ୍ ନଂ.: ୩୧୭/୧୫୦୨, ପଞ୍ଜିକୃତ ବିକ୍ରୟ ଦଲିଲ୍ ନଂ.: ୪୪୧୫/୨୦୦୭, ଜମିର କ୍ଷେତ୍ର: ଏକର ୦.୧୦୨ ଡିସିମିଲି, ମୌଜା: ସାମପୁର, ପ୍ରକାର: ବାଜେଫସଲ, ଥାନା: ଖଣ୍ଡଗିରି, ଏସ୍‌ଆର୍‌ଓ: ଖଣ୍ଡଗିରି, ଜିଲ୍ଲା: ଖୋର୍ଦ୍ଧା, ଏହାର ଚାରିପାର୍ଶ୍ୱରେ ପୂର୍ବ: ସରକାରୀ ରାସ୍ତା, ପଶ୍ଚିମ: ସବ୍ ପ୍ଲଟ୍ ନଂ.: ୨୧, ଉତ୍ତର: କ୍ରେତାଙ୍କ ମୁକ୍ତ ଚଳପ୍ରଚଳ ପାଇଁ ବିକ୍ରେତାଙ୍କ ଦ୍ୱାରା ଛଡାଯାଇଥିବା ୨୦ ଫୁଟିଆ ଚଉଡା ରାସ୍ତା, ଦକ୍ଷିଣ: ରେଭିନ୍ୟୁ ପ୍ଲଟ୍ ନଂ.: ୩୧୭

ସ୍ଥାନ: ଭୁବନେଶ୍ୱର, ତାରିଖ : ୦୧.୦୮.୨୦୨୪ — କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ

# ଚିକିଟିରେ ଜମି ଫାଟି ଆଁ, ମରୁଡ଼ି ଆଶଙ୍କା

ଚିକିଟି, ୧।୮ (ପ୍ରକାଶ ଚନ୍ଦ୍ର ସାହୁ)

ଗଞ୍ଜାମ ଜିଲା ଚିକିଟି ବ୍ଲକ ଏବେ ମରୁଡି ଆଶଙ୍କା ଦେଖାଦେଇଛି। ଦୀର୍ଘ ଦିନ ଧରି ବର୍ଷା ନ ହେବାରୁ ବର୍ତ୍ତମାନ ଜମି ଫାଟି ଆଁ କରିଛି। ଗତ ୧୫ ଦିନ ପୂର୍ବେ ଅଳ୍ପ ପରିମାଣର ବର୍ଷାରେ କେତେକ ଚାଷୀ ସେମାନଙ୍କ ଜମିରେ ତଳି ପକାଇ ରୁଆକୁ ଅପେକ୍ଷା କରିଥିବା ବେଳେ ବର୍ଷାର ନାଁ ଗନ୍ଧ ନାହିଁ। ଚିକିଟି ବ୍ଲକର ଲାଲମେଣ୍ଟା, ଚାନ୍ଦପୁର, ପିତାତଳି, ନୂଆପଡ଼ା ଆଦି ଅଧିକାଂଶ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଆଜିକୁ ଦୀର୍ଘ ଦିନ ହେଲା ବର୍ଷା ନାହିଁ। ଏଭଳି ପରିସ୍ଥିତିରେ ଗତ ମାସର ଦ୍ୱିତୀୟ ସପ୍ତାହରେ କିଛି ପରିମାଣର ବର୍ଷାରେ ଜମି ପାଗିବାରୁ ଅଧିକାଂଶ ଚାଷୀ ବିଳମ୍ବରେ ଧାନ ତଳି ପକାଇଛନ୍ତି। ଚାନ୍ଦପୁର ପଞ୍ଚାୟତର ଡଭାର ଗ୍ରାମର ଲିଙ୍ଗରାଜ ପଣ୍ଡା, ଦେଉଳିଆପଡ଼ା ଗ୍ରାମର ପ୍ରକାଶ ଚନ୍ଦ୍ର ପରମଗୁରୁ, ନରେନ୍ଦ୍ର ସାହୁ ଆଦି ବହୁ ଚାଷୀ କହିଛନ୍ତି ସେମାନେ ବିଭିନ୍ନ ପ୍ରକାର ଧାନ ତଳି ପକାଇଛନ୍ତି। ହେଲେ ବର୍ଷା ଅଭାବରୁ ଗଛ ଗୁଡ଼ିକ ହଳଦିଆ ପଡିଗଲାଣି। ଜମିରେ ଗତ ମାସ ଦ୍ୱିତୀୟ ସପ୍ତାହରେ ବର୍ଷା ପାଣି ଥିବାରୁ କେତେକ ଲୋକ ଚାଷ କରିବାକୁ ବ୍ୟଗ୍ର ହୋଇଥିଲେ।


ବର୍ଷା ଅଭାବରୁ ଜମି ଫାଟି ଆଁ କଲାଣି।

ହେଲେ ଦିନକୁ ଦିନ ପ୍ରଚଣ୍ଡ ଖରା ହେବାରୁ ଯାହା ପାଣି ଥିଲା ଶୁଖିଗଲା। ବର୍ତ୍ତମାନ ଜଳ ସେଚନ ବ୍ୟବସ୍ଥା ନ ଥିବାରୁ ଜମିଗୁଡ଼ିକ ଫାଟି ଯାଇଛି। ଆସନ୍ତା ଏକ ସପ୍ତାହ ଏଭଳି ପରିସ୍ଥିତି ଲାଗି ରହିଲେ ମରୁଡି ନିଶ୍ଚିତ ବୋଲି ଚାଷିମାନେ କହିଛନ୍ତି। ବର୍ତ୍ତମାନ ଧାନ ତଳି ଗୁଡ଼ିକ ଯଦି ମରିଯାଏ ତେବେ ଆଉ ଧାନ ତଳି ପଡ଼ିପାରିବ ନାହିଁ, ତଳି ପଡ଼ିଲେ ବି ଗଜା ହେବ ନାହିଁ। ଏଣୁ ରୁଆ ସମୟ ଗଡିଗଡି ଯାଉଥିବାରୁ ତାହା ବି ଉପଯୁକ୍ତ ହେବ ନାହିଁ। ତେଣୁ ଧାନ ଚାଷ ପ୍ରତି ଯେଉଁ ଆଶା ରହିଛି ତାହା ନିରାଶାରେ ପରିଣତ ହେବ ବୋଲି ଚାଷୀମାନେ କହିଛନ୍ତି। ହଜାର ଏକ, ଆର୍ଜିଲି ଭଳି ଧାନ ବିହନ ଜୁଲାଇ ପ୍ରଥମ ସପ୍ତାହରୁ ତଳି ପକା ଯାଇଥିଲେ ମଧ ବର୍ଷା ଅଭାବରୁ ଗଛ ଭଲ ଭାବେ ବଢିପାରୁ ନାହିଁ। ଆଉ କେତେକ ଚାଷୀ ହଜାର ଏକ ବିହନ ଆଣିଥିଲେ ମଧ ବେଉଷଣ ହୋଇପାରୁନଥିବାରୁ ନିରାଶାରେ ଅଛନ୍ତି। ଗଞ୍ଜାମ ଜିଲାର ସବୁଠାରୁ କମ୍ ବର୍ଷା ଚିକିଟି ବ୍ଲକରେ ହୋଇଛି। ଏହାକୁ ଦୃଷ୍ଟିରେ ରଖି ସରକାରୀ ସ୍ତରରେ ବ୍ୟବସ୍ଥା କରାଯିବା କଥା କିନ୍ତୁ ତାହା ଏ ଯାଏ ହୋଇପାରି ନାହିଁ।

ପାତ୍ରପୁର ବ୍ଲକ ତୁରୁବୁଡ଼ି ଗ୍ରାମଠାରୁ ପ୍ରାୟ ୨ କିମି ଦୂର ଏକ ମାତ୍ର ବାଘଲଟି ଜଳସେଚନ ବ୍ୟବସ୍ଥା ରହିଛି। ପ୍ରକଳ୍ପ ନାଁରେ ସରକାରଙ୍କ ତରଫରୁ ରକ୍ଷଣାବେକ୍ଷଣ ନାମରେ ଖର୍ଚ୍ଚ କରାଯାଇଛି ତଥାପି ଚାଷୀ ପାଣି ପାଇପାରୁ ନାହାଁନ୍ତି ବୋଲି ଅଭିଯୋଗ କରିଛନ୍ତି। ଅପରପକ୍ଷରେ ଚଳିତ ବର୍ଷ ୨ ମାସ ମଧରେ ବାଘଲଟି ଜଳଭଣ୍ଡାରରେ ୩୫୫ ମିଲିମିଟର ବର୍ଷା ରେକର୍ଡ ରହିଛି। ଫଳରେ ଜଳ ଜଳସ୍ତର ୨୩ ପ୍ରତିଶତ ବଢ଼ିଛି। କିନ୍ତୁ ତାହା ପର୍ଯ୍ୟାପ୍ତ ନୁହେଁ। ଏଭଳି ପରିସ୍ଥିତିରେ ଶୁକ୍ରବାରଠାରୁ ପାଣି ଛଡ଼ାଯିବ ବୋଲି ବିଭାଗୀୟ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଥିବା ଜଣାପଡିଛି। ଏ ସମ୍ପର୍କରେ ବାଘଲଟି ଜଳସେଚନ ପ୍ରକଳ୍ପ ସହକାରୀ ଯନ୍ତ୍ରୀ ସନ୍ତୋଷ ପାତ୍ରଙ୍କ ସହ ଯୋଗାଯୋଗ କରିବାରେ ଚାଷୀମାନେ ବାରମ୍ବାର ଅଭିଯୋଗ କରିବାରୁ ଶୁକ୍ରବାରଠାରୁ ପାଣି ଛଡ଼ାଯିବ କିନ୍ତୁ ଯେତିକି ଜଳଭଣ୍ଡାରରେ ପାଣି ଗଚ୍ଛିତ ଅଛି ତାହା ଅଳ୍ପ ଦିନ ପାଇଁ ଯୋଗାଇ ଦିଆଯିବ ବୋଲି କହିଛନ୍ତି।

## ସଂକ୍ଷେପରେ

### ପାରିବାରିକ କଳହରୁ ମହିଳାଙ୍କ ଆତ୍ମହତ୍ୟା

ଖଜୁରିପଡ଼ା, ୧।୮ (ବିଦୁର ବେହେରା)

ଖଜୁରିପଡ଼ା ଥାନା ଅନ୍ତର୍ଗତ ଗେଡ୍ରି ପାଜୁ ଗ୍ରାମରେ ପାରିବାରିକ କଳହରୁ ଜଣେ ମହିଳା ବୁଧବାର ରାତିରେ ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ମିନାକ୍ଷୀ ଭୋଇ। ମିନାକ୍ଷୀ ଏବଂ ବିପ୍ର ଭୋଇ ଏକ ସୁନ୍ଦର ସଂସାର କରି ଚଳୁଥିଲେ। ବିପ୍ର ମଦ୍ୟପାନ କରୁଥିବା ଯୋଗୁ ପ୍ରତିଦିନ ଘରେ ଅଶାନ୍ତି ଲାଗି ରହୁଥିଲା, ଯାହାକୁ ନେଇ ସ୍ୱାମୀ ଓ ସ୍ତ୍ରୀ ମଧରେ ସବୁବେଳେ ପାରିବାରିକ କଳହ ଲାଗି ରହୁଥିଲା। ସ୍ୱାମୀକୁ ଯେତେ ବୁଝାଇଲେ ମଧ ବୁଝୁ ନ ଥିବାରୁ ମିନାକ୍ଷୀ ନିଜ ବାପ ଘରକୁ ଚାଲି ଯାଇଥିଲା। ସେଠାକୁ ବିପ୍ର ଯାଇ ମିନାକ୍ଷୀକୁ ବୁଝେଇ ନିଜ ଘରକୁ ନେଇ ଆସିଥିଲା। କିନ୍ତୁ କୌଣସି କାରଣ ବଶତଃ ମିନାକ୍ଷୀ ମଙ୍ଗଳବାର ରାତିରେ ବିଷ ପିଇ ଦେଇଥିଲା। ପରିବାର ଲୋକେ ତାଙ୍କୁ ଫୁଲବାଣୀ ବଡ ମେଡିକାଲରେ ଭର୍ତ୍ତି କରିଥିଲେ। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ଖଜୁରିପଡ଼ା ଥାନାରେ ନଂ.୧୭/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ଯୁକ୍ତ ୨ ପ୍ରଥମ ବର୍ଷ ବିଦ୍ୟାର୍ଥୀଙ୍କୁ ସ୍ୱାଗତ ଅନନ୍ତ ନାରାୟଣ ଉଚ୍ଚ ମାଧମିକ ବିଦ୍ୟାଳୟ

ଧରାକୋଟ, ୧।୮ (ବିଷ୍ଣୁ କେଶରୀ ଆଚାର୍ଯ୍ୟ):

ଧରାକୋଟସ୍ଥିତ ଅନନ୍ତ ନାରାୟଣ ଉଚ୍ଚ ମାଧମିକ ବିଦ୍ୟାଳୟରେ ଗୁରୁବାର ଯୁକ୍ତ ୨ ପ୍ରଥମ ବର୍ଷର ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। କାର୍ଯ୍ୟକ୍ରମରେ ଅଧକ୍ଷ ଅକ୍ଷୟ ପଟ୍ଟନାୟକ ଅଧକ୍ଷତା କରି ନୂତନ ଛାତ୍ରୀଛାତ୍ରମାନଙ୍କୁ ଶୃଙ୍ଖଳା ଓ ଅନୁଷ୍ଠାନର ନୀତିନିୟମ ସମ୍ପର୍କରେ ଅବଗତ କରିଥିଲେ। ଅଧାପିକା ଅଧାପକମାନେ ନିଜ ନିଜ ବିଷୟବସ୍ତୁ ବିଷୟରେ ଆଲୋଚନା କରିଥିଲେ। ଅଧାପକ ବଳରାମ ସ୍ୱାଇଁ, ଅଧାପିକା କ୍ଷୀରାବ୍ଧି ସାହୁ, ଶୁଭସ୍ମିତା ନାୟକ, ପିଇଟି ପୂର୍ଣ୍ଣଚନ୍ଦ୍ର ଦାସ, ଗୋପାଳ କୃଷ୍ଣ ପଣ୍ଡା, ଦିଲୀପ ମହାନ୍ତି, ସନ୍ଦୀପ ପଟ୍ଟନାୟକ, ଅଶୋକ ଦାସ ଓ କୃଷ୍ଣ ନାୟକ ଉପସ୍ଥିତ ରହି ଛାତ୍ର ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ ।

### ସାମୂହିକ ଔଷଧ ସେବନ ନିମନ୍ତେ ବୈଠକ

ବେଲଗୁଣ୍ଠା, ୧।୮ (କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)–

ଚଳିତ ମାସ ୧୦ ତାରିଖରୁ ଓଡ଼ିଶା ସରକାରଙ୍କ ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଆନୁକୂଲ୍ୟରେ ସମଗ୍ର ରାଜ୍ୟରେ ଫାଇଲେରିଆ ନିରାକରଣ ଅଭିଯାନ ଆରମ୍ଭ ହେଉଥିବା ବେଳେ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ପାଇଁ ବେଲଗୁଣ୍ଠା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଗୋଷ୍ଠୀ ସ୍ତରୀୟ ପରିଚାଳନା କମିଟିର ଦ୍ୱିତୀୟ ପର୍ଯ୍ୟାୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡାକ୍ତର ବାଲୁଙ୍କେଶ୍ୱର ଷଡ଼ଙ୍ଗୀଙ୍କ ଆବାହନରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥି ରୂପେ ବେଲଗୁଣ୍ଠା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭାରତୀ ଦେବୀ ଯୋଗ ଦେଇଥିବା ବେଳେ ସିଡିପିଓ ଉଷା ଲକ୍ଷ୍ମୀ ଦେବୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରତିଭା ରଥ, ସହର ମିଶନ୍ ପରିଚାଳକ ପ୍ରଫୁଲ୍ଲ କୁମାର ଷଡ଼ଙ୍ଗୀ, ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ମାନସୀ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ମ୍ୟାଲେରିଆ ସୁପରଭାଇଜର କୃଷ୍ଣ ଚନ୍ଦ୍ର ଚୌଧୁରୀ ଫାଇଲେରିଆ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ବିପିଏମ୍ ଦୁର୍ଗା ପ୍ରସାଦ ପଟ୍ଟନାୟକ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ କମ୍ୟୁନିଟି ହେଲଥ୍ ଅଫିସର୍, ମହିଳା ସ୍ୱାସ୍ଥ୍ୟ କର୍ମୀ, ପୁରୁଷ ସ୍ୱାସ୍ଥ୍ୟ କର୍ମୀ, ସାମାଜିକ କର୍ମୀ ଉପସ୍ଥିତ ଥିଲେ।

# ଚାଷ ପାଇଁ ବାଘଲଟି ଛାଡ଼ିଲା ପାଣି

ପାତ୍ରପୁର, ୧।୮ (ଉମାଚରଣ ନେପାକ)

ପାତ୍ରପୁର ତହସିଲରରେ ଥିବା ବାଘଲଟି ଜଳସେଚନ ଯୋଜନାରୁ ଗୁରୁବାର ପାଣି ଛଡ଼ାଯାଇଛି। ଶୁଭ ମୂହୁର୍ତ୍ତ ଦେଖି ପୂଜା ପାଠ କରିବା ପରେ ଯୋଜନାର ଦୁଇ ପାର୍ଶ୍ୱ କେନାଲରେ ପାଣି ଛଡ଼ାଯାଇଛି। ଚଳିତ ବର୍ଷ ବର୍ଷା ଅଭାବ ଯୋଗୁ ଜଳଭଣ୍ଡାରରେ କମ୍ ପାଣି ରହିଛି। ଯାହାକୁ ଦେଖି ଏହି ପ୍ରକଳ୍ପରୁ ପାଣି ପାଉଥିବା ଚାଷୀଙ୍କ ଦାବି ପରେ ପାଣି ଛଡ଼ାଯାଇଛି। ଆଜି ପାଣି ଛାଡ଼ବା ବେଳେ ଅଞ୍ଚଳର ବହୁ ଚାଷୀଙ୍କ ସହିତ ସହକାରୀ ନିର୍ବାହୀ ଯନ୍ତ୍ରୀ ଇ ସନ୍ତୋଷ କୁମାର ପାତ୍ର, ସହକାରୀ ଯନ୍ତ୍ରୀ ପୂର୍ଣ୍ଣ ଚନ୍ଦ୍ର ପଟ୍ଟନାୟକ, ସଞ୍ଜୀବ କୁମାର ସାହୁ ଏବଂ କନିଷ୍ଠ ଯନ୍ତ୍ରୀ ସ୍ୱତାମୱର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ପୂର୍ବତନ ସରପଞ୍ଚଙ୍କ ଦେଢ଼ଶୁରଙ୍କୁ ହତ୍ୟା ଘଟଣାରେ ଜଣେ ଗିରଫ

# ମୁଖ୍ୟ ଅଭିଯୁକ୍ତଙ୍କ ଟେର ପାଉନି ପୋଲିସ

ପୁରୁଷୋତ୍ତମପୁର, ୧।୮ (ସିମାଞ୍ଚଳ ମିଶ୍ର):

ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଶିକୁଳା ଗ୍ରାମରେ ପୂର୍ବତନ ସରପଞ୍ଚ ନନ୍ଦିନୀ ବେହେରାଙ୍କ ଦେଢ଼ଶୁର କାହ୍ନୁଚରଣ ବେହେରାଙ୍କୁ ଗତ ମାର୍ଚ୍ଚ ୨୯ ତାରିଖରେ ଛୁରୀ ଭୁଷି ହତ୍ୟା କରାଯାଇଥିଲା। ଏହି ଘଟଣାର ୪ ମାସ ପରେ ଜଣେ ଅଭିଯୁକ୍ତ ଅରଖପୁର ଗ୍ରାମର ଟୁକୁନା ନାହାକ (୨୮)ଙ୍କୁ ପୋଲିସ ଗିରଫ କରିଛି। ହତ୍ୟା ଘଟଣା ପରଠାରୁ ସମସ୍ତ ଅଭିଯୁକ୍ତ ଫେରାର ଥିଲେ। ଟୁକୁନା ଗ୍ରାମକୁ ଫେରିଥିବା ଖବରପାଇ ପୋଲିସ ବୁଧବାର ବିଳମ୍ବିତ ରାତିରେ ତାଙ୍କ ଘର ଉପରେ ଚଢାଉ କରିଥିଲା। ସେ ପୋଲିସକୁ ଚକମା ଦେଖାଇ ଦୌଡି ପଳାଇ ଯାଉବେଳେ ପୋଲିସ କର୍ମଚାରୀମାନେ ତାଙ୍କୁ ଗୋଡାଇ କାବୁ କରିଥିଲେ। ଗୁରୁବାର ଟୁକୁନାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅନ୍ୟପକ୍ଷରେ ମୁଖ୍ୟ ଅଭିଯୁକ୍ତ ଶିକୁଳାର ସନାତନ ପ୍ରଧାନଙ୍କ ସମେତ ଅନ୍ୟମାନଙ୍କୁ ପୋଲିସ ଏ ଯାଏ ଗିରଫ କରି ପାରିନାହିଁ । ସେମାନଙ୍କୁ ଗିରଫ ପାଇଁ ଚଢାଉ ଜାରି ରହିଥିବା ଏସଆଇ ଆଦିତ୍ୟ ନାରାୟଣ ପାତ୍ର କହିଛନ୍ତି। ଗିରଫ ଟୁକୁନା ଗଞ୍ଜେଇ ଚାଲାଣରେ ମଧ ଲିପ୍ତ ରହିଥିବା ଜଣାପଡିଛି। ତାଙ୍କ ନାମରେ ଅନ୍ୟ କେଉଁଠି ମାମଲା ରହିଛି କି ନାହିଁ ତଦନ୍ତ ଚାଲିଥିବା ଏସଆଇ ପାତ୍ର କହିଛନ୍ତି।

# ଏସ୍ଏଚ୍‌ଜିର ଟଙ୍କା ଆତ୍ମସାତ୍, ବ୍ୟାଙ୍କ ପିଅନଙ୍କୁ ୨ ବର୍ଷ ଜେଲ

ପୁରୁଷୋତ୍ତମପୁର, ୧।୮ (ସୀମାଞ୍ଚଳ ମିଶ୍ର):

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତର ବିଚାରପତି ପୂଜା ପ୍ରିୟଦର୍ଶନୀ ପତି ଗୁରୁବାର ଏକ ମହିଳା ସଂଘର ଜମାଟଙ୍କା ଆତ୍ମସାତ ମାମଲାର ଶୁଣାଣି ଅଭିଯୁକ୍ତ ବ୍ୟାଙ୍କ ପିଅନଙ୍କୁ ୨ବର୍ଷ ଜେଲ୍ ଦଣ୍ଡାଦେଶ ଦେଇଛନ୍ତି। ସେ ହେଲେ ଭୂତସରସିଙ୍ଗି କାନଡା ବ୍ୟାଙ୍କର ପିଅନ ରାମଚନ୍ଦ୍ର ନାୟକ। ଜେଲଦଣ୍ଡ ସହ ତାଙ୍କୁ ୧୦ ହଜାର ଟଙ୍କା ଜରିମାନା କରାଯାଇଛି। ଏହା ସମ୍ପୃକ୍ତ ମହିଳା ସଂଘକୁ ପ୍ରଦାନ କରାଯିବ। ଜରିମାନା ନ ଦେଲେ ଅଭିଯୁକ୍ତ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ବିଚାରପତି ରାୟରେ ଉଲ୍ଲେଖ କରିଛନ୍ତି ।

ପୁରୁଷୋତ୍ତମପୁର ଥାନା ରାଜପୁର ଗ୍ରାମର ରାଧାକୃଷ୍ଣ ସ୍ୱୟ ସହାୟକ ଗୋଷ୍ଠୀ (ଏସ୍ଏଚ୍‌ଜି) ଭୂତସରସିଙ୍ଗି କାନାରା ବ୍ୟାଙ୍କରୁ ୫ ଲକ୍ଷ ଟଙ୍କା ଋଣ ନେଇଥିଲେ। ଋଣ ପରିଶୋଧର କିସ୍ତି ଟଙ୍କା ୨୦ ହଜାର ସହ ଜମାଟଙ୍କା ୨୯ ହଜାର ବ୍ୟାଙ୍କ ଆକାଉଣ୍ଟରେ ନ ଥିବା ନେଇ ଗତବର୍ଷ ଅଗଷ୍ଟ ୧୦ ତାରିଖରେ ମହିଳା ସଂଘ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୫୯୯/୨୩ ପ୍ରକାରେ ତଦନ୍ତକାରୀ ପୋଲିସ ଅଫିସର ସୁଶାନ୍ତ କୁମାର ମିଶ୍ର ଘଟଣାର ତଦନ୍ତ କରି ରାମଚନ୍ଦ୍ରଙ୍କୁ ଗିରଫ କରିଥିଲେ। ଏଥିସହ ସେ କୋର୍ଟରେ ଚାର୍ଜଶିଟ କୋର୍ଟରେ ଦାଖଲ କରିଥିଲେ। ମାମଲାରେ ୧୪ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ବିଚାରପତି ଦଣ୍ଡାଦେଶ ଶୁଣାଇଛନ୍ତି।ସରକାରଙ୍କ ପକ୍ଷରୁ କୃଷ୍ଣଚନ୍ଦ୍ର ଗୌଡ ମାମଲା ପରିଚାଳନା କରୁଥିଲେ।

### ଶ୍ରୀଶ୍ରୀ ବଡମା'ଙ୍କ ଜନ୍ମ ମହୋତ୍ସବ ପାଳିତ

ଦିଗପହଣ୍ଡି, ୧।୮ (ଅଶେଷ ନାଥ ମିଶ୍ର)

ପରମ ଆରାଧ୍ୟା ଜଗଜ୍ଜନନୀ ଶ୍ରୀଶ୍ରୀ ବଡ ମା'ଙ୍କ ୧୩୧ ତମ ଜନ୍ମ ମହୋତ୍ସବ ଦିଗପହଣ୍ଡି ସ୍ଥିତ ଶ୍ରୀ ଅନୁକୂଳ ସତସଙ୍ଗ କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ଦିଗପହଣ୍ଡି ସତ୍‌ସଙ୍ଗ କେନ୍ଦ୍ର ଆନୁକୂଲ୍ୟରେ ଅନୁଷ୍ଠିତ ମହୋତ୍ସବରେ ସହ ପ୍ରତି ଋତ୍ୱିକ ବୃନ୍ଦାବନ ପ୍ରଧାନ ଅଧକ୍ଷତା କରିଥିଲେ। ଅବସରପ୍ରାପ୍ତ ଅଧାପକ ଡ. ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ପରେ ସହ ପ୍ରତି ଋତ୍ୱିକ ବନମାଳୀ ସାହୁ ମୁଖ୍ୟ ପ୍ରବଚକ ଭାବେ ଯୋଗ ଦେଇଥିଲେ। ପୂର୍ବରୁ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଦିଗପହଣ୍ଡି ସତ୍‌ସଙ୍ଗ କେନ୍ଦ୍ରର ଯାଜକ କର୍ମୀ ରୋହିତ କୁମାର ସାମଲ, ସୁଦାମ ପ୍ରଧାନ, ଅଜିତ ସୁବୁଦ୍ଧି, ପ୍ରଶାନ୍ତ ପାତ୍ର, କୁରେଶୁ ଡାକୁଆ, ଡ଼.ଯୁଧିଷ୍ଠିର ସ୍ୱାଇଁ, ପ୍ରହ୍ଲାଦ କୁମାର ପ୍ରଧାନ, ଦେବରାଜ ମହାରଣା, ଗୋଲକ ଚନ୍ଦ୍ର ରଥ, ଏସ. ତ୍ରିପତି ପାତ୍ର, ଉଦୟନାଥ ସ୍ୱାଇଁ, କୃଷ୍ଣଚନ୍ଦ୍ର ପ୍ରଧାନ, ଦଣ୍ଡପାଣି ପାତ୍ର, ସଂଗ୍ରାମ କେଶରୀ ରଥ ପ୍ରମୁଖ ପରିଚାଳନା କରିଥିଲେ। ମହୋତ୍ସବ ପୂର୍ବରୁ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ର ଓ ବଡ ମା'ଙ୍କ ତୈଳଚିତ୍ରକୁ ଏକ ସୁସଜ୍ଜିତ ରଥରେ ସଂକୀର୍ତ୍ତନ ମାଧମରେ ନଗର ପରିକ୍ରମା କରାଯାଇଥିଲା ବେଳେ ପ୍ରଫୁଲ୍ଲ ପ୍ରଧାନ, ରମେଶ ଗୌଡ, ବି.ଦାଶରଥି, ଗୌରାଙ୍ଗ ପ୍ରଧାନ, ସୋମନାଥ ପଲେଇ ଏବଂ ଏସ୍. କ୍ରିଷ୍ଣାରାଓ ସଞ୍ଚାଳକ ଦାୟିତ୍ୱ ନିର୍ବାହ କରିଥିଲେ।

# ପୌର ପରିଷଦର ବିଭିନ୍ନ ସମସ୍ୟା ନେଇ ଦାବିପତ୍ର

ଫୁଲବାଣୀ, ୧।୮ (ରାକେଶ କୁମାର ରାଉତ)

ଫୁଲବାଣୀ ପୌର ପରିଷଦରେ ଲାଗି ରହିଥିବା ବିଭିନ୍ନ ସମସ୍ୟାର ସମାଧାନ ନେଇ କନ୍ଧମାଳ ଜିଲା ଆମ୍ ଆଦ୍‌ମୀ ପକ୍ଷରୁ ଏକ ଦାବିପତ୍ର ଫୁଲବାଣୀ ଉପ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ପୌର ପରିଷଦ ଅଞ୍ଚଳରେ ଥିବା ପୋଖରୀ ଗୁଡିକ ସମ୍ପୂର୍ଣ୍ଣ ଅବହେଳିତ ଅବସ୍ଥାରେ ରହିଛି। ଏହା ଆଦୌ ବ୍ୟବହାର ଉପଯୋଗୀ ନାହିଁ । ସହରର ରାସ୍ତାଘାଟରେ ବୁଲା ଗାଇ ଗୋରୁ, ଷଣ୍ଢ ଅବାଧରେ ବିଚରଣ କରୁଛନ୍ତି। ରାସ୍ତା ଉପରେ ଶୋଉଥିବାରୁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ରାସ୍ତା ପାର୍ଶ୍ୱକୁ ବ୍ୟବସାୟୀ ଅବରୋଧ କରି ରଖିଛନ୍ତି। ରାସ୍ତାର ଅନେକ ସ୍ଥାନରେ ଛୋଟ ବଡ ଗର୍ତ୍ତ ସୃଷ୍ଟି ହୋଇଛି। ପୌର ପରିଷଦ


ଉପ ଜିଲାପାଳ ଦାବିପତ୍ର ଗ୍ରହଣ କରୁଛନ୍ତି।

ପକ୍ଷରୁ ସହରରେ ସୌନ୍ଦର୍ଯ୍ୟକରଣ ପାଇଁ ବିଦ୍ୟୁତ୍ ଖୁଣ୍ଟରେ ଲାଗିଥିବା ଏଲଇଡି ଲାଇଟ ଅକାମୀ ହୋଇପଡ଼ିଛି। ଅନେକ ସମୟରେ ସହର ଅନ୍ଧାରରେ ରହୁଛି । ଏବେ ବର୍ଷା ଦିନ ହୋଇଥିବାରୁ ସବୁଠି ଡେଙ୍ଗୁ ମ୍ୟାଲେରିଆ ଭୟ ଘାରିଛି । ଏଭଳିସ୍ଥଳରେ ପୌର ପରିଷଦ ପକ୍ଷରୁ ମେଶିନ ସାହାର୍ଯ୍ୟରେ ମଶାମରା ଧୂଆଁ ଦିଆଯାଉନାହିଁ। ତେଣୁ ଏସବୁ ସମସ୍ୟାର ତୁରନ୍ତ ସମାଧାନ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଆମ୍ ଆଦ୍‌ମୀ ପାର୍ଟି ଜିଲା ସାଧାରଣ ସମ୍ପାଦକ ଗିରିଶ ପଟ୍ଟନାୟକଙ୍କ ନେତୃତ୍ୱରେ ଏହି ଦାବିପତ୍ର ପ୍ରଦାନ କରାଯାଇଥିଲା।

# କୋକୋ ସୁବଳୟା ପେଟ୍ରୋଲ ପମ୍ପ କର୍ମଚାରୀଙ୍କ ଆନ୍ଦୋଳନ



କର୍ମଚାରୀମାନେ ଆନ୍ଦୋଳନ କରୁଛନ୍ତି।

ଗଞ୍ଜାମ, ୧।୮ (ବିଦ୍ୟାଧର ସାହୁ)

ଗଞ୍ଜାମ ବ୍ଲକ ସୁବଳୟା ନିକଟରେ ଥିବା କୋକୋ ସୁବଳୟା ପେଟ୍ରୋଲ ପମ୍ପରେ କାର୍ଯ୍ୟ କରୁଥିବା କର୍ମଚାରୀମାନେ କାର୍ଯ୍ୟ ବନ୍ଦ କରିବା ସହ ଆନ୍ଦୋଳନ କରିଛନ୍ତି। ଏହି ପମ୍ପ ୨୦୧୭ରୁ ଇଣ୍ଡିଆନ ଅଏଲ କମ୍ପାନୀ କୋକୋ ସୁବଳୟା ନାମରେ ଏକ ପେଟ୍ରୋଲ ପମ୍ପ ଖୋଲି ସବ୍ ଡିଲରଙ୍କୁ ଚୁକ୍ତି ଅନୁଯାୟୀ ପରିଚାଳନା ଦାୟିତ୍ୱ ଦେଇଥିଲା। କିନ୍ତୁ ବୁଧବାର ଅର୍ଥାତ୍ ଜୁଲାଇ ୩୧ ତାରିଖରେ ଚୁକ୍ତିନାମା ଶେଷ ହୋଇଯାଇଛି। ତେଣୁ ଆଜିଠାରୁ ଯେଉଁ ନୂତନ ସବ୍ ଡିଲର ପରିଚାଳନା ଦାୟିତ୍ୱଭାର ନେଇଛନ୍ତି, ତାଙ୍କର ନୀତିନିୟମ ଅନୁଯାୟୀ କର୍ମଚାରୀଙ୍କୁ ୫୦% ଛଟେଇ, ଦରମା କାଟ୍ ଭଳି ସଙ୍ଗୀନ ଅଭିଯୋଗକୁ ନେଇ ଗୁରୁବାର କାର୍ଯ୍ୟ ବନ୍ଦ କରିବା ସହ ପେଟ୍ରୋଲ ପମ୍ପ ସମ୍ମୁଖରେ ଆନ୍ଦୋଳନ କରିଛନ୍ତି। ଏହାର ସମାଧାନ ନ ହେବା ଯାଏ ଆନ୍ଦୋଳନ ଜାରି ରହିବ ବୋଲି କର୍ମଚାରୀମାନେ ଚେତାବନୀ ଦେଇଛନ୍ତି ।

# ଗଙ୍ଗାପୁର ସ୍କୁଲରେ ଯୁକ୍ତ ୨ ପାଠପଢ଼ା ଆରମ୍ଭ

ଛତ୍ରପୁର, ୧।୮ (ସନ୍ତୋଷ ପାଢ଼ୀ):

ଛତ୍ରପୁର ବ୍ଲକ ଅନ୍ତର୍ଗତ ପୋଟଲାମପୁର ଗ୍ରାମ ଗଙ୍ଗାପୁର ଉଚ୍ଚ ବିଦ୍ୟାଳୟରେ ଗୁରୁବାରଠାରୁ ଯୁକ୍ତ ଦୁଇ କଳାରେ ପାଠ ପଢ଼ା ଆରମ୍ଭ ହୋଇଛି। ଛାତ୍ରଛାତ୍ରୀଙ୍କ ସମସ୍ୟାକୁ ଗୁରୁତ୍ୱ ଦେଇ ନାମଲେଖା ସାରି ଗଙ୍ଗାପୁର ଉଚ୍ଚ ବିଦ୍ୟାଳୟରେ ପାଠପଢା ପ୍ରକ୍ରିୟା ଆରମ୍ଭ ହୋଇଛି। ଏଣୁ ଅଞ୍ଚଳବାସୀ ଖୁସି ବ୍ୟକ୍ତ କରିଛନ୍ତି। ଅଞ୍ଚଳର ୫୪ ଜଣ ଛାତ୍ରୀଛାତ୍ର ନାମଲେଖା ସାରି ପାଠପଢା ଆରମ୍ଭ କରିଛନ୍ତି । ପ୍ରଥମ ଦଶନ୍ଧି ରେ ଆରମ୍ଭ ହୋଇଥିବା ଏହି ସ୍କୁଲ ରେ ଆଜି ଯୁକ୍ତ ଦୁଇ ପାଠ ପଢା ଆରମ୍ଭ ହୋଇଛି । ଉକ୍ତ କାର୍ଯ୍ୟକ୍ରମରେ ଛତ୍ରପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ସୀତାରାମ ପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷୟତ୍ରୀ ପ୍ରତିମଞ୍ଜରି ଭୂୟାଁ କାର୍ଯ୍ୟ ପରିଚାଳନା କରିଥିବା ବେଳେ ସଭାପତି ବିନୋଦ କୁମାର ସ୍ୱାଇଁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଜିତ କୁମାର ପାଢ଼ୀ, ଦୁର୍ଯ୍ୟୋଧନ ସ୍ୱାଇଁ, ସ୍କୁଲ ଶିକ୍ଷକ ହେମନ୍ତ କୁମାର ସୁବୁଦ୍ଧି, ରଘୁନାଥ ପ୍ରଧାନ, ଅବସରପ୍ରାପ୍ତ ସହିଦ ଭାଗବତ ସିଂ ମହାବିଦ୍ୟାଳୟ ଅଧକ୍ଷ ଦିବାକର ସ୍ୱାଇଁ, ନବନିଯୁକ୍ତ ଶିକ୍ଷକ ଶିକ୍ଷୟତ୍ରୀଙ୍କ ସମେତ ପୋଟଲାମପୁର ସରପଞ୍ଚ ନିରଞ୍ଜନ ପ୍ରଧାନ, ସମିତି ମେମ୍ବର ଶମ୍ଭୁନାଥ ସ୍ୱାଇଁ, ଶିଶିର ପ୍ରଧାନ, ସନତ ସ୍ୱାଇଁ, ରାଜୁ ନାହାକ ଉପସ୍ଥିତ ଥିଲେ। ଶେଷରେ ଶିକ୍ଷକ ତ୍ରିନାଥ ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ।

### ମନ୍ଦିର ହୁଣ୍ଡିରୁ ଚୋରି

ସୋରଡା, ୧।୮ (ରଜନୀକାନ୍ତ ମହାପାତ୍ର):

ସୋରଡାର ପୁରାତନ ଶୈବପୀଠ ପ୍ରଭୁ ବୃଦ୍ଧ ଲିଙ୍ଗେଶ୍ୱର ସ୍ୱାମୀ ଓ ପୁଡୁକେଶ୍ୱର ସ୍ୱାମୀଙ୍କ ମନ୍ଦିର ହୁଣ୍ଡିରୁ ଟଙ୍କା ଚୋରି ହୋଇଛି। ଶ୍ରାବଣ ମାସ ଚାଲିଥିବାରୁ ଅନେକ କାଉଡିଆ ଶୈବପୀଠକୁ ଜଳ ଲାଗି କରିବା ବେଳେ ହୁଣ୍ଡିରେ କିଛି ଟଙ୍କା ପକାଇଥାନ୍ତି। କେତେଜଣ ଦୁର୍ବୃତ୍ତ ବୁଧବାର ରାତିରେ ମନ୍ଦିରରେ ପଶି ହୁଣ୍ଡି ଭାଙ୍ଗି ଟଙ୍କା ଚୋରାଇ ନେଇଛନ୍ତି। ସେହିପରି ପୁଡୁକେଶ୍ୱର ସ୍ୱାମୀଙ୍କ ମନ୍ଦିରରୁ ମଧ ଚୋରି ହୋଇଛି। ଗୁରୁବାର ସକାଳେ ଏହା ଜଣାପଡିବା ପରେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ସୋରଡା ଥାନାରେ ଅଭିଯୋଗ କରାଯାଇଥିଲା। ସୋରଡା ଥାନାଧିକାରୀ ଘଟଣା ସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛନ୍ତି।

# ବିମଳାଙ୍କ ମନ୍ଦିର ପ୍ରତିଷ୍ଠାର ବାର୍ଷିକ ଉତ୍ସବ



ଆସିକା, ୧।୮ (ସୁରେନ୍ଦ୍ର ନାଥ ସାହୁ ):

ଆସିକା ଏନ୍ଏସିର ଲାଲାଶାସନ ଗ୍ରାମରେ ବିଜେ ମା' ବିମଳା ଠାକୁରାଣୀଙ୍କ ମନ୍ଦିର ପ୍ରତିଷ୍ଠାର ପ୍ରଥମ ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଭୋରରେ ଦେବୀଙ୍କ ମହାସ୍ନାନ, ବେଶ ପରେ ମଙ୍ଗଳପାଠ, ମହାଦୀପ ପୂଜନ, ପୂଜା, ହୋମ ଆଦି ହୋଇଥିଲା। ପୂର୍ବତନ କାଉନସିଲର ପ୍ରମୋଦ କୁମାର ତ୍ରିପାଠୀ, ରାଜ୍ୟ ଅମଲା ସଂଘର ପୂର୍ବତନ ସାଧାରଣ ସମ୍ପାଦକ ପ୍ରସନ କୁମାର ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମନ୍ଦିର ପରିଚାଳନା କମିଟି ଏବଂ ଲାଲାଶାସନ ଓ ଶାସ୍ତ୍ରୀନଗର ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଗଳ୍ପ, କବିତା ପାଇଁ ନୃସିଂହାନନ୍ଦ ସମ୍ମାନିତ

ଫୁଲବାଣୀ, ୧।୮ (ରାକେଶ କୁମାର ରାଉତ)

କନ୍ଧମାଳ ଜିଲାର କବି ଡଃ ନୃସିଂହାନନ୍ଦଙ୍କୁ ଗଳ୍ପ, କବିତା ରଚନା ଏବଂ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ମାନିତ କରାଯାଇଛି। ଭୁବନେଶ୍ୱରସ୍ଥିତ ଗୀତ ଗୋବିନ୍ଦ ସଦନରେ କ୍ଷୁଦ୍ର ଓ ମଧମ ସମ୍ବାଦ ପତ୍ର ସମ୍ପାଦକ ସଙ୍ଗଠନର ପ୍ରଥମ ବାର୍ଷିକ ଉତ୍ସବ ଅବସରରେ ଡଃ ନୃସିଂହାନନ୍ଦଙ୍କୁ ଏହି ସମ୍ମାନ ମିଳିଛି। ଅତିଥି ଭାବେ ଭୁବନେଶ୍ୱର ମେୟର ସୁଲୋଚନା ଦାସ ଯୋଗଦେଇ କନ୍ଧମାଳ ଜିଲାରେ ଏଭଳି ସାହିତ୍ୟର ବିକାଶ ପାଇଁ ଆପଣଙ୍କ ସ୍ୱଲିଖିତ ୩୫ ଖଣ୍ଡ ଆଧାତ୍ମିକ ପୁସ୍ତକ ସଦା ସର୍ବଦା ସାହିତ୍ୟ ବାଣୀଭଣ୍ଡାରକୁ ଉଜ୍ଜିବୀତ କରିବ ବୋଲି କହିବା ସହ ମାନପତ୍ର ଓ ଉପଢ୍ୌକନ ଦେଇ ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନେକ ଖବର ସଂସ୍ଥାର ସମ୍ପାଦକ, ବରିଷ୍ଠ ସାମ୍ବାଦିକମାନେ ଉପସ୍ଥିତ ଥିଲେ। ଉତ୍ସବରେ ସଂଘର ବିଭିନ୍ନ ପ୍ରକାର ସମସ୍ୟାର କିପରି ସମାଧାନ ହୋଇପାରିବ ସେହି ବିଷୟ ବସ୍ତୁ ଉପରେ ଆଲୋଚନା ହୋଇଥିଲା।



ଅତିଥିଙ୍କ ଗହଣରେ ଡଃ ନୃସିଂହାନନ୍ଦ।

# ମାଛ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣକୁ ୨ ବର୍ଷ, ହେଉନି କାର୍ଯ୍ୟକ୍ଷମ

ଗଞ୍ଜାମ, ୧।୮ (ବିଦ୍ୟାଧର ସାହୁ):

ଗଞ୍ଜାମ ସହର ସାନବଜାର କଲେଜ ରୋଡ୍‌ଠାରେ ମାଛ ବଜାର ରହିଛି। ରାସ୍ତା ପାର୍ଶ୍ୱରେ ଛାମୁଡ଼ିଆ ପକେଇ ଅତି ଦୟନୀୟ ଅବସ୍ଥାରେ ମାଛ ବିକ୍ରି ହେଉଛି। ରାସ୍ତା ପାର୍ଶ୍ୱ ହେତୁ ପ୍ରାୟ ସକାଳେ ସେଠାରେ ଭିଡ଼ ଜମିଥାଏ। ମାଛ କିଣିବାକୁ ଆସୁଥିବା ଲୋକମାନେ ରାସ୍ତା ଉପରେ ଗାଡ଼ି ମୋଟର ରଖି ମାଛ କିଣିବା ସମୟରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେବା ସହ ସ୍କୁଲ କଲେଜ ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭ କରି ଜନସାଧାରଣଙ୍କୁ ଅପେକ୍ଷା କରିବାକୁ ପଡ଼େ। ଏ ନେଇ ବାରମ୍ବାର ଦାବି ପରେ ୨୦୨୨ରେ ଏନ୍ଏସି ପ୍ରଶାସନ ପକ୍ଷରୁ କ୍ରିଏସନ କ୍ୟାପିଟାଲ ଆସେଟ (ସିସିଏ) ଫଣ୍ଡରୁ ୧୪ ଲକ୍ଷ ୬୨ ହଜାର ଟଙ୍କା ବ୍ୟୟ ଅଟକଳରେ ମାଛ ବ୍ୟବସାୟୀଙ୍କ ଉଦ୍ଦେଶ୍ୟରେ ୧୪ଟି ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯାଇଛି। ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ସହ ଏନ୍ଏସି ପ୍ରଶାସନକୁ ଠିକାଦାର ଚାବି ହସ୍ତାନ୍ତର କରିଛନ୍ତି । ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାର ଦୁଇ ବର୍ଷରୁ ଉର୍ଦ୍ଧ୍ୱ ବିତିଯାଇଥିଲେ ମଧ ଏଯାବତ କାର୍ଯ୍ୟକ୍ଷମ ହୋଇନାହିଁ। ଫଳରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧରେ ଘୋର ଅସନ୍ତୋଷ ଦେଖାଦେଇଛି। ଉକ୍ତ ନବନିର୍ମିତ ମାଛ ମାର୍କେଟ କେବେ



**ଗଞ୍ଜାମ ଏନ୍ଏସି**

କାର୍ଯ୍ୟକାରୀ ହେବ ସନ୍ଦେହରେ ମାଛ ବ୍ୟବସାୟୀ ଓ ସହରବାସୀ। ବର୍ଷାଦିନ ହୋଇଥିବା ହେତୁ ପୁରୁଣା ମାଛ ମାର୍କେଟଟି କାଦୁଅରେ ପରିପୂର୍ଣ୍ଣ ହୋଇଯିବା ସହ ଅପ୍ରୀତିକର ପରିବେଶ ସୃଷ୍ଟି ହେଉଛି। ଉକ୍ତ କାଦୁଅ ପଚପଚରେ ଲୋକମାନେ ଠିଆ ହୋଇ ମାଛ, କଙ୍କଡା, ଚିଙ୍ଗୁଡ଼ି ଆଦି କିଣିବାକୁ ବାଧ ହେଉଛନ୍ତି। ଏ ନେଇ ଏନ୍ଏସି କନିଷ୍ଠ ଯନ୍ତ୍ରୀ ମାନସ ରଞ୍ଜନ ପଣ୍ଡା କହିଛନ୍ତି, ନିର୍ମାଣ କାର୍ଯ୍ୟ ସରିଛି ଓ ଠିକାଦାର ଚାବି ହସ୍ତାନ୍ତର ମଧ କରିଛନ୍ତି କିନ୍ତୁ କାର୍ଯ୍ୟକ୍ଷମରେ କାହିଁକି ବିଳମ୍ବ ହେଉଛି ସେ ଜାଣି ନ ଥିବା କହିଛନ୍ତି।

# ଦରମା ନ ମିଳିବା ପ୍ରତିବାଦରେ ଆଶାକର୍ମୀଙ୍କ ଧାରଣା

**ମୋହନା, ୧।୮ (ମନ୍ମଥ ମିଶ୍ର)**

ଠିକ ସମୟରେ ଦରମା ମିଳୁନଥିବା ପ୍ରତିବାଦରେ ଗୁରୁବାର ପୂର୍ବାହ୍ନରୁ ଅପରାହ୍ନ ୩ଟା ଯାଏ ଆଶାକର୍ମୀମାନେ ମେଡିକାଲ୍ ଗେଟ୍ ସମ୍ମୁଖରେ ଧାରଣାରେ ବସିଥିଲେ। ଗଜପତି ଜିଲା ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ କାର୍ଯ୍ୟରତ ଆଶାକର୍ମୀଙ୍କୁ ଠିକ ସମୟରେ ସେମାନଙ୍କ ପ୍ରାପ୍ୟ ଦରମା ବା ପ୍ରୋତ୍ସାହନ ରାଶି ମିଳୁନାହିଁ। ଯେତିକି ଅର୍ଥ ରାଶି ମିଳିବା କଥା ସେଥିରୁ ମଧ୍ୟ କମ୍ ଅର୍ଥ ରାଶି ଦିଆଯାଇଛି। ଗ୍ରାମାଞ୍ଚଳରେ ଗର୍ଭବତୀ, ପ୍ରସୂତୀ ଓ ଶିଶୁଙ୍କ ସମେତ ରୋଗୀଙ୍କୁ ସମସ୍ତ ପ୍ରକାର ସେବା ଯୋଗାଇ ଆସୁଥିବା ବେଳେ ଗତ ବର୍ଷେ ହେଲା ମେଡିକାଲ୍ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ଯୋଗୁ ଆଶାକର୍ମୀମାନେ ଠିକ୍ ସମୟରେ ନିଜର ପ୍ରାପ୍ୟ ଦରମା ମିଳୁ ନଥିବା ଅଭିଯୋଗ କରିଛନ୍ତି। ଯାହାକୁ ନେଇ ସେମାନେ ଧାରଣାରେ ବସିଥିଲେ। ସମସ୍ୟା ନେଇ ଆଶାକର୍ମୀମାନେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଓ ଆକାଉଟେଣ୍ଟଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇପାରି ନାହିଁ। ଏ ନେଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ କହିଛନ୍ତି, ମେଡିକାଲ୍ ପକ୍ଷରୁ ଯାହା ସମସ୍ୟା ରହିଛି ତାର ତଦନ୍ତ କରି ଆଗାମୀ ଗୋଟିଏ ସପ୍ତାହ ମଧ୍ୟରେ ସମାଧାନ କରାଯିବ। ଏହାପରେ ଆଶା କର୍ମୀମାନେ ଧାରଣାରୁ ଉଠିଥିଲେ। ଏ ସମ୍ପର୍କରେ ବ୍ଲକ ଆକାଉଣ୍ଟ ମ୍ୟାନେଜର କହିଛନ୍ତି ମୋହନା ବ୍ଲକରେ ୩୪୩ ଆଶାକର୍ମୀ ଅଛନ୍ତି। ସମସ୍ତ ଆଶାକର୍ମୀଙ୍କ ଜୁନ ମାସର ଦରମା ଗତ ଜୁଲାଇ ୩୧ ତାରିଖର ବ୍ୟାଙ୍କ ଜରିଆରେ ଦିଆଯାଇଛି। ପ୍ରତ୍ୟେକ ମାସର ଦରମା ଆଗାମୀ ପ୍ରତ୍ୟେକ ୧୫ ତାରିଖରେ ଦିଆଯିବ ବୋଲି କହିଛନ୍ତି।



ଆଶାକର୍ମୀମାନେ ମେଡିକାଲ୍ ଗେଟ୍ ସମ୍ମୁଖରେ ଧାରଣା ଦେଉଛନ୍ତି।

## ସଂକ୍ଷେପରେ

### ଫେରାର ଅଭିଯୁକ୍ତ ଗିରଫ

**ଆର. ଉଦୟଗିରି, ୧।୮ (ମନୋଜ କୁମାର ପାଢୀ):** ଗଜପତି ଜିଲା ଆର. ଉଦୟଗିରି ଥାନା ନୂଆଲେଙ୍ଗେ ଗ୍ରାମର ନହସେନା ସିଂଙ୍କ ପୁତ୍ର କୁନା ସିଂ ୨୦୧୪ ମସିହାରେ ଜଣେ ନାବାଳିକାଙ୍କୁ ଅସଦାଚରଣ କରି ଫେରାର ହୋଇଥିଲେ। ଆର. ଉଦୟଗିରି ପୋଲିସ ଗୁରୁବାର ତାଙ୍କୁ ପାରଳାଖେମୁଣ୍ଡିରୁ ଗିରଫ କରିଛି। ଆର.ଉଦୟଗିରି ଥାନା କେସ ନମ୍ବର ୨୪/୧୪ସହ ଦଫା ୩୬୬/୩୭୬(୨)(।)(ଏନ)/୨୯୫/୫୦୬ଆଇପିସି/୦୬ ପୋସ୍କୋ ଧାରା ଅନୁଯାୟୀ ଗିରଫ କରିଥିବା ସ୍ଥାନୀୟ ଅଧିକାରୀ କହିଛନ୍ତି।

### ସୋଲାର ଚାଳିତ ଜଳ ଯୋଗାଣ ପ୍ରକଳ୍ପ ଅଚଳ



**ଛତ୍ରପୁର, ୧।୮ (ସନ୍ତୋଷ ପାଢୀ):** ଛତ୍ରପୁର ବ୍ଲକ ଭିକାରୀପଲ୍ଲୀ ପଞ୍ଚାୟତ ଅଧିନ ସାମନ୍ତରାପୁର ଗାଁରେ ଜଳକଷ୍ଟ ଦେଖିବାକୁ ମିଳିଛି। ଏଠାରେ ଥିବା ଏକମାତ୍ର ସୋଲାର ଚାଳିତ ଜଳଯୋଗାଣ ପ୍ରକଳ୍ପ ଗତ ୫ ଦିନ ହେଲା ଅଚଳ ହୋଇପଡିଛି । ଫଳରେ ଗାଁର ଲୋକମାନେ ପିଇବା ପାଣିରୁ ବଂଚିତ ହୋଇଛନ୍ତି। ଗାଁର ପୋଖରୀ ଓ କୂଅର ଦୂଷିତ ପାଣି ପିଇବାକୁ ଲୋକେ ବାଧ୍ୟ ହେଉଛନ୍ତି। ବର୍ଷାଦିନ ଯୋଗୁଁ ଏପରି ଦୂଷିତ ପାଣି ପିଇ ଲୋକେ ଝାଡାବାନ୍ତିରେ ଆକ୍ରାନ୍ତ ହେବା ଆଶଙ୍କା ଦେଖାଦେଇଛି। ସୂଚନାଯୋଗ୍ୟ ସାମନ୍ତରାପୁର ଗାଁର ପାନୀୟ ଜଳ ଯୋଗାଇବା ପାଇଁ ଏକ ସୋଲାର ଚାଳିତ ଜଳ ଯୋଗାଣ ପ୍ରକଳ୍ପ ଓରେଡା ପକ୍ଷରୁ ସ୍ଥାପନ ହୋଇଥିଲା। ୫ ହଜାର ଲିଟର ବିଶିଷ୍ଟ ପାଣି ଟାଙ୍କି ସ୍ଥାପନ କରି ପାଇପ ଦ୍ୱାରା ଲୋକଙ୍କୁ ପାଣି ମିଳୁଥିଲା । ତେବେ ଏହା ଅଚଳ ପରେ ଲୋକଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏ ସମ୍ପର୍କରେ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ହେଁ କୌଣସି ପଦକ୍ଷେପ ନିଆଯାଇନାହିଁ। ତୁରନ୍ତ ଏହା ମରାମତି ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଉକ୍ତ ଗାଁର ୨ ଟି ୱାର୍ଡରେ ଥିବା ୪୫୦ ଲୋକେ ପିଇବା ପାଣି ପାଇଁ ଉକ୍ତ ସୋଲାର ଚାଳିତ ଜଳ ଯୋଗାଣ ପ୍ରକଳ୍ପ ଉପରେ ନିର୍ଭର କରିଆସୁଛନ୍ତି।

### ଖବରଦାତା ସଂଘ ପକ୍ଷରୁ ବୃକ୍ଷରୋପଣ

**ଶେରଗଡ଼, ୧।୮ (ସୂର୍ଯ୍ୟନାରାୟଣ ଦାଶ):** ଶେରଗଡ ଆଞ୍ଚଳିକ ଖବରଦାତା ସଂଘ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଧବଳପୁର ଝିଙ୍କାରିଆ ପୀଠରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆସିକା ରେଞ୍ଜର ପ୍ରମୋଦ କୁମାର ପଣ୍ଡା, ଶେରଗଡ ଫରେଷ୍ଟର ଚକ୍ରଧର ବାରିକ ଯୋଗଦେଇଥିଲେ। ବରଗଛ ସଂରକ୍ଷଣ ସମିତିର ସଭାପତି ଲୋକନାଥ ବାଡ଼ତ୍ୟା ଯୋଗଦେଇ ବୃକ୍ଷରୋପଣରେ ସହଯୋଗ କରିଥିଲେ। ସଂଘ ପକ୍ଷରୁ ଅଖିଳ କୁମାର ପଟ୍ଟନାୟକ, ଗୌରହରି ସାବତ, ନିଳାଚଳ ମହାପାତ୍ର, ରାମକୃଷ୍ଣ ପଲେଇ ସମେତ ସଂଘର ସଭ୍ୟମାନେ ଯୋଗଦେଇ ଥିଲେ। ତହସିଲଦାର ତ୍ରିଦେବ ରଥ ଓ ବିଡିଓ ଶିବାଶିଷ ବରାଳଙ୍କୁ ଭେଟି ଶୁଭେଚ୍ଛା ଜଣାଇବା ସଂଘର କର୍ମକର୍ତ୍ତାଗଣ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ।

# ସୋରଡ଼ା ଦେଇ ଓଏସ୍ଆରଟିସି ବସ୍ ଚଳାଚଳ ଦାବି

**ସୋରଡା, ୧।୮ (ରଜନୀ କାନ୍ତ ମହାପାତ୍ର)**

ଗଞ୍ଜାମ ଜିଲା ସୋରଡା ଦେଇ ଓଏସ୍ଆରଟିସି ବସ ଚଳାଚଳକୁ ନେଇ ସ୍ଥାନୀୟ ବିଧାୟକ ଓ ଓଡ଼ିଶା ରାଜ୍ୟ ପରିବହନ ନିଗମର ବିଭିନ୍ନ ଅଧିକାରୀଙ୍କ ନିକଟକୁ ଅଞ୍ଚଳବାସୀଙ୍କ ତରଫରୁ ଦାବିପତ୍ର ପ୍ରଦାନ କରାଯାଇଛି। ଓଡ଼ିଶା ରାଜ୍ୟ ପରିବହନ ନିଗମ ତରଫରୁ ସୋରଡା ଦେଇ ବ୍ରହ୍ମପୁରଠାରୁ ବାଲିଗୁଡ଼ା ଓ ବଡଗଡଠାରୁ ସୋରଡା ଦେଇ କଟକ ଏବଂ ସୋରଡାଠାରୁ ଜୟପୁର ଯାହା ବ୍ରହ୍ମପୁର ଆସିକା ଦେଇ ଯାଉଥିବା ବେଳେ ଭଞ୍ଜନଗରଠାରୁ ସୋରଡ଼ା ଦେଇ ଦାରିଙ୍ଗବାଡ଼ି ଓଏସ୍ଆରଟିସି ବସ ଯିବା ଆସିବା କରୁଛି। ଚାହିଦାକୁ ଦେଖି ବର୍ତ୍ତମାନ ଅଧିକ ଓଏସ୍ଆରଟିସି ବସ ଚଳାଚଳକୁ ନେଇ ଦାବି ହେଉଛି। ବ୍ରହ୍ମପୁରଠାରୁ ବାଲିଗୁଡ଼ା ପୂର୍ବାହ୍ନ ୧୧ଟା ଏବଂ ବାଲିଗୁଡାଠାରୁ ବ୍ରହ୍ମପୁର ରାତି ୯.୩୦ ମି ପରେ ଏକ ବସ ଚଳାଚଳ ପାଇଁ ଦାବି ହେଉଛି। ସେହିପରି ବଡଗଡଠାରୁ ସୋରଡା ଏବଂ ଆସିକା, ଖଲ୍ଲିକୋଟ ଓ ନିରାକାରପୁର ଏବଂ ଚନ୍ଦନପୁର ଦେଇ ପୁରୀ ମାଳତିପାଟପୁରକୁ ଏକ ଓଏସ୍ଆରଟିସି ବସ ଚଳାଚଳ କରିବାକୁ ଦାବି ହେଉଛି। ସେହିପରି କଟକଠାରୁ ଭୁବନେଶ୍ୱର, ଖୋର୍ଦ୍ଧା, ନୟାଗଡ, ଓଡ଼ଗାଁ, ଜଗନ୍ନାଥପ୍ରସାଦ, ଭଞ୍ଜନଗର, ସୋରଡ଼ା, ଗାଜଲବାଡି ଓ ଦାରିଙ୍ଗବାଡି ଏବଂ ନୂଆପଡାଠାରୁ ବ୍ରହ୍ମପୁର ଏବଂ ବ୍ରହ୍ମପୁରଠାରୁ ଭାୟା ଏମ୍ ରାମପୁର, ବାଲିଗୁଡ଼ା, ସୀମନବାଡି, ଦାରିଙ୍ଗବାଡି, ଗାଜଲବାଡି, ସୋରଡା, ମୁଣ୍ଡମରାଇ, ଆସିକା, ହିଞ୍ଜିଳିକାଟୁ, ବ୍ରହ୍ମପୁରକୁ ଓ ଏସ୍ଆରଟିସି ବସ୍ ଚଳାଚଳ ପାଇଁ ଏବେ ଅଞ୍ଚଳବାସୀ ଦାବି କରୁଛନ୍ତି। ସୋରଡ଼ା ଦେଇ ଗାଜଲବାଡି ଦାରିଙ୍ଗବାଡି ବାଲିଗୁଡ଼ା ଅଞ୍ଚଳରେ ଅନେକ ପର୍ଯ୍ୟଟନ ସ୍ଥଳ ରହିଛି। ଗମନାଗମନର ସୁବିଧା ଦୃଷ୍ଟିରୁ ଓଡ଼ିଶା ରାଜ୍ୟ ପରିବହନ ନିଗମ ଉପରେ ଯାତ୍ରୀମାନେ ଅଧିକ ନିର୍ଭରଶୀଳ ହେବାରୁ ଏହି ଅଞ୍ଚଳ ଦେଇ ଅଧିକ ବସ ଚଳାଚଳ ପାଇଁ ଦାବି ହେଉଛି। ଏ ସମ୍ପର୍କରେ ଏକ ଲିଖିତ ଦାବିପତ୍ର ସୋରଡ଼ା ବିଧାୟକ ନୀଳମଣି ବିଶୋୟୀ, ଓଡ଼ିଶା ରାଜ୍ୟ ପରିବହନ ନିଗମର ଜେନରାଲ ମ୍ୟାନେଜର, ଭୁବନେଶ୍ୱର, ଡିଟିଏମ ସିଏମ୍ଡି, ଓଏସ୍ଆରଟିସି, ଡିଟିଏମ୍, ଡିଟିଏମ ପୁରୀ, କଟକ ଓ ନୂଆପଡାଙ୍କ ନିକଟକୁ ଲିଖିତ ଅଭିଯୋଗ ଦେବା ସହ ପରିବହନ ମନ୍ତ୍ରୀଙ୍କ ନିକଟକୁ ମଧ ପ୍ରେରଣ କରିଛନ୍ତି।

# ସଖୀ ୱାନ୍‌ଷ୍ଟପ୍ କେନ୍ଦ୍ରର ବାର୍ଷିକ ଉତ୍ସବ

**ପାରଳାଖେମୁଣ୍ଡି, ୧।୮ (ଗିରିଧାରୀ ପରିଚ୍ଛା):** ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିଠାରେ ଥିବା ରାଜ୍ୟ ସହାୟତା କେନ୍ଦ୍ର (ଶକ୍ତି ସମ୍ବଳ) ୱାନଷ୍ଟପ କେନ୍ଦ୍ରର ୫ମ ବାର୍ଷିକ ଉତ୍ସବ ଏବଂ ମିଳିତ କ୍ରିୟାନୁଷ୍ଠାନ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଆଇଏସଆରଡିର ଉପନିର୍ଦ୍ଦେଶକ ନାଗେଶର ଚୌଧୁରୀ ମଞ୍ଚାସୀନ ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିଲେ। ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରିବା ପରେ ଆଇଏସଆରଡି ନିର୍ଦ୍ଦେଶକ କାର୍ଯ୍ୟକ୍ରମକୁ ଆଗକୁ ବଢେଇଥିଲେ। ଆଇଏସଆରଡିର ନିର୍ଦ୍ଦେଶକ ସୁଧୀର ସାବତଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ ଯୋଗଦେଇ ଏହି କେନ୍ଦ୍ରର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ଏବଂ ଏହି କେନ୍ଦ୍ର ଆଗକୁ ଆହୁରି ଭଲ କାମ କରିବା ସହିତ ପୀଡିତା ମହିଳା ଓ ବାଳିକାମାନଙ୍କୁ ସୁରକ୍ଷା ଦେବାରେ ସହାୟକ ଆଦି ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଜିଲା ସମାଜ ସଶକ୍ତୀକରଣ ଅଧିକାରୀ ସନ୍ତୋଷ କୁମାର ନାୟକ କେନ୍ଦ୍ରର ଭୂମିକା ଏବଂ ଏହି କେନ୍ଦ୍ର ଆଗକୁ ଏଭଳି କାମକରି ଜିଲାରେ ଥିବା ମହିଳା ଓ ବାଳିକାମାନଙ୍କୁ ସୁରକ୍ଷା ଦେଇ ଆସିଥିବା ବିଷୟରେ ଅବଗତ କରାଇଥିଲେ। ସଖୀ ୱାନଷ୍ଟପ କେନ୍ଦ୍ରର ପ୍ରଶାସିକା ସୁନିତା ରଥ ଜିଲାରେ ଏହି କେନ୍ଦ୍ର ସ୍ଥାପିତ ହୋଇ ୫ ବର୍ଷ ଧରି କାମ କରୁଥିବା ବେଳେ ଏହି କେନ୍ଦ୍ରରେ ହୋଇଥିବା ସମସ୍ତ ମାମଲା ସଂଖ୍ୟା ଏବଂ ଏହି କେନ୍ଦ୍ରର ଷ୍ଟାଫ ବିବରଣୀ ଏବଂ ସହାୟତା, ସୁବିଧା ଆଦି ବିଷୟରେ ବିବରଣୀ ଦେଇଥିଲେ। ଶିଶୁ କଲ୍ୟାଣ ସମିତିର ଅଧ୍ୟକ୍ଷ ଅଶିନୀ କୁମାର ମହାପାତ୍ର ଏହି କେନ୍ଦ୍ର ନିରବଚ୍ଛିନ୍ନ ଭାବରେ କାମ କରୁଛି ବୋଲି କହିଥିଲେ। ଶିଶୁ କଲ୍ୟାଣ ସମିତିର ମମତାରଣୀ ଶତପଥି, ସୁଜାତା ପଟ୍ଟନାୟକ, ଜିଲା ଶିଶୁ ସୁରା ଅଧିକାରୀ ଅରୁଣ କୁମାର ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ।




# ସଂସ୍କୃତ ମହାବିଦ୍ୟାଳୟ ଛାତ୍ରାବାସରେ ଜଳିଲା ଆଲୁଅ

**ପାରଳାଖେମୁଣ୍ଡି, ୧।୮ (ଗିରିଧାରୀ ପରିଚ୍ଛା):** ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ସଂସ୍କୃତ ମହାବିଦ୍ୟାଳୟରେ ଗତ ତିନିବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ ହୋଇଥିଲା। ଫଳରେ ଛାତ୍ରାବାସରେ ଥିବା ୬୦ରୁ ଊର୍ଦ୍ଧ୍ୱ ଛାତ୍ର ଅନ୍ଧକାରରେ ରହୁଥିଲେ। ଏନେଇ 'ଧରିତ୍ରୀ'ରେ ଖବର ପ୍ରସାରଣ ପରେ ଗୁରୁବାର ଛାତ୍ରାବାସରେ ବିଦ୍ୟୁତ ସଂଯୋଗ ହୋଇଛି। ଛାତ୍ରାବାସରେ ରହୁଥିବା ପିଲାମାନେ ମଧ ଖୁସିବ୍ୟକ୍ତ କରିଛନ୍ତି। କୋଭିଡ ସମୟରେ ଉକ୍ତ ଛାତ୍ରାବାସକୁ କ୍ୱାରେଣ୍ଟାଇନ କେନ୍ଦ୍ର କରାଯାଇଥିଲା। ସେହି ସମୟରୁ ଥିବା ବକେୟା ବିଦ୍ୟୁତ ବିଲ ପାଇଁ ତିନି ବର୍ଷ ହେଲା ଛାତ୍ରାବାସରେ ଛାତ୍ରମାନେ ମୋବାଇଲ, ମହମବତୀ ଲଗାଇ ପାଠ ପଢୁଥିଲେ। ଏହି ଖବର ପ୍ରସାରଣ ପରେ ଜିଲା ପ୍ରଶାସନ ଓ ସଂସ୍କୃତ ମହାବିଦ୍ୟାଳୟର ନିଜସ୍ୱ ପାଣ୍ଠିରୁ ଅର୍ଥ ପଇଠ କରାଯାଇଛି। ଫଳରେ ଛାତ୍ରାବାସରେ ବିଦ୍ୟୁତ ସଂଯୋଗ କରାଯାଇଥିବା କଲେଜର ଅଧ୍ୟକ୍ଷ ସୁଦର୍ଶନ ତ୍ରିପାଠୀ ସୂଚନା ଦେଇଛନ୍ତି।



**ଧରିତ୍ରୀର ପ୍ରଭାବ**

# ନିଯୁକ୍ତି ପତ୍ର, ବର୍ଦ୍ଧିତ ଦରମା ମିଳୁନି

## ସ୍ୱଚ୍ଛ ସାଥୀ, ସୁପରଭାଇଜରଙ୍କ ଅସନ୍ତୋଷ ବଢୁଛି


ଅଧ୍ୟକ୍ଷଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ଭଞ୍ଜନଗର, ୧।୮ (ବାବୁଲା ପ୍ରଧାନ):** ଭଞ୍ଜନଗର ଏନଏସିରେ କାର୍ଯ୍ୟରତ ସ୍ୱଚ୍ଛସାଥି, ସୁପରଭାଇଜରମାନଙ୍କ ପାଇଁ ନିର୍ବାଚନ ପୂର୍ବରୁ ବିଜେଡି ସରକାର ଘୋଷଣା କରିଥିବା ବର୍ଦ୍ଧିତ ଦରମା ସେମାନେ ପାଇପାରୁନାହାନ୍ତି। ଆଉଟ ସୋର୍ସିଂ ଅଧିନରେ କାମ କରୁଛନ୍ତି। ସେମାନଙ୍କୁ ୪ ବର୍ଷ ହେଲା ନିଯୁକ୍ତି ପତ୍ର ମିଳିନାହିଁ, ଯାହାକୁ ନେଇ ସ୍ୱଚ୍ଛସାଥି ଏବଂ ସୁପରଭାଇଜରମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସରକାର ସେମାନଙ୍କ ଦାବିକୁ ପୂରଣ କରିବାରେ ଯଦି ଟାଳଟୁଳ ନୀତି ଅବଲମ୍ବନ କରନ୍ତି ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି କିଛି କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ଏହିଭଳି ପରିସ୍ଥିତିରେ ଗୁରୁବାର ସ୍ୱଚ୍ଛସାଥି, ସୁପରଭାଇଜରମାନେ ଭଞ୍ଜନଗର ଏନଏସି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ରଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିସହ ବୁଧବାର ନିର୍ବାହୀ ଅଧିକାରୀ ମୁରଲୀ ପଣ୍ଡା ଏବଂ ଉପଜିଲାପାଳ ଅନୀଲ କୁମାର ସେଠୀଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଥିଲେ। ଅନ୍ୟପଟେ ସରକାର ସେମାନଙ୍କ ଦାବିକୁ ଆସନ୍ତା ୧୯ ତାରିଖ ସୁଦ୍ଧା ପୂରଣ କରିବା ପାଇଁ ଆଲୋଚନା କରିଛନ୍ତି। ଦାବି ପୂରଣ ନହେଲେ ୨୦ରୁ ପୁଣି ଭୁବନେଶ୍ୱରରେ ଆନ୍ଦୋଳନ ଆରମ୍ଭ ହେବ ବୋଲି ଜଣେ କର୍ମଚାରୀ କହିଛନ୍ତି।

# ସ୍ୱାମୀ ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ଅଭିଭାବକ ସମ୍ମିଳନୀ

**ଜି.ଉଦୟଗିରି, ୧।୮ (ଶିଶିର ପଟ୍ଟନାୟକ)**

ଜି.ଉଦୟଗିରି ସ୍ୱାମୀ ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାକେନ୍ଦ୍ର ସମ୍ପାଦକ ଅରୁଣ କୁମାର ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ମିଳନୀରେ ବରିଷ୍ଠ ନାଗରିକ ତଥା ଅଭିଭାବକ ଦେବନାଥ ଦଳବେହେରା କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ସମ୍ମିଳନୀରେ ଛାତ୍ରୀଛାତ୍ରମାନଙ୍କ ଉପସ୍ଥିତି, ଗୁଣାତ୍ମକ ଶିକ୍ଷାଦାନ, ସମୟାନୁବର୍ତ୍ତିତା, ବିଭିନ୍ନ ପ୍ରତିଯୋଗିତାରେ ଛାତ୍ରୀଛାତ୍ରମାନଙ୍କ ଅଂଶଗ୍ରହଣ, ପରୀକ୍ଷା ପୂର୍ବ ପ୍ରସ୍ତୁତି ସହିତ ଶ୍ରେଷ୍ଠ ଫଳାଫଳ ଲକ୍ଷ୍ୟ ଆଦି ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା। ସମ୍ମିଳନୀରେ ୭୦ରୁ ଅଧିକ ଅଭିଭାବକ ଅଭିଭାବିକା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସ୍ମୃତି ରଞ୍ଜନ ବେହେରା, ସରିତା ସାହୁ, ଦୀପିକା ପଟ୍ଟନାୟକ, ଗୀତାଞ୍ଜଳି ଚୌଧୁରୀ ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ ଅଂଶଗ୍ରହଣ କରିଥିଲେ।

# କିଆ ଫୁଲ ପତ୍ରରେ ପ୍ରସ୍ତୁତ ହେବ ହାତ ତିଆରି ଜିନିଷ


ବୈଠକରେ ବିଡ଼ିଓ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

**ଛତ୍ରପୁର, ୧।୮ (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ):** ଛତ୍ରପୁର ବ୍ଲକ ଅଧିନସ୍ଥ ଶ୍ରୀରାଚନ୍ଦ୍ରପୁର ଗ୍ରାମ ପଞ୍ଚାୟତର ସଭାଗୃହରେ ଓରମାସ ଏବଂ ଜିଲା ପ୍ରଶାସନର ମିଳିତ ଉଦ୍ୟମରେ ଜୟ ଜଗନ୍ନାଥ କେଓ୍ୱଡ଼ା ପ୍ରଡ୍ୟୁସର ଏଣ୍ଟରପ୍ରାଇଜେସ ୨୫ ଜଣ ସଭ୍ୟାଙ୍କ ନିମନ୍ତେ ଏକ ଉନ୍ନତମାନର ତାଲିମ କାର୍ଯ୍ୟକ୍ରମ କିଆପତ୍ର ଏବଂ ଚେରକୁ ନେଇ ଆରମ୍ଭ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବିଡ଼ିଓ ସୁଶାନ୍ତ କୁମାର ବରାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହିଳାମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଓରମାସର ଜିଲା ଉପ କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟସୁନ୍ଦର ଶିବରାମ ପାଇଟାଲ, ଓଏଲଏମର ଡିପିଏମ ନବୀନ ସେନାପତି, ଶ୍ରୀରାମଚନ୍ଦ୍ରପୁର ସରପଞ୍ଚ, ସମିତି ସଭ୍ୟ ଯୋଗଦେଇ କିଆଫୁଲ, ପତ୍ର, ଏବଂ ଚେରରେ ପ୍ରସ୍ତୁତି ବିଭିନ୍ନ ହାତ ତିଆରି ଜିନିଷ ତିଆରି କରିବା ସହ ବିକ୍ରୟ କରି ମହିଳାମାନେ କିପରି ସ୍ୱାବଲମ୍ବୀ ହୋଇପାରିବେ ବୋଲି ପରାମର୍ଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପଞ୍ଚାୟତର ଏମବିକେ, ସିଆରପି, କମ୍ୟୁନିଟି କ୍ୟାଡର ସହ ଓରମାସର ଜିଲାସ୍ତରୀୟ କର୍ମଚାରୀ ଉପସ୍ଥିତ ଥିଲେ।

# ସମବାୟ ସମିତି ପକ୍ଷରୁ ବିଡିଓଙ୍କୁ ସ୍ମାରକପତ୍ର

**ଗୁମ୍ମା, ୧।୮ (ପ୍ରବୀଣ କୁମାର ଲିମା)**

ଗୁମ୍ମା ବ୍ଲକ ଶ୍ରମିକ ସମବାୟ ସମିତି ପକ୍ଷରୁ ଗୁମ୍ମା ବ୍ଲକ ବିଡିଓ ଆକାଶ କୁମାର ପଣ୍ଡା ଏବଂ ଅଧକ୍ଷା ସୁନେମି ମଣ୍ଡଳଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ଏହି ସ୍ମାରକ ପତ୍ର ପ୍ରଦାନ ସମୟରେ ଶ୍ରମିକ ସମବାୟ ସମିତି ମୁଖ୍ୟ କର୍ମକର୍ତ୍ତାଙ୍କମାନେ ସମାଜର ଶ୍ରମିକ, ଗରିବ, ଖଟିଖିଆ ତଥା ଅବହେଳିତ ଶ୍ରେଣୀର ଜନସାଧାରଣଙ୍କ ଧାର୍ମିକ, ସାମାଜିକ, ଅର୍ଥନୈତିକ ଓ ଦୈନନ୍ଦିନ ଜୀବନ ଶୈଳୀର ବିକାଶ ପାଇଁ ଶ୍ରମିକ ସମବାୟ ସମିତିର ଗୁରୁତ୍ୱ ଓ ମହତ୍ତ୍ୱ ସମ୍ବନ୍ଧରେ ଆଲୋଚନା କରିଥିଲେ। ଗୁମ୍ମା ବିଡିଓ ଆକାଶ କୁମାର ପଣ୍ଡା ଶ୍ରମିକ ସମବାୟ ସମିତିର ଏହିପରି ପଦକ୍ଷେପକୁ ସ୍ୱାଗତ କରିବା ସହ ଗୁମ୍ମା ବ୍ଲକର ୨୦ ପଞ୍ଚାୟତରେ ଏହି ବିକାଶମୂଳକ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ସହାୟତା କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଗୁମ୍ମା ବ୍ଲକ ସହ ଶାଖା ପରିଚାଳକ ହୋସେୟ କାର୍ଜୀ, ବିରାଗ କେଶରୀ ଲିମା, ମନୋନିତା ମଣ୍ଡଳ, ମିଟୁ ମଣ୍ଡଳ, ପ୍ରତାପ ରାଇକା ଏବଂ ବିଟୁ ପରିଚ୍ଛା ତଥା ସମସ୍ତ ପଞ୍ଚାୟତ ସ୍ତରୀୟ କର୍ମକର୍ତ୍ତା ଗଣ ଉପସ୍ଥିତ ଥିଲେ।

# କ୍ଷତ୍ରିୟବରପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନବ ପଲ୍ଲବ ଉତ୍ସବ


କାର୍ଯ୍ୟକ୍ରମରେ ଉପସ୍ଥିତ ଅଧାପିକା ଅଧାପକ ଓ ଛାତ୍ରୀଛାତ୍ର।

**ବେଲଗୁଣ୍ଠା, ୧।୮ (କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)**

ବେଲଗୁଣ୍ଠା ବ୍ଲକ କ୍ଷେତ୍ରିୟବରପୁର ସ୍ଥିତ ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନବ ପଲ୍ଲବ ଉତ୍ସବ ପାଳିତ ହୋଇଯାଇଛି। ଅନୁଷ୍ଠାନ ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବକୁ ସାଂସ୍କୃତିକ ପରିଷଦର ଉପସଭାପତି ଦେବେଶ ଚନ୍ଦ୍ର ମହାପାତ୍ର ସଂଯୋଜନା କରିଥିଲେ। ପ୍ରଶାସନିକ ଅଧୀକ୍ଷକ କୁମୁଦ ଚନ୍ଦ୍ର ମହାପାତ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସମସ୍ତ ନୂତନ ବିଜ୍ଞାନ ଓ କଳା ସ୍ରୋତର ଛାତ୍ରୀଛାତ୍ରମାନଙ୍କୁ ଏକାଡେମିକ ସଂଯୋଜିକା ଗୁନିବାଳା ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ସମସ୍ତ ଅଧାପିକା ଅଧାପକ ନୂତନ ବିଦ୍ୟାର୍ଥୀମାନଙ୍କୁ ଶିକ୍ଷା ଅନୁଷ୍ଠାନର ସମସ୍ତ ନିୟମାବଳୀ ସମ୍ପର୍କରେ ଅବଗତ କରାଇଥିଲେ। ନୂତନ ବିଦ୍ୟାର୍ଥୀମାନଙ୍କ ଉଦ୍ଦେଶ୍ୟରେ ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ରମାନେ କିଛି ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସାଂସ୍କୃତିକ ପରିଷଦର ସହ ଉପସଭାପତି ଦୀପୁ ଭୂୟାଁ ତଦାରଖ କରିଥିଲେ। ରମେଶ ଚନ୍ଦ୍ର ବିଶୋଇ, ରାମଚନ୍ଦ୍ର ନାୟକ, ବଳରାମ ଗୌଡ଼, ମହେଶ୍ୱର ଗୌଡ଼, ପଦ୍ମଚରଣ ନାୟକ, ସନ୍ତୋଷ ବିଶୋଇ ଏବଂ ମହେଶ୍ୱର ନାଇକ ପ୍ରମୁଖ ସହଯୋଗ କରିଥିଲେ।

# ଖଲ୍ଲିକୋଟ କୋର୍ଟରେ ନୂତନ ଏଡିଜେଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା


ସମ୍ବର୍ଦ୍ଧନ ସଭାରେ ଏଡିଜେଙ୍କ ସହ ବରିଷ୍ଠ ଆଇନଜୀବୀମାନେ।

**ଖଲ୍ଲିକୋଟ, ୧।୮ (ପ୍ରଶାନ୍ତ କୁମାର ମିଶ୍ର)**

ଖଲ୍ଲିକୋଟ କୋର୍ଟ ପରିସରରେ ଗୁରୁବାର ଓକିଲ ସଂଘ ପକ୍ଷରୁ ନୂତନ ଭାବେ ଯୋଗ ଦେଇଥିବା ଅତିରିକ୍ତ ଜିଲା ଜଜ୍ ଅମୀୟ କୁମାର ଜେନାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ପୂର୍ବରୁ ଥିବା ଏଡିଜେ ଆଶୁତୋଷ ଦାଶଙ୍କ ବଣେଇ କୋର୍ଟକୁ ବଦଳି ହେବା ପରେ ପୁରୀ କୋର୍ଟରୁ ବଦଳି ହୋଇ ନୂତନ ଭାବେ ଏଡିଜେ ଅମୀୟ କୁମାର ଜେନା ଖଲ୍ଲିକୋଟରେ ଯୋଗ ଦେଇଛନ୍ତି। ଏହି ଅବସରରେ ଖଲ୍ଲିକୋଟ ବାର ସଭାପତି ନିଳାମ୍ବର ଶତପଥୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ସବ ଜଜ୍ ଆରୁନ୍ଧତୀ ଆଚାର୍ଯ୍ୟ, ଜେଏମ୍ଏଫ୍‌ସି ପ୍ରଭାତୀ ରଣା, ବାରସମ୍ପାଦକ ଜୋତିଶ କୁମାର ନନ୍ଦ ପ୍ରମୁଖ ମଞ୍ଚାସୀନ ଥିଲେ। ବହୁ ବରିଷ୍ଠ ଆଇନଜୀବୀ ନୂତନ ଏଡିଜେଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ସମ୍ବର୍ଦ୍ଧନା ସଭାରେ ବରିଷ୍ଠ ଆଇନଜୀବୀ ଗୋବିନ୍ଦ ଆଚାର୍ଯ୍ୟ, ରାଜେନ୍ଦ୍ର ରଥ, ସୁଧାଂଶୁ ଶେଖର ସାହୁ, ସୀମାଞ୍ଚଳ ବେହେରା, ବିନାୟକ ସାହୁ, ପ୍ରଶାନ୍ତ କୁମାର ପଣ୍ଡା, ସନ୍ତୋଷ ମିଶ୍ର, ମେଘନାଦ ଦଳେଇ, ଭଗବାନ ସିଂଙ୍କ ସମେତ ସମସ୍ତ ଆଇନଜୀବୀ ଉପସ୍ଥିତ ଥିଲେ।

# ହିଞ୍ଜିଳିକାଟୁ କଲେଜର ନୂତନ ପରିଚାଳନା କମିଟି ଦାବି

**ହିଞ୍ଜିଳିକାଟୁ, ୧।୮ (ଦ୍ୱିତୀକୃଷ୍ଣ ପଣ୍ଡା):** ରାଜ୍ୟ ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବସେବା, ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଗୁରୁବାର ହିଞ୍ଜିଳିକାଟୁ କଲେଜ ଓ ବ୍ଲକର ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି । ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ, ବିଦ୍ୟାର୍ଥୀ, ପ୍ରାକ୍ତନ ଶିକ୍ଷାର୍ଥୀ ଓ ଅଧାପକ, ଅଧାପିକାମାନଙ୍କ ପକ୍ଷରୁ ମନ୍ତ୍ରୀଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ସହ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ମହାବିଦ୍ୟାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ମନ୍ତ୍ରୀ ଅଧକ୍ଷଙ୍କ ସମେତ ଅଧାପକ, ଅଧାପିକା, କର୍ମଚାରୀ ଓ ଶିକ୍ଷାର୍ଥୀମାନଙ୍କ ସହ ଆଲୋଚନା କରିଥିଲେ। ମହାବିଦ୍ୟାଳୟର ବିଭିନ୍ନ ସମସ୍ୟାର ସମାଧାନ ସକାଶେ ଶିକ୍ଷାର୍ଥୀମାନେ ୧୧ଦଫା ଦାବି ବିଶିଷ୍ଟ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଅନ୍ୟପକ୍ଷରେ ଖଲ୍ଲିକୋଟ ମ୍ୟାନେଜମେଣ୍ଟ ଟ୍ରଷ୍ଟ ଦ୍ୱାରା ପରିଚାଳିତ ଏହି କଲେଜର ପରିଚାଳନାରେ ବିଭିନ୍ନ ବିଭ୍ରାଟ ସୃଷ୍ଟି ହେଉଥିବାରୁ ସରକାରଙ୍କ ନୀତି ନିୟମ ଅନୁସାରେ ଏହାକୁ ସରକାରୀ ମାନ୍ୟତା ପ୍ରଦାନ ଓ ସ୍ଥାନୀୟ ବୁଦ୍ଧିଜୀବୀଙ୍କୁ କମିଟିରେ ନେବାକୁ ହିଞ୍ଜିଳିକାଟୁ ବିକାଶ ମଞ୍ଚ ସଭାପତି ପ୍ରମୋଦ ପଣ୍ଡା ଓ ଅନ୍ୟମାନେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମହାବିଦ୍ୟାଳୟରେ କାର୍ଯ୍ୟରତ ଅଣଅନୁଦାନପ୍ରାପ୍ତ କର୍ମଚାରୀମାନଙ୍କୁ ଅନୁଦାନ ପ୍ରଦାନ ସମ୍ପର୍କରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ପରେ ମନ୍ତ୍ରୀ ନନ୍ଦିକ ଗ୍ରାମରେ ପହଞ୍ଚି ପ୍ରାୟ ୮୧ଲକ୍ଷ ୧୬ ହଜାର ଟଙ୍କା ବ୍ୟୟରେ ନିର୍ମାଣଧିନ କଳା ଓ ସଂସ୍କୃତି ଭବନ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ। ମନ୍ତ୍ରୀଙ୍କ ଗସ୍ତ ସମୟରେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ହିଞ୍ଜିଳି ଭାଜପା ନେତା ଶିଶିର ମିଶ୍ର, ଅତିରିକ୍ତ ଜିଲାପାଳ ଦେବବ୍ରତ ସାହୁ, ଜିଲା ଲୋକସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା, ବିଡିଓ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ଅତିରିକ୍ତ ତହସିଲଦାର ସୁରଜ ନାୟକ ବେହେରା, ସରପଞ୍ଚ କୃଷ୍ଣଚନ୍ଦ୍ର ଭଉଳ ଉପସ୍ଥିତ ଥିଲେ। ନଗର ସଭାପତି ସନ୍ତୋଷ ପାଣିଗ୍ରାହୀ, ମାଧବ ଗୌଡ, ଅନ୍ତର୍ଯ୍ୟାମୀ ପାତ୍ର ଉପସ୍ଥିତ ଥିଲେ।

**ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ହିଞ୍ଜିଳି ଗସ୍ତ**


ନନ୍ଦିକଠାରେ ମନ୍ତ୍ରୀ ଓ ଅନ୍ୟମାନଙ୍କୁ ମଞ୍ଚରେ ସ୍ୱାଗତ କରାଯାଉଛି।

## ସଂକ୍ଷେପରେ

### ବଟିଆଦାୟ ମାମଲା, ୨ ନିର୍ଦ୍ଦୋଷ

ବ୍ରହ୍ମପୁର, ୧।୮(ସୁବାସ ଚନ୍ଦ୍ର ପାଢ଼ୀ) ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ(ପରିବହନ) ଏକ ଦାଦାବଟି ମାମଲାର ଶୁଣାଣି କରି ଲାଞ୍ଜିପଲ୍ଲୀର ପ୍ରଭାତ କୁମାର ପାତ୍ର ଓ ଓମପ୍ରକାଶ ପଣ୍ଡାଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ରାମନଗର ଅଞ୍ଚଳର ବ୍ୟୋମକେଶ ରଥ ଜଣେ ବ୍ୟବସାୟୀ। ଗତ ୨୦୧୪ ଜାନୁଆରୀ ୧୩ ତାରିଖ ରାତ୍ର ପ୍ରାୟ ୧୦ଟା' ବେଳେ ସେ ଘରକୁ ଫେରୁଥିଲେ। ହିଲପାଟଣା ଗଣେଶ ମନ୍ଦିର ନିକଟରେ ୨ ଯୁବକ ତାଙ୍କୁ ଅଟକାଇ ୨୦ ହଜାର ଟଙ୍କା ଦାଦାବଟି ମାଗିଥିଲେ। ସେ ମନା କରିବାରୁ ମାରପିଟ କରିଥିଲେ। ପରେ ସେ ଏନେଇ ଗୋଷାଣିନୂଆଗାଁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୫/୧୪ରେ ଏକ ମାମଲା ରୁଜୁ କରି ତଦନ୍ତ ପରେ ଉକ୍ତ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାମଲାର ବିଚାରଣା ବେଳେ ୬ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଦୁଇ ଅଭିଯୁକ୍ତ କୋର୍ଟରେ ହାଜର ହୋଇଥିଲେ। ଉପଯୁକ୍ତ ପ୍ରମାଣ ମିଳିନଥିବାରୁ ମାଜିଷ୍ଟ୍ରେଟ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ପ୍ରଦୀପ ଶତପଥୀ ମକଦ୍ଦମା ପରିଚାଳନା କରିଥିଲେ।

### ଏଡିଜେଙ୍କ ଦାୟିତ୍ୱ ଗ୍ରହଣ

ବ୍ରହ୍ମପୁର,୧।୮(ସୁବାସ ଚନ୍ଦ୍ର ପାଢ଼ୀ) ରାଜ୍ୟ ସରକାରଙ୍କ ଅନୁମୋଦନ କ୍ରମେ ରାଜ୍ୟର ବିଭିନ୍ନ କୋର୍ଟର ଜଜ୍‌ଙ୍କ ମଧ୍ୟରେ ଅଦଳବଦଳ କରାଯାଇଥିଲା। ଗୁରୁବାର ଗଞ୍ଜାମ ଜିଲା ଦୌରାଜଜ୍ କୋର୍ଟରେ ଏଡିଜେ-୩ ଭାବେ ବିବସ୍ୱତ ଗୌତମ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଏଥିପୂର୍ବରୁ ବାଲେଶ୍ୱରରେ ଏଡିଜେ ଭାବେ କାର୍ଯ୍ୟରତ ଥିଲେ। ଗୁରୁବାର ଓକିଲ ସଂଘର ସଭାପତି ନୟନ ମହାପାତ୍ର, ସମ୍ପାଦକ ବିରଞ୍ଚି ମହାପାତ୍ର, ରାଜ୍ୟ ବାର କାଉନସିଲ ସଦସ୍ୟ ପୀତବାସ ପଣ୍ଡା, ସୁଶୀଲ କୁମାର ତ୍ରିପାଠୀ, ଅନିଲ କୁମାର ପଣ୍ଡା, ଡ଼ି.ପ୍ରସାଦ ଦୋରା, ବରୁଣ ଗୌଡ଼, ବିଶ୍ୱଜିତ ସେଠୀ ପ୍ରମୁଖ ଆଇନଜୀବୀ ତାଙ୍କୁ ଭେଟି ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କୋର୍ଟର ସମସ୍ତ କର୍ମଚାରୀ, ସ୍ୱତନ୍ତ୍ର ପିପି ଅନିଲ କୁମାର ସାହୁ ପ୍ରମୁଖ ଏଡିଜେଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

### ଜନସଂଖ୍ୟା ନିୟନ୍ତ୍ରଣ ଫାଉଣ୍ଡେଶନର କାର୍ଯ୍ୟକାରିଣୀ ବୈଠକ

ବ୍ରହ୍ମପୁର,୧।୮(ସ୍ମୃତି ରଞ୍ଜନ ମହାଲିକ)- ଜନସଂଖ୍ୟା ନିୟନ୍ତ୍ରଣ ଫାଉଣ୍ଡେଶନ ଗଞ୍ଜାମ ଜିଲା ସମ୍ମିଳନୀ ପକ୍ଷରୁ ଗୁରୁବାର ରାଜସ୍ୱ ଡାକ ବଙ୍ଗଳାରେ ଜିଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଫାଉଣ୍ଡେଶନର ସଭାପତି ଅଶ୍ୱିନୀ କୁମାର ରଥ ସଭାପତିତ୍ୱ କରିଥିଲେ। କେଶରୀୟ ଜାଗୃତି ମଂଚର ଓଡିଶା ପ୍ରଭାରୀ ପଦ୍ମ ଚରଣ ଦାସ ଅତିଥି ପରିଚୟ ଦେଇଥିଲେ। ସଂଘର ରାଜ୍ୟ ସଭାପତି ଆତ୍ମଜ ସାହୁ ଯୋଗ ଦେଇ ସଂଗଠନକୁ ମଜଭୁତ କରିବା ପାଇଁ ଯୁବ ଶକ୍ତିକୁ ପ୍ରୋତ୍ସାହନ ଦେବାକୁ ପରାମର୍ଶ ଦେଇଥିଲେ। ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଜିଲା ସାଧାରଣ ସଂପାଦକ ରୂପେ ଡ କିରଣ କୁମାର ପାଣିଗ୍ରାହୀ, ମହିଳା ସଭାନେତ୍ରୀ ରୂପେ ସରିତା ପଣ୍ଡା, ମହାନଗର ସଭାପତି ଡା ରାମହରି ଖଣ୍ଡୁଆଳ, ଉପସଭାନେତ୍ରୀ ହରପ୍ରିୟା ସାହୁଙ୍କୁ ମନୋନୀତ କରାଯାଇଥିଲା।

# ଶୈକ୍ଷିକ ଅସ୍ମିତାରେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଅଗ୍ରଣୀ: ମନ୍ତ୍ରୀ ସୂର୍ଯ୍ୟବଂଶୀ

**■ଖୁବ୍‌ଶୀଘ୍ର ୟୁଜିସି ମାନ୍ୟତା ପାଇବ ବିଶ୍ୱବିଦ୍ୟାଳୟ**


କାର୍ଯ୍ୟକ୍ରମରେ ଉପସ୍ଥିତ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ସହ କୁଳପତି, ବ୍ରହ୍ମପୁର ବିଧାୟକ ଓ ଅନ୍ୟମାନେ।

ବ୍ରହ୍ମପୁର,୧।୮(ସ୍ୱାଧୀନ ଶେଖର ପାଢୀ): ଭାଷା ନ ବଞ୍ଚିଲେ ସଂସ୍କୃତି ବଞ୍ଚିପାରିବନି, ସଂସ୍କୃତି ନ ବଞ୍ଚିଲେ ସଭ୍ୟତାର ଅସ୍ତିତ୍ୱ ରହିବନି। ଶୈକ୍ଷିକ ଅସ୍ମିତାରେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ସମସ୍ତ ବିଶ୍ୱବିଦ୍ୟାଳୟ ମଧ୍ୟରେ ଅଗ୍ରଣୀ ବୋଲି ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା ସାହିତ୍ୟ ଏବଂ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି। ଗୁରୁବାର ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ୧୪୭ ତମ ପ୍ରତିଷ୍ଠା ଦିବସ ସମାରୋହରେ ମନ୍ତ୍ରୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି ଯେ, ଆଗାମୀ ଯୁଗ ହେଉଛି କ୍ଲାଉଡର ଯୁଗ। ବିଦ୍ୟାର୍ଥୀ ଡିଜିଟାଲ ସର୍ଭରରେ ଓଡ଼ିଆ ଭାଷାର ବ୍ୟବହାର କଲେ ଶିକ୍ଷା ଓ ପ୍ରଯୁକ୍ତିବିଦ୍ୟା ଜ୍ଞାନ ବଢିବା ସହ ଭାଷାର ମଧ୍ୟ ପୁନରୁତ୍ଥାନ ହୋଇପାରିବ। ତେଣୁ ଆଗାମୀ ଦିନରେ ଏଆଇ(ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ), କ୍ଲାଉଡରେ ଓଡ଼ିଆ ଭାଷାକୁ ବ୍ୟବହାର ପାଇଁ ସେ ବିଦ୍ୟାର୍ଥୀମାନଙ୍କୁ ପରାମର୍ଶ ଦେଇଛନ୍ତି। ସେହିପରି ଓଡ଼ିଆ ଭାଷା ସାହିତ୍ୟ ପାଇଁ ଗଞ୍ଜାମର ଅବଦାନ ଉପରେ କହି ଖଲ୍ଲିକୋଟ ରାଜା ହରିହର ମର୍ଦ୍ଦରାଜ, ତାଙ୍କ ପୁତ୍ର ରାମଚନ୍ଦ୍ର ମର୍ଦ୍ଦରାଜ ଦେଓ, ଧରାକୋଟର ରାଜା ମଦନ ମୋହନ ସିଂଦେଓ ଓ ପରବର୍ତ୍ତୀ ପର୍ଯ୍ୟାୟରେ ଗଡଜାତ ଅଞ୍ଚଳର ରାଜାମାନଙ୍କ ସହଯୋଗରେ ଗଢ଼ି ଉଠିଥିବା ଏହି ଶିକ୍ଷାନୁଷ୍ଠାନ ଆଜି କଳ୍ପବଟରେ ପରିଣତ ହୋଇଛି । ଏହି ବିଶ୍ୱବିଦ୍ୟାଳୟରୁ ପୂର୍ବତନ ରାଷ୍ଟ୍ରପତି ଭିଭି ଗିରି, ହାଇକୋର୍ଟର ପୂର୍ବତନ ବିଚାରପତି ତଥା ପ୍ରାକ୍ତନ ଶିକ୍ଷାମନ୍ତ୍ରୀ ଜଷ୍ଟିସ ଲିଙ୍ଗରାଜ ପାଣିଗ୍ରାହୀଙ୍କଠାରୁ ଆରମ୍ଭ ପ୍ରଥମ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଶ୍ୱନାଥ ଦାସ, ବିଶ୍ୱବିଦ୍ୟାଳୟ ବିଦ୍ୟାର୍ଥୀଙ୍କ ପାଇଁ ଆଦର୍ଶ ବୋଲି କହିଥିଲେ। ଖୁବଶୀଘ୍ର ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ୟୁଜିସି ମାନ୍ୟତା ପାଇବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଖଲ୍ଲିକୋଟ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସମ୍ପର୍କରେ ଆଲୋଚନା କରିବା ସହ ନିଶା ସେବନରୁ ଦୂରେଇ ରହିବାକୁ ମୁଖ୍ୟବକ୍ତା ପୂର୍ବତନ ପୋଲିସ ଡିଜି ଏମ.ଅକ୍ଷୟ ବିଦ୍ୟାର୍ଥୀଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନନୀୟ ଅତିଥିଭାବେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର, ଫକୀର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଶିବ ପ୍ରସାଦ ଅଧିକାରୀ ଯୋଗଦେଇ ଖଲ୍ଲିକୋଟ ମହାବିଦ୍ୟାଳୟରୁ ବିଶ୍ୱବିଦ୍ୟାଳୟର ଯାତ୍ରା ଓ ଏଠିକାର ବିଦ୍ୟାର୍ଥୀଙ୍କ ଦକ୍ଷତା ଓ ଇତିହାସ ବିଷୟରେ ମତ ରଖିଥିଲେ। କୁଳପତି ପ୍ରଫେସର ଗୀତାଞ୍ଜଳି ଦାସ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷା ପ୍ରଫେସର ପଦ୍ମିନୀ ସାହୁ ଅତିଥି ପରିଚୟ ଦେଇଥିଲେ। କୁଳସଚିବ ଶାନ୍ତିସୁଧା ପାତ୍ର ବାର୍ଷିକ ଅଗ୍ରଗତି ସହ ଆଗାମୀ ରୂପରେଖ ସମ୍ପର୍କରେ ବିବରଣୀ ଉପସ୍ଥାପନ କରିଥିଲେ । ଉଷାରାଣୀ ରଥ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିଶିଷ୍ଟ ସାହିତ୍ୟିକ ପ୍ରଫୁଲ୍ଲ କୁମାର ମହାନ୍ତି, ଭଗବାନ ପାଢ଼ୀଙ୍କ ସହ ବହୁ ପୁରାତନ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା। ଓଡ଼ିଆ ଅଧ୍ୟାପକ ମନୋରଞ୍ଜନ ବିଷୋୟୀ ମଞ୍ଚ ପରିଚାଳନା କରିଥିଲେ। ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପିକା ପ୍ରାଧ୍ୟାପକ, ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ଅଭିଯୋଗ ଶୁଣିଲେ ବିଧାୟକ


ବିଧାୟକଙ୍କୁ ଲୋକେ ଉପହାର ପ୍ରଦାନ କରୁଛନ୍ତି।

ବ୍ରହ୍ମପୁର,୧।୮(ସୁବାସଚନ୍ଦ୍ର ପାଢ଼ୀ) ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର ତାଙ୍କ ନିର୍ବାଚନ ମଣ୍ଡଳୀର କୁକୁଡାଖଣ୍ଡି ବ୍ଲକ ମସିଆଖାଲି ପଞ୍ଚାୟତର ସପ୍ତ ମାତୃକା ମନ୍ଦିରଠାରେ ଗୁରୁବାର ଲୋକଙ୍କ ଅଭିଯୋଗ ଶୁଣିଛନ୍ତି । ସାମାଜିକ କର୍ମୀ ଗୌତମ ମହାରଣାଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଛି। ମସିଆଖାଲି, ପ୍ରତାପ କୃଷ୍ଣଚନ୍ଦ୍ରପୁର ଆଦି ଗ୍ରାମର ବହୁ ଚାଷୀ ଜଳାଭାବରୁ ଚାଷ କାର୍ଯ୍ୟ ପ୍ରଭାବିତ ହେଉଥିବା ଅଭିଯୋଗ କରିଥିଲେ। ବିଭିନ୍ନ ସମସ୍ୟାଗୁଡିକ ଖୁବଶୀଘ୍ର ସମାଧାନ ହେବ ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି। ସ୍ଥାନୀୟ ଗ୍ରାମର ବୟସ୍କ ବ୍ୟକ୍ତି ଅରକ୍ଷିତ ମହାରଣା ଗୋଟିଏ କାଠିରେ ତିଆରି କରିଥିବା ଉପହାର ବିଧାୟକଙ୍କୁ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ଗଞ୍ଜାମ ଜିଲା ସମବାୟ ସମିତି ସଂଘ ସଭାପତି ସନାତନ ସଂଗ୍ରାମ ସିଂ, ସ୍ଥାନୀୟ ସରପଞ୍ଚ କେ ବୁଲୁ, ସମିତି ସଭ୍ୟା କୋଟି ସୁଜାତା, ପୂର୍ବତନ ସରପଞ୍ଚ ମନୋଜ ସେଠୀ, ଶିବରାମ ମହାରଣା, ଚଣ୍ଡୀ ଚରଣ ସାହୁ, କୋଟି ଲକ୍ଷ୍ମୀ, ଅଶ୍ୱିନୀ ପ୍ରଧାନ, ଟୁଟୁ ମହାରଣା, ରଜନୀ ପ୍ରଧାନ, ନାରାୟଣ ବେହେରା, ଯୁବ ନେତା ରବୀନ୍ଦ୍ର ମହାରଣାଙ୍କ ସହ ପଞ୍ଚାୟତବାସୀ ଉପସ୍ଥିତ ଥିଲେ ।

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ସମ୍ବଲପୁରୀ ଦିନ୍ ପାଳିତ


କାର୍ଯ୍ୟକ୍ରମରେ ଉପସ୍ଥିତ ବିଶ୍ୱବିଦ୍ୟାଳୟର ଅଧିକାରୀ ଓ ଛାତ୍ରୀଛାତ୍ର।

ବ୍ରହ୍ମପୁର,୧।୮(ସ୍ୱାଧୀନ ଶେଖର ପାଢୀ):

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ବିଜୁ ପଟ୍ଟନାୟକ ଅଡିଟୋରିୟମ ହଲ ଠାରେ ଗୁରୁବାର ସମ୍ବଲପୁରୀ ଦିନ୍ ଓ ଗୁରୁ ସତ୍ୟ ନାରାୟଣ ବହିଦାରଙ୍କ ଜନ୍ମ ବାର୍ଷିକୀ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ନିର୍ଦ୍ଦେଶ କ୍ରମେ ପାଳିତ ହୋଇଥିଲା। ଏଥିରେ କୁଳସଚିବ ସଚ୍ଚିଦାନନ୍ଦ ନାୟକ,ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ,ଛାତ୍ର କଲ୍ୟାଣ ଅଧିକାରୀ ପ୍ରଫେସର ଗଣେଶ ସେଠୀ,ଜୁହାର ପରିବାରର ସଂଯୋଜକ ଡ଼. ରାଜ କିଶୋର କାମ୍ପା ମଞ୍ଚାସୀନ ଥିଲେ। କୁଳସଚିବ ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ସମ୍ବଲପୁରୀ କଥା କହିବା ଓ ଶୁଣିବାର ମଧୁରତା ଉପରେ ଆଲୋକପାତ କରି ପରମ୍ପରା ବଜାୟ ରଖିବାକୁ କହିଥିଲେ। ପିଜି କାଉନସିଲ ଅଧ୍ୟକ୍ଷ କହିଥିଲେ ସମ୍ବଲପୁରୀ ଗୀତ, ନୃତ୍ୟ, ସେଠାକାର ପୂଜା, ସମ୍ବଲପୁରୀ ଶାଢ଼ୀ ଓ ଗୁରୁ ବହିଦାରଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ। ସଂଯୋଜକ ଡ଼. କାମ୍ପା ଗୁରୁ ସତ୍ୟ ନାରାୟଣ ବହିଦାରଙ୍କ ଜୀବନୀ ଓ ତାଙ୍କ ଭାଷା ଓ ଲେଖନୀ ଉପରେ ଆଲୋକପାତ କରିଥିଲେ। ଶେଷରେ ଡ଼. ଚିନୁ ବହିଦାର ଧନ୍ୟବାଦ ଦେଇଥିଲେ। ଗୁରୁ ସତ୍ୟ ନାରାୟଣ ବହିଦାର ସମ୍ବଲପୁରୀ ଭାଷାର ଲେଖକ,କବି ଓ ବ୍ୟାକରଣର ସ୍ରଷ୍ଟା, ତାଙ୍କର ଭାଷା ସାହିତ୍ୟ ପାଇଁ ଅବଦାନ ଅତୁଳନୀୟ। ସୁସ୍ମିତା ଓ ଲିପ୍ସା ମଞ୍ଚ ପରିଚାଳନା କରିଥିବା ବେଳେ ଚୂଡ଼ାମଣି ଦିଶରୀ, ତେଜରାଜ ଚୌଧୁରୀ, ଜର୍ମାନୀ ଦଣ୍ଡସେନା ପ୍ରମୁଖ ସହଯୋଗ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ମା ସମଲେଇଙ୍କ ଭଜନରୁ ଆରମ୍ଭ ହୋଇଥିବା ବେଳେ ସମ୍ବଲପୁରୀ ଗୀତରେ ଛାତ୍ରୀଛାତ୍ର ଝୁମିଥିଲେ । ଶିକ୍ଷକ, ଅଣ ଶିକ୍ଷକ ଓ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

## ତାଲାବନ୍ଦ ଘରୁ ଚୋରି

ବ୍ରହ୍ମପୁର,୧।୮(ସୁବାସ ଚନ୍ଦ୍ର ପାଢ଼ୀ): ବୈଦ୍ୟନାଥପୁର ଥାନା ଅଞ୍ଚଳରେ ୨ଟି ତାଲାବନ୍ଦ ଘରୁ ଚୋରି ହୋଇଛି। ଆଙ୍କୁଲି ନିକଟ ଶ୍ରୀହରିନଗର ୮ମ ଲାଇନରେ କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ଶ୍ୱଶୁର ଘରେ କେହି ନ ଥିବାରୁ ତାଲା ପଡିଥିଲା। ଏହାର ସୁଯୋଗ ନେଇ ଦୁର୍ବୃତ୍ତ ତାଲା ଭାଙ୍ଗି ଇନଭର୍ଟର ଓ ବ୍ୟାଟେରି ନେଇ ଯାଇଥିବା କୃଷ୍ଣଚନ୍ଦ୍ର ଥାନାରେ ଅଭିଯୋଗ କରିଛନ୍ତି। ସେହିପରି କୋର୍ଟପେଟା ନିକଟରେ ଥିବା ଅଫିସର୍ସ କଲୋନୀଠାରେ ଥିବା ଏକ ସରକାରୀ କ୍ୱାର୍ଟର୍ସରୁ ମଧ୍ୟ ଇନଭର୍ଟର ଚୋରି ହୋଇଥିବା ନେଇ ସୁରେନ୍ଦ୍ର ମଲ୍ଲିକ ଥାନାରେ ଅଭିଯୋଗ କରିଛନ୍ତି ।

## ଅଧ୍ୟାପକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଅବସରକାଳୀନ ସଭାରେ ଉପସ୍ଥିତ ଅତିଥି ଓ ମାଧ୍ୟମିକ ବିଦ୍ୟାଳୟର କର୍ମଚାରୀ।

ବ୍ରହ୍ମପୁର,୧।୮(ସ୍ୱାଧୀନ ଶେଖର ପାଢ଼ୀ)

ଡୁରା ରାମନାରାୟଣ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବରିଷ୍ଠ ଅଧ୍ୟାପକ ମଙ୍ଗୁଳିଆ ଷେଣ୍ଡଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଶିକ୍ଷା ଅନୁଷ୍ଠାନର ଅଧ୍ୟକ୍ଷା ଶର୍ମିଳା ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦାୟୀ ଅଧ୍ୟାପକଙ୍କ ଚାକିରୀ ଜୀବନରେ ପାରଦର୍ଶିତା ଓ ଉଚ୍ଚ ଜୀବନ ଶୈଳୀ ଉପରେ ଆଲୋଚନା ହୋଇଥିଲା। ସମସ୍ତ ଅଧ୍ୟାପକ ବିଦାୟୀ ଅଧ୍ୟାପକଙ୍କ ଦୀର୍ଘାୟୁ କାମନା କରିଥିଲେ। ଏଥିରେ ଡ଼ ଗଗନ ବିହାରୀ ପୁରୋହିତ, ଡ଼ ହରିହର ମୁନି, ଡ଼ ସୁଦର୍ଶନ ସାହୁ, ଡ଼ ଈଶ୍ୱରୀ ପ୍ରାସଦ ସାହୁ, ଡ଼ କବିନ୍ଦ୍ର ସେଠି, ନୀଳମାଧବ ପଣ୍ଡାଙ୍କ ସମେତ ବହୁ ଅଧ୍ୟାପିକା ଓ ଅଧ୍ୟାପକ ଉପସ୍ଥିତ ଥିଲେ।

# ରଘୁନାଥ ମନ୍ଦିରର ପ୍ରଥମ ବାର୍ଷିକୋତ୍ସବ

ବ୍ରହ୍ମପୁର,୧।୮(ନରସିଂହ ସାହୁ):

ବ୍ରହ୍ମପୁର ଶାନ୍ତି ନଗରରେ ପ୍ରତିଷ୍ଠା ହୋଇଥିବା ଶ୍ରୀରଘୁନାଥ ମନ୍ଦିରର ପ୍ରଥମ ବାର୍ଷିକୋତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିଲାଗି ଦିନତମାମ ନାମଯଜ୍ଞ, ଘୃତଯଜ୍ଞ ହୋଇଥିଲା। ପୂର୍ବତନ ବିଧାୟକ ଡ଼ା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପଣ୍ଡିତ ଓ ପୁରୋହିତମାନେ ଯଜ୍ଞ ପରିଚାଳନା କରିଥିଲେ। ବିଏମସି ମେୟର ସଂଘମିତ୍ରା ଦଳେଇଙ୍କ ସମେତ କର୍ପୋରେଟରମାନେ, ଅନେକ ସରକାରୀ ଅଧିକାରୀ ଓ କର୍ମଚାରୀ ରଘୁନାଥଙ୍କ ଦର୍ଶନ କରିଥିଲେ। ପୂର୍ବତନ ଛତ୍ରପୁର ବିଧାୟକ ଏନ. ନାରାୟଣ ରେଡ଼ି, ବିଜେଡି ନେତା ଭୀମସେନ ଦଳେଇ, ସୁବାସ ମହାରଣା, ସୁରେନ୍ଦ୍ର ମହାରଣା, ଆର. ମୂରଲୀ ମୋହନ, ଡେପୁଟି ମେୟର ବିବେକ ରେଡ଼ିଙ୍କ ସମେତ ସହସ୍ରାଧିକ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ।

# ଏନ୍‌ସିସି ଲ୍ୟୁଟ୍‌ନାଣ୍ଟ କଲୋନେଲଙ୍କ ଟାଙ୍ଗଣାପଲ୍ଲୀ ହାଇସ୍କୁଲ ଟ୍ରୁପ ପରିଦର୍ଶନ


ଲ୍ୟୁଟ୍‌ନାଣ୍ଟଙ୍କ ସହ ସ୍କୁଲର ଏନସିସି କ୍ୟାଡେଟ ଓ ଶିକ୍ଷୟିତ୍ରୀଶିକ୍ଷକ।

ବ୍ରହ୍ମପୁର,୧।୮(ସ୍ୱାଧୀନ ଶେଖର ପାଢୀ)

୩(୦)ଓଡିଶା ମେଡିକାଲ କମ୍ପାନୀ ଏନ୍‌ସିସିର ଅଫିସର୍ କମାଣ୍ଡିଂ ଲ୍ୟୁଟ୍‌ନାଣ୍ଟ କଲୋନେଲ ତାପସ ରଞ୍ଜନ ବିଷୋୟୀ ଟାଙ୍ଗଣାପଲ୍ଲୀ ନୀଳକଣ୍ଠେଶ୍ୱର ନୋଡାଲ ବିଦ୍ୟାପୀଠ ଏନସିସି ଟ୍ରୁପ ପରିଦର୍ଶନ କରିଛନ୍ତି। ସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବିଷ୍ଣୁପ୍ରିୟା ପାଢୀ ତାଙ୍କୁ ସ୍ୱାଗତ କରିଥିବା ବେଳେ ଟ୍ରୁପର ଫାଷ୍ଟ ଅଫିସର ସୁଧାକର ବଳୀ କମାଣ୍ଡିଂ ଅଫିସରଙ୍କୁ ପାଛୋଟି ନେଇ ଥିଲେ। ଏନସିସି ଶିକ୍ଷାର୍ଥୀମାନଙ୍କ ଦ୍ୱାରା ତାଙ୍କୁ ଗାର୍ଡ ଅଫ ଅନର ପ୍ରଦାନ କରାଯାଇଥିଲା। ବିଦ୍ୟାର୍ଥୀଙ୍କ ଉପସ୍ଥାପନ ନିରୀକ୍ଷଣ କରି ଶିକ୍ଷାର୍ଥୀମାନଙ୍କୁ ଏନସିସିର ଲକ୍ଷ୍ୟ, ଉଦ୍ଦେଶ୍ୟ ଏବଂ ସମାଜ ସେବାରେ ଏନସିସିର ଦାୟିତ୍ୱ ଉପରେ ସେ ଅବଗତ କରାଇଥିଲେ। ସୁବେଦାର ଏସ. ମାଇକେଲ ରାଜ ଉପସ୍ଥିତ ରହି ଶିକ୍ଷାର୍ଥୀମାନଙ୍କୁ ଉଦବୋଧନ ଦେଇଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

# କ୍ରୀଡ଼ା ଭିତ୍ତିଭୂମି, ଶିକ୍ଷାନୁଷ୍ଠାନ ସମସ୍ୟା ନେଇ ମନ୍ତ୍ରୀଙ୍କୁ ଦାବିପତ୍ର

ବ୍ରହ୍ମପୁର,୧।୮
(ସୁବାସ ଚନ୍ଦ୍ର ପାଢ଼ୀ/ସ୍ୱାଧୀନ ଶେଖର ପାଢ଼ୀ/ ସ୍ମୃତି ରଞ୍ଜନ ମହାଲିକ)

ଦିନିକିଆ ଗଞ୍ଜାମ ଜିଲା ଗସ୍ତରେ ଆସିଥିବା ରାଜ୍ୟ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା, ଓଡ଼ିଆ ଭାଷା ସାହିତ୍ୟ ଏବଂ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଗୁରୁବାର ବ୍ରହ୍ମପୁରସ୍ଥିତ ମହାତ୍ମାଗାନ୍ଧୀ ଷ୍ଟାଡିୟମ ପରିଦର୍ଶନ କରିଥିଲେ। ସେ ଷ୍ଟାଡ଼ିୟମର ବିଭିନ୍ନ ସ୍ଥାନ ପରିଦର୍ଶନ କରିବା ସହ ଭରୋତ୍ତୋଳନ ଏକାଡ଼େମୀ ଓ ବିଭିନ୍ନ ବିଭାଗର ପ୍ରଶିକ୍ଷକଙ୍କ ସହ ଜିଲାରେ କ୍ରୀଡ଼ାର ସ୍ଥିତି ଓ ଭିତ୍ତିଭୂମି ସମ୍ପର୍କରେ ଜିଲା ଆଥଲେଟିକ ଆସୋସିଏଶନର ବହୁ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ପରେ ବିଭିନ୍ନ ବର୍ଗର କ୍ରୀଡ଼ା ଛାତ୍ରୀଛାତ୍ରଙ୍କ ଠାରୁ ସେମାନଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଭାରୋତ୍ତଳନର ସବଜୁନିୟର ବର୍ଗଙ୍କ ପାଇଁ ଆବଶ୍ୟକ ସରଞ୍ଜାମ ନ ଥିବା ଅଭିଯୋଗ ପାଇବା ପରେ ତୁରନ୍ତ ତାଲିକା ପ୍ରସ୍ତୁତ କରି ଜଣାଇବାକୁ ଜିଲା କ୍ରୀଡ଼ା ଅଧିକାରୀ ସନ୍ତୋଷ କୁମାର ସାହୁଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଅନ୍ୟାନ୍ୟ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ବିଏମସି କମିଶନର ଭବାନୀ ପ୍ରସାଦ ମିଶ୍ର, ଜିଲା କ୍ରୀଡା ଅଧିକାରୀ ସନ୍ତୋଷ କୁମାର ସାହୁ, ଜିଲା କ୍ରୀଡ଼ା ସଂଘର ସମ୍ପାଦକ ଅଶୋକ ସାହୁ, ଶରତ ମହାପାତ୍ର, ଷ୍ଟାଡିୟମ ପରିଚାଳକ ସଞ୍ଜୀବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ଏହାପୂର୍ବରୁ ଅପରାହ୍ନରେ ବ୍ରହ୍ମପୁର ହାବିଲଦାର-କନଷ୍ଟେବଲ ସଂଘ ପୋଲିସ କର୍ମଚାରୀଙ୍କ ପାଇଁ କ୍ରୀଡା ଭିତ୍ତିଭୂମି ବିକାଶ ଓ କ୍ରୀଡା କ୍ଷେତ୍ରରେ ବିଭିନ୍ନ ପ୍ରୋତ୍ସାହନ ଯୋଗାଇଦେବାକୁ ମନ୍ତ୍ରୀଙ୍କ ନିକଟରେ ଦାବି ଜଣାଇଥିଲା। ସଂଘ ସଭାପତି ନୟନ ରଞ୍ଜନ ଆଚାର୍ଯ୍ୟ, ସମ୍ପାଦକ ପ୍ରଶାନ୍ତ କୁମାର ମାହାରଥାଙ୍କ ସମେତ ଅନ୍ୟ କର୍ମକର୍ତ୍ତା ସର୍କିଟ ହାଉସ ଠାରେ ମନ୍ତ୍ରୀଙ୍କୁ ଭେଟିଥିଲେ। ପୋଲିସ ସ୍କୁଲରେ ଆବଶ୍ୟକୀୟ କ୍ରୀଡା ଉପକରଣ ଉପଲବ୍ଧ କରାଇବା, ପୋଲିସ କର୍ମଚାରୀଙ୍କ ଖେଳିବା ପାଇଁ ଇନଡୋର ହଲ ଏବଂ ସ୍ପୋର୍ଟସ ଏରେନା ନିର୍ମାଣ କରିବା ସହ ପୋଲିସ ବିଭାଗରେ କାର୍ଯ୍ୟରତ କ୍ରୀଡାବିତଙ୍କୁ ମଧ୍ୟ ବିଭିନ୍ନ ପ୍ରୋତ୍ସାହନ ଯୋଗାଇଦେବାକୁ ଦାବି କରିଥିଲେ। ଅନ୍ୟପକ୍ଷରେ ଏଆଇଡିଏସଓ ଜିଲା କମିଟି ଏବଂ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ଏକ ପ୍ରତିନିଧିଦଳ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ବିଭିନ୍ନ ସମସ୍ୟା ଉପରେ ମନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି। ତୁରନ୍ତ ୟୁଜିସି ମାନ୍ୟତା ପ୍ରଦାନ କରିବା, ଖାଲି ପଡ଼ିଥିବା ସମସ୍ତ ଅଧ୍ୟାପକ, ପ୍ରାଧ୍ୟାପକ ଏବଂ ଶିକ୍ଷା କର୍ମଚାରୀ ପଦବୀ ସ୍ଥାୟୀ ଭିତ୍ତିରେ ପୂରଣ କରିବାପାଇଁ ଦାବିପତ୍ର ପ୍ରଦାନ କରାଯାଇଛି। ଶିକ୍ଷାନୁଷ୍ଠାନର ଭିତ୍ତିଭୂମି, ନୂତନ ଅତ୍ୟାଧୁନିକ ପାଠାଗାର ନିର୍ମାଣ, ରିଡ଼ିଂ ରୁମ ନିର୍ମାଣ, ଉନ୍ନତମାନର ବିଜ୍ଞାନାଗାର ଆଦିର ବ୍ୟବସ୍ଥା କରିବାପାଇଁ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଦାବି କରାଯାଇଥିଲା। ଅନ୍ୟପଟେ ଉଚ୍ଚ ଶିକ୍ଷାମନ୍ତ୍ରୀ ଏହି ସମସ୍ତ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିବା ଏଆଇଡିଏସଓ ଗଞ୍ଜାମ ଜିଲା କମିଟି ପକ୍ଷରୁ କୁହାଯାଇଛି। ମହାତ୍ମାଗାନ୍ଧି ଷ୍ଟାଡିୟମରେ କ୍ରୀଡା ଭିତ୍ତିଭୂମିର ବିକାଶ ନେଇ ଭାଜପା ଜିଲା ଉପସଭାପତି ରାମ କୁମାର ପାତ୍ର ଦାବିପତ୍ର ପ୍ରଦାନ କରିଛନ୍ତି। ସେହିପରି ପୂର୍ବରୁ ଛତ୍ରପୁର ନିକଟସ୍ଥ ସୁନ୍ଦରପଦାରେ କ୍ରୀଡା ବିଶ୍ୱବିଦ୍ୟାଳୟ ଓ ଆରୁଆପଲୀଠାରେ କ୍ରୀଡା କମ୍ପ୍ଲେକ୍ସ ପ୍ରସ୍ତାବ ଆଜି ଯାଏଁ କାର୍ଯ୍ୟକାରୀ ହୋଇପାରି ନାହିଁ। ଏଣୁ ଏହାକୁ କାର୍ଯ୍ୟକାରୀ କରାଗଲେ ଜିଲା କ୍ରୀଡା କ୍ଷେତ୍ରରେ ଉନ୍ନତି କରିବ ବୋଲି ଭାଜପା ଉପସଭାପତି କହିଛନ୍ତି।

**ନିଅଣ୍ଟିଆ ବର୍ଷାର ପ୍ରଭାବ**

# ସବୁ ଜଳଭଣ୍ଡାର ସ୍ଥିତି ଦୟନୀୟ

**ସ୍ଥିତି ଦେଖି କେନାଲରେ ପାଣି ଛଡ଼ାଯିବାକୁ ନିଷ୍ପତ୍ତି**

ବ୍ରହ୍ମପୁର,୧।୮(ଅଶୋକ କୁମାର ସାହୁ)

ଖରିଫ ଋତୁ ଆରମ୍ଭ ହୋଇ ଅଧା ବିତିଗଲାଣି। ତଥାପି ଗଞ୍ଜାମରେ ବର୍ଷା ସେଭଳି ନାହିଁ। ଜୁଲାଇ ଶେଷ ସୁଦ୍ଧା ଜିଲାରେ ହାରାହାରି ୨୫୬.୬୭ ମିମି ବର୍ଷା ହୋଇଛି। ନିଅଣ୍ଟିଆ ବର୍ଷାରେ ଚାଷୀ ଯେନତେନ ପ୍ରକାରେ ରୁଆ କାର୍ଯ୍ୟ ଜାରି ରଖିଛନ୍ତି। ତେବେ ଜିଲାର ଅନେକ ଅଞ୍ଚଳରେ ରୁଆ ଆରମ୍ଭ ହୋଇନାହିଁ। କେନାଲ ପାଣି ଅଭାବ ହିଁ ଏହାର କାରଣ ବୋଲି ଅନେକ ଅଞ୍ଚଳର ଚାଷୀ ଅଭିଯୋଗ କରିଛନ୍ତି। ସମସ୍ତ ଜଳଭଣ୍ଡାରର ସ୍ଥିତି ଦୟନୀୟ ଥିବାରୁ କେନାଲରେ ପାଣି ଛଡାଯାଇପାରିନାହିଁ। ସ୍ଥିତି ଦେଖି ପାଣି ଛଡାଯିବାକୁ ନିଷ୍ପତ୍ତି ହୋଇଛି ବୋଲି ଜଳସେଚନ ବିଭାଜନ ପକ୍ଷରୁ ସୂଚନା ମିଳିଛି।

ଜିଲାର ୩ ଜଳସେଚନ ବିଭାଜନ ଅଧୀନରେ ୧୦ ପ୍ରକଳ୍ପ ରହିଛି। ବ୍ରହ୍ମପୁର ବିଭାଜନ ଅଧୀନରେ ରୁଷିକୁଲ୍ୟା, ଜୟମଙ୍ଗଳ, ହିରାଧରବାଟି ଓ ଧନେଇ ରହିଛି। ଚିକିଟି ବିଭାଜନ ଅଧୀନରେ ବାହୁଦା, ଘୋଡାହାଡ ଓ ବାଘଲଟି ଥିବାବେଳେ ଭଞ୍ଜନଗର ଅଧୀନରେ ରୁଷିକୁଲ୍ୟା, ଡହ ଓ ବାଘୁଆ ପ୍ରକଳ୍ପ ରହିଛି। କେବଳ ଧନେଇ ପ୍ରକଳ୍ପରୁ ପାଣି ଛାଡିବା ଭଳି ସ୍ଥିତି ଆସିଛି। ତେଣୁ ଅନେକ କେନାଲ ଶୁଖିଲା ପଡ଼ିଛି। ରଷିକୁଲ୍ୟା ପ୍ରକଳ୍ପରୁ ବାହାରିଥିବା ୧୦ ଏବଂ ୧୧ ନଂ. ଡିଷ୍ଟ୍ରିବ୍ୟୁଟାରୀ କେନାଲର ସ୍ଥିତିରୁ ଏହା ସ୍ପଷ୍ଟ ହୋଇଛି। ବ୍ରହ୍ମପୁର ଜଳସେଚନ ବିଭାଜନ ଦ୍ୱାରା ୬୦ ହଜାର ୧୩୬ ହେକ୍ଟର ଜମି ଜଳସେଚିତ ହେବାକୁ ଥିବାବେଳେ ବର୍ତ୍ତମାନ ସୁଦ୍ଧା ୩୦ ପ୍ରତିଶତ ପାଣି ଚାଷୀଙ୍କୁ ମିଳିଥିବା ସୂଚନା ମିଳିଛି। ସେହିପରି ଚିକିଟି ବିଭାଜନ ପକ୍ଷରୁ ୧୯୮୧୫ ହେକ୍ଟର ଜମି ଜଳସେଚିତ ହେବାକୁ ଥିବାବେଳେ ଜଳଭଣ୍ଡାର ସ୍ଥିତି ଭଲ ନାହିଁ। ତଥାପି କିଛି କିଛି ଜଳ ଛଡାଯାଇଛି। ସେହିପରି ଭଞ୍ଜନଗର ବିଭାଜନ ପକ୍ଷରୁ ୩୩ ହଜାର ୫୪୪ ହେକ୍ଟର ଜମି ଜଳସେଚିତ ହେବାକୁ ଥିବାବେଳେ ସେଠାକାର ଜଳଭଣ୍ଡାରଗୁଡିକର ସ୍ଥିତି ବି ଅନୁରୂପ ରହିଛି। ଗୁରୁବାର ବିଭାଗ ପକ୍ଷରୁ ଜଳଭଣ୍ଡାରଗୁଡିକରେ ପାଣିର ସ୍ଥିତିକୁ ନେଇ ମିଳିଥିବା ରିପୋର୍ଟ ଅନୁସାରେ ଭଞ୍ଜନଗର ଜଳଭଣ୍ଡାରର କ୍ଷମତା ୯୬ ମିଟର ଥିବାବେଳେ ବର୍ତ୍ତମାନ ୩୫.୨୮ ପ୍ରତିଶତ ଜଳ ରହିଛି। ସୋରଡା ଜଳଭଣ୍ଡାର କ୍ଷମତା ୯୨.୩୦ ମିଟର ଥିବାବେଳେ ୨୬.୨୧ ପ୍ରତିଶତ, ଡହ ଜଳଭଣ୍ଡାରର କ୍ଷମତା ୧୧୮.୭୦ ଥିବାବେଳେ ୨୯.୨୯ ପ୍ରତିଶତ, ବାଘୁଆ ଜଳଭଣ୍ଡାରର ସ୍ଥିତି ୧୧୩.୮୫ ମିଟର ଥିବାବେଳେ ୧୮.୧୭ ପ୍ରତିଶତ, ଧନେଇର କ୍ଷମତା ୮୮.୭୦ ମିଟର ଥିବାବେଳେ ୬୪.୪୭ ପ୍ରତିଶତ, ଘୋଡାହାଡର କ୍ଷମତା ୧୧୭.୮୦ ମିଟର ଥିବାବେଳେ ୧୯.୦୬ ପ୍ରତିଶତ, ବାଘଲଟିର କ୍ଷମତା ୧୦୬.୦୦ ମିଟର ଥିବାବେଳେ ୨୨.୯୨ ପ୍ରତିଶତ ଜଳ ରହିଛି। ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ପ୍ରତାପ ଶତପଥିଙ୍କୁ ପଚାରିବାରେ ସେ କହିଲେ ଯେ, ପ୍ରତ୍ୟେକ ଜଳଭଣ୍ଡାରର ସ୍ଥିତି ଦୟନୀୟ ରହିଛି। ବଡ ବର୍ଷା ହେଲେ କେନାଲରେ ପର୍ଯ୍ୟାପ୍ତ ଜଳ ଛାଡିହେବ। ତଥାପି କିଛି କିଛି ଜଳ ଛଡାଯାଉଛି।


ରଷିକୁଲ୍ୟା ଜଳସେଚନ ପ୍ରକଳ୍ପର କେନାଲ ଶୁଖିଲା ପଡ଼ିଛି।

# ଭାଜପାରେ ମିଶିଲେ ମମତା ମହାନ୍ତ

- ବୁଧବାର ରାଜ୍ୟ ସଭା, ବିଜେଡି ଛାଡ଼ିଥିଲେ
- ବିଜେଡିରେ ଆବଶ୍ୟକତା ଲୋଡ଼ାପଡୁନି ଅନୁଭବ କଲି: ମମତା
- ବିଜେଡି ଛିଡ଼ି ଛିଡ଼ି ଯାଉଛି: ପ୍ରଦୀପ
- ବିଜେଡି-ଭାଜପା ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଫିକା ପଡ଼ିବାକୁ ଯାଉଛି: ଅଶୋକ

ଭୁବନେଶ୍ୱର, ୧।୮(ସୁନିତ୍ ମିଶ୍ର)




ନୂଆଦିଲ୍ଲୀସ୍ଥିତ ଭାଜପା ମୁଖ୍ୟାଳୟଠାରେ ଗୁରୁବାର ଦଳରେ ଯୋଗ ଦେଉଛନ୍ତି ମମତା ମହାନ୍ତ।

ରାଜ୍ୟ ସଭା ଓ ବିଜେଡିରୁ ବୁଧବାର ଇସ୍ତଫା ଦେଇଥିବା ମମତା ମହାନ୍ତ ଗୁରୁବାର ଭାଜପାରେ ଯୋଗଦେଇଛନ୍ତି। ନୂଆଦିଲ୍ଲୀସ୍ଥିତ ଭାଜପା ମୁଖ୍ୟାଳୟରେ ସେ ବିଧିବଦ୍ଧ ଭାବେ ଭାଜପାରେ ସାମିଲ ହୋଇଛନ୍ତି। ଭାଜପା ସାଧାରଣ ସମ୍ପାଦକ ଅରୁଣ ସିଂହ ଓ ପ୍ରଭାରୀ ବିଜୟପାଲ୍ ସିଂ ତୋମାର ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ସ୍ୱାଗତ ଜଣାଇଛନ୍ତି। ଏହି ଅବସରରେ ଭାଜପା ବରିଷ୍ଠ ନେତା ତଥା ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉପସ୍ଥିତ ଥିଲେ।

ଭାଜପାରେ ଯୋଗଦେବା ପରେ ମମତା କହିଛନ୍ତି, ଲୋକମାନେ ତାଙ୍କ ସମ୍ପତ୍ତି। ସେମାନଙ୍କ ସେବା ହିଁ ତାଙ୍କର ଏକମାତ୍ର ଲକ୍ଷ୍ୟ। ବିଜେଡିରେ ତାଙ୍କୁ ଅଣଦେଖା କରାଗଲା, ଲୋକଙ୍କ ସେବା କରିବାର ସୁଯୋଗ ପାଇଲେନି। ବିଜେଡିରେ ତାଙ୍କର ଆଉ ଆବଶ୍ୟକତା ଲୋଡ଼ା ପଡୁନି ବୋଲି ସେ ଅନୁଭବ କଲେ। ଲୋକଙ୍କ ସେବା, କୁଡୁମୀ ସମାଜର ଉନ୍ନତି ପାଇଁ ଭାଜପାରେ ମିଶିଲେ ବୋଲି ମମତା କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଭାଜପା ବିଚାରଧାରାରେ ଅନୁପ୍ରାଣିତ ହୋଇ ଦଳରେ ସାମିଲ ହେଲେ ବୋଲି ସେ କହିଛନ୍ତି। ଭାଜପାରେ ମମତା ମିଶିବା ନେଇ ବ୍ରହ୍ମପୁର ଏମ୍ପି ପ୍ରଦୀପ ପାଣିଗ୍ରାହୀ କହିଛନ୍ତି, ବିଜେଡିର ଲେଖା ଛିଡ଼ି ଛିଡ଼ି ଆସୁଛି। ବର୍ତ୍ତମାନ ସମୟରେ ଏତିକି କୁହାଯାଇପାରେ ଯେ, ଭାଜପା ବଢୁଛି, ବିଜେଡି ଛିଡୁଛି ବୋଲି ପାଣିଗ୍ରାହୀ କହିଛନ୍ତି।

ଏହି ଅବସରରେ ଅରୁଣ ସିଂ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଉପରେ ଭରସାକରି ମମତା ଭାଜପାରେ ଯୋଗଦେଇଛନ୍ତି। ବିଜେଡି ତା'ର ଶାସନ କାଳରେ ଗ୍ରାମାଞ୍ଚଳର ବିକାଶକୁ ସମ୍ପୂର୍ଣ୍ଣ ଅଣଦେଖା କରିଥିଲା। ତେଣୁ ପ୍ରଧାନମନ୍ତ୍ରୀଙ୍କ ନୀତି ଉପରେ ଭରସାକରି ଓଡ଼ିଶାର ଲୋକମାନେ ଭାଜପାକୁ ଶାସନକୁ ଆଣିଥିବା ଅରୁଣ କହିଛନ୍ତି। ଭାଜପା ରାଜ୍ୟ ପ୍ରଭାରୀ ବିଜୟପାଲ୍ ସିଂ ତୋମାର କହିଛନ୍ତି, ଆଦିବାସୀ ଅଞ୍ଚଳରେ ମମତାଙ୍କ ସଙ୍ଗଠନ ଭାଜପାକୁ ଅଧିକ ଶକ୍ତି ଯୋଗାଇବ। ତାଙ୍କ ଯୋଗୁ ଆଦିବାସୀ ଅଞ୍ଚଳରେ ବିକଶିତ ଭାରତ, ବିକଶିତ ଓଡ଼ିଶା ଲକ୍ଷ୍ୟ ସଫଳ ହେବ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ କଂଗ୍ରେସ ବିଧାୟକ ଅଶୋକ ଦାସ କହିଛନ୍ତି, ବିଜେଡି-ଭାଜପା ମଧ୍ୟରେ ଯେଉଁ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଥିଲା ତାହା ଫିକା ପଡ଼ିବାକୁ ଯାଉଛି। ଏହାକୁ ନେଇ କେଉଁଠି ନା କେଉଁଠି କିଛି ରହସ୍ୟ ଲୁଚି ରହିଛି। ମମତା ମହନ୍ତ ଏତେବଡ଼ ପଦକୁ ଛାଡ଼ି ଭାଜପାରେ ଯୋଗଦେବା ହାସ୍ୟାସ୍ପଦ କଥା। କ'ଣ ଏହା ପଛରେ ରହସ୍ୟ ରହିଛି ତାହା ସମୟ କହିବ ବୋଲି ସେ କହିଛନ୍ତି।

ଆଲୋଚନା ହେଉଛି, କୁଡୁମୀ ସମ୍ପ୍ରଦାୟର ଜଣେ ଜଣାଶୁଣା ଓ ଟାଣୁଆ ନେତ୍ରୀ ଭାବେ ମମତା ବେଶ୍ ପରିଚିତ ଥିଲେ। ସେହି ଭୋଟକୁ ହାତେଇବା ପାଇଁ ବିଜେଡି ତାଙ୍କୁ ଦଳରେ ସାମିଲ କରିଥିଲା ଏବଂ ରାଜ୍ୟ ସଭା ପଠାଇଥିଲା। ହେଲେ ଗତ ନିର୍ବାଚନରେ ବିଜେଡିର ଶୋଚନୀୟ ପରାଜୟ ହୋଇଥିଲା। ଏଥିସହ ମୟୂରଭଞ୍ଜ ଜିଲ୍ଲାରେ ସବୁ ବିଧାନସଭା ଆସନରେ ବିଜେଡି ପରାଜିତ ହୋଇଥିଲା। ଚର୍ଚ୍ଚା ଅନୁସାରେ ପରାଜୟ ପରେ ରାଜ୍ୟସ୍ତରୀୟ ନେତାଙ୍କ ଟାର୍ଗେଟରେ ମମତା ଥିଲେ। ତେଣୁ ସେ ବିଜେଡି ଉପରେ ଅସନ୍ତୋଷ ଝାଡ଼ି ରାଜ୍ୟ ସଭା ସହ ବିଜେଡିରୁ ମଧ୍ୟ ଇସ୍ତଫା ଦେଇଥିଲେ।

## କୁଡ୍ମୀ ସମାଜର ମମତାଙ୍କ ନିଷ୍ପତ୍ତିକୁ ବିରୋଧ

ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ ରାଇରଙ୍ଗପୁର(ମାନସ ମହାନ୍ତି), ୧।୮

ରାଜ୍ୟ ସଭା ସଦସ୍ୟା ମମତା ମହାନ୍ତଙ୍କୁ ନେଇ ମୟୂରଭଞ୍ଜ ଜିଲ୍ଲାରେ ପ୍ରତିକ୍ରିୟା ପ୍ରକାଶ ପାଉଛି। ରାଜ୍ୟସଭା ଓ ବିଜେଡିରୁ ଇସ୍ତଫା ଦେବାର ୨୪ଘଣ୍ଟା ନ ପୂରୁଣୁ ସେ ଭାଜପା ଶିବିରରେ ଯୋଗଦେବା ଘଟଣାକୁ କୁଡ୍ମୀ ସମାଜ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। କୁଡ୍ମୀ ସମାଜ ଓ ରାଇରଙ୍ଗପୁର ବିଜୁ ଜନତା ଦଳ ପକ୍ଷରୁ ତାଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି। ୨୦୨୪ ନିର୍ବାଚନରେ ମୟୂରଭଞ୍ଜ ଜିଲ୍ଲା ବିଜେଡିର ଶୋଚନୀୟ ପରାଜୟ ପରେ ଜିଲ୍ଲାରେ ଦଳର ଦୁର୍ବଳ ସ୍ଥିତି ପଦାରେ ପଡ଼ିଥିଲା। ଜିଲ୍ଲାର ସମସ୍ତ ବିଧାନସଭା ଓ ଲୋକ ସଭା ଆସନ ଭାଜପା ଅକ୍ତିଆର କରିଥିଲା। ତେବେ ମମତାଙ୍କ ଇସ୍ତଫାପତ୍ର ସମସ୍ତଙ୍କୁ ଚକିତ କରିଛି। ତାଙ୍କର ଏଭଳି ନିଷ୍ପତ୍ତିକୁ କୁଡ୍ମୀ ସମାଜ ପକ୍ଷରୁ କଡ଼ା ସମାଲୋଚନା କରାଯାଇଛି। ରାଇରଙ୍ଗପୁର ବିଜୁ ଜନତା ଦଳ ଯୁବ ସଭାପତି ତଥା ପୌର ପରିଷଦ ଅଧ୍ୟକ୍ଷ ଅଭିଷେକ ପଟ୍ଟନାୟକ, ମହିଳା ସଙ୍ଗଠନ ସଭାନେତ୍ରୀ ପୁଷ୍ପା ମହାନ୍ତଙ୍କ ସମେତ ଦଳର ଅନେକ କର୍ମକର୍ତ୍ତା ଓ ଯୁବ ମହିଳା କର୍ମୀ ମମତାଙ୍କ କୁଶ ପୁତ୍ତଳିକା ଦାହ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।

କୁଡ୍ମୀ ସମ୍ପ୍ରଦାୟ ପକ୍ଷରୁ ରାଇରଙ୍ଗପୁରଠାରେ ମମତାଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କୁଡ୍ମୀ ଜାତିକୁ ଜନଜାତି ମାନ୍ୟତା ବାବଦରେ ବିଜେଡି ସରକାର ଗୁରୁତ୍ୱ ଦେଇ ମମତାଙ୍କୁ ରାଜ୍ୟ ସଭାକୁ ପଠାଇଥିଲେ। ହେଲେ ଜିଲ୍ଲାରେ ବିଜେଡିର ପରାଜୟକୁ ସାମ୍ନା କରିବା ପରିବର୍ତ୍ତେ ଦଳଠାରୁ ସେ ଦୂରେଇ ଯିବା ନେଇ କୁଡ୍ମୀ ସମ୍ପ୍ରଦାୟ ତୀବ୍ର ନିନ୍ଦା କରିଛି। କୁଡ୍ମୀ ସେନାର ପ୍ରତିଷ୍ଠାତା ତଥା ରାଜ୍ୟ ସଭାପତି ଜୟମୁନି ମହାନ୍ତ କହିଛନ୍ତି, ୨୦୨୪ ଜାନୁଆରୀ ୨୯ରେ ବିଜେଡି ସରକାର ୧୬୯ ଜାତିକୁ ଜନଜାତି କରିବା ପାଇଁ କ୍ୟାବିନେଟରେ ନିଷ୍ପତ୍ତି ନେଇ କେନ୍ଦ୍ର ସରକାରଙ୍କୁ ସୁପାରିସ କରିଥିଲେ। ଉକ୍ତ ତାଲିକାରୁ କୁଡ୍ମୀ ସମ୍ପ୍ରଦାୟକୁ ବାଦ୍ ଦିଆଯାଇଥିବା ବେଳେ ସେହି ସମୟରେ ରାଜ୍ୟ ସଭା ସଦସ୍ୟା ମମତା ନୀରବ ରହିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ ହୋଇଥିଲା। ଅନ୍ୟପକ୍ଷରେ ଜିଲ୍ଲା (ପୂର୍ବ) ଭାଜପା ସଭାପତି କାନ୍ଦରା ସୋରେନ କହିଛନ୍ତି, ବିଜେଡିର ସ୍ୱେଚ୍ଛାଚାରିତା ଓ ଏକଛତ୍ରବାଦ ଶାସନରୁ ମୁକ୍ତି ପାଇବା ପାଇଁ ଅନେକ ନେତା ଦଳ ପରିତ୍ୟାଗ କରୁଛନ୍ତି।

## ଖୁଲୁଡା ସରପଞ୍ଚ ହରାଇଲେ ପଦବୀ

ଜଳେଶ୍ୱର, ୧।୮(ରବିନାରାୟଣ ପାତ୍ର)

ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଅଧୀନ ଖୁଲୁଡା ପଞ୍ଚାୟତର ସରପଞ୍ଚ ଜ୍ୟୋତିର୍ମୟ ଆଚାର୍ଯ୍ୟ ତାଙ୍କର ପଦବୀ ହରାଇଛନ୍ତି। ଏନେଇ ଜଳେଶ୍ୱର ସିଭିଲ ଜଜ୍ ରାୟ ଦେବା ସହ ସାନି ନିର୍ବାଚନ ଲାଗି ନିର୍ଦ୍ଦେଶ ଦେଇଛନ୍ତି। ୨୦୨୨ ପଞ୍ଚାୟତ ନିର୍ବାଚନରେ ଜ୍ୟୋତିର୍ମୟ ଆଚାର୍ଯ୍ୟ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭୂପତି ମିର୍ଦ୍ଧାଙ୍କୁ ପରାସ୍ତ କରି ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। କିନ୍ତୁ ସରକାରଙ୍କ ନୂଆ ନିୟମ ଅନୁଯାୟୀ କେତେକ ତଥ୍ୟଗତ ତ୍ରୁଟି ଯୋଗୁ ତାଙ୍କୁ ସଭ୍ୟପଦ ହରାଇବାକୁ ପଡିଛି । ଏନେଇ ପ୍ରତିଦ୍ୱନ୍ଦ୍ୱୀ ଜଳେଶ୍ୱର ସିଭିଲ କୋର୍ଟଙ୍କ ଆଶ୍ରୟ ନେଇଥିଲେ। ଜୁଲାଇ ୩୧ ତାରିଖରେ କୋର୍ଟ ତାଙ୍କର ସଭ୍ୟପଦ ରଦ୍ଦ କରିବା ସହ ପୁଣି ନିର୍ବାଚନ କରିବାକୁ ଜିଲ୍ଲା ପଞ୍ଚାୟତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହାକୁ ନେଇ ଜଳେଶ୍ୱରରେ ଚର୍ଚ୍ଚା ଜୋର ଧରିଛି।

## ଭାଜପା ପ୍ରଲୋଭନରେ ବିଜେଡି ଛାଡ଼ିଛନ୍ତି ମମତା: ବିଜେଡି




ଖବରଦାତା ସମ୍ମିଳନୀରେ ବିଜେଡି ନେତ୍ରୀ ସରୋଜିନୀ ହେମ୍ବ୍ରମ ଓ ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି।

ଭୁବନେଶ୍ୱର,୧।୮(ଅନିଲ ଦାସ)

ନିଜର ବ୍ୟକ୍ତିଗତ ସ୍ୱାର୍ଥ ହାସଲ ଲକ୍ଷ୍ୟରେ ଚକ୍ରାନ୍ତ କରି ବିଜେଡି ତଥା ରାଜ୍ୟ ସଭା ସଦସ୍ୟ ପଦରୁ ମମତା ମହାନ୍ତ ଇସ୍ତଫା ଦେଇଛନ୍ତି ବୋଲି ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ରାଜ୍ୟ ସଭା ସଦସ୍ୟ ସରୋଜିନୀ ହେମ୍ବ୍ରମ କହିଛନ୍ତି। ଗୁରୁବାର ଶଙ୍ଖ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସରୋଜିନୀ କହିଛନ୍ତି, ଦଳକୁ ସେ ଯେଉଁଭଳି ଧୋକା ଦେଲେ ତାହା ରାଜନୀତିରେ କଳଙ୍କିତ ଅଧ୍ୟାୟ ସୃଷ୍ଟି କରିଛି। ମହିଳାଙ୍କୁ ସଶକ୍ତ କରିବା ଉଦ୍ଦେଶ୍ୟରେ ନବୀନ ପଟ୍ଟନାୟକ ସରକାର ବହୁବିଧ ଯୋଜନା କରିଥିଲେ। ସେହିକ୍ରମରେ ମମତା ମହାନ୍ତ ପରି ଜଣେ କୁଡୁମୀ ସମାଜର ପଛୁଆ ବର୍ଗର ମହିଳାଙ୍କୁ ପ୍ରଥମେ ଜିଲ୍ଲା ପରିଷଦ ସଦସ୍ୟା, ଜିଲ୍ଲା ସଭାନେତ୍ରୀ ଓ ରାଜ୍ୟ ସଭା ସଦସ୍ୟା ଭାବେ ବିଜୁ ଜନତା ଦଳ ତରଫରୁ ମନୋନୀତ କରାଯାଇଥିଲା। ଆମର ସୌଭାଗ୍ୟ ଯେ ନବୀନ ପଟ୍ଟନାୟକ ମୋତେ ଓ ମମତା ମହାନ୍ତଙ୍କ ପରି ଅନେକ ମହିଳାଙ୍କୁ ଲୋକ ପ୍ରତିନିଧି ହେବା ପାଇଁ ସାମର୍ଥ୍ୟ ଓ ସୁଯୋଗ ଦେଇଛନ୍ତି। ନବୀନ ସରକାରଙ୍କ ଦ୍ୱାରା କୁଡୁମୀ ସମାଜକୁ ଯଥେଷ୍ଟ ଗୁରୁତ୍ୱ ପ୍ରଦାନ କରାଯାଇ ମୟୂରଭଞ୍ଜ ଜିଲ୍ଲାର ସମସ୍ତ ୨୬ଟି ବ୍ଲକ ପାଇଁ କୁଡୁମୀ ଭବନ ନିର୍ମାଣ ସକାଶେ ୨୫ ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା। ସେହିପରି ରାଇରଙ୍ଗପୁରଠାରେ କୁଡୁମୀ ଭବନ ନିର୍ମାଣ ପାଇଁ ନବୀନ ସରକାରଙ୍କ ଦ୍ୱାରା ୩୦ ଡିସିମିଲ ଜମି ପ୍ରଦାନ କରି ୧ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପାଇଁ ପ୍ରଥମ ପର୍ଯ୍ୟାୟରେ ୩୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା, ଯାହାର ନିର୍ମାଣ କାର୍ଯ୍ୟ ଏବେ ଚାଲୁ ରହିଛି। ମମତା ତାଙ୍କ ଇସ୍ତଫାପତ୍ରରେ ଦେଇଥିବା ମନ୍ତବ୍ୟ ସମ୍ପୂର୍ଣ୍ଣ ଭିତ୍ତିହୀନ ଓ ନିନ୍ଦନୀୟ। ନିଜର ରାଜନୈତିକ ସ୍ୱାର୍ଥକୁ ଚରିତାର୍ଥ କରିବାକୁ ଯାଇ ମମତା କେବଳ ବିଜେଡି ନୁହେଁ ବରଂ ସମଗ୍ର କୁଡୁମୀ ସମାଜ ଓ ମୟୂରଭଞ୍ଜ ଜିଲ୍ଲାକୁ ଧୋକା ଦେଇଛନ୍ତି ବୋଲି ସରୋଜିନୀ କହିଛନ୍ତି।

ସେହିଭଳି ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ମମତା ମହାନ୍ତଙ୍କୁ ଜିଲ୍ଲା ପରିଷଦଠାରୁ ଆରମ୍ଭକରି ରାଜ୍ୟ ସଭା ସଦସ୍ୟ ଭଳି ପଦ ଦେଇଥିଲା ବିଜେଡି। କିନ୍ତୁ ଦୁଃଖର ବିଷୟ ଭାଜପାର ପ୍ରଲୋଭନରେ ପ୍ରଭାବିତ ହୋଇ ସେ ପଦ୍ମ ଧରିଲେ। ସେ ଯଦି ଚାହିଁଥିଲେ କୁଡୁମୀ ସମାଜର ଉନ୍ନତି କରିବା ପାଇଁ ତାହା ହେଲେ ସେ ବିଜେଡିରୁ ଇସ୍ତଫା ଦେଇଥାଆନ୍ତେ। କିନ୍ତୁ ରାଜ୍ୟ ସଭା ପଦ କାହିଁକି ଛାଡ଼ିଲେ। ସେ ଏକ ଜାତୀୟ ଦଳକୁ ନିଜ ସଭ୍ୟ ପଦ ଦାନ କରିଦେଲେ। ନିର୍ବାଚନ ପୂର୍ବରୁ ଭାଜପା ପାଇଁ କାମ କରୁଥିଲେ। ମମତା ବିଜେଡି ଛାଡ଼ିବା ଦ୍ୱାରା ଦଳର କୌଣସି କ୍ଷତି ହେବନି। ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ସଶକ୍ତ ରହିଥିବା ବିଜେଡି ଦଳ ଆଗକୁ ମଧ୍ୟ ଆହୁରି ଅଧିକ ସଶକ୍ତ ହୋଇ ଉଭା ହେବ। ନିଜ ସ୍ଥିତି ବଜାଇରଖିବା ପାଇଁ ଅନ୍ୟ ରାଜ୍ୟରେ କାଳାକଳି ମମତା ମହାନ୍ତଙ୍କୁ ପ୍ରଲୋଭିତ କରି ନିଜ ଦଳକୁ ନେଇଛି ଭାଜପା। ଯଦି ଭାଜପା ଏହିଭଳି ଉପାୟକୁ ଆପଣାଏ ତାହାହେଲେ ସେମାନେ ବିନାଶମୁଖୀ ଆଡକୁ ଅଗ୍ରସର ହେଉଛନ୍ତି ବୋଲି ସେ କହିଛନ୍ତି।

## ପିଏମ୍ଏଫ୍‌ବିୱାଇ ଅବଧି ଅଗଷ୍ଟ ୧୦ ଯାଏ ବୃଦ୍ଧି, ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ମନମୋହନ

ଭୁବନେଶ୍ୱର, ୧।୮(ସୁନିତ୍ ମିଶ୍ର)

ଭାଜପା ସରକାର କୃଷି ଓ କୃଷକଙ୍କ କଲ୍ୟାଣ ପାଇଁ ପ୍ରତିଶ୍ରୁତିବଦ୍ଧ। ପ୍ରାକୃତିକ ବିପର୍ଯ୍ୟୟ କ୍ଷୟକ୍ଷତିରୁ ଚାଷୀମାନଙ୍କୁ ଫସଲର ସୁରକ୍ଷା ଓ ଚିନ୍ତାମୁକ୍ତ ରଖିବା ପାଇଁ ୨୦୧୬ ଫେବୃଆରୀ ୧୬ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (ପିଏମ୍ଏଫ୍‌ବିୱାଇ)ର ଶୁଭାରମ୍ଭ କରିଥିଲେ। ବନ୍ୟା, ବାତ୍ୟା, ମରୁଡି ତଥା ପ୍ରାକୃତିକ ବିପର୍ଯ୍ୟୟ ସମୟରେ ପ୍ରଭାବିତ ଚାଷୀଙ୍କୁ ଏହି ଯୋଜନାରେ ଆର୍ଥିକ ଋଣ ବା ସହାୟତା ମିଳିଥାଏ । ଚଳିତ ବର୍ଷ ପ୍ରଧାନମନ୍ତ୍ରୀ ଫସଲ ବୀମା ପଞ୍ଜୀକରଣ ଅବଧି ଗତ ୩୧ ତାରିଖ ପର୍ଯ୍ୟନ୍ତ ଥିଲା। ମାତ୍ର ଓଡିଶାର ଚାଷୀକୁଳର ସ୍ୱାର୍ଥକୁ ଗୁରୁତ୍ୱ ଦେଇ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଏହି ଅବଧିକୁ କେନ୍ଦ୍ର ସରକାର ଗତ ବୁଧବାର ବୃଦ୍ଧି କରିଛନ୍ତି। ଏହି ନିଷ୍ପତ୍ତି ରାଜ୍ୟର ଅଗଣିତ ଚାଷୀଙ୍କ ମନରେ ଖୁସି ଆଣିଦେଇଛି। ଏହାଦ୍ୱାରା ବଞ୍ଚିତ ହୋଇଥିବା କୃଷକମାନେ ନିଜ ନାମ ପଞ୍ଜୀକରଣ କରିବାରେ ସଫଳ ହେବେ ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିବା ସହିତ ପ୍ରଧାନମନ୍ତ୍ରୀଙ୍କୁ ରାଜ୍ୟବାସୀଙ୍କ ତରଫରୁ ଧନ୍ୟବାଦ ଜ୍ଞାପନ କରିଛନ୍ତି।


### ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଅନୁଗୋଳ
(ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍)
ଇସ୍ତାହାର ସଂଖ୍ୟା:496/ ତା.31.7.24

No.g-45:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିକି ଯେ, ନିମ୍ନଲିଖିତ ଅଜଣା ଶିଶୁଙ୍କୁ ଉଦ୍ଧାର କରାଯାଇ ଶିଶୁ ମଙ୍ଗଳ କମିଟି, ଅନୁଗୋଳଙ୍କ ନିର୍ଦ୍ଦେଶରେ ଅନୁଗୋଳ ପଞ୍ଚମହଲାସ୍ଥିତ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ ସଂସ୍ଥା, ଆଦୃତା ଶିଶୁ ସଦନରେ ରଖାଯାଇଅଛି । ଉକ୍ତ ଶିଶୁର ଯଦି କେହି ପିତାମାତା/ଅଭିଭାବକ ବା ଆଇନସିଦ୍ଧ ଦାବିଦାର ଥାନ୍ତି, ତେବେ ଏହି ବିଜ୍ଞାପନ ପ୍ରକାଶ ପାଇବାର ତିରିଶ ଦିନ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଅନୁଗୋଳ, ଫୋନ ନଂ- ୦୬୭୬୪-୨୩୦୩୨୯ କୁ ଯୋଗାଯୋଗ କରନ୍ତୁ । ଏହି ସମୟ ପରେ ଉକ୍ତ ଶିଶୁ ଉପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ ଶିଶୁର କିଶୋର ନ୍ୟାୟ (ଶିଶୁଙ୍କ ଯତ୍ନ ଓ ସୁରକ୍ଷା) ଆଇନ-୨୦୧୫ର ଧାରା ୩୮ (ଉପ-ଧାରା-୧) ଓ ପୋଷ୍ୟସନ୍ତାନ ନିୟମାବଳୀ-୨୦୨୨ ଅନୁଯାୟୀ ପୋଷ୍ୟ ସନ୍ତାନ ନିମନ୍ତେ ଆଇନତଃ ଯୋଗ୍ୟ ଘୋଷଣା କରାଯିବ ।

| କ୍ର.ସଂ. | ଶିଶୁଟିର ନାମ | ପୁଅ/ ଝିଅ | ଜନ୍ମ ତାରିଖ | କେଉଁ ସ୍ଥାନରୁ ଉଦ୍ଧାର | ଶିଶୁ ମଙ୍ଗଳ କମିଟି କେସ୍ ନମ୍ବର | ବର୍ତ୍ତମାନର ଠିକଣା | ଫଟୋ |
|---|---|---|---|---|---|---|---|
| ୧. | ତନ୍ୟାଶା | ଝିଅ | ୦୬/୦୬/୨୦୨୪ | ପ୍ରଭାତି ନାୟକ, ପି.ସୁଗୁରି ନାୟକ, ସା.ଦଳବେହେରା ସାହି, ପୋଷ୍ଟ- ପୁରୁଣାଗଡ, ଥାନା-ବନ୍ତଳା, ଜିଲ୍ଲା- ଅନୁଗୋଳଙ୍କ ଦ୍ୱାରା ଅନୁଗୋଳ ରେଳଷ୍ଟେସନ ନିକଟରୁ ଉଦ୍ଧାର କରାଯାଇଛି । | ୯୫୦/ ୨୦୨୪ | ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ ସଂସ୍ଥା, ଆଦୃତା ଶିଶୁ ସଦନ, ପଞ୍ଚମହଲା, ଅନୁଗୋଳ |  |

OIPR-33032/11/0001/2425
ସ୍ୱା./-ଜିଲ୍ଲାପାଳ, ଅନୁଗୋଳ

### ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା
(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ୟୁନିଟ୍ - ୮, ଭୁବନେଶ୍ୱର - ୭୫୧୦୧୨
ସଂଖ୍ୟା: ୧୧୭୯୪ - IND-II-PH-1200 ବିଜ୍ଞାପନ ତାରିଖ: ୩୧।୦୭।୨୦୨୪

No. CAD-705: ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ମେସର୍ସ ଫେରୋ ଆଲୋଏସ କର୍ପୋରେସନ ଲିମିଟେଡ, ଓଡ଼ିଶାର କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ ଅନ୍ତର୍ଗତ କଟାସାହି ଗ୍ରାମରେ ୧୩.୬୭୪ ହେକ୍ଟର ପରିମିତ ଅଞ୍ଚଳରେ ସ୍ଥିତ କଟାସାହି ମାଙ୍ଗାନିଜ ଖଣିରୁ ସମୁଦାୟ ବାର୍ଷିକ ୬୮,୨୮୯ ଟନ (ବାର୍ଷିକ ୨୮,୧୧୯ ଟନ ଆର୍.ଓ.ଏମ୍ + ବାର୍ଷିକ ୪୦,୧୭୦ ଟନ ବର୍ଜ୍ୟ) ଖନନ କରିବା ସହିତ ବାର୍ଷିକ ୨୮,୧୧୯ ଟନ ଆର୍.ଓ.ଏମ୍ ମାଙ୍ଗାନିଜ ଖଣିଜ ଉତ୍ପାଦନ କରିବା ନିମନ୍ତେ ପରିବେଶୀୟ ମଞ୍ଜୁରୀ ପାଇଁ "ସର୍ବସାଧାରଣ ଶୁଣାଣି" ତା୨୬।୦୬।୨୦୨୪ରିଖ ଦିବା ୧୧.୦୦ଘଟିକା ସମୟରେ କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ ଅନ୍ତର୍ଗତ କଟାସାହି ମୌଜା (ଖାତା ନଂ. ୬୪ (ରକ୍ଷିତ) ୬୬ (ଅ.ଜ.), ପ୍ଲଟ ନଂ. ୨୬୮/୫୧୭, ୨୬୭, ପ୍ରସ୍ତାବିତ ୦.୬୯୦ ଏକର ଅଞ୍ଚଳ, କିସମ-ଉନ୍ନତ ଯୋଜନ ଯୋଗ୍ୟ ଟୈଲ-I)ଠାରେ ଅନୁଷ୍ଠିତ ହେବାକୁ ଧାର୍ଯ୍ୟ ହୋଇଥିଲା।

ଉକ୍ତ ଶୁଣାଣିର ବିଶେଷ ତଥ୍ୟ ବିଭିନ୍ନ ସମ୍ବାଦପତ୍ର ଯଥା "The New Indian Express" ଏବଂ "ଧରିତ୍ରୀ"ରେ ତା୨୨।୦୫।୨୦୨୪ରିଖରେ ବିଜ୍ଞାପନ ପ୍ରକାଶ କରାଯାଇଥିଲା। କିନ୍ତୁ ଶାନ୍ତି ଏବଂ ଆଇନ ଶୃଙ୍ଖଳା ଉଲ୍ଲଂଘନକୁ ନେଇ କିଛି ଆଶଙ୍କା ଉପୁଯିବାରୁ ତା୨୬।୦୬।୨୦୨୪ରିଖ ଦିନ ହେବାକୁ ଥିବା ଉକ୍ତ ଜନଶୁଣାଣିକୁ ସ୍ଥଗିତ କରାଯାଇଥିଲା। ଉକ୍ତ ସର୍ବସାଧାରଣ ଶୁଣାଣି ତା୧୬।୦୮।୨୦୨୪ରିଖ ଦିବା ୧୧.୦୦ ଘଟିକା ସମୟରେ କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ ଅନ୍ତର୍ଗତ କଟାସାହି ମୌଜା (ଖାତା ନଂ. ୬୪ (ରକ୍ଷିତ) ୬୬ (ଅ.ଜ), ପ୍ଲଟ ନଂ. ୨୬୮/୫୧୭, ୨୬୭ ପ୍ରସ୍ତାବିତ ୦.୬୯୦ ଏକର ଅଞ୍ଚଳ, କିସମ - ଉନ୍ନତ ଯୋଜନ ଯୋଗ୍ୟ ଟୈଲ-I)ଠାରେ ହେବାକୁ ପୁନଃ ନିର୍ଦ୍ଧାରିତ ହୋଇଛି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩(ଇ), ତା୧୪।୦୯।୨୦୦୬ରିଖ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି। ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁଁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁଁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁଁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି। ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେକୌଣସି ବ୍ୟକ୍ତି।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତି ବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା/ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣ-ପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ। ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା୧୬।୦୮।୨୦୨୪ରିଖ ଦିବା ୧୧.୦୦ ଘଟିକା ସମୟରେ କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ ଅନ୍ତର୍ଗତ କଟାସାହି ମୌଜା (ଖାତା ନଂ. ୬୪ (ରକ୍ଷିତ) ୬୬ (ଅ.ଜ), ପ୍ଲଟ ନଂ. ୨୬୮/୫୧୭, ୨୬୭ ପ୍ରସ୍ତାବିତ ୦.୬୯୦ ଏକର ଅଞ୍ଚଳ, କିସମ - ଉନ୍ନତ ଯୋଜନ ଯୋଗ୍ୟ ଟୈଲ-I) ଠାରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝର।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, କେନ୍ଦୁଝର।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, କେନ୍ଦୁଝର।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ଭୁବନେଶ୍ୱର - ୭୫୧୦୧୨।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, କେନ୍ଦୁଝର।
୬. ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର।

ଏତଦ୍ ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ୍ www.ospcboard.orgରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, କେନ୍ଦୁଝରସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

ସ୍ୱା./- ସଦସ୍ୟ ସଚିବ
OSPCB-PH-MISC-0092-2023/01/2024
OIPR-08012/11/0041/2425

### OFFICE OF THE SUPERINTENDING ENGINEER KENDRAPARA (R&B) DIVISION NO.II, KENDRAPARA
E-mail : eerandbdivn2kpd@gmail.com, Tel No.06727-220408
Government Of Odisha "e" procurement Notice
E-procurement Notice for Civil work
No.B-130 Bid Identification No - E.E. (RnB) KPD-II-01/2024-25

| | | | |
|---|---|---|---|
| 1 | No. of works | : | 2 Nos of Road work & 2 Nos of Building work |
| 2 | Estimated Cost | : | Rs. 57,63,837.00 Rs. 39,88,570.00 Rs. 44,55,320.00 Rs. 38,31,763.00 |
| 3 | Period of Completion | : | 03 (Three) Calendar Months to 06 (Six) Calendar Months |
| 4 | Date & Time of sale & receipt of bid Document | : | From 10.00 A.M of 06.08.2024 to 5.00 P.M. of 16.08.2024 |
| 5 | Last Date / time of receipt of bids | : | 5.00 P.M. of 16.08.2024 |
| 6 | Date & time of opening of Bids | : | 11.00 A.M. of 17.08.2024 |
| 7 | Name and Address of the Inviting Bid | : | Executive Engineer, Kendrapara (R&B) Division-II, Kendrapara |

Further details with any addendum, corrigendum, cancellation can be seen from the state Govt. Portal "https://tendersorissa.gov.in"

Sd./- Er. J.R. Pati
Executive Engineer, Kendrapara (R&B) Division-II
Kendrapara
OIPR-34158/11/0001/2425

### GOVERNMENT OF ODISHA, PANCHAYAT SAMITI OFFICE, BONAIGARH, DIST - SUNDARGARH
e-mail - ori-Bonaigarh@nic.in
Letter No : 2326 Date : 29.07.2024
Tender Call Notice No : 05/2024-25

No.i-48: Sealed Tenders are invited from the interested bidder for the civil work under BDO, Bonaigarh of Sundargarh district. The detail of **works, eligibility, estimated cost and cost of tender paper** has been uploaded in the district website www.sundergarh.odisha.gov.in. The bidder should be **B'&C class contractor only**. They have to submit the bid document to the undersigned in the address **of office of the B.D.O., Bonaigarh, At./P.O. Bonaigarh, Pin-770038, Dist - Sundargarh (Odisha)** through Registered Post / Speed Post only on or before **13.08.2024 up to 5:00 PM**. The sale of tender paper will be from dated **31.07.2024** to dated **12.08.2024** in the district website www.sundergarh.odisha.gov.in. The authority reserves the right to cancel or reject the entire process without assigning any reason thereof. The tender will be opened on dated **14.08.2024 at 11.00 AM** in the office of the undersigned in the presence of the bidders or his/her authorized representatives.

Sd./- Block Development Officer,
Bonaigarh
OIPR-19333/11/0003/2425

### OFFICE OF THE SUPERINTENDENT MAHARAJA KRISHNA CHANDRA GAJAPATI MEDICAL COLLEGE HOSPITAL, BRAHMAPUR-760004, GANJAM, ODISHA
No.E-167
Tel. 0680-2292624, FAX. : 0680-2292752//E.mail : supdtmkcg@gmail.com, mkcgmchberhampur@gmail.com, Website : www.mkcgmch.org
No. 10671 MCH/MS/XX/2024 Dt/Brahmapur the 31.07.2024

**1ST CORRIGENDUM TO THIS OFFICE TENDER CALL NOTICE NO. 9417 DT.02.07.2024 (AMC / CMC and Operation & Maintenance of ETP & STP) published in daily English news paper 'THE TIMES OF INDIA' and Odia news paper DHARITRI on 02.07.2024.**

The last date of receipt of tender is hereby extended up to 07.08.2024 at 5.30 PM and will be opened on 08.08.2024 12.30 Noon. Other specification, terms and conditions remain unaltered.

Sd./- Superintendent
M.K.C.G. Medical College Hospital
Berhampur
OIPR-10028/11/0016/2425

### ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର
OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BERHAMPUR
At: Ambapua, PO:Engineering School, Near Income Tax Office, Berhampur - 760011
(E-Mail:- serwbpr2004@yahoo.com, Tel/Fax:- 0680-2404287)

NOTICE
FOR PM-JANMAN UNDER PRADHAN MANTRI GRAM SADAK YOJANA (PMGSY)
NATIONAL COMPETITIVE BIDDING THROUGH "e"-Procurement
Bid Identification No. Online Tender/07-2024-25/PMGSY/BPR

**No.O-155:The Chief Construction Engineer, Rural Works Circle, Berhampur on behalf of Odisha State Rural Road Agency invites the percentage** rate bids in electronic tendering system for construction of Roads / Bridges under **PRADHAN MANTRI-JANJATI ADIVASI NYAYA MAHA ABHIYAN (PM-JANMAN Batch-I&II / 2023-24)** under Pradhan Mantri Gram Sadak Yojana (PMGSY) in the districts of Ganjam for 03 (Three) number of packages with estimated cost totalling to **Rs.10.64 Cr (Approximate)** including their maintenance for five years from the eligible contractors registered with **State PWD / CPWD / MES / Railways**. The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract

Date of release of Invitation for Bids through e-procurement: Dtd. 03.08.2024

**Availability of Bid Documents and mode of submission:** The bid document is available online and should be submitted online in www.pmgsytenders.gov.in. The bidder would be required to register in the web-site which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities. The bidders are required to submit (a) original Demand Draft towards the cost of bid document and (b) original bid security and (c) original affidavit regarding correctness of information furnished with bid document as per provisions of Clause 4.4 B (a) (ii) of ITB with **Chief Construction Engineer, Rural Works Circle, Berhampur // Superintending Engineer of the Concerned divisions on a date not later than three working days after the opening of technical qualification part of the Bid, either by registered post or by hand,** failing which the bids shall be declared non-responsive.

**Last Date/ Time for receipt of bids through e-procurement: 17.08,2024 upto 5.30 P.M.**

For further details and corrigendum (if any) please log on to www.pmgsytenders.gov.in.

Sd./- Chief Engineer
R.W.Circle, Berhampur
OIPR-25071/11/0010/2425

## ଜନ୍ମଦିନର ଶୁଭେଚ୍ଛା

ନାମ: ................................
ବୟସ:................................
ଜନ୍ମ ତାରିଖ: ................................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସବୁ କାର୍ଯ୍ୟାଳୟ, ସର୍ବସାଧାରଣ ସ୍ଥାନରେ ସ୍ତନ୍ୟପାନ ଗୃହ ନିର୍ମାଣ ହେବ: ପ୍ରଭାତୀ



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଜଣେ ସୁସ୍ଥ ଶିଶୁଙ୍କୁ ପୁରସ୍କୃତ କରୁଛନ୍ତି।

**ଭୁବନେଶ୍ୱର, ୧।୮ (ବନ୍ଦନା ସେଠୀ)**

ମା'ର କ୍ଷୀରରେ ଶିଶୁର ଏକଚାଟିଆ ଅଧିକାର ରହିଛି। ଶିଶୁର ଏହି ଅଧିକାରକୁ ସାବ୍ୟସ୍ତ କରିବା ପାଇଁ ସମସ୍ତ ବ୍ୟବସ୍ଥାକୁ ସମାଜ ଅନୁକୂଳ କରାଯିବ। ଏଥିଲାଗି ସର୍ବସାଧାରଣ ସ୍ଥାନରେ ଶୌଚାଳୟ ଭଳି ସ୍ତନ୍ୟପାନ ଗୃହର ଆବଶ୍ୟକତା ରହିଛି। ସେହିପରି ସବୁ କାର୍ଯ୍ୟାଳୟରେ କର୍ମଜୀବୀ ମା'ମାନଙ୍କ ପାଇଁ କ୍ରେଚ୍, ସ୍ତନ୍ୟପାନ ଗୃହର ସୁବିଧା ଯୋଗାଇ ଦେବାର ବ୍ୟବସ୍ଥା କରିବାକୁ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ବିଭାଗ ମନ୍ତ୍ରୀ ପ୍ରଭାତୀ ପରିଡ଼ା ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଗୁରୁବାର ରାଜ୍ୟ ସମାଜ କଲ୍ୟାଣ ବୋର୍ଡଠାରେ ବିଭାଗ ପକ୍ଷରୁ ବିଶ୍ୱ ସ୍ତନ୍ୟପାନ ସପ୍ତାହ ଶୁଭାରମ୍ଭ ହୋଇଛି। ଉପମୁଖ୍ୟମନ୍ତ୍ରୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଭୟ ମା' ଓ ଶିଶୁ ପାଇଁ ସ୍ତନ୍ୟପାନର ଉପଯୋଗିତା ବିଷୟରେ ଆଲୋକପାତ କରିଥିଲେ। ଚଳିତ ବର୍ଷର ବିଷୟବସ୍ତୁ 'ପ୍ରତିବନ୍ଧକ ଦୂର କରିବା: ସ୍ତନ୍ୟପାନକୁ ପ୍ରୋତ୍ସାହିତ କରିବା' ଉପରେ ଉପମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ଏଥିସହ ବିଶ୍ୱ ସ୍ତନ୍ୟପାନ ସପ୍ତାହର ବ୍ୟାନର ରାଜ୍ୟର ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ରରେ ପ୍ରଦର୍ଶିତ କରି ସ୍ତନ୍ୟପାନର ଉପକାରିତା ଏବଂ ଆବଶ୍ୟକତା ସମ୍ପର୍କରେ ବ୍ୟାପକ ଜନସଚେତନତା ସୃଷ୍ଟି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତୃଣମୂଳସ୍ତରରେ ସ୍ତନ୍ୟପାନ ଉପରେ ସଚେତନତା ସୃଷ୍ଟି ଦିଗରେ ଅଙ୍ଗନୱାଡ଼ି କର୍ମୀ, ସହାୟିକା ଓ ମା'ମାନଙ୍କ ପରିବାର ସଦସ୍ୟ ସହଯୋଗର ହାତ ବଢ଼ାଇବାକୁ ଉପମୁଖ୍ୟମନ୍ତ୍ରୀ ଅନୁରୋଧ କରିଥିଲେ। ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ଶିଶୁଙ୍କ ଶାରୀରିକ ଓ ମାନସିକ ବିକାଶ ନିମନ୍ତେ ସ୍ତନ୍ୟପାନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେ କହିଲେ, ଶିଶୁର ବିକାଶ ପାଇଁ ଆବଶ୍ୟକ ହେଉଥିବା ସମସ୍ତ ପୁଷ୍ଟିସାର ଓ ଭିଟାମିନ୍ ମା'କ୍ଷୀରରେ ପର୍ଯ୍ୟାପ୍ତ ପରିମାଣରେ ରହିଛି। ଏହାର କୌଣସି ବିକଳ୍ପ ନାହିଁ। କୁପୋଷଣ ଦୂର କରିବାରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିବାରୁ ସ୍ତନ୍ୟପାନ ଏକ ସୁସ୍ଥ ଶିଶୁ ପାଇଁ ଅତ୍ୟନ୍ତ ଜରୁରୀ ବୋଲି ମତ ରଖିଛନ୍ତି।

## ପୁରସ୍କୃତ ହେଲେ ୩ ସୁସ୍ଥ ଶିଶୁ

ଜାତୀୟ ସ୍ୱାସ୍ଥ୍ୟ ମିଶନର ଅତିରିକ୍ତ ନିର୍ଦ୍ଦେଶକ (ଶିଶୁ ସ୍ୱାସ୍ଥ୍ୟ) ଡ. ଆଦିତ୍ୟ ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ, ସ୍ତନ୍ୟପାନ ଦ୍ୱାରା ଶିଶୁ ମୃତ୍ୟୁହାର ହ୍ରାସ କରିବାରେ ସମର୍ଥ ହୋଇପାରିବା। ଶିଶୁର ମସ୍ତିଷ୍କ ବିକାଶ ପାଇଁ ଠିକ୍ ମାତ୍ରାରେ ମା'କ୍ଷୀର, ଉତ୍ତାପ ଓ ପରିଷ୍କାର ପରିଚ୍ଛନ୍ନତା ଗୁରୁତ୍ୱପୂର୍ଣ୍ଣ। ଶିଶୁ ଜନ୍ମ ହେବାର ୧ଘଣ୍ଟା ମଧ୍ୟରେ ମା'କ୍ଷୀର ପିଆଇବା ନିହାତି ଜରୁରୀ। ସେହିପରି ଜନ୍ମରୁ ୬ ମାସ ପର୍ଯ୍ୟନ୍ତ ଶିଶୁକୁ କେବଳ ମା'କ୍ଷୀର ଦେବା ଉଚିତ। ଏହା ଶିଶୁର ରୋଗପ୍ରତିଷେଧକ ଶକ୍ତି ବଢ଼ାଇବା ସହ ଶରୀରକୁ ପୋଷକ ତତ୍ତ୍ୱ ଯୋଗାଇଥାଏ ବୋଲି ସେ କହିଥିଲେ। ଡେଲାଙ୍ଗ ବ୍ଲକ୍ ଅନ୍ତର୍ଗତ ବଙ୍ଗ୍ ଅଙ୍ଗନୱାଡ଼ି କେନ୍ଦ୍ରର କର୍ମୀ ବନ୍ଦିତା ଜୟଦେବ ସ୍ତନ୍ୟପାନ ସମ୍ପର୍କରେ ନିଜର ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ଏହି ଅବସରରେ ସୁସ୍ଥ ଶିଶୁ ଭାବେ ଭୁବନେଶ୍ୱରର ଗାୟତ୍ରୀ କର (୯ ମାସ), ରତିକ୍ କୁମାର ସାହୁ (୧୧ ମାସ) ଓ ହିମାଂଶୁ ଶେଖର ପରିଡ଼ା (୨ ବର୍ଷ ୧୧ ମାସ)ଙ୍କୁ ପୁରସ୍କୃତ କରାଯାଇଥିଲା। ସମାଜ କଲ୍ୟାଣ ବୋର୍ଡ ତଥା ସମନ୍ୱୟ ଶିଶୁ ବିକାଶ ପ୍ରକଳ୍ପର ନିର୍ଦ୍ଦେଶିକା ମନୀଷା ବାନାର୍ଜୀ ସ୍ୱାଗତ ଅଭିଭାଷଣ ରଖିଥିଲେ। କାର୍ଯ୍ୟକ୍ରମରେ ୟୁନିସେଫ୍‌ର ରାଜ୍ୟ ମୁଖ୍ୟ, ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧ୍ୟକ୍ଷା ମନ୍ଦାକିନୀ କର, ମହିଳା ବିକାଶ ସମବାୟ ନିଗମର ଅଧ୍ୟକ୍ଷା ସ୍ୱାଧୀନବାଳା ଦାସ, ବିଭାଗର ବରିଷ୍ଠ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ। ବିଭାଗର ଅତିରିକ୍ତ ସଚିବ ଏନ୍.ସି. ଜ୍ୟୋତିରଞ୍ଜନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓଙ୍କ ସହ ସୌମ୍ୟା ସ୍ୱାମୀନାଥନ୍‌ଙ୍କ ସୌଜନ୍ୟମୂଳକ ସାକ୍ଷାତ



**ଭୁବନେଶ୍ୱର, ୧।୮ (ଅନିଲ ଦାସ)**

ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ପୂର୍ବତନ ପ୍ରମୁଖ ବୈଜ୍ଞାନିକ ତଥା ଏମ୍.ଏସ୍. ସ୍ୱାମୀନାଥନ୍ ରିସର୍ଚ୍ଚ ଫାଉଣ୍ଡେଶନ (ଏମ୍‌ଏସ୍‌ଏସ୍‌ଆର୍‌ଏଫ୍)ର ଅଧ୍ୟକ୍ଷା ସୌମ୍ୟା ସ୍ୱାମୀନାଥନ୍ ଗୁରୁବାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଚେନ୍ନାଇଠାରେ ଅଗଷ୍ଟ ୭ ଓ ୮ ତାରିଖରେ ହେବାକୁ ଥିବା କ୍ଷୁଧାମୁକ୍ତ ବିଶ୍ୱ ଉପରେ ଆଧାରିତ ଅନ୍ତର୍ଜାତୀୟ ସମ୍ମିଳନୀରେ ଯୋଗଦେବା ପାଇଁ ସ୍ୱାମୀନାଥନ୍ ଉପମୁଖ୍ୟମନ୍ତ୍ରୀ ସିଂଦେଓଙ୍କୁ ଆମନ୍ତ୍ରଣ କରିଛନ୍ତି। ଲୋକସେବା ଭବନସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ଆଲୋଚନାରେ ଉପମୁଖ୍ୟମନ୍ତ୍ରୀ ପାରମ୍ପରିକ କୃଷି ଓ ଜୈବିକ କୃଷି ପ୍ରଣାଳୀରେ ଧାନ, ମୁଗ, ବିରି, ମାଣ୍ଡିଆ ଏବଂ ଅନ୍ୟାନ୍ୟ ଶସ୍ୟଜାତୀୟ କୃଷି ଉପରେ ଗୁରୁତ୍ୱାରୋପ କରିଥିଲେ। ଆଲୋଚନା ବେଳେ କୋରାପୁଟର ଜୟପୁରଠାରେ ଅବସ୍ଥିତ ଏମ୍.ଏସ୍. ସ୍ୱାମୀନାଥନ୍ ରିସର୍ଚ୍ଚ ଫାଉଣ୍ଡେଶନ୍ (ଏମ୍‌ଏସ୍‌ଏସ୍‌ଆର୍‌ଏଫ୍)କୁ ଅନ୍ତର୍ଜାତୀୟ କୃଷକ ପ୍ରଶିକ୍ଷଣ କେନ୍ଦ୍ରରେ ପରିଣତ କରିବାକୁ ସ୍ୱାମୀନାଥନ୍ ପ୍ରସ୍ତାବ ଦେଇଛନ୍ତି।

କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ସଚିବ ଅରବିନ୍ଦ ପାଢ଼ୀ କହିଛନ୍ତି, ଏବେ ସରକାର କେବଳ ଫସଲର ଉତ୍ପାଦନ କ୍ଷମତା ଉପରେ ଧ୍ୟାନକେନ୍ଦ୍ରିତ ନ କରି ଏହାର ପୁଷ୍ଟିକର ତତ୍ତ୍ୱ ଉପରେ ମଧ୍ୟ ଗୁରୁତ୍ୱ ଦେଉଛନ୍ତି। ଏହା ଫଳରେ ମାଟିର ଗୁଣବତ୍ତା, ସ୍ୱାସ୍ଥ୍ୟ ଓ ପରିବେଶ ମଧ୍ୟରେ ସମନ୍ୱୟ ରକ୍ଷା ହୋଇପାରିବ। ଜୈବିକ ଓ ପାରମ୍ପରିକ ପ୍ରଣାଳୀରେ ପୁଷ୍ଟିକର ଶସ୍ୟ ଉତ୍ପାଦନ କରୁଥିବା କୃଷକମାନଙ୍କୁ ସରକାରଙ୍କ ତରଫରୁ ପ୍ରୋତ୍ସାହନ ଯୋଗାଇ ଦେବା ପାଇଁ ମଧ୍ୟ ବୈଠକରେ ଆଲୋଚନା ହୋଇଛି। ଏହି ଆଲୋଚନା ବେଳେ କୃଷି ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ ଓ ବିଭାଗୀୟ ଅନ୍ୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅଣ୍ଟା ଭଙ୍ଗା ଗୁଆକାତି;
ପାଖରେ ବସାଇ ପାନ ଖୁଆନ୍ତି,
ନୁହନ୍ତି ଆପଣା ଜାତି।**

ଜଣଙ୍କର ଅନ୍ୟ ଜଣଙ୍କ ପ୍ରତି ଭଲ ପାଇବା ନେଇ ପରିପ୍ରକାଶ। ବେଳେବେଳେ ଅଜ୍ଞାତ ବ୍ୟକ୍ତିକୁ ପାଖରେ ବସାଇ ଭାବନା ସୃଷ୍ଟିକରି ନିଜର କରିବାକୁ ଇଚ୍ଛାହୁଏ। କିନ୍ତୁ ସେ ନିଜ ଜାତି ବା ପରିଚିତର ହୋଇ ନ ଥିବାରୁ କିଛି ସାମାଜିକ ଅନ୍ତରାୟ ରହିଯାଇଥାଏ। ଏହାକୁ ସେ ଅତିକ୍ରମ କରି ପାରୁ ନ ଥାଏ କି ତାକୁ ଛାଡ଼ି ରହିପାରୁ ନ ଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଅବାଣି କାଟଇ ଝୋଟ,
ଠାଏ ସରୁ, ଠାଏ ମୋଟ।**

ବାଣି ବା ସୂତା ଯିଏ କାଟି ଜାଣି ନ ଥାଏ ତା' ଦ୍ୱାରା ସୂତା କାଟିବା କାର୍ଯ୍ୟଟି କେବେହେଲେ ଠିକ୍ ଭାବେ ହୋଇପାରି ନ ଥାଏ। ତେଣୁ କୌଣସି କାମ ନ ଜାଣି ସେଭଳି କାମରେ ହାତ ଦେଲେ କେବଳ ବିଫଳତା ହିଁ ମିଳିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ଗୁରୁବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ବିଷାକ୍ତ ଛତୁ ଖାଇ ୫ ଅସୁସ୍ଥ

**କୁଆଁରମୁଣ୍ଡା, ୧।୮ (ମହେନ୍ଦ୍ର କୁମାର ସାହୁ)**

ସୁନ୍ଦରଗଡ ଜିଲା କୁଆଁରମୁଣ୍ଡା ବ୍ଲକ ସାନଦଲକି ଗ୍ରାମର ଗୋଟିଏ ପରିବାର ୫ ଜଣ ଗୁରୁବାର ଜଙ୍ଗଲି ଛତୁ ଖାଇ ଅସୁସ୍ଥ ହୋଇପଡ଼ିଛନ୍ତି। ସେମାନେ ହେଲେ ବିପିନ ଟପୋ(୫୦) ଓ ତାଙ୍କ ସ୍ତ୍ରୀ ବିମଳା ଟପୋ(୪୦) ଏବଂ ୨ ପୁଅ ସନ୍ଦୀପ ଟପୋ (୨୬), ପ୍ରମୋଦ ଟପୋ (୨୨) ଓ ନାତି ଭୀମସେନ (୦୮)। ମଧ୍ୟାହ୍ନଭୋଜନ ପରେ ବିପିନ ଓ ତାଙ୍କର ପରିବାରବର୍ଗ ଜଣକ ପରେ ଜଣେ ବାନ୍ତି ଓ ଝାଡା ହେବାରୁ ସେମାନେ ପ୍ରଥମେ କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ। ପରେ ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

## ଘାଟିରେ ଓଲଟିଲା ଅଟୋ: ମହିଳା ଶ୍ରମିକ ମୃତ, ୧୧ ଆହତ

**ଗୁଣପୁର, ୧।୮ (ପ୍ରଦୀପ କୁମାର ପାଢ଼ୀ)**

କାମ ସାରି ଘରକୁ ଫେରୁଥିବା ବେଳେ ଘାଟିରେ ଓଲଟି ପଡ଼ିଲା ଅଟୋ। ଦୁର୍ଘଟଣାରେ ଜଣେ ମହିଳା ଶ୍ରମିକଙ୍କ ମୃତ୍ୟୁ ଘଟିଛି। ୧୧ ଜଣ ଆହତ ହୋଇଥିବାବେଳେ ୫ ଶ୍ରମିକ ଗୁରୁତର ହୋଇ ବ୍ରହ୍ମପୁର ମେଡିକାଲରେ ଜୀବନ ସହ ସଂଘର୍ଷ କରୁଛନ୍ତି। ରାୟଗଡ଼ା ଜିଲା ଗୁଣପୁର ବ୍ଲକ୍ ଚିନାସାରି ଘାଟିରେ ଗୁରୁବାର ଅପରାହ୍ଣରେ ଏପରି ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ମୃତ ମହିଳା ଜଣକ ହେଲେ ମାୟା ସାହୁ (୪୮)। ତାଙ୍କ ଘର ପଦ୍ମପୁର ବ୍ଲକ୍ ଯୁମୁରୁଗୁଡା ବୋଲି ଜଣାପଡିଛି। ପଦ୍ମପୁର ଗାଁର ୧୭ ଜଣ ମହିଳା ଶ୍ରମିକ ଚିନାସାରି ଗ୍ରାମ ନିକଟ ଡାଙ୍ଗସିଂ ଗ୍ରାମରେ ଏକ ଘରର ସ୍ଲାବ୍ ପକାଇବାକୁ ଯାଇଥିଲେ। ଅପରାହ୍ଣରେ କାମ ସାରି ସମସ୍ତେ ଅଟୋରେ ଘରକୁ ଫେରୁଥିଲେ। ଚିନାସାରି ଘାଟିରେ ଭାରସାମ୍ୟ ହରାଇ ଅଟୋ ଓଲଟି ପଡ଼ିବାରୁ ଘଟଣାସ୍ଥଳରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ୧୬ ଜଣ ଆହତ ହୋଇଛନ୍ତି। ଗୁଣପୁର ଦମକଳ ବାହିନୀ ଓ ୧୦୮ ଆମ୍ବୁଲାନ୍ସ ଯୋଗେ ଆହତଙ୍କୁ ଉଦ୍ଧାର କରାଯାଇ ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ୫ ଶ୍ରମିକଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ବ୍ରହ୍ମପୁର ମେଡିକାଲ ସ୍ଥାନାନ୍ତର କରାଯାଇଛି। ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ପୁଟାସିଂ ଆଇଆଇସି ଭବାନୀ ମୁଦୁଲି ସୂଚନା ଦେଇଛନ୍ତି। ଖବରପାଇ ଉପ ଜିଲାପାଳ କିରନ ଦୀପ କୌର ସହୋତା, ବିଡିଓ ଶୁଭ୍ରାଞ୍ଜଳି ପ୍ରଧାନ, ତହସିଲଦାର ଲୀଳାବତୀ ଆଚାର୍ଜି ପ୍ରମୁଖ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ମୃତକଙ୍କ ପୁଅ ନିରଞ୍ଜନ ସାହୁଙ୍କ ଅଭିଯୋଗକ୍ରମେ ପୋଲିସ ଅଟୋ ଡ୍ରାଇଭର ସନ୍ତୋଷ ଗୌଡ଼ଙ୍କୁ ଥାନାରେ ଅଟକ ରଖି ପଚାରଉଚରା କରୁଛି।


# Classified Everyday 0674-2580101, 2549949



REAL ESTATE
SALE

**1BHK ready to move in flats available in Hi-Tech Brundaban Project near Bata-mangala Temple, Puri Town. 9938015048, 9040023313.** D-902

**Plot for sale at Puri Konark Marine Drive (850/- per sqft.). Contact- 6371703010.** D-907

**(1) Commercial plot, facing to NH Road Nakhara to Niali NH 10000sqft., 3sides road, (2) Residential plot near Petal English Medium School 1100/- sqft. with boundarywall at Brahmanjharilo, Cuttack, 11K.M. to BBSR. Personal plots, No builders. 7809525452.** D-75765

Duplex project at Retang Medical, Station, CV Raman University Tamando, Bhubaneswar. 7008459987. D-75976

**Ready to move 2BHK flat for sale @ 20lakh near Gudiapokhari, Bhubaneswar. Call- 9937544226.** D-756

ଭୁବନେଶ୍ୱର ନଖରା Sum-2, Grandbazar ନିକଟରେ ଘରବାରି ପାଚେରି ପ୍ଲଟ୍ ବିକ୍ରିହେବ। Contact- 9178660666. D-900

ଖୋର୍ଦ୍ଧାରେ ପିଚୁରୋଡ୍‌କୁ ଲାଗି ମାତ୍ର ୪୦୦ ଟଙ୍କାରେ ପ୍ଲଟ୍ ମିଳୁଛି। Near Bajpur Market, Near GIET Engineering College. Contact- 9090811926. D-894




Newly open Jyoti SPA positively health benefits (Expert therapist). 8458067955. D-76141

**ଫୁଲ୍ ବଡି ମସାଜ (ଦେଶୀ ମୋଡ଼ାଘଷା) only ladies. 9827119799.** D-847

Kerala body Massage best Therapist Bhubaneswar. 9337672475. D-849

Newly open health benefits spa by expert therapist. Contact: 6371861658. D-76139

**Relax, Refresh your body, mind at Saikrupa Spa with best therapies. 8984068077.** D-883

Newly open health benefits SPA special Offer @ 799 Bapujinagar. 8018429809. D-76140

## AFFIDAVIT

By virtue of an affidavit (CF. No.-4, dt. 01.08.2024) before Executive Magistrate, Bhubaneswar, I, SUGAT KUMAR BHANJA, S/o- Late SATYA GOPAL BHANJA, resident of Plot No.- 998/3552, Green Park Area, Jagamohan Nagar, Jagamara, P.O./ P.S.- Khandagiri, Dist.- Khordha, Bhubaneswar- 751030, Odisha do hereby solemnly affirm and state that my Father's actual and correct name is SATYA GOPAL BHANJA and it is mentioned in my Aadhaar Card bearing No.- xxxxxxxx0632. That my Father's name has been wrongly mentioned as SATYAGOPAL BHANTAA in my HSC Certificate as well as in my Passport bearing No.- M2550099. That I do hereby declare that SATYA GOPAL BHANJA and SATYAGOPAL BHANTAA is one and same person who is my father. D-906

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

By an affidavit sworn before Executive Magistrate, Khordha, dated 01.08.2024 I Subala Jena, S/o- Late Gopinath Jena, resident of At- Hanumantaprasad, P.O.- Asarala, P.S.- Bolagarh, Khordha-752064 have changed my name from "Subal Jena" to "Subala Jena". Henceforth, I shall be known as "Subala Jena" for all purposes. D-905

By virtue of an affidavit No.-2434, Date- 24.07.2024 the the Executive Magistrate, Angul. I Sangita Rout (38), W/o- Kuna Bhutia, Vill/P.O.- Kalamachhuin, P.S.- Gopalprasad, Dist- Angul hereby declaration Subhasmita Bhutia. D-908

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

# ମନେ ପଡ଼ନ୍ତି

### ତୃତୀୟ ବାର୍ଷିକ ଶ୍ରାଦ୍ଧୋତ୍ସବ



ବୀରଯବାନ ୰ଜିତେନ୍ଦ୍ର ମୋହନ ଜେନାସାମନ୍ତ
ସା/ପୋ: ଜନକ, ଭାୟା: ବ୍ରହ୍ମବରଦା, ଜି: ଯାଜପୁର
ଆବିର୍ଭାବ: ୧୯।୦୬।୧୯୮୪
ତିରୋଧାନ: ୦୨।୦୮।୨୦୨୧
ଅଫେରା ରାଇଜେ ଚାଲିଗଲୁ ବାବୁ
ଆଖିରୁ ଶୁଖୁନି ଲୁହ,
ଦିନରାତି ବିତେ ତୋ କଥାକୁ ଭାବି
ତୁ କାହୁଁ ଜାଣିବୁ କହ।
ଶୋକସନ୍ତପ୍ତ: ତୁମର ବାପା: ଡ. ମହେଶ୍ୱର ଜେନାସାମନ୍ତ, ବନ୍ଧୁ ଓ ଜେନାସାମନ୍ତ ପରିବାରବର୍ଗ।
ଧ-୯୦୩


### ବିଂଶତମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତା ବିଷ୍ଣୁପ୍ରିୟା ମହାନ୍ତି
ଆବିର୍ଭାବ: ୨୫।୦୪।୧୯୩୦
ତିରୋଧାନ: ୧୩।୦୮।୨୦୦୪
"ମା" ତୁ ଚାଲିଯିବାର ୨୦ବର୍ଷ ବିତିଗଲା। ଆଜିର ଏହି ପବିତ୍ର ଦିନରେ ତୋର ସ୍ନେହଭରା କଥା ଓ ଆଶୀର୍ବାଦକୁ ପାଥେୟ କରି ଆମେ ସମସ୍ତେ ଚାଲୁଅଛୁ।
ପୁତ୍ର: ମୁନା, ବୋହୂ: ରିନି, ଝିଅ: ରୁନି, ରୁଜି, ରେବା, ଜ୍ୱାଇଁ: ଅନିମେଷ, ଗଗନ, ସୁବ୍ରତ, ନାତୁଣୀ-ନାତି: ରିୟା, ଶ୍ରୀୟା, ସୋନୁ ଓ ଶୁଭମ୍।
ଧ-୯୦୪

### ଦ୍ୱାଦଶାହ ଉପଲକ୍ଷେ

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ହେମନ୍ତ କୁମାର ମିଶ୍ର
ନୟାପଲ୍ଲୀ, ଭୁବନେଶ୍ୱର
ଆବିର୍ଭାବ: ୧୧.୦୧.୧୯୩୯
ତିରୋଧାନ: ୨୨.୦୭.୨୦୨୪
ଆପଣଙ୍କ କର୍ମଚଂଚଳ, ଦୟାପରାୟଣ, ସ୍ନେହବତ୍ସଳ ଓ ଚିରପ୍ରସନ୍ନ ବ୍ୟକ୍ତିତ୍ୱ ଆମ ପାଇଁ ଚିରଦିନ ଆଦର୍ଶ ହୋଇ ରହିବ। ଆଜିର ତିଥିରେ ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦଗତି ପାଇଁ ମା ଭୁବନେଶ୍ୱରୀଙ୍କ ପାଖରେ ବିନୀତ ପ୍ରାର୍ଥନା।
ଶୋକସନ୍ତପ୍ତ: ଅମୂଲ୍ୟକୁମାର, ଜ୍ୟୋତି ପ୍ରକାଶ, ବିବେକ ଓ ପରିବାର ବର୍ଗ
ଧ-୯୦୧

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ଏସ୍‌ସିବିରୁ ଧକ୍କାମାରି ବିଦାକଲେ ଡାକ୍ତର

କଟକ, ୧୮ (ଶିଲ୍ପା ପ୍ରିୟଦର୍ଶିନୀ)

**ଶିଶୁ ମୃତଦେହ ଧରି ରାସ୍ତାରେ ବସିଲେ ମା', ବାପା**

- ଚିକିତ୍ସାରେ ଅବହେଳା ଅଭିଯୋଗ
- ଆଇସିୟୁରେ ରଖିବାକୁ ଟଙ୍କା ମାଗିଲେ
- ମିଳିଲାନି ମହାପ୍ରୟାଣ ଗାଡ଼ିର ସୁବିଧା

ଦେଢ଼ବର୍ଷ ଶିଶୁପୁତ୍ରର ମୃତଦେହ ଧରି ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ ଆଣ୍ଡ କଲେଜ (ଏସ୍‌ସିବି)ର ମୁଖ୍ୟ ରାସ୍ତାରେ ଦେଢଘଣ୍ଟା ବସିରହିଲେ ମା' ବାପା। ଏସ୍‌ସିବିରେ ଚିକିତ୍ସା ଅବହେଳାରୁ କୁନିପୁଅର ମୃତ୍ୟୁ ହୋଇଥିବା ଅଭିଯୋଗ କରିବାରୁ ବାପାଙ୍କୁ ମୃତ୍ୟୁଜନିତ କାଗଜପତ୍ର ବିନା ମୃତଦେହ ଦେଇ ଧକ୍କା ମାରି ବିଦାକଲେ ଡାକ୍ତର ଓ ସୁରକ୍ଷାକର୍ମୀ। ଏପରିକି ଅସ୍ତ୍ରୋପଚାର ପରେ ପୁଅକୁ ଆଇସିୟୁରେ ରଖିବା ପାଇଁ ଡାକ୍ତର ୨୫ ହଜାର ଟଙ୍କା ମାଗିବା ସହ ଘରୋଇ ଲ୍ୟାବରେ ଏକ୍ସରେ ଓ ରକ୍ତ ପରୀକ୍ଷା କରାଇବାକୁ କହିଥିବା ଅଭିଯୋଗ ହୋଇଛି। ମେଡିକାଲରେ ମହାପ୍ରଣାୟ ଗାଡ଼ିର ସୁବିଧା ମଧ୍ୟ ମିଳି ନ ଥିଲା। ବିଶ୍ୱସ୍ତରୀୟ ହେବାକୁ ଥିବା ଏସ୍‌ସିବିରେ ଦିନକୁ ଦିନ ଏଭଳି ହୃଦୟ ବିଦାରକ ଦୃଶ୍ୟ ସାମ୍ନାକୁ ଆସୁଥିବାବେଳେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ଅଭିଯୋଗ ଅନୁଯାୟୀ, ନୟାଗଡ଼ ଜିଲା ଚାନ୍ଦପୁର ଟାଙ୍ଗୀ ଅଞ୍ଚଳର ବାସିନ୍ଦା ହେଉଛନ୍ତି ରାଜକିଶୋର ପ୍ରଧାନ। ସେ ଭୁବନେଶ୍ୱର ଶିଖରଚଣ୍ଡୀ ବସ୍ତିରେ ରହି ଦିନମଜୁରିଆ ଭାବେ କାମ କରନ୍ତି। ତାଙ୍କ ଦେଢ଼ବର୍ଷର ପୁଅ ସନ୍ନିଙ୍କୁ ବାତ ମାରିବାରୁ ସେ ପ୍ରଥମେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ସେଠାରୁ ସନ୍ନିଙ୍କୁ ୨୪ ତାରିଖରେ ଏସ୍‌ସିବି ମେଡିକାଲର ନ୍ୟୁରୋସର୍ଜରି ବିଭାଗକୁ ସ୍ଥାନାନ୍ତର କରାଯାଇଥିଲା। ସନ୍ନିଙ୍କ ମୁଣ୍ଡରେ ପାଣି ଜମିଥିବାରୁ ଗତ ୨୯ ତାରିଖରେ ଅସ୍ତ୍ରୋପଚାର କରାଯିବା ନେଇ ଉକ୍ତ ବିଭାଗର ଡାକ୍ତର କହିଥିଲେ। ଏଥିସହ ମେଡିକାଲର ମେଶିନ ଖରାପ ଥିବା ଦର୍ଶାଇ ବାହାର ଲ୍ୟାବ୍‌ରୁ ଏକ୍ସ-ରେ ଓ ରକ୍ତ ପରୀକ୍ଷା କରାଇବାକୁ କହିଥିଲେ। ପରେ ସନ୍ନିଙ୍କ ଅସ୍ତ୍ରୋପଚାର ସରିବା ମାତ୍ରେ ତାଙ୍କୁ ଜେନେରାଲ ବେଡ୍‌କୁ ପଠାଇ ଦିଆଯାଇଥିଲା। ମୁଣ୍ଡରେ ଅସ୍ତ୍ରୋପଚାର ହୋଇଥିବାରୁ ସନ୍ନିଙ୍କୁ ଆଇସିୟୁରେ ରଖିବା ଲାଗି ଡାକ୍ତରଙ୍କୁ ରାଜକିଶୋର ନେହୁରା ହୋଇଥିଲେ। ତେବେ ଡାକ୍ତର ତାଙ୍କୁ ଦୁର୍ବ୍ୟବହାର କରିବା ସହ ୨୫ ହଜାର ଟଙ୍କା ମାଗିଥିଲେ। ଆର୍ଥିକ ସମ୍ବଳ ନ ଥିବା ରାଜକିଶୋର କହିବାରୁ ଡାକ୍ତର ଜଣକ ଏକ ସାଦା କାଗଜରେ ତାଙ୍କର ଦସ୍ତଖତ କରାଇ ନେଇଥିଲେ। ବିଳମ୍ବିତ ରାତିରେ ସନ୍ନି ରକ୍ତବାନ୍ତି କରିବା ଆରମ୍ଭ କରିଥିଲେ। ପରଦିନ ସକାଳେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ବିଗିଡ଼ିଥିବା କହି ଆଇସିୟୁରେ ଭର୍ତ୍ତି କରିଥିଲେ ଡାକ୍ତର। ବୁଧବାର ରାତିରେ ସନ୍ନିଙ୍କ ସ୍ୱାସ୍ଥ୍ୟବସ୍ଥାରେ ସୁଧାର ଆସିଥିବା ଓ ଆଇସିୟୁରୁ ଡିସ୍‌ଚାର୍ଜ କରାଯିବ ବୋଲି ଡାକ୍ତର କହିଥିଲେ। କିନ୍ତୁ ଗୁରୁବାର ସକାଳେ ଡାକ୍ତର ହଠାତ୍ ସନ୍ନିଙ୍କ ମୃତ୍ୟୁ ହୋଇଥିବା ଜଣାଇଥିଲେ। ପୁଅର ଚିକିତ୍ସାରେ ଅବହେଳା ଅଭିଯୋଗ ଆଣିବାରୁ ରାଜକିଶୋରଙ୍କୁ ଡାକ୍ତର ଓ ସୁରକ୍ଷାକର୍ମୀ ଧକ୍କା ମାରି ବିଦା କରିଦେଇଥିଲେ। ପ୍ରତିବାଦରେ ରାଜକିଶୋର ଏସ୍‌ସିବି ରାଣୀହାଟ ପଟ ଗେଟ୍ ବାହାର ମୁଖ୍ୟରାସ୍ତାରେ ମୃତଦେହ ଧରି ପ୍ରାୟ ଦେଢ଼ ଘଣ୍ଟା ବସିରହିଥିଲେ। ପରେ କେତେଜଣ ଅଟୋଚାଳକ, ସ୍ଥାନୀୟ ଲୋକ, ସମାଜସେବୀ ଏବଂ କର୍ପୋରେଟର ଜେ. କାମେଶ୍ୱର ରାଓ ଆମ୍ବୁଲାନ୍ସରେ ମୃତଦେହକୁ କାଳିଆବୋଦା ଶ୍ମଶାନକୁ ନେଇଥିଲେ।



କୁନିପୁଅ ସନ୍ନିଙ୍କ ମୃତଦେହ ଧରି ରାଜକିଶୋର ପ୍ରଧାନ ପରିବାର ସହ ରାସ୍ତାରେ ବସିଛନ୍ତି।

ରାଜକିଶୋର ଅଭିଯୋଗ କରିଛନ୍ତି ଯେ, ମେଡିକାଲକୁ ଚିକିତ୍ସା ପାଇଁ ମୁଖ୍ୟତଃ ଗରିବ ଲୋକ ଆସୁଛନ୍ତି। କିନ୍ତୁ ଚିକିତ୍ସା ବଦଳରେ କେବଳ ଯନ୍ତ୍ରଣା ଦିଆଯାଉଛି। ଘରୋଇ ଲ୍ୟାବରୁ ପରୀକ୍ଷା ପାଇଁ ଡାକ୍ତର କହୁଛନ୍ତି। ସେହିପରି ଆଇସିୟୁ ପାଇଁ ଡାକ୍ତର ଟଙ୍କା ମାଗୁଛନ୍ତି। ପୁଅ ମୃତଦେହକୁ ଗାଁକୁ ନେବାକୁ ଚାହୁଁଥିଲି, କିନ୍ତୁ ମହାପ୍ରୟାଣ ଗାଡ଼ି ସୁବିଧା ନ ମିଳିବାରୁ ନେଇପାରିଲିନାହିଁ। ଏଠାରେ ରୋଗୀଙ୍କୁ ଡାକ୍ତର ମୃତ୍ୟୁମୁଖକୁ ପଠାଉଛନ୍ତି ବୋଲି ରାଜକିଶୋର କ୍ଷୋଭର ସହ କହିଛନ୍ତି। ସେହିପରି କର୍ପୋରେଟର ରାଓ ଅଭିଯୋଗ ଆଣିଛନ୍ତି ଯେ, ଏସ୍‌ସିବିରେ ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ମିଳୁନାହିଁ। କର୍ମଚାରୀମାନେ ରୋଗୀ ସମ୍ପର୍କୀୟଙ୍କଠାରୁ ଟଙ୍କା ନେଉଛନ୍ତି। ମେଡିକାଲ ପକ୍ଷରୁ ରାଜକିଶୋରଙ୍କୁ ମହାପ୍ରୟାଣ ଗାଡ଼ି ଯୋଗାଇ ଦିଆନଯିବା ନିନ୍ଦନୀୟ ଘଟଣା। ଅନ୍ୟପକ୍ଷରେ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ର କହିଛନ୍ତି, ଏହି ଅଭିଯୋଗ ସମ୍ପର୍କରେ ପ୍ରାଥମିକ ତଦନ୍ତ କରାଯାଇଛି। ଚିକିତ୍ସାରେ କୌଣସି ଅବହେଳା କରାଯାଇ ନାହିଁ। ଦେଢ଼ବର୍ଷ ଶିଶୁଟିର ପ୍ରଥମରୁ ସ୍ୱାସ୍ଥ୍ୟବସ୍ଥା ଗୁରୁତର ରହିଥିଲା। ପରେ ଅସ୍ତ୍ରୋପଚାର କରାଯାଇଛି। ପିଲାଟିର ସେପ୍ଟିସିମିଆ ବା ସଂକ୍ରମଣ ଯୋଗୁ ମୃତ୍ୟୁ ଘଟିଛି। ଏସ୍‌ସିବି ମେଡିକାଲକୁ ବଦନାମ କରିବା ପାଇଁ କେତେଜଣ କୁଚକ୍ରାନ୍ତ ବ୍ୟକ୍ତି ଏଭଳି ଅପପ୍ରଚାର କରୁଛନ୍ତି। ସେହିପରି ପିଲାଟିର ବାପା ମଦ୍ୟପାନ କରି ବହୁବାର ମେଡିକାଲ ପରିସରରେ ଦୁର୍ବ୍ୟବହାର କରିଥିଲେ ବୋଲି ମିଶ୍ର କହିଛନ୍ତି।

# ୫ ହଜାର ଲାଞ୍ଚ ନେଉଥିବା ବେଳେ ସିନିୟର ଆସିଷ୍ଟାଣ୍ଟଙ୍କୁ ମାଡ଼ିବସିଲା ଭିଜିଲାନ୍ସ

ମାଥିଲି, ୧୮ (ସୁବାସ ଚନ୍ଦ୍ର ଖୁଡୁପିଆ)

ବକେୟା ଦରମା ଟଙ୍କା କରାଇ ଦେବା ପାଇଁ ଗୁରୁବାର ମାଲକାନଗିରି ଜିଲା ମାଥିଲି ବିଇଓ ଅଫିସ ସିନିୟର ଆସିଷ୍ଟାଣ୍ଟ ରବି ଶଙ୍କର ପାତ୍ର ୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି ।

ପ୍ରକାଶ ଯେ, ମାଥିଲି ବ୍ଲକ ଶିକ୍ଷା ବିଭାଗରେ କାର୍ଯ୍ୟରତ ସୋମନାଥ ବାଙ୍କିଆ ଏକ ପାରିବାରିକ ଗଣ୍ଡଗୋଳରେ ଜେଲ ଯାଇ ନିର୍ଦ୍ଦୋଷରେ ଖଲାସ ହୋଇଥିଲେ। ତେବେ ସେହି ସମୟର ଦରମା ନିୟମିତ କରାଇ ଦେବାକୁ ସୋମନାଥ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଯୋଗାଯୋଗ କରିଥିଲେ। ତେବେ ବାରମ୍ବାର ଯୋଗାଯୋଗ ପରେ ମଧ୍ୟ ତାଙ୍କ ଦରମା କରାଯାଇ ନ ଥିଲା । କାଗଜପତ୍ର କାମ ପାଇଁ ଟଙ୍କା ଦେବାକୁ ପଡିବ ବୋଲି କୁହାଯାଇଥିଲା। ଏ ନେଇ ଶିକ୍ଷକ ଜଣକ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ପୂର୍ବ ପ୍ରସ୍ତୁତି ଅନୁଯାୟୀ ଭିଜିଲାନ୍ସର ଏକ ଦଳ ମାଥିଲି ବିଇଓଙ୍କ କାର୍ଯ୍ୟାଳୟ ନିକଟରେ ଛପି ରହିଥିଲେ। ଅଫିସର ସିନିୟର ଆସିଷ୍ଟାଣ୍ଟ ରବି ଶଙ୍କର ପାତ୍ର ଦରମା ନିୟମିତ କରାଇ ଦେବାକୁ ୫ ହଜାର ଲାଞ୍ଚ ଟଙ୍କା ନେଉଥିଲା ବେଳେ ତାଙ୍କୁ ଭିଜିଲାନ୍ସ ଟିମ୍ ମାଡି ବସିଥିଲେ । ପରେ ତାଙ୍କୁ ଅଧିକ ପଚରାଉଚରା ଲାଗି ଜୟପୁର ଭିଜିଲାନ୍ସ କାର୍ଯ୍ୟାଳୟକୁ ନିଆଯାଇଥିବା ଜଣାପଡିଛି।



ରବିଶଙ୍କର ପାତ୍ର।

# କାର୍ଯ୍ୟାଳୟରେ ପଶି କନିଷ୍ଠ ଯନ୍ତ୍ରୀଙ୍କୁ ଆକ୍ରମଣ

ତେନ୍ତୁଳିଖୁଣ୍ଟି, ୧୮ (ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଗୁରୁବାର କନିଷ୍ଠ ଯନ୍ତ୍ରୀ ବ୍ରଜବିହାରୀ ମହାକୁଡଙ୍କୁ ସ୍ଥାନୀୟ ଅଞ୍ଚଳର କିଶନ ବାଘଙ୍କ ସମେତ କେତେଜଣ ଯୁବକ ମାଡ଼ ମାରିଥିବା ଅଭିଯୋଗ ହୋଇଛି। କିଶନ ବଟି ମାଗିବା ସହ ମାଡ଼ ମାରିଥିବା ନେଇ କନିଷ୍ଠ ଯନ୍ତ୍ରୀ କହିଛନ୍ତି। ବିଡିଓ ମନୋଜ ପାଣିଗ୍ରାହୀଙ୍କ ନିର୍ଦ୍ଦେଶରେ ବ୍ଲକ୍‌ରେ କାର୍ଯ୍ୟରତ ସମସ୍ତ କନିଷ୍ଠ ଯନ୍ତ୍ରୀ ଏ ନେଇ ତେନ୍ତୁଳିଖୁଣ୍ଟି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ କେସ୍ ନଂ. ୧୮୧/୨୪ରେ ଏକ ମାମଲା ରୁଜୁ କରିଛି। ଏସ୍‌ଆଇ ସଞ୍ଜୟ କୁମାର ମିଞ୍ଜ ଏହାର ତଦନ୍ତ କରୁଛନ୍ତି। ଖବର ଲେଖାଯିବା ପର୍ଯ୍ୟନ୍ତ କାହାରିକୁ ଗିରଫ କରାଯାଇ ନ ଥିବା ଜଣାପଡ଼ିଛି।



ବ୍ରଜବିହାରୀ ମହାକୁଡ଼

# ଡିଆଇଇଟି ଅଧ୍ୟକ୍ଷଙ୍କ ନାଁରେ ନିର୍ଯାତନା ଅଭିଯୋଗ

**ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଛାତ୍ରୀଛାତ୍ର**

ରାୟଗଡ଼ା, ୧୮ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ବିଷମକଟକ ବ୍ଲକ୍ ମହକୁମାସ୍ଥିତ ଜିଲା ଶିକ୍ଷକ ତାଲିମ ଅନୁଷ୍ଠାନ (ଡିଆଇଇଟି) ଅଧ୍ୟକ୍ଷ ଛାତ୍ରୀଛାତ୍ରଙ୍କୁ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି। ଏ ନେଇ ଦ୍ୱିତୀୟ ବର୍ଷରେ ଅଧ୍ୟୟନରତ ଛାତ୍ରୀଛାତ୍ର ଗୁରୁବାର ରାୟଗଡ଼ା ଆସି ଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ମନୋଜ ସତ୍ୟବାନ ମହାଜନ ଛାତ୍ରୀଛାତ୍ରଙ୍କୁ କହିଛନ୍ତି । ଏଥିସହ ବିଭାଗୀୟ ନିର୍ଦ୍ଦେଶକଙ୍କୁ ଅବଗତ କରାଯିବ ବୋଲି ଜିଲାପାଳ କହିଛନ୍ତି। ଅନ୍ୟପଟେ ଛାତ୍ରୀଛାତ୍ରଙ୍କ ଅଭିଯୋଗକୁ ଖଣ୍ଡନ କରିଛନ୍ତି ତାଲିମ କେନ୍ଦ୍ରର ଅଧ୍ୟକ୍ଷ ଶରତ ଚନ୍ଦ୍ର ସେଠ। ସେ କହିଛନ୍ତି, ଦ୍ୱିତୀୟ ବର୍ଷରେ ପଢୁଥିବା ୭୫ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୫ଜଣ ନିୟମିତ କ୍ଲାସ୍ କରି ୮୦%ରୁ ଉର୍ଦ୍ଧ୍ୱ ଉପସ୍ଥାନ ରଖିଥିବା ବେଳେ ଅନ୍ୟ ୬୦ଜଣ ତା'ଠାରୁ କମ୍ ଉପସ୍ଥାନ ରଖିଛନ୍ତି । ବୋର୍ଡର ନିର୍ଦ୍ଦେଶ ପ୍ରକାରେ, ଯେଉଁମାନେ ଶତକଡ଼ା ୮୦% ଉପସ୍ଥାନ ରଖିଥିବେ ସେମାନେ ପରୀକ୍ଷା ପାଇଁ ଫର୍ମପୂରଣ କରିପାରିବେ। ତେଣୁ କମ୍ ଉପସ୍ଥାନ ରଖିଥିବା ଛାତ୍ରୀଛାତ୍ର ପରୀକ୍ଷା ଫର୍ମ ପୂରଣରୁ ବଞ୍ଚିତ ରହିଥିବାରୁ ସେମାନେ ଏଭଳି ମିଥ୍ୟା ଅଭିଯୋଗ କରିଛନ୍ତି ବୋଲି ଅଧ୍ୟକ୍ଷ ସେଠ୍ କହିଛନ୍ତି। ସେ ଛାତ୍ରୀଛାତ୍ରଙ୍କୁ କୌଣସି ଅସଦାଚରଣ କରି ନ ଥିବା କହିଛନ୍ତି ।

ଡିଆଇଇଟି ଅଧ୍ୟକ୍ଷ ସେଠ୍ ଛାତ୍ରୀଙ୍କୁ ବିଭିନ୍ନ ପ୍ରକାର ମେସେଜ ପଠାଇବା ସହ ନିଜ ଘରକୁ ରୋଷେଇ ପାଇଁ ଡାକି ଅସଦାଚରଣ କରୁଥିବା, ତାଙ୍କ କଥା ନ ଶୁଣିଲେ ଗାଳିଗୁଲଜ କରୁଥିବା ଅଭିଯୋଗ ହୋଇଛି। ଏ ନେଇ ଛାତ୍ରୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ କରିଛନ୍ତି । ଛାତ୍ରୀ ହଷ୍ଟେଲ ଏବଂ ଗାଧୁଆଘର ସମ୍ମୁଖରେ ସିସିଟିଭି କ୍ୟାମେରା ଖଞ୍ଜାଯାଇଥିବା ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଜିଲା ଶିକ୍ଷାଧିକାରୀ ବସନ୍ତ କୁମାର ନାୟକ, ଜିଲା ସମାଜ ମଙ୍ଗଳ ଅଧିକାରୀ ପ୍ରତିମା ପ୍ରଧାନ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ବିଚିତ୍ରା ସେଠୀ ଓ ସହକାରୀ ଜିଲାପାଳ ସୂର୍ଯ୍ୟମଣି ଭୋଇ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଛାତ୍ରୀଛାତ୍ରଙ୍କ ସହିତ ପ୍ରାୟ ୧ ଘଣ୍ଟା ଧରି ଆଲୋଚନା କରିଥିଲେ। ଅଧ୍ୟକ୍ଷଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଛାତ୍ରୀଛାତ୍ର ଦାବି କରିଥିଲେ।



ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ଛାତ୍ରୀଛାତ୍ର ।

# ରିମାଣ୍ଡରେ ସ୍ୱାମୀ ଶ୍ରୀଧର, ସୁଇସାଇଡ୍ ନୋଟ୍ ଜବତ

ଭୁବନେଶ୍ୱର, ୧୮ (ସତ୍ୟଜିତ୍ ରାଉତ)

**ସାମ୍ବାଦିକାଙ୍କ ଆତ୍ମହତ୍ୟା ଘଟଣା**

ରାଜଧାନୀରେ ଟ୍ରେନ୍ ଆଗକୁ ଡେଇଁ ସାମ୍ବାଦିକା ମଧୁମିତା ପରିଡ଼ା ଓରଫ ଚିନୁଙ୍କ ଆତ୍ମହତ୍ୟା ମାମଲାରେ ଧଉଳି ଥାନା ପୋଲିସ ଗୁରୁବାର ସ୍ୱାମୀ ଶ୍ରୀଧର ଜେନାଙ୍କୁ ଜେଲରୁ ଦିନିକିଆ ରିମାଣ୍ଡରେ ଆଣି ଅଧିକ ତଥ୍ୟ ହାସଲ କରିଛି। ଶ୍ରୀଧରଙ୍କୁ ପୋଲିସ ଲିଙ୍ଗିପୁର ନୂଆଗାଁସ୍ଥିତ ଇନ୍ଦିରା କଲୋନିସ୍ଥିତ ଭଡ଼ାଘରକୁ ଆଣି ପଚରାଉଚରା କରିବା ସହ ଅଧିକ ଯାଞ୍ଚ କରିଥିଲା। ପୋଲିସ ଯାଞ୍ଚ କରିବା ପରେ ସେଠାରୁ ମଧୁମିତାଙ୍କ ହାତଲେଖା ଏକ ସୁଇସାଇଡ୍ ନୋଟ୍ ଓ ଏକ ଡାଏରୀ ଜବତ କରିଛି। ସୁଇସାଇଡ୍ ନୋଟ୍‌ରେ ମଧୁମିତା ଦାମ୍ପତ୍ୟ ଜୀବନରେ ଲାଗିରହିଥିବା ଝଗଡା, ସ୍ୱାମୀଙ୍କ ପରକୀୟା ପ୍ରୀତି, ନିର୍ଯାତନା ଆଦି ସମ୍ପର୍କରେ ଉଲ୍ଲେଖ କରିବା ସହ ଚରମ ପଦକ୍ଷେପ ନେବାକୁ ଯାଉଥିବା ଉଲ୍ଲେଖ କରିଛନ୍ତି। ପୋଲିସ ଏହାକୁ ଏକ ବଡ଼ ପ୍ରମାଣ ଭାବେ କୋର୍ଟରେ ଉପସ୍ଥାପନା କରିବ ବୋଲି ସୂଚନା ମିଳିଛି। ସୂଚନାଯୋଗ୍ୟ, ମଧୁମିତାଙ୍କ ଘର ଗଞ୍ଜାମ ଭଞ୍ଜନଗରରେ ହୋଇଥିବାବେଳେ ତାଙ୍କ ପରିବାର ଲୋକେ ନୂଆଗାଁସ୍ଥିତ ଇନ୍ଦିରା କଲୋନିରେ ରହୁଛନ୍ତି। ସେ ଏଠାରେ ଏକ ୱେବ୍ ଚ୍ୟାନେଲରେ କପି ଏଡିଟର ଭାବେ କାମ କରୁଥିଲେ। ମାର୍ଚ୍ଚ ୧ରେ ଗଞ୍ଜାମ ଜିଲା ବେଲଗୁଣ୍ଠା ଥାନା ଅନ୍ତର୍ଗତ ତନରଡା ଗ୍ରାମର ଶ୍ରୀଧର ଜେନା (୩୨)ଙ୍କୁ ବିବାହ କରିଥିଲେ। ଶ୍ରୀଧର ବାୟୁସେନାରେ କାର୍ଯ୍ୟ କରନ୍ତି। ବିବାହ ପରେ ଉଭୟେ ମଧ୍ୟ ଇନ୍ଦିରା କଲୋନିରେ ଘରଭଡ଼ା ନେଇ ରହୁଥିଲେ। ଶ୍ରୀଧର ଅନ୍ୟ ଝିଅଙ୍କ ସହ ସମ୍ପର୍କ ରଖିବା ସହ ମଧୁମିତାଙ୍କୁ ଅଣଦେଖା କରିଥିଲେ। ଏପରିକି ଝଗଡା ବେଳେ ମଧୁମିତାଙ୍କୁ ଶ୍ରୀଧର ମାଡ ମାରିଥିଲେ। ଏହାପରେ ମଧୁମିତା ଭାଙ୍ଗିପଡ଼ିଥିଲେ। ଗତ ଜୁଲାଇ ୨୪ ବୁଧବାର ସନ୍ଧ୍ୟାରେ ମଧୁମିତା ଶିଶୁଭବନ ନିକଟରେ ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା କରିଥିଲେ। ମଧୁମିତାଙ୍କ ବାପା ସୁଶାନ୍ତ କୁମାର ପରିଡ଼ାଙ୍କ ଏତଲାକୁ ଆଧାରକରି ପୋଲିସ ଏକ ମାମଲା ରୁଜୁ କରି ଶ୍ରୀଧରଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଥିଲା।



# ହତ୍ୟାକାରୀଙ୍କୁ ଆଜୀବନ କାରାଦଣ୍ଡ

ବାରିପଦା, ୧୮ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ଗୁରୁବାର ଏକ ହତ୍ୟା ମାମଲାରେ ରାୟ ପ୍ରକାଶ ପାଇଛି। ଜଜ୍ ଅରବିନ୍ଦ ପଟ୍ଟନାୟକ ଏହାର ବିଚାର କରି ଦୋଷୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ସହିତ ୫ହଜାର ଟଙ୍କା ଜରିମାନା ଓ ଅନାଦେୟ ଅଧିକ ୬ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ଅଭିଯୁକ୍ତ ଜଣକ ହେଲେ ଖୁଣ୍ଟା ଥାନା ଅଧୀନ ବେଲାକୁଟୀ ଗ୍ରାମର ଜଗବନ୍ଧୁ ନାଏକ(୪୦)। ମୃତକଙ୍କ ପରିବାରକୁ ସହାୟତା ରାଶି ଯୋଗାଇ ଦେବା ପାଇଁ ଜିଲା ଆଇନ ପ୍ରାଧିକାରଣ ବିଭାଗକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୦୨୧ ସେପ୍ଟେମ୍ବର ୨୫ ସନ୍ଧ୍ୟା ୭ଟା ସମୟରେ କୌଣସି କାରଣକୁ ନେଇ ଅଭିଯୁକ୍ତ ଜଗବନ୍ଧୁ ସେହି ଗ୍ରାମର କେଶରୀ ନାଏକଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଫଳରେ ସେ ରକ୍ତ ଜୁଡୁବୁଡୁ ଅବସ୍ଥାରେ କେଶରୀ ଗାଁ ପକ୍କା ରାସ୍ତାରେ ପଡ଼ିଯାଇଥିଲେ। ଖବରପାଇ ପରିବାର ଲୋକେ ପହଞ୍ଚି ତାଙ୍କୁ ପ୍ରଥମେ ବଡ଼ସାହି ଓ ପରେ ବାରିପଦା ପିଆର୍‌ଏମ ମେଡିକାଲରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ସ୍ଥିତ ଏସ୍‌ସିବି ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ଅକ୍ଟୋବର ୧୪ରେ ଚିକିତ୍ସାଧୀନ ଅବସ୍ଥାରେ କେଶରୀଙ୍କ ମୃତ୍ୟୁ ଘଟିଥିଲା। ଏନେଇ କେଶରୀଙ୍କ ଭାଇ ମଙ୍ଗଳୁରଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ନରହତ୍ୟା ମାମଲା(ନଂ.୨୮୭/୨୧)ରୁଜୁ କରି ଅଭିଯୁକ୍ତଙ୍କୁ ସେହିବର୍ଷ ସେପ୍ଟେମ୍ବର ୨୬ରେ ଗିରଫ ପରେ କୋର୍ଟଚାଲାଣ କରିଥିଲା। ସରକାରୀ ଆଇନଜୀବୀ ଏସ୍. ମହାପାତ୍ର ମାମଲା ପରିଚାଳନା କରୁଥିଲେ।

# ପାସ୍‌ପୋର୍ଟ କରାଇ ଦେବାକୁ କହି ଠକେଇ, ୨ ଗିରଫ

ଭୁବନେଶ୍ୱର, ୧୮
(ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱରସ୍ଥିତ ପାସ୍‌ପୋର୍ଟ ଅଫିସ ବାହାରେ ମାତିଛନ୍ତି ଦଲାଲ। ଲୋକଙ୍କୁ ସହଜରେ ପାସ୍‌ପୋର୍ଟ କରାଇଦେବା ନାଁରେ ଟଙ୍କା ଠକି ନେଉଛନ୍ତି। ନୟାପଲ୍ଲୀ ଥାନା ପୋଲିସ ୨ଜଣ ଦଲାଲଙ୍କୁ ଗିରଫ କରିବା ପରେ ଘଟଣା ସାମ୍ନାକୁ ଆସିଛି। ଅଭିଯୁକ୍ତଦ୍ୱୟ ହେଲେ ଖଣ୍ଡଗିରି ଢୁମୁଢୁମା ଅଞ୍ଚଳର ଟିକୁନା ସୁବୁଦ୍ଧି ଓ ଅନ୍ୟଜଣେ ହେଲେ ନୟାପଲ୍ଲୀ ଗଡସାହିର ସନ୍ତୋଷ କୁମାର ସ୍ୱାଇଁ। ଅଭିଯୁକ୍ତ ସନ୍ତୋଷଙ୍କଠାରୁ ସାଢେ ୩ ହଜାର ଓ ଟିକୁନାଙ୍କଠାରୁ ସାଢେ ୮ ହଜାର ଟଙ୍କା ଜବତ ହୋଇଛି। ଏନେଇ ପୋଲିସ ପୃଥକ ମାମଲା ରୁଜୁ କରି ଉଭୟଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନ ମିଳିବାରୁ ଉଭୟଙ୍କୁ ବିଚାରବିଭାଗୀୟ ହଜାତକୁ ପଠାଇ ଦିଆଯାଇଛି। ଅନ୍ୟପଟେ ଏହି ର୍ୟାକେଟରେ ଆଉ କେତେଜଣ ସମ୍ପୃକ୍ତ ଅଛନ୍ତି, କେତେଜଣ ଲୋକଙ୍କଠାରୁ କେତେଟଙ୍କା ଠକି ନେଇଛନ୍ତି ତାହା ଜାଣିବା ପାଇଁ ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ଜ୍ୟୋତିପ୍ରଭା ଜେନା ଓ ସୁରେଶ ଚନ୍ଦ୍ର ପଣ୍ଡାଙ୍କ ଅଭିଯୋଗ ଆଧାରରେ ପୋଲିସ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ପୋଲିସ ସୂଚନାନୁସାରେ, ଉଭୟ ପାସ୍‌ପୋର୍ଟ ଅଫିସକୁ ଯାଇଥିବା ବେଳେ ଅଭିଯୁକ୍ତଦ୍ୱୟ ସେମାନଙ୍କୁ ଶୀଘ୍ର ପାସ୍‌ପୋର୍ଟ କରାଇଦେବାକୁ କହି ଟଙ୍କା ମାଗିଥିଲେ। ଅଭିଯୁକ୍ତ ଟିକୁନାଙ୍କ କଥାରେ ପଡି ଜ୍ୟୋତି ତାଙ୍କୁ ଅନ୍‌ଲାଇନ୍‌ରେ ୮ ହଜାର ୫୦୦ ଟଙ୍କା ଦେଇଥିଲେ। ସେହିପରି ଅଭିଯୁକ୍ତ ସନ୍ତୋଷ ମଧ୍ୟ ସମାନ କଥା କହି ସୁରେଶଙ୍କଠାରୁ ୩ହଜାର ୫୦୦ ଟଙ୍କା ନେଇଥିଲେ। ହେଲେ ନିର୍ଦ୍ଧାରିତ ସମୟ ଭିତରେ କୌଣସି ପାସ୍‌ପୋର୍ଟ ଦେଇ ନ ଥିଲେ କି ଟଙ୍କା ଫେରାଇ ନ ଥିଲେ। ଠକାମିର ଶିକାର ହେବା ଜାଣିବା ପରେ ଜ୍ୟୋତିପ୍ରଭା ଓ ସୁରେଶ ଏନେଇ ନୟାପଲ୍ଲୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତକରି ଉଭୟଙ୍କୁ ଗିରଫ କରିଥିବା ସୂଚନା ଦେଇଛି।

# ଜିଓ ଟ୍ୟାଗିଂ କର୍ମଚାରୀ ମାଷ୍ଟରମାଇଣ୍ଡ

**ହାତୀଦାନ୍ତ ଜବତ ଘଟଣା**

- ୭ ଗିରଫ, ୪ ଅଟକ
- ବିକ୍ରି ପୂର୍ବରୁ ମା' ଲକ୍ଷ୍ମୀଙ୍କ ପାଖରେ ପୂଜା କରୁଥିଲେ

ଉଦଳା, ୧୮ (ସନ୍ତୋଷ କୁମାର ବାଛିନୀ)

ମୟୂରଭଞ୍ଜ ଜିଲା ବାରିପଦା ଡିଭିଜନ ଅଧୀନ କପ୍ତିପଦା ରେଞ୍ଜ ଅଞ୍ଚଳରୁ ହାତୀଦାନ୍ତ ଜବତ ଘଟଣାର ପର୍ଦ୍ଦାଫାସ କରିଛି ବନ ବିଭାଗ। ଏହି କାରବାରର ମାଷ୍ଟରମାଇଣ୍ଡ ଜଣେ ଜିଓ ଟ୍ୟାଗିଂ କର୍ମଚାରୀଙ୍କ ସମେତ ୭ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୪ଜଣ ଅଟକ ଅଛନ୍ତି। ବାରିପଦା ବନଖଣ୍ଡ ଡିଏଫଓ ଏ.ଉମା. ମହେଶ ଗୁରୁବାର ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି।

ଡିଏଫ୍‌ଓ ଦେଇଥିବା ତଥ୍ୟ ଅନୁଯାୟୀ, କପ୍ତିପଦା ବନାଞ୍ଚଳ ଅଧୀନ ବିଦ୍ୟାଧରନଗର ଅଞ୍ଚଳର ନାଉରୀ ସଏଙ୍କ ଘରେ ୫ଟି ହାତୀଦାନ୍ତ ବିକ୍ରି ନିମନ୍ତେ ଡିଲ୍ ଚାଲିଥିଲା। ମାଷ୍ଟରମାଇଣ୍ଡ ବାଲେଶ୍ୱର ଜିଲା ବରହମ୍ପୁର ଥାନା ଅଧୀନ ଜାମୁନା ପଞ୍ଚାୟତର ଜିଓ ଟ୍ୟାଗିଂ କର୍ମଚାରୀ ନିରଞ୍ଜନ ବେହେରା, ମହୁଲପଙ୍କା ଗ୍ରାମର ନିତ୍ୟାନନ୍ଦ ଗାଗରାଏ, ବୀରଭଦ୍ର ସିଂ ହାତୀଦାନ୍ତ ଧରି ବିକ୍ରି ପାଇଁ ବସି ରହିଥିଲେ। କିଣିବା ନିମନ୍ତେ ଆଠପଡ଼ା ଅଞ୍ଚଳର ସାଇମାଲ ସିଂ, ଛତ୍ରପୁର ଅଞ୍ଚଳର ଅଜୟ ବାରିକ, ଦରଖୋଳି ଅଞ୍ଚଳର ସୁନୀଲ୍ ହୋ ଆସିଥିଲେ। ୭ ଜଣଙ୍କ ଉପସ୍ଥିତିରେ ପ୍ରଥମେ ଭଲ ଭାବେ ହାତୀଦାନ୍ତକୁ ଧୋଇ ପରିଷ୍କାର କରାଯିବା ପରେ ତାହାକୁ ଏକ କଦଳୀ ପତ୍ରରେ ରଖାଯାଇଥିଲା। ମା'ଲକ୍ଷ୍ମୀଙ୍କ ଫଟୋ ସମ୍ମୁଖରେ ଉକ୍ତ ହାତୀଦାନ୍ତକୁ ରଖି ପୂଜାର୍ଚ୍ଚନା କରାଯାଇଥିଲା। ପୂଜା ଚାଲିଥିବା ବେଳେ ଏସଟିଏଫ୍, କପ୍ତିପଦା ବନବିଭାଗ ଏବଂ ଉଦଳା ବନ ବିଭାଗ କର୍ମଚାରୀ ମିଳିତ ଭାବେ ଚଢ଼ାଉ କରିଥିଲେ। ଘଟଣାସ୍ଥଳରୁ ୭ ବେପାରୀ ଧରାପଡ଼ିଥିବା ବେଳେ ସେମାନଙ୍କ ନିକଟରୁ ୩ଟି ବାଇକ୍ ମଧ୍ୟ ଜବତ ହୋଇଛି। ମା' ଲକ୍ଷ୍ମୀଙ୍କ ପାଖରେ ହାତୀଦାନ୍ତ ପୂଜା କଲେ ଭଲ ଦାମରେ ବିକ୍ରି ହୋଇଥାଏ ଓ କୋଲକାତାରୁ ଜଣେ ପୂଜାରୀ ଆସି ଏହି ପୂଜା କରିଥାନ୍ତି ବୋଲି ଜେରା ସମୟରେ ଅଭିଯୁକ୍ତମାନେ ପ୍ରକାଶ କରିଛନ୍ତି। ଅଭିଯୁକ୍ତମାନଙ୍କଠାରୁ ମିଳିଥିବା ତଥ୍ୟକୁ ଆଧାର କରି ବନ ବିଭାଗ ଏବଂ ସ୍ପେଶାଲ୍ ଟିମ୍ ବାଲେଶ୍ୱର ଜିଲାର ଖଇରା, କୁପାରୀ, ଔପଦା ଆଦି ଅଞ୍ଚଳରେ ଚଢ଼ାଉ କରି ୪ ଜଣଙ୍କୁ ଉଠାଇ ଆଣି ଥାନାରେ ଅଟକ ରଖି ପଚରାଉଚରା କରୁଛି। ଜବତ ହାତୀଦାନ୍ତଗୁଡ଼ିକ ଅଳ୍ପ ବୟସ ହାତୀଙ୍କର ହୋଇଥିବା ବେଳେ ଏହା ପ୍ରାୟତଃ କୁଲଡିହା ଅଭୟାରଣ୍ୟରେ ମୃତ୍ୟୁ ହୋଇଥିବା ହାତୀଙ୍କର ବୋଲି ଡିଏଫ୍‌ଓ କହିଛନ୍ତି। ତେବେ ଶିମିଳିପାଳ ଅଭୟାରଣ୍ୟରେ ହାତୀ ଶିକାର ହୋଇଛି କି ନାହିଁ ସେନେଇ ତଦନ୍ତ ଜାରି ରହିଥିବା ଡିଏଫଓ କହିଛନ୍ତି।



ଜବତ ହାତୀଦାନ୍ତ ଓ ଗିରଫ ଅଭିଯୁକ୍ତମାନେ।

# ସାଇବର ଅପରାଧୀଙ୍କ ଜାଲରେ ଦେଶର ୩୦୦ ବ୍ୟାଙ୍କ

**ଭୁବନେଶ୍ୱର, ୧।୮ (ଅନୁରାଧା ମହାରଣା)**

ସାଇବର ଅପରାଧୀଙ୍କ ଜାଲରେ ଭାରତୀୟ ବ୍ୟାଙ୍କିଙ୍ଗ୍ ସିଷ୍ଟମ ପଡ଼ିଛି। ଏହି କାରଣରୁ ପ୍ରାୟ ୩୦୦ଟି ଛୋଟ ବ୍ୟାଙ୍କ ପ୍ରଭାବିତ ହୋଇଛନ୍ତି। ଏହି ସ୍ଥାନୀୟ ବ୍ୟାଙ୍କଗୁଡ଼ିକର କାର୍ଯ୍ୟ ପ୍ରଭାବିତ ହୋଇଛି। ସମସ୍ତ ବ୍ୟାଙ୍କକୁ ବୈଷୟିକ ସହାୟତା ଯୋଗାଉଥିବା ଏକ ସି-ଏଜ୍ ଟେକ୍ନୋଲୋଜି କମ୍ପାନୀ ଏହି ସାଇବର ଆକ୍ରମଣର ଶିକାର ହୋଇଛି। ନ୍ୟାଶନାଲ ପେମେଣ୍ଟ କର୍ପୋରେଶନ ଅଫ୍ ଇଣ୍ଡିଆ (ଏନ୍‌ପିସିଆଇ) ବର୍ତ୍ତମାନ ଏହି କମ୍ପାନୀର କାର୍ଯ୍ୟ ଉପରେ ସାମୟିକ ଭାବେ କଟକଣା ଲଗାଇଛି। ଏକ ରିପୋର୍ଟରେ ଦାବି କରାଯାଇଛି, ସି-ଏଜ୍ ଟେକ୍ନୋଲୋଜି ଉପରେ ଏହି ସାଇବର ଆକ୍ରମଣ ହେତୁ ଦେଶର ପ୍ରାୟ ୩୦୦ଟି ଛୋଟ ବ୍ୟାଙ୍କର ପେମେଣ୍ଟ ସିଷ୍ଟମ ଅଟକିଯାଇଛି। ଅନ୍ୟପଟେ ସି-ଏଜ୍ ଟେକ୍ନୋଲୋଜି ବର୍ତ୍ତମାନ ଏହି ବିଷୟରେ କୌଣସି ପ୍ରତିକ୍ରିୟା ରଖିବାକୁ ମନା କରିଦେଇଛି। ଏହି ସାଇବର ଆକ୍ରମଣକୁ ନେଇ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ମଧ୍ୟ ନୀରବ ରହିଛି। ତେବେ ଭାରତରେ ପେମେଣ୍ଟ ସିଷ୍ଟମର ନିୟାମକ ଏନ୍‌ପିସିଆଇ ବୁଧବାର ବିଳମ୍ବିତ ରାତିରେ ସୂଚନା ଦେଇଛି ଯେ, ସେମାନେ କିଛି ସମୟ ପାଇଁ ସି-ଏଜ୍ ଟେକ୍ନୋଲୋଜି ଉପରେ




ପ୍ରତିବନ୍ଧକ ଲଗାଇଛନ୍ତି। ପରବର୍ତ୍ତୀ ନିର୍ଦ୍ଦେଶ ନ ହେବା ପର୍ଯ୍ୟନ୍ତ ଏହି କମ୍ପାନୀ ଖୁଚୁରା ପେମେଣ୍ଟ ସିଷ୍ଟମର ଏକ ଅଂଶ ହେବ ନାହିଁ। ଏନ୍‌ପିସିଆଇ ଅନୁଯାୟୀ, ସି-ଏଜ୍ ଟେକ୍ନୋଲୋଜିର ସେବା ବ୍ୟବହାର କରୁଥିବା ବ୍ୟାଙ୍କର ଗ୍ରାହକମାନେ କିଛି ସମୟ ପାଇଁ ପେମେଣ୍ଟ ସିଷ୍ଟମ ବ୍ୟବହାର କରିବାରେ ସକ୍ଷମ ହେବେ ନାହିଁ। ଦେଶର ପେମେଣ୍ଟ ସିଷ୍ଟମ ଉପରେ ନକାରାତ୍ମକ ପ୍ରଭାବକୁ ରୋକିବା ପାଇଁ ଏହି ୩୦୦ ବ୍ୟାଙ୍କ ବର୍ତ୍ତମାନ ପର୍ଯ୍ୟନ୍ତ ପେମେଣ୍ଟ ନେଟ୍‌ୱର୍କ ବାହାରେ ରହିବେ ବୋଲି ସୂତ୍ରରୁ ପ୍ରକାଶ। ଏଥିମଧ୍ୟରୁ ଅଧିକାଂଶ ଛୋଟ ବ୍ୟାଙ୍କ । ଦେଶର ମୋଟ କାରବାରରେ ସେମାନଙ୍କର ମାତ୍ର ୦.୫ ପ୍ରତିଶତ ଅଂଶ ରହିଛି। ଏହି କାରଣରୁ ଲୋକମାନେ ଅଧିକ ସମସ୍ୟାର ସମ୍ମୁଖୀନ ହେବେ ନାହିଁ। ତଥାପି ଏହାର ପ୍ରଭାବ କିଛି ସମୟ ପାଇଁ କାରବାରରେ ଦେଖିବାକୁ ମିଳିପାରେ। ସୂଚନା ଥାଉକି,ଦେଶରେ ପ୍ରାୟ ୧,୫୦୦ ସମବାୟ ଏବଂ ଆଞ୍ଚଳିକ ବ୍ୟାଙ୍କ ରହିଛି। ଏହି ବ୍ୟବସାୟଗୁଡିକ ମଧ୍ୟରୁ ଅଧିକାଂଶ ବଡ଼ ସହର ବାହାରେ କାର୍ଯ୍ୟ କରନ୍ତି। ଏହି ବ୍ୟାଙ୍କଗୁଡିକ ମଧ୍ୟରୁ କେତେକ ପ୍ରଭାବିତ ହୋଇଛନ୍ତି ବୋଲି ସୂତ୍ରରୁ ପ୍ରକାଶ। ଏନ୍‌ପିସିଆଇ ବର୍ତ୍ତମାନ ଅଡିଟ ପରିଚାଳନା ଜାରି ରଖିଥିବାବେଳେ ଏହି ରେନ୍ସମ୍‌ୱେୟାର ଆକ୍ରମଣ ଅଧିକ ବ୍ୟାଙ୍କରେ ବ୍ୟାପିପାରିବ ନାହିଁ ବୋଲି ଆଶା କରାଯାଉଛି। ତେବେ ବ୍ୟାଙ୍କିଙ୍ଗ୍ କ୍ଷେତ୍ର ସର୍ବଦା ସାଇବର ଅପରାଧୀଙ୍କ ଟାର୍ଗେଟରେ ରହିଆସିଥିବାରୁ ଆର୍‌ବିଆଇ ସମେତ ଅନ୍ୟ ଆଇନ ପ୍ରଣୟନକାରୀ ସଂସ୍ଥା ଭାରତୀୟ ବ୍ୟାଙ୍କଗୁଡ଼ିକୁ ସମ୍ଭାବ୍ୟ ସାଇବର ଆକ୍ରମଣ ବିଷୟରେ ଚେତାବନୀ ଦେଇଛନ୍ତି।

# ଶେୟାର ବଜାରରେ ଉତ୍ସାହ

**ନୂଆଦିଲ୍ଲୀ,୧।୮**

କ୍ରମାଗତ ୫ମ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ୪ର୍ଥ ଦିନ (କାର୍ଯ୍ୟ ଦିବସ)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇଛନ୍ତି। ବିଶେଷ କରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୨୬ (୧୨୬.୨୧) ପଏଣ୍ଟ ବଢି ୮୧,୮୬୮ (୮୧,୮୬୭.୫୫) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ରେ ମଧ୍ୟ ୬୦ (୫୯.୭୫) ପଏଣ୍ଟ ବୃଦ୍ଧି ଘଟି ୨୫,୦୧୧(୨୫,୦୧୦.୯୦) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

# ବଢ଼ିଲା କମର୍ସିଆଲ ଗ୍ୟାସ୍ ଦର

**ନୂଆଦିଲ୍ଲୀ,୧।୮**

ଦୀର୍ଘ ମାସ ପରେ କମର୍ସିଆଲ ଗ୍ୟାସ୍ (୧୯କେ.ଜି.) ଦରରେ ବୃଦ୍ଧି ଘଟିଥିବାବେଳେ ଘରୋଇ ଗ୍ୟାସ୍ (୧୪.୨କି.ଗ୍ରା.) ଦର ପୂର୍ବପରି ସ୍ଥିର ରହିଛି। ୨୦୨୪ ଅଗଷ୍ଟରେ ଭୁବନେଶ୍ୱରରେ କମର୍ସିଆଲ ଗ୍ୟାସ୍ (୧୯କେ.ଜି.) ଦର ୮ଟଙ୍କା ବଢ଼ିଥିଲାବେଳେ ନୂଆଦିଲ୍ଲୀରେ ମଧ୍ୟ ସମାନ ଗ୍ୟାସ୍ ଦର ୬ .୫ ଟଙ୍କା ବୃଦ୍ଧି ପାଇଛି। ଉଲ୍ଲେଖଯୋଗ୍ୟ, ଦେଶର ପ୍ରମୁଖ ଗ୍ୟାସ୍ ବିପଣନକାରୀ କମ୍ପାନୀଗୁଡିକ ପକ୍ଷରୁ ଚଳିତ ମାସର ନୂତନ ଦର ସୂଚୀ (ନୂଆ ଦର) ଗୁରୁବାରଠାରୁ ଲାଗୁ ହୋଇଛି। ଏହି ସୂଚୀ ଅନୁଯାୟୀ ଭୁବନେଶ୍ୱରରେ କମର୍ସିଆଲ ଗ୍ୟାସ୍ (୧୯କେ.ଜି.) ଦର ୮ ଟଙ୍କା ବଢ଼ି ୧୮୦୩ ଟଙ୍କାରେ ପହଞ୍ଚିଛି। ଏହା ପୂର୍ବରୁ (ଗତ ମାସ) କମର୍ସିଆଲ ଗ୍ୟାସ୍ (୧୯କେ.ଜି.) ଦର ୧୭୯୫ ଟଙ୍କା ଥିଲାବେଳେ ଘରୋଇ ଗ୍ୟାସ୍ (୧୪.୨କେ.ଜି). ଦର ପୂର୍ବ ପରି ୮୨୯ ଟଙ୍କାରେ କାରବାର ହେଉଛି।



ସେହିଭଳି ନୂଆଦିଲ୍ଲୀରେ କମର୍ସିଆଲ ଗ୍ୟାସ୍ (୧୯କେ.ଜି.) ଦରରେ ୬.୫ ଟଙ୍କା ବୃଦ୍ଧି ଘଟି ୧୬୫୨.୫୦ ଟଙ୍କା ହୋଇଥିଲାବେଳେ ଘରୋଇ ଗ୍ୟାସ୍ (୧୪.୨ କି.ଗ୍ରା.) ଦର ୮୦୩ ଟଙ୍କା ରହିଛି। ସେହିପରି କୋଲକାତା, ମୁମ୍ବାଇ ଏବଂ ଚେନ୍ନାଇ ଭଳି ପ୍ରମୁଖ ସହରରେ କମର୍ସିଆଲ ଗ୍ୟାସ୍ ଦର ଯଥାକ୍ରମେ ୧୭୬୪.୫ ଟଙ୍କା, ୧୬୦୫ ଟଙ୍କା ଏବଂ ୧୮୧୭ ଟଙ୍କାରେ କାରବାର ହେଉଥିଲାବେଳେ ଉପରୋକ୍ତ ସହରଗୁଡିକରେ ଘରୋଇ ଗ୍ୟାସ୍ ଦର ଯଥାକ୍ରମେ ୮୦୨.୫୦ଟଙ୍କା, ୮୨୯ ଟଙ୍କା ଏବଂ ୮୧୮.୫୦ ଟଙ୍କାରେ କାରବାର ହେଉଛି। ଅପରପକ୍ଷରେ ବିମାନ ଇନ୍ଧନ ଦର ୨% ବୃଦ୍ଧି ହୋଇ ପ୍ରତି କିଲୋଲିଟର ପିଛା ୩୦୦୬.୬୭ ଟଙ୍କାରେ କାରବାର ହେଉଛି।

# ଏନ୍‌ଭିସିଏଲ୍‌ର ତ୍ରୈମାସିକ ଫଳାଫଳ

**ନୂଆଦିଲ୍ଲୀ,୧।୮**

ଦେଶର ପ୍ରମୁଖ ଘରୋଇ ସଂସ୍ଥା ନୁଭୋକୋ ଭିସ୍ତାସ୍ କର୍ପୋରେଶନ ଲିମିଟେଡ୍ (ଏନ୍‌ଭିସିଏଲ୍)ର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଏନ୍‌ଭିସିଏଲ୍‌ର କାରବାର ଓ ଆଗାମୀ କାର୍ଯ୍ୟକଳାପ ସହ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ଆର୍ଥିକ ଫଳାଫଳ ମଧ୍ୟ ଘୋଷଣା କରାଯାଇଛି। ଏପରିକି ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ କମ୍ପାନୀର ମୋଟ ସିମେଣ୍ଟ ବିକ୍ରି ପରିମାଣ ୪.୮ଏମ୍‌ଏମ୍‌ଟି ରହିଛି। ଏହି ଅବଧି ମଧ୍ୟରେ କମ୍ପାନୀ ପରିଚାଳନାରୁ ମିଳିଥିବା ମୋଟ ରାଜସ୍ୱ ୨୬୩୬ କୋଟି ଟଙ୍କା ଥିଲାବେଳେ ପ୍ରଥମ ତ୍ରୈମାସିକରେ ମୋଟ ଇବିଆଇଟିଡିଏ ୩୪୮ କୋଟି ଟଙ୍କା ରହିଛି। ସେହିଭଳି କମ୍ପାନୀର ପ୍ରିମିୟମ ଉତ୍ପାଦଗୁଡିକ କମ୍ପାନୀ ପାଇଁ ପ୍ରମୁଖ ଗୁରୁତ୍ୱ ଭାବେ ବଜାୟ ରହିଛି। ସେହିପରି ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ଏହି ଉତ୍ପାଦଗୁଡିକର ଶେୟାର ଟ୍ରେଡ୍ ଭଲ୍ୟୁମରେ ୪୦%ର ରେକର୍ଡ ଉଚ୍ଚ ସ୍ତରରେ ପହଞ୍ଚିଛି। ଏ ସମ୍ପର୍କରେ ଏନ୍‌ଭିସିଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଜୟାକୁମାର କ୍ରିଷ୍ଣାସ୍ୱାମୀ କହିଛନ୍ତି, କମ୍ପାନୀ ମୁଖ୍ୟତଃ ନିର୍ବାଚନ,ଜଳବାୟୁ ସମ୍ବନ୍ଧିତ କାରକ ଓ ମୂଲ୍ୟ ଉପରେ ନିରନ୍ତର ଚାପ କାରଣରୁ କମ୍ ଚାହିଦା ଦ୍ୱାରା ଚିହ୍ନିତ ତ୍ରୈମାସିକର ସମ୍ମୁଖୀନ ହୋଇଛି। ଏପରିକି ଉପରୋକ୍ତ ଆହ୍ୱାନଗୁଡିକ ସତ୍ତ୍ୱେ କମ୍ପାନୀ ରଣନୈତିକ ପ୍ରାଥମିକତା ଯେପରିକି ମୂଲ୍ୟ ବୃଦ୍ଧି, ଖର୍ଚ୍ଚ ବୃଦ୍ଧି ଓ ପରିଚାଳନାଗତ ଦକ୍ଷତା ଉପରେ ଧ୍ୟାନ ବଜାୟ ରଖିଛି। କମ୍ପାନୀ ଗତ ୧୧ଟି ତ୍ରୈମାସିକରେ ୧.୫୭ ଟଙ୍କା/ଏମ୍‌ସିଏଲ୍‌ରେ ସର୍ବନିମ୍ନ ମିଶ୍ରିତ ଇନ୍ଧନ ଖର୍ଚ୍ଚରେ ପହଞ୍ଚିଛି। ଏହାବ୍ୟତୀତ ଓଡ଼ିଶା ଓ ସୋନାଡିହରେ ରେଲ୍‌ୱେ ସାଇଡିଂ ପ୍ରକଳ୍ପଗୁଡିକ ସମ୍ପୂର୍ଣ୍ଣ ହେବାର ଏକ ଅଗ୍ରଗତି ପର୍ଯ୍ୟାୟରେ ରହିଛି,ଯାହା ଦକ୍ଷତା ଓ ଲାଭଦାୟକତାକୁ ଆହୁରି ବୃଦ୍ଧି କରିଛି।

# ଓଜିଏସ୍‌ରେ ଇନ୍‌ଭେଷ୍ଟିଚର ସେରିମନି

**ଭୁବନେଶ୍ୱର,୧।୮**

ଓଡିଏମ୍ ଗ୍ଲୋବାଲ ସ୍କୁଲ (ଓଜିଏସ୍)ର ବିଦ୍ୟାର୍ଥୀମାନଙ୍କ ଦ୍ୱାରା ଇନ୍‌ଭେଷ୍ଟିଚର ସେରିମନି ଗୁରୁବାର ସ୍କୁଲ ପରିସରରେ ପାଳିତ ହୋଇଯାଇଛି। ଚଳିତ ବର୍ଷ ପେଣ୍ଟାଗନ ଅଞ୍ଚଳରେ ଆୟୋଜିତ ହୋଇଥିବା ଇନ୍‌ଭେଷ୍ଟିଚର ସେରିମନି ଏକ ବଡ ସଫଳତା ଥିଲା,ଯେଉଁଠାରେ ଛାତ୍ରୀଛାତ୍ରଙ୍କୁ ନେତୃତ୍ୱ ଭୂମିକା ଓ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା। ଏହି ସମାରୋହରେ ବ୍ୟାଜ୍ ଓ ସାଶେ ସହ ଛାତ୍ରନେତାମାନଙ୍କୁ ନିୟୋଜିତ କରିବା,ଛାତ୍ରୀଛାତ୍ରମାନଙ୍କୁ ନେତୃତ୍ୱ ଭୂମିକା ଓ ଦାୟିତ୍ୱ ଗ୍ରହଣ କରିବା ପାଇଁ ସଶକ୍ତ କରିବା ମୂଳ ଲକ୍ଷ୍ୟ ଥିଲା। ଏହି କାର୍ଯ୍ୟକ୍ରମ ଏକ ଗୌରବମୟ ଭବିଷ୍ୟତ ପାଇଁ ବିଦ୍ୟାଳୟ ପ୍ରତି କର୍ତ୍ତବ୍ୟ, ସମ୍ମାନ ଓ ସେବାର ଏକ ଭାବନାକୁ ପ୍ରୋତ୍ସାହିତ କରୁଛି। ଉକ୍ତ ସେରିମନି ପ୍ରମୁଖ ହେଡ୍ ବୟ ଓ ହେଡ୍ ଗାର୍ଲ, ମାଷ୍ଟର (ଶାନ୍ତି, ଅହିଂସା, ମୈତ୍ରୀ ଓ ପ୍ରୀତି) ମାନଙ୍କର ଏକ ଶୋଭାଯାତ୍ରା ସହ



ଆରମ୍ଭ ହୋଇଥିଲା,ଯେଉଁଥିରେ କ୍ୟାବିନେଟ୍ ସଦସ୍ୟ ଓ ହାଉସ୍ ପ୍ରିଫେକ୍ଟମାନେ ସାମିଲ ଥିଲେ। ଏହି ସମାରୋହର ମୁଖ୍ୟ ଅତିଥି କଲୋନେଲ ଚକ୍ରଧର ସାହୁ ନେତୃତ୍ୱ ଓ ଦାୟିତ୍ୱର ଗୁରୁତ୍ୱ ଉପରେ ମହତ୍ତ୍ୱ ପ୍ରଦାନ କରୁଥିବା ଏକ ପ୍ରେରଣାଦାୟକ ଅଭିଭାଷଣ ପ୍ରଦାନ କରିଥିଲେ। ଛାତ୍ରନେତାମାନେ ବିଦ୍ୟାଳୟର ମୂଲ୍ୟବୋଧ ଓ ପରମ୍ପରା ବଜାୟ ରଖିବା ପାଇଁ ଶପଥ ଗ୍ରହଣ କରିଥିଲେ। ଏହି ଅବସରରେ ଛାତ୍ରନେତାମାନଙ୍କୁ ବ୍ୟାଜ୍ ଓ ସାଶେ ପ୍ରଦାନ କରାଯାଇଥିଲା ଯାହା ସେମାନଙ୍କର ନୂଆ ଭୂମିକା ଓ ଦାୟିତ୍ୱକୁ ସୂଚିତ କରୁଛି। ଏହି ସମାରୋହରେ ବିଦ୍ୟାଳୟର ପ୍ରିନ୍ସିପାଲ ଶଇଳେନ୍ଦ୍ର କୁମାରୀଙ୍କ ଏକ ପ୍ରେରଣାଦାୟୀ ଅଭିଭାଷଣ ସହ କାର୍ଯ୍ୟକ୍ରମ ଶେଷ ହୋଇଥିଲା। ସମାରୋହରେ ଛାତ୍ରୀଛାତ୍ର, ଅଭିଭାବକ, ଶିକ୍ଷକ ଯୋଗଦେଇଥିଲେ, ଯିଏକି ସମୁଦାୟ ଓ ସହଯୋଗର ଏକ ଦୃଢ ଭାବନା ପ୍ରଦର୍ଶିତ କରିଥିଲେ।

# ଜମା ରାଶି ଉପରେ ବିଓଆଇର ସୁଧ ହାର ବୃଦ୍ଧି

**ଭୁବନେଶ୍ୱର,୧।୮**

ବ୍ୟାଙ୍କ ଅଫ୍ ଇଣ୍ଡିଆ(ବିଓଆଇ) ୧୮୦ଦିନରୁ ଆରମ୍ଭକରି ୧ବର୍ଷରୁ କମ୍ ଅବଧି ପର୍ଯ୍ୟନ୍ତ ତା'ର ସ୍ୱଳ୍ପ ଓ ମଧ୍ୟମ ମିଆଦୀ ଜମା ଉପରେ ସୁଧ ହାର ବୃଦ୍ଧି କରିଛି। ଅତି ବରିଷ୍ଠ ନାଗରିକଙ୍କ ନିମନ୍ତେ ନନ୍ କଲେବୁଲ ଜମା ଅନ୍ତର୍ଗତ ୬୬୬ଦିନର ମିଆଦୀ ଜମା ଉପରେ ବାର୍ଷିକ ଶତକଡା ୮.୧୦% ସର୍ବାଧିକ ସୁଧହାର ପ୍ରଦାନ କରୁଛି। ବ୍ୟାଙ୍କ ୩କୋଟିରୁ କମ୍ ମିଆଦୀ ଜମା ରାଶି ଉପରେ ସୁଧ ହାର ବୃଦ୍ଧି କରିଛି ଏବଂ ୧୮୦ଦିନରୁ ଊର୍ଦ୍ଧ୍ୱ ଓ ୧ବର୍ଷରୁ କମ୍ ଅବଧି ପାଇଁ ୬.୦୦% ସୁଧହାର ପ୍ରଦାନ କରୁଛି। ବ୍ୟାଙ୍କ ୩କୋଟିରୁ ଊର୍ଦ୍ଧ୍ୱ ଓ ୧୦କୋଟିରୁ କମ୍ ମିଆଦୀ ଜମା ଉପରେ ସୁଧହାର ବୃଦ୍ଧି କରିଛି, ଯାହା ୧୮୦ ଦିନରୁ ୨୧୦ଦିନ ପର୍ଯ୍ୟନ୍ତ ୬.୫୦% ତଥା ୨୧୧ଦିନରୁ ଊର୍ଦ୍ଧ୍ୱ ଓ ୧ବର୍ଷରୁ କମ୍ ଅବଧି ଉପରେ ୬.୭୫% ସୁଧହାର ପ୍ରଦାନ କରୁଛି। ୩ କୋଟିରୁ କମ୍ ମିଆଦୀ ଜମା ଉପରେ ଅତି ବରିଷ୍ଠ ନାଗରିକଙ୍କ ନିମନ୍ତେ ୦.୬୫% ଏବଂ ବରିଷ୍ଠ ନାଗରିକଙ୍କ ନିମନ୍ତେ ୦.୫୦% ସୁଧହାର ପ୍ରଦାନ କରାଯାଉଛି ଏବଂ ଏହା ୬ ମାସ କିମ୍ବା ଏହାଠାରୁ ଅଧିକ ପରିପକ୍ୱ ଅବଧି ଥିବା ମିଆଦୀ ଜମା ଉପରେ ଲାଗୁ ଅଟେ। ବ୍ୟାଙ୍କ ତା'ର '୬୬୬ ଦିନର ମିଆଦୀ ଜମା' ଉପରେ ୭.୩୦% ର ସର୍ବୋଚ୍ଚ ସୁଧହାର ଗ୍ରାହକ ଓ ସାଧାରଣ ଜନତାଙ୍କ ନିମନ୍ତେ ପ୍ରଦାନ କରୁଛି। ବ୍ୟାଙ୍କ '୬୬୬ ଦିନର ମିଆଦୀ ଜମା'ଉପରେ ଅତି ବରିଷ୍ଠ ନାଗରିକଙ୍କ ନିମନ୍ତେ ୭.୯୫% ଏବଂ ବରିଷ୍ଠ ନାଗରିକଙ୍କ ନିମନ୍ତେ ୭.୮୦% ସୁଧ ହାର ପ୍ରଦାନ କରୁଛି। ଏପରିକି ଗ୍ରାହକମାନେ ବ୍ୟାଙ୍କ ଅଫ୍ ଇଣ୍ଡିଆର ଯେକୌଣସି ଶାଖା ପରିଦର୍ଶନ କରିପାରିବେ କିମ୍ବା ବିଓଆଇ ଓମନିନିଓ ଆପ୍/ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ୍ ମାଧ୍ୟମରେ ସ୍ଥାୟୀ ଜମା ଖାତା ଖୋଲିପାରିବେ। ଏହି ସଂଶୋଧିତ ସୁଧ ହାର ୨୦୨୪ ଅଗଷ୍ଟ ୧ରୁ ଲାଗୁ କରାଯାଇଛି।

# ଫେରିନି ୭,୪୦୯ କୋଟି ଟଙ୍କାର ୨ହଜାର ଟଙ୍କିଆ ନୋଟ୍

**ଭୁବନେଶ୍ୱର, ୧।୮ (ଅନୁରାଧା ମହାରଣା)**



୨୦୨୩ ମେ' ମାସରେ ବଜାରରୁ ୨୦୦୦ ଟଙ୍କିଆ ନୋଟ୍ ପ୍ରତ୍ୟାହାର ପାଇଁ ଘୋଷଣା ହୋଇଥିଲା। ବର୍ତ୍ତମାନ ସୁଦ୍ଧା ୯୭.୯୨% ୨୦୦୦ ଟଙ୍କିଆ ନୋଟ୍ ବ୍ୟାଙ୍କକୁ ଫେରସ୍ତ କରାଯାଇଥିବା ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ ସୂଚନା ମିଳିଛି। ବର୍ତ୍ତମାନ ମଧ୍ୟ ୭,୪୦୯ କୋଟି ଟଙ୍କା ଲୋକଙ୍କ ପାଖରେ ରହିଛି। ୨୦୨୩ରେ ବଜାରରେ ମୋଟ ୩.୫୬ ଲକ୍ଷ କୋଟିର ୨୦୦୦ ବ୍ୟାଙ୍କ ନୋଟ୍ ଥିଲା। ୨୦୨୪ ଜୁଲାଇ ୩୧ ସୁଦ୍ଧା ଏହା ୭,୪୦୯ କୋଟି ଟଙ୍କାକୁ ହ୍ରାସ ପାଇଛି।

# ଜୁଲାଇରେ ୧.୮୨ ଲକ୍ଷ କୋଟିର ଜିଏସ୍‌ଟି ସଂଗ୍ରହ

**ନୂଆଦିଲ୍ଲୀ,୧।୮**

ଚଳିତ ଆର୍ଥିକ ବର୍ଷର ୪ର୍ଥ ମାସରେ ମଧ୍ୟ ରେକର୍ଡ ପରିମାଣର ସାମଗ୍ରୀ ଏବଂ ସେବା ଟିକସ (ଗୁଡ୍‌ସ ଆଣ୍ଡ ସର୍ଭିସ୍ ଟ୍ୟାକ୍ସ ବା ଜିଏସ୍‌ଟି) ସଂଗ୍ରହ ହୋଇଛି ବୋଲି ଗୁରୁବାର କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

ଉଲ୍ଲେଖଯୋଗ୍ୟ, ୨୦୨୪-୨୫ ଆର୍ଥିକ ବର୍ଷର ୪ର୍ଥ ମାସ ବା ଜୁଲାଇରେ ଦେଶର ଜିଏସ୍‌ଟି ସଂଗ୍ରହ ୧,୮୨,୦୭୫ କୋଟି ଟଙ୍କାର ଟିକସ ରାଜସ୍ୱ ଆକାରରେ ଆଦାୟ କରାଯାଇଛି। ଏପରିକି ୨୦୨୩-




୨୪ ଆର୍ଥିକ ବର୍ଷର ସମାନ ଅବଧି ମଧ୍ୟରେ ୧,୬୫,୧୦୫ କୋଟି ଟଙ୍କା ଟିକସ ଆଦାୟ ହୋଇଥିଲାବେଳେ ୨୦୨୩-୨୪ ଆର୍ଥିକ ବର୍ଷର ୪ର୍ଥ ମାସରେ ସଂଗୃହୀତ ଟିକସ ପରିମାଣଠାରୁ ୨୦୨୪-୨୫ ଆର୍ଥିକ ବର୍ଷର ଟିକସ ପରିମାଣ ୧୦.୩ % ଅଧିକ ହୋଇଛି ବୋଲି ମନ୍ତ୍ରଣାଳୟ ପକ୍ଷରୁ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି।

ଅପରପକ୍ଷରେ ଓଡ଼ିଶାରୁ ମଧ୍ୟ ଚଳିତ ଆର୍ଥିକ ବର୍ଷର ୩ୟ ମାସରେ ୪୯୮୭.୨୭ କୋଟି ଟଙ୍କାର ଟିକସ ସଂଗ୍ରହ କରାଯାଇଥିଲାବେଳେ ଗତ ଆର୍ଥିକ ବର୍ଷର ଏହି ସମୟ ମଧ୍ୟରେ ଟିକସ ପରିମାଣ ୪୩୯୮ କୋଟି ଟଙ୍କା ଥିଲା, ଯାହା ଚଳିତ ଆର୍ଥକ ବର୍ଷର ୩ୟ ମାସର ଅବଧି ମଧ୍ୟରେ ୧୦% ବୃଦ୍ଧି ପାଇଛି ବୋଲି ଅର୍ଥ ମନ୍ତ୍ରଣାଳୟ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

# ରିଅଲ୍‌ମିର ନୂତନ ଉତ୍ପାଦ

**ନୂଆଦିଲ୍ଲୀ,୧।୮**

ରିଅଲ୍‌ମିର ନୂତନ ଉତ୍ପାଦ 'ରିଅଲ୍‌ମି ୧୩ ପ୍ରୋ ସିରିଜ ୫ଜି, ରିଅଲ୍‌ମି ୱାଚ୍ ଏସ୍୨ ଓ ରିଅଲ୍‌ମି ବଡ୍‌ସ ଟି୩୧୦'ର ସର୍ବଭାରତୀୟ ଅନାବରଣ (ଉନ୍ମୋଚନ) ନିକଟରେ ହୋଇଯାଇଛି। ଏପରିକି ଏହାର ସ୍ମାର୍ଟଫୋନ ଓ ଏଆଇଓଟି ପୋର୍ଟଫୋଲିଓରେ ୪ଟି ନୂତନ ଉତ୍ପାଦ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ରିଅଲ୍‌ମି ୧୩ପ୍ରୋ ସିରିଜ ୫ଜିରେ ଦୁଇଟି ମଡେଲ ରିଅଲ୍‌ମି ୧୩ପ୍ରୋ+ ୫ଜି ଓ ରିଅଲ୍‌ମି ୧୩ପ୍ରୋ ୫ଜି ସାମିଲ ରହିଛି ଏବଂ ଏଥିରେ ଏଆଇ ସହିତ ଏକ ଅଲଟ୍ରା କ୍ଲିଅର କ୍ୟାମେରା ମଧ୍ୟ ସଂଯୋଗ ରହିଛି। ଏ ସମ୍ପର୍କରେ ରିଅଲ୍‌ମିର ପ୍ରବକ୍ତା କହିଛନ୍ତି, ଆମେ ଆଜି ରିଅଲ୍‌ମି ୧୩ ପ୍ରୋ ସିରିଜ ୫ଜି, ରିଅଲ୍‌ମି ବଡ୍‌ସ ଟି୩୧୦ ଓ ରିଅଲ୍‌ମି ୱାଚ୍ ଏସ୍୨କୁ ଉନ୍ମୋଚିତ କରି ବେଶ ଉତ୍ସାହିତ ଅଛୁ। ସେହିଭଳି କ୍ୱାଲକମ୍ ଇଣ୍ଡିଆ ପ୍ରାଇଭେଟ ଲିମିଟେଡର ମୋବାଇଲ, କମ୍ପ୍ୟୁଟ ଆଣ୍ଡ ଏକ୍ସଆର୍ ବିଜ୍‌ନେସ୍ ବିଭାଗର ମୁଖ୍ୟ, ସୌରଭ ଅରୋରା କହିଛନ୍ତି,ଆମେ ଭାରତରେ ଉପଭୋକ୍ତାଙ୍କ ପାଇଁ ପ୍ରିମିୟମ ସ୍ମାର୍ଟଫୋନ୍ ଅନୁଭୂତିକୁ ଉନ୍ମୋଚିତ କରିବା ପାଇଁ ରିଅଲ୍‌ମି ସହ ଆମର ଦୀର୍ଘସ୍ଥାୟୀ ସହଭାଗିତାକୁ ବଜାୟ ରଖି ଖୁସି ଅନୁଭବ କରୁଛୁ।

## ଫୁରସତ୍

# ପ୍ରେମ ପାଇଁ ୧୧୬ କେ.ଜି. ଓଜନ କମାଇଲେ

**ତେହରାନ**

ଇରାନର ଡି' ଏଞ୍ଜେଲୋ ସାବେଜ୍ ନାମକ ଜଣେ ବ୍ୟକ୍ତି ନିଜର ୧୧୬ କିଲୋଗ୍ରାମରୁ ଅଧିକ ଓଜନ ହ୍ରାସ କରି ସମସ୍ତଙ୍କୁ ଚକିତ କରିଛନ୍ତି। ସେ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଇନ୍‌ଷ୍ଟାଗ୍ରାମରେ ଓଜନ ହ୍ରାସ ଦ୍ୱାରା ତାଙ୍କର ଘଟିଥିବା ଚମତ୍କାର ରୂପାନ୍ତରକୁ ନେଇ ଏକ ଭିଡିଓ ପୋଷ୍ଟ କରିଛନ୍ତି। ପୂର୍ବରୁ ସେ ଜଣେ ଯୁବତୀଙ୍କୁ ଡେଟ୍ କରିବା ପାଇଁ ପ୍ରପୋଜ କରିଥିଲେ ବୋଲି ଏହି ଭିଡିଓରେ ସାବେଜ୍ କହିଛନ୍ତି। ତେବେ ତାଙ୍କର ବିଶାଳ ଶରୀର ଯୋଗୁ ଉକ୍ତ ଯୁବତୀ ତାଙ୍କ ସହ ଡେଟ୍ କରିବାକୁ ମନା କରିଦେଇଥିଲେ। ଏହା ତାଙ୍କୁ ବହୁତ ବାଧିଥିଲା ବୋଲି ଉକ୍ତ ଭିଡିଓରେ





ସାବେଜ୍ କହିଛନ୍ତି। ତେଣୁ ସେବେଠାରୁ ସାବେଜ୍ ନିଜ ଶରୀରର ଓଜନକୁ କମ୍ କରିବା ପାଇଁ ସଂକଳ୍ପ ନେଇଥିଲେ। ଏହାପରେ ସେ ନିଜ ଶରୀର ପରିବର୍ତ୍ତନ ଉପରେ ଧ୍ୟାନଦେଇ ଚମତ୍କାର ଫଳାଫଳ ହାସଲ କରିଛନ୍ତି। ଏକଦା ତାଙ୍କ ଓଜନ ୧୯୫ କେ.ଜି.ରେ ପହଞ୍ଚିଥିବା ବେଳେ ବର୍ତ୍ତମାନ ଏହା କମି ମାତ୍ର ୭୯ କେ.ଜି. ହୋଇଯାଇଛି ବୋଲି ସାବେଜ୍ କହିଛନ୍ତି। ସାବେଜ୍‌ଙ୍କ ଏହି ଭିଡିଓକୁ ଇନ୍‌ଷ୍ଟାଗ୍ରାମ ୟୁଜର୍ସ ବେଶ୍ ପସନ୍ଦ କରିଛନ୍ତି। ଅନେକ ୟୁଜର୍ସ ସାବେଜ୍‌ଙ୍କ କଠିନ ପରିଶ୍ରମକୁ ପ୍ରଶଂସା କରିବା ସହ ଏହା ଶାରୀରିକ ପରିବର୍ତ୍ତନ ପାଇଁ ଇଚ୍ଛୁକ ଅନେକ ଓଜନଦାର ବ୍ୟକ୍ତିଙ୍କୁ ପ୍ରେରଣା ଯୋଗାଇବ ବୋଲି କହିଛନ୍ତି।

# ସଫ୍ଟୱେର ଇଞ୍ଜିନିୟରରୁ ଅଭିନେତ୍ରୀ

**ମୁମ୍ବାଇ:** ନିଜ ନିଖୁଣ ଅଭିନୟ ଦ୍ୱାରା ପ୍ରଶଂସକଙ୍କ ହୃଦୟରେ ରାଜୁତି କରୁଥିବା ଅଭିନେତ୍ରୀ ତାପସୀ ପନ୍ନୁ ଗୁରୁବାର ନିଜର ୩୮ ତମ ଜନ୍ମଦିନ ଧୁମଧାମରେ ପାଳନ କରିଛନ୍ତି। ତାମିଲ, ତେଲୁଗୁ ଏବଂ ହିନ୍ଦୀ ସିନେମାରେ ନିଜ ଅଭିନୟର ଦକ୍ଷତା ପ୍ରମାଣିତ କରିଥିବା ତାପସୀଙ୍କ ଯାତ୍ରା ଅତ୍ୟନ୍ତ ଆକର୍ଷଣୀୟ ଥିଲା। ଜନ୍ମଦିନର ବିଶେଷ ଅବସରରେ ସେ ଏକ ସାକ୍ଷାତ୍‌କାର ଦେଇ ତାଙ୍କ ଜୀବନ ସହ ଜଡ଼ିତ ଅନେକ କାହାଣୀ ପ୍ରକାଶ କରିଛନ୍ତି। ପିଲାବେଳେ ସେ ଜଣେ ମେଧାବୀ ଛାତ୍ରୀ ଥିଲେ। ଦ୍ୱାଦଶ ପରୀକ୍ଷାରେ ତାଙ୍କୁ ୯୦% ମାର୍କ ମିଳିଥିଲା ବୋଲି ଏହି ସାକ୍ଷାତ୍‌କାରରେ ତାପସୀ କହିଛନ୍ତି। ପରେ ସେ ଗୁରୁ ତେଗ୍ ବାହାଦୁର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିରୁ କମ୍ପ୍ୟୁଟର ସାଇନ୍ସରେ ଇଞ୍ଜିନିୟରିଂ କରିଥିଲେ। କିଛି ବର୍ଷ ସଫ୍ଟୱେର ଇଞ୍ଜିନିୟର ଭାବେ ସେ କାର୍ଯ୍ୟ କରିଥିଲେ। ତେବେ ସେତେବେଳେ ତାପସୀ ମଡେଲିଂ ପ୍ରତି ଆକୃଷ୍ଟ ହୋଇ ନିଜ କ୍ୟାରିୟର ପରିବର୍ତ୍ତନ କରିବାକୁ ସ୍ଥିର କରିଥିଲେ।୨୦୦୮ରେ, ଚ୍ୟାନେଲ 'ଭି'ର ଟ୍ୟାଲେଣ୍ଟ ହଣ୍ଟ୍ ଶୋ' 'ଗେଟ୍ ଗର୍ଜିୟସ'ରେ ଭାଗନେବାକୁ ତାଙ୍କୁ ସୁଯୋଗ ମିଳିଥିବା ତାପସୀ କହିଛନ୍ତି। ସେ ଉକ୍ତ ବର୍ଷ ଫେମିନା ମିସ୍ ଇଣ୍ଡିଆ ପ୍ରତିଯୋଗିତାରେ ମଧ୍ୟ ଭାଗ ନେଇଥିଲେ। ୨ ବର୍ଷ ମଧ୍ୟରେ ତାଙ୍କୁ ଅନେକ ବଡ଼ ବଡ଼ ବ୍ରାଣ୍ଡ ପାଇଁ ମଡେଲିଂ କରିବାକୁ ସୁଯୋଗ ମିଳିଥିବା ତାପସୀ କହିଛନ୍ତି। ୨୦୧୦ରେ ତାପସୀ ତେଲୁଗୁ ଚଳଚ୍ଚିତ୍ର 'ଝୁମାଣ୍ଡି ନାଦମ'ରେ ଡେବ୍ୟୁ କରିଥିଲେ। ପରେ ସେ ଅନେକ ତେଲୁଗୁ ଓ ତାମିଲ ଫିଲ୍ମରେ ଅଭିନୟର ଯାଦୁ ଦେଖାଇଥିଲେ। ୨୦୧୩ରେ 'ଚଶ୍ମେ ବଦ୍ଦୁର' ଫିଲ୍ମ ସହ ତାପସୀ ବଲିଉଡ୍‌ରେ ନିଜର ଡେବ୍ୟୁ କରିଥିଲେ। ତାଙ୍କ ଅଭିନୀତ 'ଦି ଗାଜି ଆଟାକ', 'ମୁଲ୍କ', 'ବଦଲା', 'ମିଶନ୍ ମଙ୍ଗଲ'(୨୦୧୯) ଆଦି ଫିଲ୍ମ ବକ୍ସ ଅଫିସରେ ସୁପରହିଟ୍ ସାବ୍ୟସ୍ତ ହୋଇଥିଲା। ଡେନ୍‌ମାର୍କର ବ୍ୟାଡ୍‌ମିଣ୍ଟନ ଖେଳାଳି ତଥା ୨୦୧୨ ଲଣ୍ଡନ ଅଲିମ୍ପିକ୍ସର ରୌପ୍ୟ ପଦକ ବିଜେତା ମାଥିଆସ ବୋଏଙ୍କୁ ତାପସୀ ଚଳିତ ବର୍ଷ ମାର୍ଚ୍ଚରେ ବିବାହ କରିଥିଲେ।



# ଏଲିଅନ୍ ପରି ଦେଖାଯାଉଥିବା ନବଜାତ

**ପାଟନା**

ବିହାରର ବେତିୟା ଜିଲାସ୍ଥିତ ରାମନଗର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ୩୮ ବର୍ଷୀୟା ମହିଳା ବୁଧବାର ଏକ ବିଚିତ୍ର ଶିଶୁକୁ ଜନ୍ମ ଦେଇଛନ୍ତି। ଏହି ଶିଶୁଟିର ଚେହେରା ଦେଖିବାକୁ ଅବିକଳ ଏଲିଅନ୍ ପରି। ଡାକ୍ତରଙ୍କ ସୂଚନା ଅନୁଯାୟୀ ଉକ୍ତ ଶିଶୁଟିର ଅବସ୍ଥା ଗମ୍ଭୀର ଥିବା ବେଳେ ତା'ର ମା' ସୁସ୍ଥ ରହିଛନ୍ତି। ଶିଶୁଟିକୁ ଉତ୍ତମ ଚିକିତ୍ସା ନିମନ୍ତେ ବେତିୟା ରାଜକୀୟ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ତେବେ ଏହି ଶିଶୁଟିକୁ ଦେଖିବାକୁ ରାମନଗର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରବଳ ଭିଡ଼ ଜମିଥିଲା। ପରିସ୍ଥିତି ଏପରି ହୋଇଥିଲା ଯେ ଭିଡ଼ ନିୟନ୍ତ୍ରଣ କରିବାକୁ ପୋଲିସକୁ ଘଟଣାସ୍ଥଳରେ ପହଞ୍ଚିବାକୁ ପଡ଼ିଥିଲା। ଗର୍ଭବତୀ ଥିବା ସମୟରେ ଉକ୍ତ ଶିଶୁଙ୍କ ମା'ଙ୍କଠାରେ ଲ୍ୟୁଟିନାଇଜିଂ ହରମୋନ୍ ତିଆରି ହୋଇପାରି ନ ଥିଲା। ତେଣୁ ପ୍ରସବ ପୂର୍ବରୁ ଏହି ଶିଶୁ ନିକଟରେ ଆବଶ୍ୟକ ମେଲାନିନ୍ ତିଆରି ହୋଇ ନଥିଲା। ତେଣୁ ଉକ୍ତ ଶିଶୁଟିର ଶରୀର ସହ ଚର୍ମ, ଆଖି ଓ ଅନ୍ୟ ଅଙ୍ଗଗୁଡ଼ିକ ଠିକ୍ ଭାବେ ବିକଶିତ ହୋଇପାରି ନାହିଁ ବୋଲି ଡାକ୍ତର କହିଛନ୍ତି।



# ଶୁଟିଂ ରେଞ୍ଜ୍‌ରେ କୁସାଲେଙ୍କ କରାମତି

## ପ୍ରଥମ ଭାରତୀୟ ଭାବେ ୫୦ ମିଟର ରାଇଫଲ ୩ ପୋଜିଶନ୍ସରେ ଜିତିଲେ ଅଲିମ୍ପିକ୍ସ ପଦକ

ଚାଟାରକ୍ସ (ଫ୍ରାନ୍ସ), ୧।୮ (ପି.ଟି.)

ପ୍ୟାରିସ ଅଲିମ୍ପିକ୍ସରେ କରାମତି ଦେଖାଇଛନ୍ତି ଭାରତୀୟ ଶୁଟର ସ୍ୱପ୍ନିଲ କୁସାଲେ। ଚାଟାରକ୍ସ ଶୁଟିଂ ରେଞ୍ଜ୍‌ରେ ଭାରତ ପାଇଁ ଜିତିଛନ୍ତି ତୃତୀୟ ବ୍ରୋଞ୍ଜ ପଦକ। ୫୦ ମିଟର ରାଇଫଲ ୩ ପୋଜିଶନ୍ସ ଇଭେଣ୍ଟରେ ସେ ପାଇଛନ୍ତି ଏହି ସଫଳତା। ପ୍ରଥମ ଭାରତୀୟ ଭାବେ ସେ ୫୦ ମିଟର ରାଇଫଲ ୩ ପୋଜିଶନ୍ସରେ ଅଲିମ୍ପିକ୍ସ ପଦକ ଜିତି ଦେଶର ଶୁଟିଂ ଇତିହାସକୁ ସମୃଦ୍ଧ କରିଛନ୍ତି। ଖାଲି ପେଟ ଏବଂ ହୃଦ୍‌ସ୍ପନ୍ଦନ ବୃଦ୍ଧି ସତ୍ତ୍ୱେ ସେ ଏକାଗ୍ରତା ରକ୍ଷାକରି ଦେଶକୁ ଗର୍ବିତ କରିଛନ୍ତି। ଏକଦା ୬ଷ୍ଠ ସ୍ଥାନରେ ଥିବା କୁସାଲେ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ମୋଟ ୪୫୧.୪ ପଏଣ୍ଟ ସହିତ ତୃତୀୟ ସ୍ଥାନ ହାସଲ କରିଛନ୍ତି। ଚାଇନାର ୟୁକୁନ ଲିଉ ୪୬୩.୬ ଓ ୟୁକ୍ରେନର ଶେରହି କୁଲିଶ୍ ୪୬୧.୩ ପଏଣ୍ଟ ସହିତ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ପାଇଛନ୍ତି। କୁଶାଲେଙ୍କ ସଫଳତାକୁ ମିଶାଇ ଚଳିତ ଅଲିମ୍ପିକ୍ସରେ ଭାରତର ପଦକ ସଂଖ୍ୟା ୩ରେ ପହଞ୍ଚିଛି। ସମସ୍ତ ପଦକ ଶୁଟିଂ ଇଭେଣ୍ଟରୁ ଆସିଛି। ପୂର୍ବରୁ ମହିଳା ୧୦ ମିଟର ଏୟାର ପିସ୍ତଲରେ ମନୁ ଭାକର ଏବଂ ମିକ୍ସଡ ଟିମ୍ ୧୦ ମିଟର ଏୟାର ପିସ୍ତଲରେ ମନୁ ଓ ସରବଜୋତ ସିଂ ପ୍ରଥମ ୨ଟି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

''ମୁଁ କିଛି ଖାଇ ନ ଥିଲି। ସମ୍ପୂର୍ଣ୍ଣ ନର୍ଭସ ଅନୁଭବ କରୁଥିଲି। ଅଳ୍ପକିଛି ବ୍ଲାକ୍ ଟି' ପିଇ ଏଠାକୁ ଆସିଥିଲି। ପ୍ରତି ମ୍ୟାଚର ପୂର୍ବ ରାତିରେ ମୁଁ କେବଳ ଠାକୁରଙ୍କୁ ଧ୍ୟାନ କରିଥାଏ'' ବୋଲି ନିଜର ଅଭୂତପୂର୍ବ ସଫଳତା ପରେ କୁସାଲେ ପ୍ରକାଶ କରିଛନ୍ତି। ପ୍ରତିଯୋଗିତାବେଳେ ମୋର ହୃଦ୍‌ସ୍ପନ୍ଦନ ବଢ଼ିଯାଇଥିଲା। ମୁଁ କେବଳ ଏହାକୁ ନିୟନ୍ତ୍ରଣରେ ରଖିବାକୁ ଚେଷ୍ଟା କରିଥିଲି ଏବଂ ଭିନ୍ନକିଛି ପରୀକ୍ଷା ନିରୀକ୍ଷା କରିବାକୁ ଉଦ୍ୟମ କରି ନ ଥିଲି। ଏହି ସ୍ତରରେ ସମସ୍ତେ ପ୍ରାୟ ଅଳ୍ପବହୁତେ ଏପରି କରିଥାନ୍ତି ବୋଲି ଏହି ତାରକା ଶୁଟର କହିଛନ୍ତି। କୁସାଲେଙ୍କ ବାପା ଓ ଭାଇ ଭିନ୍ନଭିନ୍ନ ସ୍କୁଲରେ ଶିକ୍ଷକ ଅଛନ୍ତି। ମା' ମହାରାଷ୍ଟ୍ର କୋହ୍ଲାପୁର ନିକଟସ୍ଥ କମ୍ବଲୱାଡ଼ିର ଜଣେ ସରପଞ୍ଚ।



ପୋଡିୟମରେ ୟୁକ୍ରେନର ଶେରହି କୁଲିଶ୍ ଓ ଚାଇନାର ୟୁକୁନ ଲିଉଙ୍କ ସହ ସେଲ୍‌ଫି ନେଉଛନ୍ତି ଭାରତର ସ୍ୱପ୍ନିଲ କୁସାଲେ।

ଶେଷଥର ପାଇଁ ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ଭାରତର କୌଣସି ଶୁଟର ୫୦ ମିଟର ରାଇଫଲ ଇଭେଣ୍ଟର ଫାଇନାଲ୍ସରେ ପ୍ରବେଶ କରିଥିଲେ। ସେତେବେଳେ ଜୟଦୀପ କର୍ମକାର ୫୦ ମିଟର ରାଇଫଲ ପ୍ରୋନ୍ ଇଭେଣ୍ଟରେ ୪ର୍ଥ ସ୍ଥାନ ଅଧିକାର କରିଥିଲେ। ଏହି ଇଭେଣ୍ଟ କ୍ରମେ ଅଲିମ୍ପିକ୍ସରୁ ବାଦ୍ ପଡ଼ିଛି। ଶୁଟିଂ ସମୟର ଅନୁଭବ ସମ୍ପର୍କରେ କୁସାଲେ କହିଛନ୍ତି ଯେ, ''ସତ କହିବାକୁ ଗଲେ ମୁଁ ସ୍କୋରବୋର୍ଡକୁ ଆଦୌ ଚାହିଁ ନ ଥିଲି। ବର୍ଷ ବର୍ଷର କଠିନ ପରିଶ୍ରମକୁ କେବଳ ଶୁଟିଂ ସମୟରେ ଧ୍ୟାନରେ ରଖିଥିଲି। ଘୋଷଣା ହେଉଥିବା ସ୍କୋରକୁ ଶୁଣୁଥିଲେ ମଧ୍ୟ ଏଡ଼ାଇ ଯାଉଥିଲି। ଭାରତୀୟ ସମର୍ଥକମାନେ କେବଳ ମୋ ପାଇଁ ଖୁସିରେ କୋଳାହଳ ଜାରି ରଖନ୍ତୁ ବୋଲି ଚାହୁଁଥିଲି''। ରେଲୱେରେ ଟିକେଟ କଲେକ୍ଟର ଭାବେ କାର୍ଯ୍ୟ କରୁଥିବା କୁସାଲେ ଭାରତୀୟ କ୍ରିକେଟ ଦଳର ଆଇକନ୍ ମହେନ୍ଦ୍ର ସିଂ ଧୋନୀଙ୍କୁ ଆଦର୍ଶ ମାନନ୍ତି। ସେ ଅଲିମ୍ପିକ୍ସ ଶୁଟିଂ ରେଞ୍ଜରେ ସ୍ଲୋ ଷ୍ଟାର୍ଟ କରିଥିଲେ ହେଁ ନିଜର ପ୍ରଥମ ପଦାର୍ପଣରେ ବିଶ୍ୱର ଏହି ବଡ଼ କ୍ରୀଡ଼ା ମଞ୍ଚରେ ବ୍ରୋଞ୍ଜ ପଦକ ଜିତିବାରେ ସକ୍ଷମ ହୋଇଛନ୍ତି। ''ପ୍ରକୃତରେ ମୁଁ ରେଲୱେ କାର୍ଯ୍ୟ କରିବାକୁ ଯାଏନାହିଁ। ଭାରତ ପାଇଁ ଭଲ ପ୍ରଦର୍ଶନ କରିବାକୁ ମୋତେ ଇଣ୍ଡିଆନ ରେଲୱେ ୩୬୫ ଦିନ ଛୁଟି ଦେଇଛି। ବ୍ୟକ୍ତିଗତ କୋଚ୍ ଦୀପାଲି ଦେଶପାଣ୍ଡେ ମୋ ମା' ଭଳି। ସେ ମୋତେ ନିଃସର୍ତ୍ତ ସମର୍ଥନ ଦେଇ ଆସିଛନ୍ତି'' ବୋଲି କୁସାଲେ ପ୍ରକାଶ କରିଛନ୍ତି। ୨୮ ବର୍ଷୀୟ ଏହି ଭାରତୀୟ ଶୁଟର ୨୦୧୨ରୁ ଅନ୍ତର୍ଜାତୀୟ ଇଭେଣ୍ଟଗୁଡ଼ିକରେ ଭାଗ ନେଇ ଆସୁଛନ୍ତି। ମାତ୍ର ଅଲିମ୍ପିକ୍ସ ଡେବ୍ୟୁ କରିବା ପାଇଁ ତାଙ୍କୁ ୧୨ ବର୍ଷ ଅପେକ୍ଷା କରିବାକୁ ପଡ଼ିଲା। ଏ ସମ୍ପର୍କରେ ମତ ଦେବାକୁ ଯାଇ କୁସାଲେ କହିଛନ୍ତି ଯେ, ''ସମ୍ଭବତଃ ମୁଁ ମାନସିକ ସ୍ତରରେ ଦୃଢ଼ ନ ଥିଲି। ମୋର ସମସ୍ତ କୋଚ୍ ଓ ସପୋର୍ଟ ଷ୍ଟାଫ୍ ବହୁତ ସାହାଯ୍ୟ କରିଛନ୍ତି। ସେମାନେ ମୋତେ ଆବେଗପ୍ରବଣ ସମର୍ଥନ କରିଆସିଛନ୍ତି''।

ବୁଧବାର ସଂଘର୍ଷପୂର୍ଣ୍ଣ ଯୋଗ୍ୟତା ପର୍ଯ୍ୟାୟରେ ୭ମ ସ୍ଥାନରେ ରହିଥିବା କୁସାଲେ ୨୦୧୫ରୁ ସେଣ୍ଟ୍ରାଲ ରେଲୱେରେ କାର୍ଯ୍ୟ କରି ଆସୁଛନ୍ତି। ସେ ଏକାଧିକବାର ବିଶ୍ୱକପ ଚାମ୍ପିୟନ ଧୋନୀଙ୍କ ବାୟୋପିକ୍ ଦେଖି ପ୍ରେରିତ ହୋଇଛନ୍ତି ବୋଲି କହିଛନ୍ତି। ଶୁଟିଂ ଜଗତରେ ତାଙ୍କର କେହି ଆଦର୍ଶ ନାହାନ୍ତି ବୋଲି ସେ ପ୍ରକାଶ କରିଛନ୍ତି।

# କୁସାଲେଙ୍କୁ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ଅଭିନନ୍ଦନ

ନୂଆଦିଲ୍ଲୀ, ୧।୮ (ପି.ଟି.)

ପ୍ୟାରିସ ଅଲିମ୍ପିକ୍ସର ୫୦ ମିଟର ରାଇଫଲ ୩ ପୋଜିଶନ୍ସରେ ବ୍ରୋଞ୍ଜ ପଦକ ଜିତିଥିବା ଭାରତର ସ୍ୱପ୍ନିଲ କୁସାଲେଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବିଭିନ୍ନ ମହଲରୁ ଅଭିନନ୍ଦନର ସୁଅ ଛୁଟିଛି। ''ପ୍ୟାରିସ ଅଲିମ୍ପିକ୍ସରେ ସ୍ୱପ୍ନିଲ କୁସାଲେଙ୍କୁ ହୃଦୟଭରା ଅଭିନନ୍ଦନ। ପ୍ରଥମ ଥର ପାଇଁ ଭାରତ ଗୋଟିଏ ଅଲିମ୍ପିକ୍ସରେ ଶୁଟିଂରୁ ୩ ପଦକ ହାସଲ କରିଛି। ପୂରା ଶୁଟିଂ ପ୍ରତିନିଧି ଦଳ ଭାରତକୁ ଗର୍ବିତ କରିଛନ୍ତି। ଆଗାମୀ ଦିନରେ ହେବାକୁଥିବା ଅନ୍ୟ ଇଭେଣ୍ଟଗୁଡ଼ିକ ପାଇଁ ସମସ୍ତ ଖେଳାଳିଙ୍କୁ ଶୁଭେଚ୍ଛା। ଭବିଷ୍ୟତରେ ସ୍ୱପ୍ନିଲ ଆହୁରି ଅଧିକ ସଫଳତା ଆଣିବାକୁ ଶୁଭେଚ୍ଛା'' ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଟୁଇଟ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋସିଆଲ ମିଡିଆ 'ଏକ୍ସ'ରେ ଲେଖିଛନ୍ତି ଯେ, ''ସ୍ୱପ୍ନିଲ କୁସାଲେଙ୍କ ଦ୍ୱାରା ଅଭୂତପୂର୍ବ ପ୍ରଦର୍ଶନ। ପ୍ୟାରିସ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ବିଜୟ ପାଇଁ ଅଭିନନ୍ଦନ। ଅପୂର୍ବ ଦକ୍ଷତା ତାଙ୍କ ପ୍ରଦର୍ଶନକୁ ସ୍ୱତନ୍ତ୍ର କରି ଦେଇଛି। ଦେଶର ପ୍ରଥମ ଶୁଟରଭାବେ ୫୦ ମିଟର ରାଇଫଲ ୩ ପୋଜିଶନ୍ସରେ ବ୍ରୋଞ୍ଜ ଜିତିଥିବାରୁ ସମସ୍ତ ଭାରତୀୟ ଆନନ୍ଦିତ''। କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ମଧ୍ୟ ୨୮ ବର୍ଷୀୟ କୁସାଲେଙ୍କ ପ୍ରଶଂସାରେ ଶତମୁଖ ହୋଇଛନ୍ତି। ଐତିହାସିକ ବ୍ରୋଞ୍ଜ ବିଜୟ ପାଇଁ କୁସାଲେଙ୍କୁ ଅଭିନନ୍ଦନ। ତୁମର ପ୍ରଦର୍ଶନ ଆମମାନଙ୍କୁ ଗର୍ବିତ କରିଛି ବୋଲି ସେ ଟୁଇଟ୍ କରିଛନ୍ତି। ଅନ୍ୟପକ୍ଷରେ କୁସାଲେଙ୍କ ବ୍ରୋଞ୍ଜ ସ୍ୱର୍ଣ୍ଣ ବିଜୟଠାରୁ ବଡ଼ ବୋଲି କହିଛନ୍ତି ଅଲିମ୍ପିକ୍ ମେଡାଲିଷ୍ଟ ରାଇଫଲ ଶୁଟର ତଥା ପ୍ୟାରିସ ଗେମ୍ସରେ ଭାରତୀୟ ଦଳର ଚିଫ୍ ଡି ମିଶନ ଗଗନ ନାରଙ୍ଗ। ପ୍ରୋନ୍ ଇଭେଣ୍ଟରେ ସେ ଦେଶ ପାଇଁ ପ୍ରଥମ ଅଲିମ୍ପିକ୍ ପଦକ ଜିତି ନିଜ ଦକ୍ଷତାର ପ୍ରମାଣ ଦେଇଛନ୍ତି। ତାଙ୍କୁ ମୁଁ ଜଣେ ଅଣ୍ଡରଡଗ୍ ବୋଲି ବିବେଚନା କରିଥିଲି ଏବଂ ଭଲ ପ୍ରଦର୍ଶନ କରିବେ ବୋଲି ଆଶା ରଖିଥିଲି ବୋଲି ନାରଙ୍ଗ ପ୍ରକାଶ କରିଛନ୍ତି। ଭାରତର ପ୍ରଥମ ବ୍ୟକ୍ତିଗତ ଅଲିମ୍ପିକ୍ ସ୍ୱର୍ଣ୍ଣ ପଦକ ବିଜେତା ଅଭିନବ ବିନ୍ଦ୍ରା ମଧ୍ୟ କୁସାଲେଙ୍କୁ ପ୍ରଶଂସା କରିଛନ୍ତି। ତାଙ୍କ କଠିନ ପରିଶ୍ରମର ଫଳ ମିଳିଲା। ଅଲିମ୍ପିକ୍ସପରି ଏକ ବଡ଼ କ୍ରୀଡ଼ା ମଞ୍ଚରେ ପ୍ରତିଦ୍ୱନ୍ଦ୍ୱିତା କରିବା ଏବଂ ଶୁଟିଂରୁ ପଦକ ହାସଲ କରି ଫେରିବା ତୁମ ତ୍ୟାଗ ଏବଂ ଦକ୍ଷତାର ପ୍ରମାଣ ଦେଇଛି ବୋଲି ବିନ୍ଦ୍ରା ଟୁଇଟ କରିଛନ୍ତି। ପୂର୍ବତନ ଶୁଟର ହୀନା ସିନ୍ଧୁ ମଧ୍ୟ କୁସାଲେଙ୍କ ପ୍ରଶଂସାରେ ଶତମୁଖ ହୋଇଛନ୍ତି।

### ସଂକ୍ଷେପରେ...

ଅଲିମ୍ପିକ୍ସ- ୧ ବ୍ରୋଞ୍ଜ
ବିଶ୍ୱ ଶୁଟିଂ ଚାମ୍ପିୟନଶିପ- ୧ ବ୍ରୋଞ୍ଜ
ବିଶ୍ୱକପ- ୧ ସ୍ୱର୍ଣ୍ଣ
ଏସିଆନ୍ ଗେମ୍ସ- ୧ ସ୍ୱର୍ଣ୍ଣ
ଏସିଆନ୍ ଶୁଟିଂ ଚାମ୍ପିୟନଶିପ୍- ୧ ସ୍ୱର୍ଣ୍ଣ, ୧ ରୌପ୍ୟ
ରାଜ୍ୟଗୋଷ୍ଠୀ କ୍ରୀଡ଼ା- ୧ ବ୍ରୋଞ୍ଜ

# କ୍ୱାର୍ଟରରେ ଲକ୍ଷ୍ୟ ସେନ୍

ପ୍ୟାରିସ୍, ୧।୮ (ପି.ଟି.)

ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ରେ ଗୁରୁବାର ଭାରତ ପାଇଁ ବେଶ ସାଧାରଣ ରହିଥିଲା। ସ୍ୱପ୍ନିଲ କୁସାଲେ ବ୍ରୋଞ୍ଜ ପଦକ ଜିତି ଇତିହାସ ସୃଷ୍ଟି କରିଥିବା ବେଳେ ପଦକ ପ୍ରତ୍ୟାଶୀ ବକ୍ସର ନିଖତ ଜରିନ୍ ଓ ବ୍ୟାଡମିଣ୍ଟନ ତାରକା ଚିରାଗ ଶେଟ୍ଟୀ-ସାତ୍ୱିକ ସାଇରାଜ ରାଙ୍କି ରେଡ୍ଡୀ ବିଦାୟ ନେଇଛନ୍ତି। ତେବେ ବ୍ୟାଡମିଣ୍ଟନର ପୁରୁଷ ସିଙ୍ଗଲ୍ସ ଇଭେଣ୍ଟରେ ଲକ୍ଷ୍ୟ ସେନ୍ କ୍ୱାର୍ଟର ଫାଇନାଲରେ ପହଞ୍ଚିବା ଭାରତୀୟ ଫ୍ୟାନଙ୍କୁ ସାମାନ୍ୟ ଆଶ୍ୱସ୍ତ କରିଛି।

## ଲକ୍ଷ୍ୟ କ୍ୱାର୍ଟରରେ, ଚିରାଗ-ସାତ୍ୱିକ ବିଦା

ଭାରତୀୟ ବ୍ୟାଡମିଣ୍ଟନର ପୁରୁଷ ଡବଲ୍ସ ଯୋଡି ଚିରାଗ ଶେଟ୍ଟୀ-ସାତ୍ୱିକ ସାଇରାଜ ରାଙ୍କି ରେଡ୍ଡୀ ଅପ୍ରତ୍ୟାସିତ ଭାବରେ ବିଦାୟ ନେଇଛନ୍ତି। ଗ୍ରୁପ୍ ଟପ୍ପର ଭାବରେ ଭାରତୀୟ ଯୋଡି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। ତେବେ ଗୁରୁବାର ବିଶ୍ୱ ମାନ୍ୟତାର ୩ ନମ୍ବର ସ୍ଥାନରେ ଥିବା ମାଲେସିଆର ଆରୋନ ଚିଆ ଓ ସୋ ଉଇ ୟିକ୍‌ଙ୍କ ଠାରୁ ୨୧-୧୩, ୧୪-୨୧ ଓ ୧୬-୨୧ରେ ପରାଜିତ ହୋଇଥିଲେ। ପ୍ରଥମ ସେଟ୍‌ରେ ଉଭୟ ବିଜୟ ହାସଲ କରିଥିଲେ। ତେବେ ପରବର୍ତ୍ତୀ ୨ ସେଟରେ ମାଲେସିଆ ଖେଳାଳି ଚମତ୍କାର ପ୍ରତ୍ୟାବର୍ତ୍ତନ କରି ବିଜୟୀ ହୋଇଥିଲେ। ପୁରୁଷ ସିଙ୍ଗଲ୍ସରେ ଖେଳା ଯାଇଥିବା ଅଲ ଇଣ୍ଡିଆ ପ୍ରି କ୍ୱାର୍ଟରରେ ବିଜୟୀ ହୋଇଛନ୍ତି ଲକ୍ଷ୍ୟ ସେନ୍। ଅନ୍ୟତମ ଭାରତୀୟ ଏଚ୍.ଏସ. ପ୍ରଣୟଙ୍କୁ ୨୧-୧୨ ଓ ୨୧-୬ର ସିଧାସଳଖ ସେଟରେ ପରାସ୍ତ କରି ଲକ୍ଷ୍ୟ କ୍ୱାର୍ଟରରେ ପହଞ୍ଚିଛନ୍ତି। ଗୁରୁବାର ଚୋ ଟିଏନ୍ ଚେନଙ୍କ ସହିତ ତାଙ୍କର କ୍ୱାର୍ଟର ଫାଇନାଲ ମ୍ୟାଚ୍ ରହିଛି।

## ନିରାଶ କଲେ ନିଖତ

ମହିଳା ୫୦ କିଗ୍ରା ବକ୍ସିଂ ଇଭେଣ୍ଟରେ ନିଖତ ଜରିନ୍ ନିରାଶ କରିଛନ୍ତି। ଭାରତର ଅନ୍ୟତମ ଶ୍ରେଷ୍ଠ ପଦକ ସମ୍ଭାବନା ରହିଥିବା ନିଖତ ଗୁରୁବାର ରାଉଣ୍ଡ ଅଫ୍ ୧୬ ମ୍ୟାଚ୍‌ରେ ଟପ୍ ସିଡ୍ ଉ ୟୁଙ୍କ ଠାରୁ ୫-୦ରେ ହାରି ଯାଇଥିଲେ।

## ପ୍ରବୀଣଙ୍କ ଅଭିଯାନ ଶେଷ


ଭାରତୀୟ ପୁରୁଷ ଆର୍ଚର ପ୍ରବୀଣ ଯାଦବଙ୍କ ଅଭିଯାନ ଶେଷ ହୋଇଛି। ଗୁରୁବାର ଚାଇନାର କାଓ ୱେନ୍ ଚାଓଙ୍କ ବିପକ୍ଷ ମ୍ୟାଚ୍‌କୁ ପ୍ରବୀଣ ୬-୦ରେ ହାରି ଯାଇଥିଲେ। ୩ଟି ଯାକ ସେଟ୍ ସଂଘର୍ଷ ପୂର୍ଣ୍ଣ ରହିଥିବା ବେଳେ ୨୮-୨୯, ୨୯-୩୦ ଓ ୨୭-୨୮ରେ ଚାଇନା ଖେଳାଳି ବିଜୟୀ ହୋଇଥିଲେ। ଏହା ସହ ପୁରୁଷ ବ୍ୟକ୍ତିଗତ ରାଉଣ୍ଡରେ ଭାରତୀୟ ଅଭିଯାନ ଶେଷ ହୋଇଛି।

## ଆଥଲେଟିକ୍ସରେ ନିରାଶା

ଗୁରୁବାର ଆଥଲେଟିକ୍ସର ୨୦ କିମି ରେସ୍ ୱାକ୍ ଇଭେଣ୍ଟରେ ଭାରତକୁ ନିରାଶ ହେବାକୁ ପଡିଛି। ନିଜ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନରୁ ୧୦ ମିନିଟ ଅଧିକ ସମୟ ନେବା ସହିତ ପ୍ରିୟଙ୍କା ଗୋସ୍ୱାମୀ ୪୧ ତମ ସ୍ଥାନରେ ରହିଥିଲେ। ଅନ୍ୟ ପକ୍ଷରେ ପୁରୁଷ ୨୦ କିମି ରେସ୍ ୱାକିଂ ଇଭେଣ୍ଟରେ ବିକାଶ ସିଂ ଓ ପରମଜିତ ସିଂ ଯଥାକ୍ରମେ ୩୦ ଓ ୩୭ ତମ ସ୍ଥାନ ହାସଲ କରିଥିଲେ।

ଏସିଆନ୍ ଗେମ୍ସ ରୌପ୍ୟ ପଦକ ବିଜୟିନୀ ପ୍ରିୟଙ୍କା ୧ ଘଣ୍ଟା ୩୯ ମିନିଟ ୫୫ ସେକେଣ୍ଡର ସମୟ ନେଇଥିଲେ। ଚଳିତ ସିଜନରେ ପ୍ରିୟଙ୍କାଙ୍କ ଶ୍ରେଷ୍ଠ ପ୍ରଦର୍ଶନ ୧:୨୯.୪୮ ସେକେଣ୍ଡ ରହିଥିଲା। ମହିଳା ରେସ୍ ୱାକିଂରେ ମୋଟ ୪୩ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବା ବେଳେ ମାତ୍ର ୨ ଜଣ ପ୍ରତିଯୋଗୀ ପ୍ରିୟଙ୍କାଙ୍କ ପଛରେ ରହିଥିଲେ। ଅନ୍ୟ ପକ୍ଷରେ ଚାଇନାର ୟାଙ୍ଗ ଜିୟାଉ ୧:୨୫.୫୪ ସେକେଣ୍ଡର ଟାଇମିଂ ସହ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

ପୁରୁଷ ରେସ୍ ୱାକିଂ ଇଭେଣ୍ଟରେ ବିକାଶ ସିଂ(୧:୨୨.୩୬) ଓ ପରମଜିତ ସିଂ(୧:୨୩.୪୮) ସେକେଣ୍ଡର ଟାଇମିଂ ହାସଲ କରିଥିଲେ। ଇକ୍ୱେଡରର ବ୍ରାୟାନ ଡାନିଏଲ ପିଣ୍ଟାଡୋ ୧:୧୮.୫୫ ସେକେଣ୍ଡର ଟାଇମିଂ ସହ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ପୁରୁଷ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଆକାଶଦୀପ ସିଂ ୬ କି.ମି. ଚାଲିବା ପରେ ଓହରି ଯାଇଥିଲେ।



ପୁରୁଷ ସିଙ୍ଗଲ୍ସ ବ୍ୟାଡ୍‌ମିଣ୍ଟନ ପ୍ରି-କ୍ୱାର୍ଟର ଫାଇନାଲ ମ୍ୟାଚ ଅବସରରେ ଲକ୍ଷ୍ୟ ସେନ୍।

## ସେଲର ପରବର୍ତ୍ତୀ ରାଉଣ୍ଡରେ

ଗୁରୁବାର ଭାରତୀୟ ସେଲର ବିଷ୍ଣୁ ସର୍ବାନନ ପୁରୁଷ ଡିଂଘେ ରେସ୍-୧ରେ ୧୦ ନମ୍ବର ସ୍ଥାନରେ ରହିଥିଲେ। ତେବେ ରେସ୍ ୨ ଶେଷ ହେବା ବେଳକୁ ସେ ୩୪ ତମ ସ୍ଥାନକୁ ଖସି ଆସିଥିଲେ। ମହିଳା ଡିଂଘେ ବର୍ଗର ରେସ୍-୧ରେ ନେତ୍ରା କୁମାନନ୍ ସପ୍ତମ ସ୍ଥାନରେ ରହିଥିଲେ।



ପ୍ୟାରିସ ଅଲିମ୍ପିକ୍ସର ମହିଳା ଗଲ୍ଫ ଇଭେଣ୍ଟ ପୂର୍ବରୁ ଗୁରୁବାର ଅଭ୍ୟାସ ସେସନରେ ଭାରତର ଦୀକ୍ଷା ଡାଗର।

### ଭାରତର କାର୍ଯ୍ୟସୂଚୀ (ଶୁକ୍ରବାର)

**ଶୁଟିଂ**: ୨୫ ମିଟର ପିସ୍ତଲ କ୍ୱାଲିଫିକେଶନ
ଇଶା ସିଂ, ମନୁ ଭାକର(ଅପରାହ୍ନ ୧୨.୩୦)
ପୁରୁଷ ସ୍କିଟ୍ କ୍ୱାଲିଫିକେଶନ
ଅମନଜିତ ସିଂ ନରୁକା (ଅପରାହ୍ନ ୧.୦୦)।
**ଗଲ୍ଫ**: ପୁରୁଷ ଇଣ୍ଡିଭିଜୁଆଲ ଷ୍ଟ୍ରୋକ୍ ପ୍ଲେ ରାଉଣ୍ଡ ୨
ଗଗନଜିତ୍ ଭୁଲର, ଶୁଭଙ୍କର ଶର୍ମା। (ଅପରାହ୍ନ ୧୨.୩୦)।
**ରୋଇଂ**: ପୁରୁଷ ସିଙ୍ଗଲ ସ୍କଲ୍ସ ଫାଇନାଲ
ବଲରାଜ୍ ପନୱର(ଅପରାହ୍ନ୧.୪୮)।
**ଆର୍ଚେରୀ**: ପୁରୁଷ ବ୍ୟକ୍ତିଗତ ରାଉଣ୍ଡ
ପ୍ରବୀଣ ଯାଦବ ବନାମ କାଓ ୱେନ୍ ଚାଓ (ଅପରାହ୍ନ ୨.୩୧)।
**ଜୁଡୋ**:ମହିଳା ୭୮+ କିଗ୍ରା ରାଉଣ୍ଡ ଅଫ୍ ୩୨
ତୁଲିକା ମାନ୍ ବନାମ ଇଡାଲିସ୍ ଅର୍ଟିଜ୍ (ଅପରାହ୍ନ ୨.୧୨)।
**ସେଲିଂ**: ପୁରୁଷ ଡିଙ୍ଘି ରେସ୍-୩
ବିଷ୍ଣୁ ସର୍ବାନନ (ଅପରାହ୍ନ ୩.୪୫)।
ମହିଳା ଡିଙ୍ଘି ରେସ୍-୩
ନେତ୍ରା କୁମାନନ(ସନ୍ଧ୍ୟା ୭.୦୫)।
**ହକି**: ପୁରୁଷ ପୁଲ୍ ବି
ଭାରତ ବନାମ ଅଷ୍ଟ୍ରେଲିଆ (ଅପରାହ୍ନ ୪.୪୫)।
**ବ୍ୟାଡମିଣ୍ଟନ**: ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲ
ଲକ୍ଷ୍ୟ ସେନ୍ ବନାମ ଚୋ ଟିଏନ୍ ଚେନ୍ (ଅପରାହ୍ନ ୬.୩୦)
**ଆଥଲେଟିକ୍ସ**: ମହିଳା ୫୦୦୦ ମିଟର
ଅଙ୍କିତା ଧ୍ୟାନୀ, ହିଟ୍-୧, (ସମୟ ରାତି ୯.୪୦)
ପାରୁଲ ଚୌଧାରୀ ହିଟ୍-୨( ସମୟ ରାତି ୧୦.୦୬)
ପୁରୁଷ ଶଟ୍‌ପୁଟ
ତାଜିନ୍ଦର ପାଲ୍ ସିଂ ତୁର୍, (ସମୟ ରାତି୧୧.୪୦)।

# ହକି ଦଳର ପ୍ରଥମ ପରାଜୟ

ପ୍ୟାରିସ୍, ୧।୮ (ପି.ଟି.)

ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ରେ ପ୍ରଥମ ପରାଜୟ ବରଣ କରିଛି ଭାରତୀୟ ପୁରୁଷ ହକି ଦଳ। ଗୁରୁବାର ପୁଲ୍ ବିର ଏକ ମ୍ୟାଚ୍‌ରେ ଭାରତ ଡିଫେଣ୍ଡିଂ ଚାମ୍ପିୟନ ବେଲଜିୟମ ନିକଟରୁ ୧-୨ରେ ପରାଜିତ ହୋଇଛି। ଭାରତ ପ୍ରଥମରୁ ୧-୦ରେ ଆଗୁଆ ରହିଥିଲା। ତେବେ ଦ୍ୱିତୀୟ ହାଫରେ ବେଲଜିୟମ ଦୁଇଟି ଗୋଲ ସ୍କୋର କରି ବିଜୟୀ ହୋଇଥିଲା। ଭାରତ ପକ୍ଷରୁ ଅଭିଷେକ(୧୮) ମିନିଟରେ ଏକମାତ୍ର ଗୋଲ ଦେଇଥିଲେ। ଅନ୍ୟ ପକ୍ଷରେ ଥିବାଉ ଷ୍ଟୋକବ୍ରୋଏକ୍ସ(୩୩) ଓ ଜନ୍ ଜନ୍ ଡୋହମେନ(୪୪) ମିନିଟରେ ବେଲଜିୟମ ପକ୍ଷରୁ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଉଭୟ ଦଳ ପୂର୍ବରୁ କ୍ୱାର୍ଟର ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରି ସାରିଛନ୍ତି।

ମ୍ୟାଚ୍‌ର ପ୍ରଥମ କ୍ୱାର୍ଟର ଗୋଲ ଶୂନ୍ୟ ରହିଥିଲା। ଦ୍ୱିତୀୟ କ୍ୱାର୍ଟରରେ ଅଭିଷେକ ଏକ ଚମତ୍କାର ଫିଲ୍ଡ ଗୋଲ ଜରିଆରେ ଭାରତକୁ ଆଗୁଆ କରିଥିଲେ। ୧୮ ତମ ମିନିଟରେ ଆର୍ଥର ଡି ସ୍ଲୁଭରଙ୍କ ଠାରୁ ବଲ୍ ଛଡାଇବା ପରେ ଅଭିଷେକ ଏକ ଚମତ୍କାର ଟର୍ନ ସହ ସ୍କୋର କରିଥିଲେ। ଭାରତୀୟ ଡିଫେନ୍ସ ଓ ଭେଟେରାନ୍ ଗୋଲକିପର ପି.ଆର. ଶ୍ରୀଜେସ ଚମତ୍କାର ପ୍ରଦର୍ଶନ କରିଥିଲେ। ବେଲଜିୟମ ଖେଳାଳି ଏକାଧିକ ସ୍କୋରିଂ ସୁଯୋଗ ସୃଷ୍ଟି କରିଥିଲେ ମଧ୍ୟ ଶ୍ରୀଜେସ ପ୍ରାଚୀର ଭଳି ଛିଡା ହୋଇଥିଲେ। ୨୫ ତମ ମିନିଟରେ ଭାରତକୁ ଏକ ପେନାଲ୍ଟି କର୍ନର ମିଳିଥିବା ବେଳେ ଅଧିନାୟକ ହରମନପ୍ରୀତ୍ ପଡିଆରେ ନ ଥିବାରୁ ଅମିତ ରୋହିଦାସ ଏହାକୁ କନଭର୍ଟ କରି ପାରି ନ ଥିଲେ।

ତୃତୀୟ କ୍ୱାର୍ଟରରେ ବେଲଜିୟମ ଆକ୍ରମଣାତ୍ମକ ପ୍ରଦର୍ଶନ କରି ଉଭୟ ଗୋଲ ସ୍କୋର କରିଥିଲା। ୩୩ ତମ ମିନିଟରେ ଥିବାଉ ଷ୍ଟୋକବ୍ରୋଏକ୍ସ ଏକ ଫିଲ୍ଡ ଗୋଲ ଦେଇଥିଲେ। ୪୪ ତମ ମିନିଟରେ ବେଲଜିୟକୁ ଲଗାତାର ତୃତୀୟ ପେନାଲ୍ଟି କର୍ନର ମିଳିଥିଲା। ଦୁଇ ଥର ଶ୍ରୀଜେସ୍ ଶଟ୍ ରୋକିବାରେ ସମର୍ଥ ହୋଇଥିବା ବେଳେ ତୃତୀୟ ଥର ରିବାଉଣ୍ଡକୁ ଭାରତୀୟ ପୋଷ୍ଟ ମଧ୍ୟକୁ ପଠାଇଥିଲେ ଜନ୍ ଜନ୍ ଡୋହମେନ। ଭାରତ ଏହାର ପ୍ରଥମ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡକୁ ୩-୨ରେ ହରାଇଥିଲା। ଆର୍ଜେଣ୍ଟିନା ବିପକ୍ଷ ପରବର୍ତ୍ତୀ ମ୍ୟାଚ୍ ୧-୧ରେ ଡ୍ର ରହିଥିବା ବେଳେ ଆୟର୍ଲାଣ୍ଡ ବିପକ୍ଷରେ ଦଳ ୨-୦ରେ ବିଜୟୀ ହୋଇଥିଲା। ଅନ୍ୟ ପକ୍ଷରେ ଶୁକ୍ରବାର ଭାରତ ଅଷ୍ଟ୍ରେଲିଆ ବିପକ୍ଷରେ ଏହାର ଅନ୍ତିମ ଗ୍ରୁପ୍ ମ୍ୟାଚ୍ ଖେଳିବ।




ଭାରତ-ବେଲ୍‌ଜିୟମ ପୁରୁଷ ହକି ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

ଧରିତ୍ରୀ DHARITRI

# ୪୬ ସେକେଣ୍ଡରେ ଓହରିଲେ ଆଞ୍ଜେଲା

## ଲିଙ୍ଗ ପରୀକ୍ଷଣ ପ୍ରସଙ୍ଗ



ଆଞ୍ଜେଲା କାରିନି ଓ ଇମାନେ ଖେଲିଫ୍।

**ଭିଲେପିଣ୍ଟ (ଫ୍ରାନ୍ସ), ୧।୮ (ଏପି):** ଲିଙ୍ଗ ପରୀକ୍ଷଣ ପ୍ରସଙ୍ଗରେ ଚର୍ଚ୍ଚାରେ ଥିବା ଆଲଜେରିଆର ଇମାନେ ଖେଲିଫ୍ ଗୁରୁବାର ଅଲିମ୍ପିକ ବକ୍ସିଂରେ ତାଙ୍କ ଓପନିଂ ବାଉଟ ଜିତିଛନ୍ତି। ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଇଟାଲୀର ଆଞ୍ଜେଲା କାରିନି ମୁକାବିଲାର ମାତ୍ର ୪୬ ସେକେଣ୍ଡ ପରେ ମଇଦାନ ଛାଡ଼ି ପଳାଇଥିଲେ। ବିଶ୍ୱ ଚାମ୍ପିୟନଶିପ୍ ୨୦୨୩ରେ ଏକ ଅନିର୍ଦ୍ଦିଷ୍ଟ ଲିଙ୍ଗ ଯୋଗ୍ୟତା ପରୀକ୍ଷଣରେ ଖେଲିଫ୍ ବିଫଳ ହୋଇଥିଲେ। ପ୍ୟାରିସ ଅଲିମ୍ପିକ୍ସରେ ତାଙ୍କ ଉପସ୍ଥିତି ଏକ ବିଭାଜନକାରୀ ପ୍ରସଙ୍ଗ ହୋଇଛି। କାରିନି ବାଉଟକୁ ଛାଡ଼ି ଚାଲିଯିବା ପୂର୍ବରୁ ଖେଲିଫ ଓ ତାଙ୍କ ମଧ୍ୟରେ ମାତ୍ର ଅଳ୍ପ କେତୋଟି ପଞ୍ଚ ବିନିମୟ ହୋଇଥିଲା। କାରିନିଙ୍କ ହେଡଗିଅର ଦୁଇଥର ଖସି ଯାଇଥିଲା। ଜଜ୍‌ମାନେ ବିଜେତାଙ୍କ ନାମ ଘୋଷଣା କରିବା ପରେ ଖେଲିଫଙ୍କ ସହ ହାତ ମିଳାଇବାକୁ କାରିନି ରୋକ୍‌ଠୋକ୍ ମନା କରିଦେଇଥିଲେ। ବକ୍ସିଂ ମଇଦାନ ଛାଡ଼ିବା ପୂର୍ବରୁ ସେ କାନ୍ଦି ପକାଇଥିଲେ ମଧ୍ୟ। ଖେଲିଫ ହେଉଛନ୍ତି ଜଣେ ସୌଖିନ (ଆମେଚର) ବକ୍ସର। ଇଣ୍ଟରନ୍ୟାଶନାଲ ବକ୍ସିଂ ଆସୋସିଏଶନର ୨୦୨୨ ବିଶ୍ୱ ଚାମ୍ପିୟନଶିପ୍‌ରେ (ଆଇବିଏ)ରେ ସେ ଏକ ରୌପ୍ୟ ପଦକ ଜିତିଥିଲେ। ସମାନ ପରିଚାଳନା ପରିଷଦ ଗତବର୍ଷର ଚାମ୍ପିୟନଶିପ୍‌ର ସ୍ୱର୍ଣ୍ଣ ପଦକ ମ୍ୟାଚ ପୂର୍ବରୁ ତାଙ୍କୁ ଆକସ୍ମିକ ଅଯୋଗ୍ୟ ଘୋଷଣା କରିଥିଲେ। ତାଙ୍କ ଶରୀରରେ ସେତେବେଳେ ପୁରୁଷ ହରମୋନ (ଟେଷ୍ଟୋଷ୍ଟେରନ)ର ମାତ୍ରା ଅଧିକ ରହିଥିବା ତାଙ୍କୁ କୁହାଯାଇଥିଲା। ଏହି ୨୫ବର୍ଷୀୟା ବକ୍ସର ଯେତେବେଳେ ନର୍ଥ ପ୍ୟାରିସ ଆରେନାର ରିଙ୍ଗ୍‌ରେ ପ୍ରବେଶ କରିଲେ ସେତେବେଳ ଦର୍ଶକ ବଡ଼ ପାଟିରେ ଚିତ୍କାର କରି ତାଙ୍କୁ ଉତ୍ସାହିତ କରିଥିଲେ। ମାତ୍ର ବାଉଟ୍‌ଟି ହଠାତ ଶେଷ ହୋଇଯିବା ସେମାନଙ୍କୁ ଦ୍ୱନ୍ଦ୍ୱରେ ପକାଇଥିଲା। ବର୍ଷ ବର୍ଷ ଧରି ଆମେଚର ପ୍ରତିଯୋଗିତାରେ ଭାଗ ନେଇ ଆସୁଥିବା ଖେଲିଫ୍ ଓ ତାଇୱାନର ଲିନ୍ ୟୁ-ତିଙ୍ଗ୍ ପ୍ୟାରିସରେ ପହଞ୍ଚିବା ପରେ ସେମାନଙ୍କର ବ୍ୟାପକ ଯାଞ୍ଚ କରାଯାଇଥିଲା। ଲିନ୍ ୨୦୧୮ ଓ ୨୦୨୨ରେ ଅନୁଷ୍ଠିତ ଆଇବିଏ ବିଶ୍ୱ ଚାମ୍ପିୟନଶିପ୍ ଜିତିଥିଲେ। ମାତ୍ର ପରିଚାଳନା ପରିଷଦ ଗତବର୍ଷ ତାଙ୍କଠାରୁ ଏକ ବ୍ରୋଞ୍ଜ ପଦକ ପ୍ରତ୍ୟାହାର କରି ନେଇଥିଲେ। ଏକ ବାଇକେମିକାଲ ଟେଷ୍ଟ ପାଇଁ ଆବଶ୍ୟକ ପଡୁଥିବା ଏକ ନିର୍ଦ୍ଦିଷ୍ଟ ଯୋଗ୍ୟତା ମାନଦଣ୍ଡ ତାଙ୍କ ନିକଟରେ ନ ଥିବା ସେତେବେଳେ ତାଙ୍କୁ ଦର୍ଶାଯାଇଥିଲା।




ପ୍ୟାରିସ ଅଲିମ୍ପିକ୍ସର ମାର୍ସେଲିଠାରେ ଆରମ୍ଭ ହୋଇଥିବା ପୁରୁଷ ସେଲିଂ ଡିଙ୍ଗି ରେସ୍।

# ଭାରତ-ଶ୍ରୀଲଙ୍କା ଦିନିକିଆ ସିରିଜ ଆଜିଠାରୁ

**କଲମ୍ବୋ, ୧।୮**

ସ୍ଥାନୀୟ ଆର୍. ପ୍ରେମଦାସା ଷ୍ଟାଡିୟମରେ ଶୁକ୍ରବାରଠାରୁ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ୩ ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ସିରିଜ ଆରମ୍ଭ ହେବ। ଅନ୍ତର୍ଜାତୀୟ ଟି୨୦ ସିରିଜରେ ସମସ୍ତ ମ୍ୟାଚ ହାରିଥିବା ଶ୍ରୀଲଙ୍କା ଏହି ସିରିଜରେ ପ୍ରତ୍ୟାବର୍ତ୍ତନ କରିବାକୁ ଚେଷ୍ଟା କରିବ। ଅନ୍ତର୍ଜାତୀୟ ଦିନିକିଆରେ କେ.ଏଲ୍. ରାହୁଲ ଓ ରିଷଭ ପନ୍ତଙ୍କ ମଧ୍ୟରୁ କିଏ ଭାରତର ଦୀର୍ଘ ମିଆଦୀ ଉଇକେଟ୍‌କିପର ବ୍ୟାଟର ହେବ ତାହା ସ୍ଥିର କରିବା ଲାଗି ଗୌତମ ଗମ୍ଭୀରଙ୍କ ନେତୃତ୍ୱାଧୀନ ଟିମ୍ ମ୍ୟାନେଜମେଣ୍ଟକୁ ଏହା ଏକ ସୁଯୋଗ। ନିକଟରେ ଟି୨୦ ବିଶ୍ୱକପ୍ ସଫଳତା ପରେ ଏହି ଫର୍ମାଟରୁ ଅବସର ନେଇଥିବା ଭେଟେରାନ ରୋହିତ ଶର୍ମା ଓ ବିରାଟ କୋହଲି ଦିନିକିଆ ଦଳରେ ଯୋଗ ଦେଇଛନ୍ତି। ଚାମ୍ପିୟନ୍ସ ଟ୍ରଫି ସମେତ କେତେକ ବଡ଼ ଦିନିଆ ଇଭେଣ୍ଟ ଲାଗି କମ୍ବିନେଶନ ସ୍ଥିର କରିବା ଟିମ୍ ମ୍ୟାନେଜମେଣ୍ଟ ପାଇଁ ମଧ୍ୟ ଏହା ଏକ ସୁଯୋଗ । ଗତବର୍ଷ ଭାରତରେ ଅନୁଷ୍ଠିତ ଦିନିକିଆ ବିଶ୍ୱ କପ୍‌ରେ ଶ୍ରୀଲଙ୍କାର ପ୍ରଦର୍ଶନ ନୈରାଶ୍ୟଜନକ ଥିଲା। ଦଳ ୯ଟି ଗେମ୍‌ରେ ୭ ପରାଜୟ ସହ ମାତ୍ର ଦୁଇଟିରେ ବିଜୟ ଲାଭ କରି ଟେବୁଲର ୯ମ ସ୍ଥାନରେ ରହିଥିଲା। ୨୦୨୪ରେ ଶ୍ରୀଲଙ୍କା ଇତିମଧ୍ୟରେ ୮ ଅନ୍ତର୍ଜାତୀୟ ଦିନିକିଆ ଖେଳିସାରିଛି। ତନ୍ମଧ୍ୟରେ ଜିମ୍ବାୱେ ବିପକ୍ଷରେ ୨ଟି ଏବଂ ଆଫଗାନିସ୍ତାନ ଓ ବାଂଲାଦେଶ ବିପକ୍ଷରେ ୩ଟି ଲେଖାଏଁ ମ୍ୟାଚ ରହିଛି। ଶ୍ରୀଲଙ୍କା ୨-୦ରେ ଜିମ୍ବାୱେକୁ ପରାସ୍ତ କରିଥିବା ବେଳେ ଆଫଗାନିସ୍ତାନ ବିପକ୍ଷରେ ୩-୦ରେ କ୍ଲିନ ସୁଇପ୍ କରିଥିଲା। ଟି୨୦ ବିଶ୍ୱକପ୍ ୨୦୨୪ ପୂର୍ବରୁ କିନ୍ତୁ ବାଂଲାଦେଶ ୨-୧ରେ ଶ୍ରୀଲଙ୍କାକୁ ପରାସ୍ତ କରିଥିଲା। କହିବାକୁ ଗଲେ ଭାରତ ଏହା ପୂରା ଶକ୍ତିସମ୍ପନ୍ନ ଦଳକୁ ନେଇ ପଡ଼ିଆକୁ ଓହ୍ଲାଇବ। ତେଣୁ ସିରିଜରେ 'ମେନ୍ ଇନ୍ ବ୍ଲୁ' ବିପକ୍ଷରେ ଶ୍ରୀଲଙ୍କା ଖେଳାଳିଙ୍କୁ ପ୍ରଭାବୀ ପ୍ରଦର୍ଶନ କରିବାକୁ ପଡ଼ିବ। ଅନ୍ୟପକ୍ଷରେ ୨୦୨୪ରେ ଭାରତ ଗୋଟିଏ ହେଲେ ଅନ୍ତର୍ଜାତୀୟ ଦିନିକିଆ ଖେଳି ନାହିଁ। ଗତବର୍ଷ ସେମାନେ ଏସିଆ କପ୍ ଜିତିଥିଲେ ଏବଂ ବିଶ୍ୱକପ୍‌ରେ ରନରଅପ୍ ହୋଇଥିଲେ। ଡିସେମ୍ବରରେ ସେମାନେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଏକ ସିରିଜ ୨-୧ରେ ଜିତିଥିଲେ। ଚଳିତବର୍ଷ ଭାରତ ଏପର୍ଯ୍ୟନ୍ତ କେବଳ ଅନ୍ତର୍ଜାତୀୟ ଟି୨୦ରେ ବ୍ୟସ୍ତ ରହିଥିଲା। ଜୁନ୍‌ରେ ସେମାନେ ଟି୨୦ ବିଶ୍ୱକପ୍ ଜିତିଥିଲେ। ଏଥିରେ ସେମାନେ ଖେଳିଥିବା ୮ଟି ମ୍ୟାଚ ମଧ୍ୟରୁ ୭ଟିରେ ବିଜୟ ହାସଲ କରିଥିଲେ। ଗତ ମାସରେ ଅନୁଷ୍ଠିତ ୩ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜରେ ନୂଆ ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କ ନେତୃତ୍ୱରେ ଭାରତ ୩-୦ରେ ଶ୍ରୀଲଙ୍କାକୁ ପରାସ୍ତ କରି ସ୍ମରଣୀୟ ଆରମ୍ଭ କରିଛି। ପୂର୍ବତନ ଭାରତ କ୍ରିକେଟର ଆସନ୍ତାବର୍ଷ ହେବାକୁଥିବା ଚାମ୍ପିୟନ୍ସ ଟ୍ରଫି ଲାଗି ଦଳର ପ୍ରସ୍ତୁତି ପାଇଁ ଅଧିନାୟକ ରୋହିତ ଶର୍ମାଙ୍କ ସହ ମିଳିତ ଭାବେ କାର୍ଯ୍ୟ କରିବେ ବୋଲି ଆଶା କରାଯାଉଛି। ସୂଚନାଯୋଗ୍ୟ, କଲମ୍ବୋସ୍ଥିତ ଆର୍. ପ୍ରେମଦାସା ଷ୍ଟାଡିୟମରେ ଏପର୍ଯ୍ୟନ୍ତ ୧୫୦ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ ଖେଳାଯାଇ ସାରିଲାଣି। ଏହି ପିଚ୍‌ରେ ଆଭରେଜ ପ୍ରଥମ ଇନିଂସ ସ୍କୋର ୨୨୫ ରହିଛି। ଭାରତ ଓ ଶ୍ରୀଲଙ୍କା ଶେଷଥର ପାଇଁ ଗତବର୍ଷ ଏସିଆ କପ୍ ଫାଇନାଲରେ ପରସ୍ପରକୁ ଭେଟିଥିଲେ। ଏଥିରେ ଶ୍ରୀଲଙ୍କା ମାତ୍ର ୫୦ ରନରେ ଅଲଆଉଟ ହୋଇଯାଇଥିଲା। ଘଟଣାକ୍ରମେ ଏହି ଗ୍ରାଉଣ୍ଡରେ ଏହାଥିଲା ସର୍ବନିମ୍ନ ସ୍କୋର। ଅନ୍ୟପକ୍ଷରେ ଏହି ଗ୍ରାଉଣ୍ଡରେ ଭାରତ ସର୍ବାଧିକ ସ୍କୋର ସଂଗ୍ରହ କରିବାରେ ସମର୍ଥ ହୋଇଛି। ୨୦୧୭ରେ ଶ୍ରୀଲଙ୍କା ବିପକ୍ଷରେ ଦଳ ୩୭୫/୫ ସ୍କୋର କରିଥିଲା। ଏହି ମୁକାବିଲାରେ ବିଶେଷ କରି ଦ୍ୱିତୀୟ ଇନିଂସରେ ସ୍ପିନରମାନଙ୍କ ବିଶେଷ ଭୂମିକା ରହିବ। ଉଭୟ ଦଳରେ ବିଶ୍ୱ ଶ୍ରେଣୀୟ ସ୍ପିନର ରହିଛନ୍ତି।




ଅଭ୍ୟାସ ସେସନରେ କୋଚ୍ ଗୌତମ ଗମ୍ଭୀରଙ୍କ ସହ ବିରାଟ କୋହଲି, ଲୋକେଶ ରାହୁଲ ଓ ଅର୍ଶଦୀପ ସିଂ।

**ମ୍ୟାଚ ଆରମ୍ଭ: ଅପରାହ୍ଣ ୨ଟା୩୦**
**ପ୍ରସାରଣ : ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ**

## ଅଲିମ୍ପିକ୍ସ ପଦକ ତାଲିକା

| ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଚାଇନା | ୧୧ | ୭ | ୩ | ୨୧ |
| ଫ୍ରାନ୍ସ | ୮ | ୧୦ | ୮ | ୨୬ |
| ଜାପାନ | ୮ | ୩ | ୪ | ୧୫ |
| ଅଷ୍ଟ୍ରେଲିଆ | ୭ | ୬ | ୪ | ୧୭ |
| ଆମେରିକା | ୬ | ୧୩ | ୧୨ | ୩୧ |
| ବ୍ରିଟେନ | ୬ | ୭ | ୭ | ୨୦ |
| ଦ.କୋରିଆ | ୬ | ୩ | ୩ | ୧୨ |
| ଇଟାଲୀ | ୩ | ୬ | ୪ | ୧୩ |
| କାନାଡା | ୨ | ୨ | ୩ | ୭ |
| ଜର୍ମାନୀ | ୨ | ୨ | ୨ | ୬ |
| ନେଦରଲାଣ୍ଡ୍ସ | ୨ | ୨ | ୧ | ୫ |
| ନ୍ୟୁଜିଲାଣ୍ଡ | ୨ | ୨ | ୧ | ୫ |
| ରୋମାନିଆ | ୨ | ୧ | ୧ | ୪ |
| ହଂକଂ | ୨ | ୦ | ୨ | ୪ |
| ଆଜରବୈଜାନ | ୨ | ୦ | ୦ | ୨ |
| ସ୍ୱିଡେନ | ୧ | ୧ | ୨ | ୪ |
| ଜର୍ଜିଆ | ୧ | ୨ | ୦ | ୩ |
| ସ୍ୱିଡେନ | ୧ | ୧ | ୨ | ୪ |
| ବେଲଜିୟମ | ୧ | ୦ | ୨ | ୩ |
| ଆୟର୍ଲାଣ୍ଡ | ୧ | ୦ | ୨ | ୩ |
| କାଜାଖସ୍ତାନ | ୧ | ୦ | ୨ | ୩ |
| ଭାରତ | ୦ | ୦ | ୩ | ୩ |

(ରାତି ୧୦ଟା ସୁଦ୍ଧା)

# ଅକ୍ଷୟ ଫାଓର ବୈଷୟିକ ନିର୍ଦ୍ଦେଶକ

**ଭୁବନେଶ୍ୱର, ୧।୮ (ବିଜୟ ରଣା)**

ଅକ୍ଷୟ ଦାସଙ୍କୁ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ)ର ବୈଷୟିକ ନିର୍ଦ୍ଦେଶକ ଭାବେ ନିଯୁକ୍ତି ଦିଆଯାଇଛି। ଫୁଟ୍‌ବଲ ଖେଳର ବିଭିନ୍ନ କ୍ଷେତ୍ରରେ ତାଙ୍କର ବିଶେଷ ଅଭିଜ୍ଞତା ରହିଛି। ଅକ୍ଷୟ ଦାସ ଭାରତର ଜଣେ ଜୁନିୟର ଫୁଟ୍‌ବଲର ଥିଲେ। ସେ ଓଡ଼ିଶା ତରଫରୁ ସନ୍ତୋଷ ଟ୍ରଫି ମଧ୍ୟ ଖେଳିଛନ୍ତି। ଖେଳ ଛାଡ଼ିବା ପରେ ଶେଷରେ ସେ କୋଚିଂ କ୍ୟାରିୟର ଆରମ୍ଭ କରିଥିଲେ। ସେ ଏକ ଏଏଫ୍‌ସି 'ଏ' କୋଚିଂ ସାର୍ଟିଫିକେଟ ହାସଲ କରିପାରିଛନ୍ତି। ଫାଓର ବୈଷୟିକ ନିର୍ଦ୍ଦେଶକ ଭାବେ ନିଯୁକ୍ତି ପାଇବା ପୂର୍ବରୁ ସେ ୨୦୧୫ରୁ ଟାଟା ଫୁଟ୍‌ବଲ ଏକାଡେମିରେ ଜଣେ ଫୁଟ୍‌ବଲ କୋଚ୍ ଭାବେ କାର୍ଯ୍ୟ କରି ଆସୁଥିଲେ। ଫାଓ ସମ୍ପାଦକ ଆଶୀର୍ବାଦ ବେହେରାଙ୍କ ସମେତ ସମସ୍ତ କର୍ମକର୍ତ୍ତା ଏବଂ ସଦସ୍ୟଗଣ ଅକ୍ଷୟଙ୍କ ଏହି ନିଯୁକ୍ତିକୁ ସ୍ୱାଗତ କରିଛନ୍ତି। ତାଙ୍କ ତତ୍ତ୍ୱାବଧାନରେ ଓଡ଼ିଶା ଫୁଟ୍‌ବଲର ଉତ୍ତୋରତ୍ତୋର ଉନ୍ନତି ଘଟିବ ବୋଲି ସେମାନେ ଆଶା ପ୍ରକାଶ କରି କହିଛନ୍ତି।




ପୁରୁଷ ୨୦ କିଲୋମିଟର ରେସ୍ ୱାକ୍‌ରେ ପ୍ରତିଯୋଗୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା।

# ଡୁରାଣ୍ଡ କପ୍ ପାଇଁ ଓଏଫ୍‌ସିରେ ୬ ଓଡ଼ିଆ ଖେଳାଳି

**ଭୁବନେଶ୍ୱର,୧।୮(ସରୋଜ ଜେନା):** ଡୁରାଣ୍ଡ କପ୍ ୨୦୨୪ ପାଇଁ ଓଡ଼ିଶା ଫୁଟବଲ୍ କ୍ଲବ(ଓଏଫ୍‌ସି) ପକ୍ଷରୁ ଗୁରୁବାର ୨୩ ଜଣିଆ ଦଳ ଘୋଷଣା କରାଯାଇଛି। କୌଣସି ବିଦେଶୀ ଖେଳାଳିଙ୍କୁ ସ୍ଥାନ ମିଳି ନ ଥିବା ବେଳେ ୬ଜଣ ଓଡ଼ିଆ ଖେଳାଳି ରହିଛନ୍ତି। ଓଡ଼ିଆ ଖେଳାଳିଙ୍କ ମଧ୍ୟରେ ଟଙ୍କଧର ବାଗ, ରାହୁଲ ମୁଖୀ, ରୋଶନ ପାନ୍ନା, ରାଜା ହରିଜନ, ସିଦ୍ଧାନ୍ତ ପଧାନ ଓ କାର୍ତ୍ତିକ ହନ୍ତାଳ ଏହି ଦଳରେ ସାମିଲ ଅଛନ୍ତି। ଓଏଫ୍‌ସି ସହିତ ବିଏସ୍‌ଏଫ୍, ବୋଡୋଲାଣ୍ଡ ଏଫ୍‌ସି ଓ ନର୍ଥଇଷ୍ଟ ୟୁନାଇଟେଡ ଏଫ୍‌ସି ଗୋଟିଏ ଗ୍ରୁପରେ ରହିଛନ୍ତି।
**ଓଏଫ୍‌ସି ଦଳ:** ଗୋଲ କିପର: ନୀରଜ କୁମାର, ସିଦ୍ଧାନ୍ତ ପଧାନ। ଡିଫେଣ୍ଡର: ଟଙ୍କଧର ବାଗ, ଶୁଭମ ଭଟ୍ଟାଚାର୍ଯ୍ୟ, ପାଓଗୋଉମାଙ୍ଗ ସିଙ୍ଗସନ୍, ଧୀରଜ ଦତ୍ତ, କୁଶାଙ୍ଗ ଶୁକ୍ଳା, ଜେରେମି ଜୋହମିଙ୍ଗୁୱାଲା, ଆର୍ଯ୍ୟନ ଖୋକର। ମିଡଫିଲ୍ଡର: ଲାଲିଆନସାଙ୍ଗା ରେନ୍ଥେଇ, ନରେନ୍ଦ୍ର ନାୟକ, ରାଜା ହରିଜନ, ପୁଙ୍ଗତେ ଲାପୁଙ୍ଗ, ଲେଇଭନ ରେଙ୍ଗଲନ ଆନନ୍ଦ, ଗିଭସନ୍ ସିଂ। ଫରୱାର୍ଡ: ଆଫାଓବା ସିଂ, ହେମନ୍ତ ଠାକୁର, ମାନବ ରାୱତ, ଦୀନେଶ ସିଂ, ରୋଶନ ପାନ୍ନା, ରାହୁଲ ମୁଖୀ, କାର୍ତ୍ତିକ ହନ୍ତାଳ।

# ସର୍ବଭାରତୀୟ ଜୁନିୟର ର୍‍ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନ ଉଦ୍‌ଘାଟିତ



ସର୍ବଭାରତୀୟ ଜୁନିୟର ର୍‍ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

**ଭୁବନେଶ୍ୱର, ୧।୮ (ତପନ ସ୍ୱାଇଁ)**

କିଟ୍ ବିଶ୍ୱବିଦ୍ୟାଳୟସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଗୁରୁବାର ୟୋନେକ୍ସ-ସନ୍‌ରାଇଜ୍ ସର୍ବଭାରତୀୟ ଜୁନିୟର (୧୯ ବର୍ଷରୁ କମ୍) ର୍‍ୟାଙ୍କିଙ୍ଗ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟ ଆସୋସିଏଶନ (ଓଏସବିଏ) ଆନୁକୂଲ୍ୟରେ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଅଫ୍ ଇଣ୍ଡିଆ, ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗ ଏବଂ କିଟ୍ ଓ କିସ୍‌ର ମିଳିତ ସହଯୋଗରେ ଏହି ଟୁର୍ନାମେଣ୍ଟ ଆୟୋଜନ ହେଉଛି। ପ୍ରତିଯୋଗିତାରେ ୩୩ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରୁ ପାଖାପାଖି ୧୭୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଏହି ପ୍ରତିଯୋଗିତାରୁ ଚାଇନାର ନାନଚାଙ୍ଗଠାରେ ଆସନ୍ତା ସେପ୍ଟେମ୍ବର ୩୦ରୁ ଅକ୍ଟୋବର ୧୩ ପର୍ଯ୍ୟନ୍ତ ହେବାକୁଥିବା ବିଡବ୍ଲ୍ୟୁଏଫ୍ ବିଶ୍ୱ ଜୁନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ପାଇଁ ଭାରତୀୟ ଦଳ ଚୟନ ହେବ। ପୋଲିସ କମିଶନର ସଞ୍ଜୀବ ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ରାଜ୍ୟ ଆସୋସିଏଶନର ଉପସଭାପତି ତଥା କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ, ଉପସଭାପତି ପ୍ରଦୀପ ପଟ୍ଟନାୟକ, ସମ୍ପାଦକ ନିଲେନ କୁମାର, ଯୁଗ୍ମ ସମ୍ପାଦକ ଶୈଳେନ୍ଦ୍ର ଚୌଧାରୀ, ସଦସ୍ୟ ତଥା ପରିଚାଳନା କମିଟିର ବିଭିନ୍ନ ବିଭାଗ ମୁଖ୍ୟ କମଲ ଦାସ, ସୁରୁଲାଲ ମଟାରି ଓ ମନୋରଞ୍ଜନ ପଣ୍ଡା ଏବଂ ଭାରତୀୟ ପାରା ବ୍ୟାଡ୍‌ମିଣ୍ଟନ ଦଳର କୋଚ୍ ଭି. ମୁରଲୀକ୍ରିଷ୍ଣା ପ୍ରମୁଖ ଉପସ୍ଥିତ ଥିଲେ।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ